ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୭/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, March 27/2025 | Page 16 | ₹ 7.00
୫୧ଶ ଭାଗ ୧୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 121 | ମୂଲ୍ୟ ₹୭/-

# ଆଲ୍ଲାହାବାଦ ହାଇକୋର୍ଟ ରାୟ ଅମାନବୀୟ

ନୂଆଦିଲ୍ଲୀ,୨୬।୩

କେବଳ ଜଣେ ଝିଅଙ୍କ ସ୍ତନକୁ ଛୁଇଁବା ଓ ପାଇଜାମା ଟାଣିବା ବଳାତ୍କାର ନୁହେଁ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ଏକ ସଦ୍ୟ ରାୟ ଉପରେ ବୁଧବାର ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ହାଇକୋର୍ଟଙ୍କ ଏହି ରାୟକୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିବା ସହ ଏହି ବିବାଦୀୟ ଟିପ୍ପଣୀକୁ ଅସମ୍ବେଦନଶୀଳ ଓ ଅମାନବୀୟ ବୋଲି ଅଭିହିତ କରିଛନ୍ତି।

## ସ୍ଥଗିତାଦେଶ ଜାରି କଲେ ସୁପ୍ରିମକୋର୍ଟ



ଏଥିସହ ବିଚାରପତିଙ୍କ ରାୟ ଉପରେ କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାରଙ୍କୁ ଜବାବ ମାଗିଛନ୍ତି। ମାର୍ଚ୍ଚ ୧୭ରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ରାମମନୋହର ନାରାୟଣ ମିଶ୍ରା ଏକ ରାୟରେ କହିଥିଲେ, ଝିଅଙ୍କ ସ୍ତନ ସ୍ପର୍ଶ କରିବା ବଳାତ୍କାର ନୁହେଁ। ସୁପ୍ରିମକୋର୍ଟ ଏହାକୁ ସଂଜ୍ଞାନକୁ ନେଇ ନିଜ ଆଡୁ ବିଚାର କରିଛନ୍ତି। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗୁଷ୍ଟାଇନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ କହିଛନ୍ତି, ☞ପୃଷ୍ଠା-୨

## ଝିଅଙ୍କ ସ୍ତନ ସ୍ପର୍ଶ ବଳାତ୍କାର ନୁହେଁ କହିଥିଲେ ବିଚାରପତି



ଜଷ୍ଟିସ୍ ରାମମନୋହର ନାରାୟଣ ମିଶ୍ରା

ମାର୍ଚ୍ଚ ୧୭ରେ ବଳାତ୍କାର ପ୍ରସଙ୍ଗରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରାମମନୋହର ନାରାୟଣ ମିଶ୍ରାଙ୍କ ଏକ ରାୟ ବିବାଦୀୟ ହୋଇଥିଲା। ଜଷ୍ଟିସ୍ ମିଶ୍ରା କହିଥିଲେ, ଜଣେ ଝିଅଙ୍କ ସ୍ତନ ସ୍ପର୍ଶ କରିବା, ତାଙ୍କ ପାଇଜାମାକୁ ଟାଣିବା ଭଳି କାର୍ଯ୍ୟକୁ ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ବୋଲି କୁହାଯାଇପାରିବ ନାହିଁ। ଏହା ପରିବର୍ତ୍ତେ ବିଚାରପତି ଏଭଳି କାର୍ଯ୍ୟକୁ ଯୌନ ଉତ୍ପୀଡ଼ନ ଭାବେ ବର୍ଗୀକୃତ କରିଥିଲେ। ଏହି ରାୟ ଭାରତରେ ଯୌନ ଅପରାଧ ନିରୋଧୀ ଆଇନ ପ୍ରତି ଦୃଷ୍ଟିଭଙ୍ଗୀ ଓ ଏହାର କାର୍ଯ୍ୟକାରିତା ଉପରେ ଏକ ବ୍ୟାପକ ବିତର୍କ ସୃଷ୍ଟି କରିଛି। ଏଥିସହ ମହିଳାଙ୍କ ଅଧିକାର ଓ ସୁରକ୍ଷା ପାଇଁ ସମ୍ବେଦନଶୀଳତା ଏବଂ ପୀଡ଼ିତାଙ୍କ ସହ ବିତିଥିବା ବର୍ବରତାକୁ ନେଇ ନ୍ୟାୟିକ ଆଭିମୁଖ୍ୟରେ ପରିବର୍ତ୍ତନର ଆବଶ୍ୟକତାକୁ ବିତର୍କ ରେଖାଙ୍କିତ କରିଛି। ହାଇକୋର୍ଟ ବିଚାରପତିଙ୍କ ରାୟକୁ ରାଜନେତା ଓ ମହିଳା ଅଧିକାର ସଙ୍ଗଠନଗୁଡ଼ିକ ମଧ୍ୟ ସମାଲୋଚନା କରିଛନ୍ତି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ରାୟକୁ ନିନ୍ଦା କରିବା ସହ କହିଥିଲେ, ଏପରି ଟିପ୍ପଣୀ ସମାଜକୁ ନକାରାତ୍ମକ ସନ୍ଦେଶ ପ୍ରେରଣ କରୁଛି। ତେଣୁ ସୁପ୍ରିମକୋର୍ଟ ନିଜ ଆଡୁ ଏହି ପ୍ରସଙ୍ଗରେ ବିଚାର କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ନ୍ୟାଶନାଲ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ୱିମେନ୍ (ଏନ୍ଏଫ୍ଆଇଡବ୍ଲ୍ୟୁ) ମଧ୍ୟ ଏହା ଉପରେ ଅସନ୍ତୋଷ ବ୍ୟକ୍ତ କରି ରାୟକୁ 'ଚକିତ କରିଦେବା ଭଳି' ବୋଲି କହିଥିଲା। ଏପରି କି ଜଷ୍ଟିସ୍ ମିଶ୍ରାଙ୍କୁ ବିଚାରପତି ପଦରୁ ତୁରନ୍ତ ହଟାଇବାକୁ ମହିଳା ମହାସଂଘ ଦାବି କରିଥିଲା।

**ଆଜିର ସମ୍ପାଦକୀୟ** ବୃଦ୍ଧ ଓ ଯୁବ ବାବା

**ଆଜିର ମନ୍ତବ୍ୟ**

"ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅବାନ୍ତର କଥା କହି ଅନୁଚିତ ଅଭିଯୋଗ ଆଣିବା ପରିବର୍ତ୍ତେ ଗୃହର ନିୟମ ମାନି ଚଳିବା ଉଚିତ।

-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

## ୨୯ରୁ ୩୧ ଯାଏ ହିଟ୍‌ୱେଭ୍

ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)

ରାଜ୍ୟରେ ବୁଧବାର ତାପମାତ୍ରା ୪୦ ଡିଗ୍ରୀ ନିକଟବର୍ତ୍ତୀ ହୋଇଛି। ତେବେ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ହିଟ୍ ୱେଭ୍ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ମଧ୍ୟରେ ସୋନପୁର, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, ସମ୍ବଲପୁର ଆଦି ରହିଛି। ୩୧ ତାରିଖ ପରଠାରୁ କାଳବୈଶାଖୀ ସମ୍ଭାବନା ରହିଛି। ବୁଧବାର ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୩୯.୮ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ କେନ୍ଦୁଝରଗଡ଼ ଓ ଝାରସୁଗୁଡାରେ ୩୯.୫ ଡିଗ୍ରୀ, ହୀରାକୁଦ ଓ ବଲାଙ୍ଗୀରରେ ୩୯.୦ ଡିଗ୍ରୀ ଏବଂ ସମ୍ବଲପୁରରେ ୩୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।









## ସଂକ୍ଷେପରେ

### ଭୂପେଶ ବଘେଲଙ୍କ ଘରେ ଇଡି ପରେ ସିବିଆଇ ପଶିଲା

ରାୟପୁର, ୨୬।୩

ମହାଦେବ ବେଟିଂ ଆପ୍ ମାମଲାରେ ଛତିଶଗଡ଼ର ରାଜଧାନୀ ରାୟପୁର ଏବଂ ଭିଲାଇସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ବାସଭବନରେ ବୁଧବାର ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ସେହିପରି ବଘେଲଙ୍କ ଘନିଷ୍ଠ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଆବାସିକ ପରିସରରେ ମଧ୍ୟ ଚଢ଼ାଉ କରାଯାଇଛି। ଘଟଣାକୁ ନେଇ ବଘେଲଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆରେ କୁହାଯାଇଛି, ଆସନ୍ତା ୮ ଏବଂ ୯ ତାରିଖରେ ଅହମଦାବାଦରେ ହେବାକୁ ଥିବା ଏଆଇସିସିର ବୈଠକ ପାଇଁ ଗଠିତ ଡ୍ରାଫ୍ଟ କମିଟି ମିଟିଂରେ ଯୋଗଦେବାକୁ ବୁଧବାର ବଘେଲଙ୍କୁ ଦିଲ୍ଲୀ ଯିବାର ଥିଲା। ତେବେ ଏହାର ଠିକ୍ ପୂର୍ବରୁ ତାଙ୍କ ଘରେ ସିବିଆଇ ଚଢ଼ାଉ କରିଛି। ପୂର୍ବରୁ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଦ ଦୁର୍ନୀତି ମାମଲାରେ ବଘେଲଙ୍କ ଘରେ ଚଢ଼ାଉ କରିଥିଲା।

### ଗଛ କାଟିବା ମଣିଷ ହତ୍ୟାଠାରୁ ବଡ଼ ଅପରାଧ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୬।୩

ଏକ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି, ବହୁସଂଖ୍ୟାରେ ଗଛ କାଟିବା ମଣିଷ ହତ୍ୟାଠାରୁ ଆହୁରି ଅଧିକ ଘୃଣ୍ୟ କାର୍ଯ୍ୟ। ଏହାସହ ସର୍ବୋଚ୍ଚ ଅଦାଲତ ଜଣେ ବ୍ୟକ୍ତିଙ୍କୁ ବେଆଇନ୍ ଭାବେ କାଟିଥିବା ପ୍ରତ୍ୟେକ ଗଛ ପାଇଁ ୧ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ତାଜ୍ ଟ୍ରାପେଜିଅମ ଜୋନ୍ (ଟିଟିଜେଡ୍)ରେ ୪୫୪ ଗଛ କାଟିଥିବା ଜଣେ ବ୍ୟକ୍ତିଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ଖାରଜ୍ କରିବା ସମୟରେ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଲ ଭୁୟାନ୍‌ଙ୍କ ଖଣ୍ଡପୀଠ ଏପରି ଟିପ୍ପଣୀ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପରିବେଶକୁ କ୍ଷତି ପହଞ୍ଚାଉଥିବା କୌଣସି ମଧ୍ୟ ବ୍ୟକ୍ତିଙ୍କୁ ଦୟା ଦେଖାଇବା ଉଚିତ ନୁହେଁ। ବିନା ଅନୁମତିରେ କଟାଯାଇଥିବା ୪୫୪ଟି ଗଛରେ ପ୍ରସ୍ତୁତ ସବୁଜ ଅଞ୍ଚଳର ପୁନର୍ନିର୍ମାଣ ପାଇଁ ଅତିକମ୍‌ରେ ୧୦୦ ବର୍ଷ ଲାଗିଯିବ।

# ଦକ୍ଷିଣ କୋରିଆରେ ଜଙ୍ଗଲ ନିଆଁ: ୨୪ ମୃତ



ଦକ୍ଷିଣ କୋରିଆ ବନାଗ୍ନିରେ ଉଲ୍‌ସେଓଙ୍ଗର ଘରଗୁଡ଼ିକ ଜଳିଯାଉଛି।

- ଜଳିଗଲା ୩୦୦ ଘର ଓ ପ୍ରାଚୀନ ବୌଦ୍ଧ ମନ୍ଦିର
- ୨୯,୦୦୦ ସ୍ଥାନାନ୍ତରିତ

ସିଓଲ, ୨୬।୩

ଦକ୍ଷିଣ କୋରିଆର ଦକ୍ଷିଣ ଭାଗ ଜଙ୍ଗଲରେ ଲାଗିଥିବା ନିଆଁରେ ଅଦ୍ୟାବଧି ଅନ୍ୟୂନ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ବନାଗ୍ନିରେ ୩୦୦ରୁ ଅଧିକ ଘର ଜଳିଯାଇଛି। ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି ପ୍ରାୟ ୨୯,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବୁଧବାର ସେଠାକାର ଅଧିକାରୀମାନେ ସୂଚନା ଦେଇଛନ୍ତି।

ଜଙ୍ଗଲ ନିଆଁ ଲିଭାଇବାକୁ ଯାଇଥିବା ଏକ ହେଲିକପ୍ଟର ଉଲ୍‌ସେଓଙ୍ଗ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଥିବା ପାଇଲଟ୍‌ଙ୍କ ମୃତ୍ୟୁ ଘଟିଛି। ଅନ୍ୟ ସ୍ଥାନଗୁଡ଼ିକରେ ପ୍ରାଣ ହରାଇଥିବା ୩୦୦ରୁ ଊର୍ଦ୍ଧ୍ୱ ନାଗରିକଙ୍କ ବୟସ ୬୦ରୁ ୭୦ ବର୍ଷ ଭିତରେ ହେବ। ନ୍ୟାଶନାଲ ଫାୟାର ଏଜେନ୍ସି କହିଛି, ଅନ୍ୟୂନ ୨୬ ଜଣ ନିଆଁର ସଂସ୍ପର୍ଶରେ ଆସି ଆହତ ହୋଇଛନ୍ତି। ୬୧୮ ଶତାବ୍ଦୀରେ ନିର୍ମିତ ଏକ ପ୍ରାଚୀନ ବୌଦ୍ଧ ମନ୍ଦିର(ଗୌନ୍‌ସା ଟେମ୍ପଲ), ଘରଦ୍ୱାର, ଫ୍ୟାକ୍ଟ୍ରି ଆଦି ଜଳିଯାଇଛି। ୧୭,୬୫୨ ହେକ୍ଟର (୪୩,୮୬୬ ଏକର) ଜଙ୍ଗଲ ପାଉଁଶ ହୋଇଯାଇଥିବା ସରକାରଙ୍କ ଜରୁରୀ ପ୍ରଶମନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାରଠାରୁ ଲାଗିଥିବା ଏହି ଜଙ୍ଗଲ ନିଆଁକୁ ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ହାନ୍ ଡ୍ୟୁକ୍-ସୁ ସବୁଠୁ ଭୟଙ୍କର ବୋଲି ଏକ ଟେଲିଭିଜନ୍ ସମ୍ବୋଧନରେ କହିଛନ୍ତି। ଏହି ଅଭୂତପୂର୍ବ ସଙ୍କଟ ରେକର୍ଡ ବୁକ୍‌ରେ ନୂଆ ଇତିହାସ ଲେଖୁଛି ବୋଲି ସେ କହିଛନ୍ତି। ଭୟାବହ ବନାଗ୍ନିକୁ ଆୟତ୍ତ କରିବା ପାଇଁ ୧୩୦ ହେଲିକପ୍ଟର ସହାୟତାରେ ୪,୬୫୦ ଅଗ୍ନିଶମ କର୍ମଚାରୀ, ସୈନ୍ୟ ଓ ଅନ୍ୟ ଯବାନମାନେ ନିୟୋଜିତ ହୋଇଛନ୍ତି।

# ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟ: ର'କୁ ନିଷିଦ୍ଧ ଘୋଷଣା ସୁପାରିସ

- ଭାରତରେ ସଂଖ୍ୟାଲଘୁ ବୈଷମ୍ୟ ଓ ଆକ୍ରମଣର ଶିକାର
- ସଙ୍କୁଚିତ ହେଉଛି ଧର୍ମୀୟ ସ୍ୱାଧୀନତା
- ଅଭିଯୋଗକୁ ଖଣ୍ଡନ କଲା ଭାରତ

ୱାଶିଂଟନ/ନୂଆଦିଲ୍ଲୀ, ୨୬।୩

ଭାରତରେ ଧର୍ମୀୟ ସ୍ୱାଧୀନତା କ୍ଷୁଣ୍ଣ ହେବାରେ ଲାଗିଛି। ସଂଖ୍ୟାଲଘୁମାନେ ଭେଦଭାବପୂର୍ଣ୍ଣ ବ୍ୟବହାରର ସମ୍ମୁଖୀନ ହେଉଥିବା ଦର୍ଶାଇ ଆମେରିକା ଚିନ୍ତାବ୍ୟକ୍ତ କରିଛି। ଏପରି କି ଭାରତକୁ କଣ୍ଟ୍ରି ଅଫ୍ ପର୍ଟିକୁଲାର କନ୍‌ସର୍ନ (ସିପିସି) ଭାବେ ଘୋଷଣା କରିବା ପାଇଁ ୟୁଏସ୍ କମିଶନ୍ ଅନ୍ ଇଣ୍ଟରନ୍ୟାଶନାଲ ରେଲିଜିଅସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ପକ୍ଷରୁ ସଦ୍ୟ ଜାରି ରିପୋର୍ଟରେ ସୁପାରିସ କରାଯାଇଛି। କେବଳ ଏତିକି ନୁହେଁ, ଭାରତର ବହିର୍ବ୍ୟାପାର ଗୁପ୍ତଚର ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ବିରୋଧରେ ଶିଖ୍ ବିଚ୍ଛିନ୍ନତାବାଦୀମାନଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିବା ଅଭିଯୋଗ ଅଣାଯାଇ ଏହାକୁ ନିଷିଦ୍ଧ ଘୋଷଣା କରିବାକୁ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ୟୁଏସ୍‌ସିଆଇଆର୍‌ଏଫ୍ ମଙ୍ଗଳବାର ଜାରି କରିଥିବା ୨୦୨୪ର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛି ଯେ, କମ୍ୟୁନିଷ୍ଟ ଶାସିତ ଭିଏତ୍‌ନାମ ଧର୍ମୀୟ ବ୍ୟାପାରକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ନେଇଛି। ଭିଏତ୍‌ନାମ ଭଳି ଭାରତ ଓ ଚାଇନା ମଧ୍ୟ ଧର୍ମୀୟ ବ୍ୟାପାରରେ ଅତ୍ୟଧିକ ହସ୍ତକ୍ଷେପ କରୁଥିବାରୁ ଏହି ୨ ରାଷ୍ଟ୍ରକୁ ସିପିସି ରୂପେ ଘୋଷଣା କରାଯିବା ଉଚିତ। ଏହାର ଯଥାର୍ଥତା ଦର୍ଶାଇବାକୁ ଯାଇ ୨୦୨୪ ବର୍ଷସାରା ଭାରତରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ହୋଇଥିବା ଅନେକ ବର୍ବର ଓ ଅମାନୁଷିକ ଘଟଣାର ଅବତାରଣା ଏହି ରିପୋର୍ଟରେ କରାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୨୪ରେ ଭାରତର ବିଭିନ୍ନ ଭାଗରେ ଗୋରକ୍ଷକମାନେ ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିବା ସହ ପିଟି ପିଟି ହତ୍ୟା କରିଛନ୍ତି। ଏପରି କି ଧର୍ମୀୟ ନେତାମାନଙ୍କୁ ଏକତରଫା ଭାବେ ଗିରଫ କରାଯାଇଛି। ଅନ୍ୟ ଧର୍ମର ଲୋକଙ୍କ ଘର ଓ ପୂଜାସ୍ଥଳକୁ ଭାଙ୍ଗି ଦିଆଯାଇଛି। ଅପପ୍ରଚାର କରାଯିବା ଏବଂ ସରକାରୀ ଅଧିକାରୀମାନଙ୍କ ଘୃଣା ମନ୍ତବ୍ୟ ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାତ୍ମକ ଆକ୍ରମଣକୁ ଉସୁକାଇଛି। ଭାରତରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଏକକ ଦେୱାନି ସଂହିତା (ୟୁସିସି) ଭଳି ଆଇନ ସହ ଅନେକ ରାଜ୍ୟରେ ଧର୍ମାନ୍ତରଣ ଓ ଗୋହତ୍ୟା ନିରୋଧୀ ଆଇନକୁ ଉକ୍ତ ରିପୋର୍ଟରେ ଧର୍ମୀୟ ସଂଖ୍ୟାଲଘୁଙ୍କ ବିରୋଧରେ ଗୁଜବ ସୃଷ୍ଟି ତଥା ସେମାନଙ୍କୁ ଆକ୍ରମଣର ଏକ ବ୍ୟବସ୍ଥା ରୂପେ ଅଭିହିତ କରାଯାଇଛି।

ୟୁଏସ୍‌ସିଆଇଆର୍‌ଏଫ୍‌ର ଭାରତ ବିରୋଧୀ କାର୍ଯ୍ୟସୂଚୀ ଏତିକିରେ ସୀମିତ ହୋଇ ରହିନାହିଁ। ୨୦୨୪ ଲୋକ ସଭା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ମୁସଲମାନ ଓ ଅନ୍ୟ ସଂଖ୍ୟାଲଘୁମାନଙ୍କ ବିରୋଧରେ ଘୃଣାପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ ବୋଲି ଏଥିରେ ଅଭିଯୋଗ ଅଣାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଏଜେନ୍ସିଗୁଡ଼ିକ ଆମେରିକା ଓ କାନାଡାରେ ରହୁଥିବା ଖଲିସ୍ତାନୀ ଆତଙ୍କବାଦୀମାନଙ୍କୁ ହତ୍ୟା କରିବା ନେଇ ଷଡ଼ଯନ୍ତ୍ର ରଚିଥିବା ୨୦୨୩ ପରଠୁ ଅଭିଯୋଗ ହୋଇଆସୁଛି। ଏଭଳି ସାଂଘାତିକ ଅଭିଯୋଗ ଆସିବା ପରେ ଆମେରିକା ଓ କାନାଡା ସହ ଭାରତର ସମ୍ପର୍କରେ ତିକ୍ତତା ଆସିଥିଲା। ତେବେ ୟୁଏସ୍‌ସିଆଇଆର୍‌ଏଫ୍‌ର ସୁପାରିସକୁ ମାନିବା ପାଇଁ ଆମେରିକା ସରକାର ବାଧ୍ୟ ହୋଇ ନ ଥିବାରୁ ଏବଂ ଭାରତ ସହ ଆମେରିକାର ରଣନୈତିକ ସ୍ୱାର୍ଥ ଦୃଷ୍ଟିରୁ ଏହି କଟକଣା ଜାରି ହୋଇ ନ ପାରେ ବୋଲି ବିଶ୍ଳେଷକମାନେ କହିଛନ୍ତି। ଅନ୍ୟପକ୍ଷେ ଭାରତ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ନୂଆଦିଲ୍ଲୀ ଖଣ୍ଡନ କରିବା ସହ ୟୁଏସ୍‌ସିଆଇଆର୍‌ଏଫ୍‌କୁ ଚିନ୍ତାଜନକ ସଂସ୍ଥା ରୂପେ ଘୋଷଣା କରାଯିବା ଉଚିତ ବୋଲି କୁହାଯାଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଉଲ୍ଲେଖ କରାଯାଇଛି, ୧୪୦ କୋଟି ଜନସଂଖ୍ୟାର ଦେଶ ଭାରତ ନିଜ ଉଦାରବାଦୀ ନୀତିକୁ ନେଇ ପରିଚିତ। ୟୁଏସ୍‌ସିଆଇଆର୍‌ଏଫ୍ ଅଳ୍ପ କେତୋଟି ଘଟଣାକୁ ନେଇ ଭାରତକୁ ବଦ୍‌ନାମ କରିବା ଅନୁଚିତ। ଏହା ପଛରେ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ରହିଥିବା ବହିର୍ବ୍ୟାପାର ମୁଖପାତ୍ର ରଣଧୀର ଜୟସ୍ୱାଲ ପାଲଟା ଜବାବ ଦେଇଛନ୍ତି।

### ପୂର୍ବ ଇଡି ମୁଖ୍ୟ ସଞ୍ଜୟ ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା

ନୂଆଦିଲ୍ଲୀ, ୨୬।୩

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଅବସରପ୍ରାପ୍ତ ଅଧିକାରୀ ତଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ପୂର୍ବତନ ମୁଖ୍ୟ ସଞ୍ଜୟ କୁମାର ମିଶ୍ରାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ



(ଇଏସି-ପିଏମ୍)ର ପୂର୍ଣ୍ଣକାଳୀନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ସଞ୍ଜୟ ହେଉଛନ୍ତି ୧୯୮୪ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡରର ଆଇଆର୍‌ଏସ ଅଧିକାରୀ। ସେ ପୂର୍ବରୁ ଦିଲ୍ଲୀରେ ଆୟକର ବିଭାଗର ମୁଖ୍ୟ କମିଶନର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି।

## ଅମିତ ଶାହାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ

ନୂଆଦିଲ୍ଲୀ, ୨୬।୩ (ପି.ଟି.)

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଉପରେ ଟିପ୍ପଣୀକୁ ନେଇ ବୁଧବାର ରାଜ୍ୟ ସଭାରେ କଂଗ୍ରେସ ସଂସଦୀୟ ଦଳର ମୁଖ୍ୟ ସଚେତକ ଜୟରାମ ରମେଶ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ମଙ୍ଗଳବାର ସଂସଦର ଉଚ୍ଚ ସଦନରେ ବିପର୍ଯ୍ୟୟ ପରିଚାଳନା ବିଲ୍, ୨୦୨୪ ଉପରେ ବିତର୍କ ହେଉଥିବା ସମୟରେ ଶାହା ଉଦ୍ଦେଶ୍ୟମୂଳକ ଭାବେ ସୋନିଆଙ୍କ ପ୍ରତିଷ୍ଠାକୁ କ୍ଷୁଣ୍ଣ କରିବା ପାଇଁ ତାଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଥିବା ରମେଶ କହିଛନ୍ତି। କଂଗ୍ରେସ



ଜୟରାମ ରମେଶ

ଶାସନ ସମୟରେ ଦେଶର ଏକ ନିର୍ଦ୍ଦିଷ୍ଟ ପରିବାର ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିର ସଦସ୍ୟ ଥିବା ଶାହା କହିଥିଲେ। ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସରକାରୀ ରାଜକୋଷର ଅଂଶ ଥିଲେ, ତେଣୁ ବର୍ତ୍ତମାନ ସେ ଏହାର ଜବାବ ରଖନ୍ତୁ ବୋଲି ଶାହା ସୋନିଆଙ୍କୁ ଆକ୍ଷେପ କରି କହିଥିଲେ।

# 'ମୋତେ କଳା ରଙ୍ଗ ପସନ୍ଦ'

### ବର୍ଣ୍ଣକୁ ନେଇ ନକାରାତ୍ମକ ମନ୍ତବ୍ୟ: ଜବାବ ରଖିଲେ ମୁଖ୍ୟ ସଚିବ

ଥିରୁଭାନନ୍ତପୁରମ, ୨୬।୩

କେରଳର ମୁଖ୍ୟ ଶାସନ ସଚିବ ଶାରଦା ମୁରଲୀଧରନ ବୁଧବାର ଫେସ୍‌ବୁକ୍‌ରେ କରିଥିବା ଏକ ପୋଷ୍ଟକୁ ନେଇ ଚର୍ଚ୍ଚା ଲାଗି ରହିଛି। ଦେଖିବାକୁ କଳା ରଙ୍ଗର ହୋଇଥିବାରୁ ତାଙ୍କୁ ନେଇ ସୋସିଆଲ ମିଡିଆରେ ପ୍ରଚାର କରାଯାଉଥିବା ନକାରାତ୍ମକତା ବିରୋଧରେ ସେ ଏହି ପୋଷ୍ଟ କରିଛନ୍ତି। ଶାରଦା ଏହି ପୋଷ୍ଟରେ ଲେଖିଛନ୍ତି, ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ତାଙ୍କର ୭ ମାସର କାର୍ଯ୍ୟକାଳ ଭିତରେ ମଙ୍ଗଳବାର ତାଙ୍କୁ ନେଇ କରାଯାଇଥିବା ଏକ ପୋଷ୍ଟକୁ



ଶାରଦା ମୁରଲୀଧରନ

ସେ ଦେଖିଥିଲେ, ଯାହା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଜଣେ ୟୁଜର୍ସ ଲେଖିଥିଲେ, କେରଳର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଶାରଦାଙ୍କ ସ୍ୱାମୀ ଭି. ବେଣୁ ଯେତେ ଗୋରା, ଶାରଦା ଏବଂ ମୁଖ୍ୟ ଶାସନ ସଚିବ ଭାବେ ତାଙ୍କ ୭ ମାସର କାର୍ଯ୍ୟକାଳ ସେତେ କଳା। ଏହାର ଉତ୍ତରରେ ଶାରଦା ଲେଖିଛନ୍ତି, ସେ କଳା ରଙ୍ଗର ଶରୀର ସହ ଜନ୍ମ ହୋଇଛନ୍ତି। ଏହା ତାଙ୍କୁ ସ୍ୱୀକାର କରିବାକୁ ପଡ଼ିବ। ଏଥିପାଇଁ ସେ ଗର୍ବିତ। କଳା ରଙ୍ଗ ତାଙ୍କୁ ଖୁବ୍ ପସନ୍ଦ ମଧ୍ୟ। ଶରୀରର ରଙ୍ଗକୁ ନେଇ କାହାର କାର୍ଯ୍ୟଶୈଳୀ ଉପରେ ତୁଳନା କରିବା ଅନୁଚିତ। ଲୋକମାନେ ତାଙ୍କ କଳା ରଙ୍ଗକୁ ନେଇ ସୋସିଆଲ ମିଡିଆରେ ଏପରି ପୋଷ୍ଟ କରୁଛନ୍ତି, ଯେପରି କଳା ରଙ୍ଗର ହୋଇଥିବାରୁ ସମାଜ ତାଙ୍କୁ ନେଇ ଲଜ୍ଜିତ ଅନୁଭବ କରୁଛି। ସମାଲୋଚନାର ଶିକାର ହେବା ଭୟରେ ପ୍ରଥମେ ସେ ଏହି ପୋଷ୍ଟକୁ ଡିଲିଟ୍ କରିଦେଇଥିଲେ ବୋଲି ଶାରଦା କହିଛନ୍ତି। ତେବେ ପରେ କେତେଜଣ ଶୁଭେଚ୍ଛୁ ଓ ଶୁଭ ଚିନ୍ତକଙ୍କ ପରାମର୍ଶରେ ସେ ପୁଣିଥରେ ଏହି ପୋଷ୍ଟକୁ ଶେୟାର କରିଥିଲେ। କଳା ରଙ୍ଗକୁ ନେଇ ସୋସିଆଲ ମିଡିଆରେ ନକାରାତ୍ମକତାର ପ୍ରଚାର କରୁଥିବା ଲୋକଙ୍କୁ ଜବାବ ଦେବା ଉଦ୍ଦେଶ୍ୟରେ ସେ ଏହି ପୋଷ୍ଟ କରିଛନ୍ତି ବୋଲି ଶାରଦା କହିଛନ୍ତି। ଉକ୍ତ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ଏହି ପୋଷ୍ଟକୁ ନେଇ ଶାରଦାଙ୍କୁ ପ୍ରଶଂସା କରିଛନ୍ତି। ପ୍ରକାଶ ଯେ, ଭାରତୀୟ ପ୍ରଶାସନିକ ସେବାର ୧୯୯୦ ବ୍ୟାଚ୍‌ର ଅଧିକାରୀ ଶାରଦା ଗତ ବର୍ଷ ଅଗଷ୍ଟ ୩୧ରୁ କେରଳର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହାପୂର୍ବରୁ ସେ କେରଳ ସରକାରରେ ଅତିରିକ୍ତ ମୁଖ୍ୟ ସଚିବ (ଯୋଜନା ଏବଂ ଆର୍ଥିକ) ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ସାଇକେଲରେ ବୃଦ୍ଧାଙ୍କ ୧୨ ଦେଶ ଭ୍ରମଣ

ବେଜିଂ

ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ଦେଶ ଭ୍ରମଣ କରିବା ସହ ନୂତନ ସ୍ଥାନ ପରିଦର୍ଶନ କରିବାକୁ ଏବଂ ନୂତନ ଲୋକଙ୍କ ସହ ମିଶିବାକୁ ଚାହିଁଥାନ୍ତି। ତେବେ ସାଧାରଣତଃ ବିଦେଶ ଭ୍ରମଣରେ ଖର୍ଚ୍ଚ ଏତେ ଅଧିକ ହୋଇଥାଏ ଯେ, ଅଧିକାଂଶ ଲୋକ ଇଚ୍ଛା ଥାଇ ମଧ୍ୟ ବିଭିନ୍ନ ଦେଶ ଭ୍ରମଣ କରିପାରନ୍ତି ନାହିଁ। ତେବେ କିଛି ଲୋକ ସେମାନଙ୍କ ଭ୍ରମଣରେ ହେଉଥିବା ଖର୍ଚ୍ଚ ପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ। ଠିକ୍ ଏହିପରି ମନୋଭାବ ରଖି ଚାଇନାର ଜଣେ ବୃଦ୍ଧା ସମ୍ପ୍ରତି ବିଶ୍ୱ ଭ୍ରମଣ କରୁଛନ୍ତି। ସେ ସାଇକେଲ ଚଳାଇ ବିଭିନ୍ନ ଦେଶକୁ ଯାତ୍ରା କରିଛନ୍ତି।

'ନ୍ୟୁୟର୍କ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ଚାଇନାର ଜେଙ୍ଗ୍‌ଜାଉ ସହର ନିବାସୀ ଲି ଡୋଙ୍ଗ୍‌ଜୁଙ୍କୁ ୬୬ ବର୍ଷ ବୟସ ହୋଇଥିବା ବେଳେ ସେ ୧୦୦ ଦେଶ ଭ୍ରମଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଲି ୧୨ ଦେଶ ଗସ୍ତ କରିସାରିଛନ୍ତି।



ଲି ଡୋଙ୍ଗ୍‌ଜୁ

ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସେ ନିଜ ସାଇକେଲରେ ବିଶ୍ୱର ବିଭିନ୍ନ ଦେଶକୁ ଭ୍ରମଣ କରୁଛନ୍ତି। ଏବେ ସୁଦ୍ଧା ସେ ଦକ୍ଷିଣ ପୂର୍ବ ଏସିଆ, ୟୁରୋପ ଏବଂ ଓସେନିଆର ବିଭିନ୍ନ ଦେଶକୁ ଗସ୍ତ କରିସାରିଛନ୍ତି। ଏହାସହ ଲି କାମ୍ବୋଡିଆ, ଫ୍ରାନ୍ସ ଏବଂ ଅଷ୍ଟ୍ରେଲିଆ ପରି ଦେଶରେ ମଧ୍ୟ ନିଜ ଭ୍ରମଣକୁ ଶେଷ କରିଛନ୍ତି।

### ୧୦୦ ଦେଶ ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି

ଏକ ଗଣମାଧ୍ୟମକୁ ଲି କହିଛନ୍ତି, ଭ୍ରମଣ କରିବା ଠିକ୍ ଡ୍ରଗ୍ସ ସେବନ ପରି। ଥରେ ଭ୍ରମଣର ସ୍ୱାଦ ମିଳିଗଲେ, ଏହାକୁ ବନ୍ଦ କରିହେବ ନାହିଁ। ତେବେ ୧୨ ଦେଶ ଯାତ୍ରା ସମୟରେ ସେ ଅନେକ ସମସ୍ୟାରେ ପଡ଼ିଥିବା କହିଛନ୍ତି। ବିଭିନ୍ନ ଦେଶକୁ ଯିବା ସମୟରେ ସେ ଭାଷା ଅନୁବାଦକାରୀ ଆପ୍‌ର ବ୍ୟବହାର କରନ୍ତି। ସେହିପରି ତାଙ୍କର ବଜେଟ୍ ମଧ୍ୟ ଖୁବ୍ କମ ଥିବାରୁ ସେ ତାଙ୍କ ରହଣି ପାଇଁ ପ୍ରାୟତଃ ପାର୍କରେ କ୍ୟାମ୍ପ୍ କରିଥାନ୍ତି। ବେଳେବେଳେ ତାଙ୍କୁ କବରସ୍ଥାନରେ ମଧ୍ୟ ରହିବାକୁ ପଡ଼ିଥାଏ ବୋଲି ଲି କହିଛନ୍ତି। ସେହିପରି ଅନେକ ଥର ସେ ବିଭିନ୍ନ ଲୋକଙ୍କ ଘରେ ମଧ୍ୟ ରହିଛନ୍ତି।

ଚାଇନାର ଏକ ସିଲ୍‌ଭର ଟ୍ରାଭେଲର୍ ଗ୍ରୁପ୍ ସହ ଜଡ଼ିତ ଥିବା ଲି ହେଉଛନ୍ତି ଜଣେ ଅବସରପ୍ରାପ୍ତ କର୍ମଚାରୀ। ୨୦୧୩ରେ ତାଙ୍କର ଛାଡପତ୍ର ହୋଇଥିଲା। ଏହାପରଠାରୁ ସେ ମାନସିକ ଅବସାଦ ଦେଇ ଗତି କରୁଥିଲେ। ସେତେବେଳେ ସେ ଅନ୍ୟମାନଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ ଥିଲେ। ତେଣୁ ଡିପ୍ରେସନରୁ ମୁକୁଳିବା ପାଇଁ ଲି ବିଭିନ୍ନ ଦେଶ ଭ୍ରମଣ କରିବାକୁ ଠିକ୍ କରିଥିଲେ। ପ୍ରଥମେ ସେ ତିବ୍ବତ ଯାତ୍ରା କରିବାକୁ ଚାହୁଁଥିଲେ। କିନ୍ତୁ ସେତେବେଳେ ତାଙ୍କ ପାଖରେ ମାତ୍ର ୨୩ ଡଲାର (୧,୯୭୮ ଟଙ୍କା) ଥିଲା। ତେଣୁ ଅର୍ଥ ଅଭାବ କାରଣରୁ ସେ ନିଜ ତିବ୍ବତ ଯାତ୍ରାକୁ ବାତିଲ କରିଥିଲେ। ଅଧିକ ଅର୍ଥ ସଞ୍ଚୟ କରିବାକୁ ସେ ଲୋକଙ୍କ ଘରେ କାମ କରିବା ଆରମ୍ଭ କରିଥିଲେ। ପରେ ଏଥିରୁ ସଂଗ୍ରହ କରିଥିବା ଅର୍ଥରେ ସେ ୨ ଜଣ ସାଥୀ ସାଇକେଲ ଚାଳକଙ୍କ ସହ ଦକ୍ଷିଣ ପୂର୍ବ ଏସିଆକୁ ଯାତ୍ରା କରିବା ଆରମ୍ଭ କରିଥିଲେ। ବର୍ତ୍ତମାନ ଲି କାଜାଖସ୍ଥାନରେ ଅଛନ୍ତି। ଖୁବ୍‌ଶୀଘ୍ର ସେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)କୁ ଗସ୍ତ କରିବେ।

## ଫୁରସତ୍

### ରାଜକୁମାରଙ୍କ ବିପକ୍ଷରେ ୱାମିକା

ମୁମ୍ବାଇ

ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଫିଲ୍ମ 'ଭୁଲ୍ ଚୁକ୍ ମାଫ୍' ଆସନ୍ତା ମେ' ୯ରେ ରିଲିଜ୍ ହେବ। ଏନେଇ ଫିଲ୍ମ ନିର୍ମାତା ଦିନେଶ ଭିଜାନ ବୁଧବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କରନ୍ ଶର୍ମାଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ଏହି ରୋମାଣ୍ଟିକ କମେଡି ଫିଲ୍ମରେ ରାଜକୁମାରଙ୍କ ବିପକ୍ଷରେ ଅଭିନେତ୍ରୀ ୱାମିକା ଗବ୍ବୀ ନଜରକୁ ଆସିବେ। ପ୍ରଥମଥର ପାଇଁ ବଡ଼ ପରଦାରେ ରାଜକୁମାର ଓ ୱାମିକାଙ୍କ କେମେଷ୍ଟ୍ରିକୁ ଦେଖିବା ପାଇଁ ଉଭୟଙ୍କର ପ୍ରଶଂସକ ଅନାଇ ବସିଛନ୍ତି। ବାରାଣସୀରେ ୨ ଯୁବପିଢ଼ିଙ୍କ ପ୍ରେମ କାହାଣୀକୁ ନେଇ ଏହି ଫିଲ୍ମ ଆଧାରିତ ରହିଛି। ସେହିପରି ଦର୍ଶକଙ୍କ ମନୋରଞ୍ଜନ ପାଇଁ ଫିଲ୍ମର କାହାଣୀରେ ହାସ୍ୟରସ ମଧ୍ୟ ଯୋଡ଼ା ଯାଇଛି। 'ଭୁଲ୍ ଚୁକ୍ ମାଫ୍' ଫିଲ୍ମରେ ରାଜକୁମାର ରଞ୍ଜନ ନାମକ ଜଣେ ଯୁବକଙ୍କ ଭୂମିକାରେ ନଜରକୁ ଆସିବେ। ସେହିପରି ଫିଲ୍ମରେ ୱାମିକାଙ୍କୁ ତିତଲୀ ନାମ୍ନୀ ଜଣେ ଯୁବତୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମର କାହାଣୀ ଅନୁଯାୟୀ, ରଞ୍ଜନ ତିତଲୀଙ୍କୁ ଖୁବ୍ ଭଲ ପାଉଛନ୍ତି ଓ ସେଥିପାଇଁ ସେ ପରିଶ୍ରମ କରି ସରକାରୀ ଚାକିରି ମଧ୍ୟ ପାଉଛନ୍ତି। ଫଳରେ ଉଭୟଙ୍କର ବିବାହ ସ୍ଥିର ହୋଇଯାଉଛି। ତେବେ ଏହାପରେ କାହାଣୀରେ ଏକ ମୋଡ଼ ଆସିବ, ଯାହା ଦର୍ଶକଙ୍କୁ ଖୁବ୍ ଆକୃଷ୍ଟ କରିବ ବୋଲି ନିର୍ଦ୍ଦେଶକ କରନ୍ କହିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୭/୨୦୨୫ | Bhubaneswar, Thursday, March 27/2025 | ପୃଷ୍ଠା-୧


## ବିଧାନସଭାରେ ପୁଣି ଘଣ୍ଟ-ମାଡ଼

# ଭିତରେ, ବାହାରେ ଖଣ୍ଡଯୁଦ୍ଧ






ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ଉଠାଇଥିବା କଂଗ୍ରେସ ବିଧାୟକମାନଙ୍କୁ ବିଧାନସଭାରୁ ନିଲମ୍ବନ କରାଯାଇଥିବାବେଳେ ଦଳର ନେତାମାନେ ବୁଧବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଘଣ୍ଟ ବଜାଇ ପ୍ରତିବାଦ କରୁଛନ୍ତି ଏବଂ ପୋଲିସ ସହ କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି। (ଫଟୋ: ବିକାଶ ନାୟକ)

### ■ ତାରା, ରମେଶ ୭ ଦିନ ପାଇଁ ନିଲମ୍ବିତ ■ ବିଜେଡି-ଭାଜପା ମୁହାଁମୁହିଁ

ଭୁବନେଶ୍ୱର,୨୬।୩
(ରବିନାରାୟଣ ଜେନା)

ଗତ ଏକ ସପ୍ତାହ ଧରି ବିଧାନସଭାରେ ଶାସକ-ବିରୋଧୀଙ୍କ ମଧ୍ୟରେ କଥା କଟାକଟିରୁ ଧସ୍ତାଧସ୍ତି ମଧ୍ୟରେ ସୀମିତ ରହିଥିବାବେଳେ ଏବେ ତାହା ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ମଙ୍ଗଳବାର କଂଗ୍ରେସର ୧୨ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯିବାକୁ ନେଇ ଗୃହ ଭିତରେ ଓ ବାହାରେ ଖଣ୍ଡଯୁଦ୍ଧ ଲାଗିରହିଛି। ମଙ୍ଗଳବାର ରାତିତମାମ ପୋଲିସ ଓ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ଲାଗିରହିଥିଲା। ବୁଧବାର ସକାଳୁ ମଧ୍ୟ ବିଧାନସଭା ଓ ଗାନ୍ଧୀମାର୍ଗରେ କଂଗ୍ରେସ ପକ୍ଷରୁ ହାଇଡ୍ରାମା ଦେଖିବାକୁ ମିଳିଛି। ସରକାରଙ୍କ ବିରୋଧରେ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି। ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଛି। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବିଧାନସଭାର ଚତୁଃପାର୍ଶ୍ୱରେ ଅଧିକ ସୁରକ୍ଷାବଳ ମୁତୟନ କରାଯିବା ସହିତ ପୂର୍ବାହ୍ନରେ କାହାରିକୁ ବିଧାନସଭା ଭିତରକୁ ଦୀର୍ଘସମୟ ପର୍ଯ୍ୟନ୍ତ ଛଡ଼ାଯାଇ ନ ଥିବା ପରିଲକ୍ଷିତ ହୋଇଛି। ଏପରିକି କଂଗ୍ରେସ ଓ ବିଜେଡିର କେତେଜଣ ବିଧାୟକ ଫାଟକ ବାହାରେ ଅପେକ୍ଷାରତ ଥିବା ଦେଖିବାକୁ ମିଳିଥିଲା।

ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ବୁଧବାର ପୁଣି ଗୃହ ଭିତରେ ଘଣ୍ଟମାଡ଼ କରିବା ଯୋଗୁ ବରିଷ୍ଠ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ସଦସ୍ୟ ରମେଶ ଜେନାଙ୍କୁ ବାଚସ୍ପତି ସୁରମା ପାଢ଼ୀ ୭ ଦିନ ପାଇଁ ନିଲମ୍ବନ କରିଛନ୍ତି। ଏହାକୁ ନେଇ ସରକାରଙ୍କୁ ବିରୋଧୀ ବିଜେଡି ଓ କଂଗ୍ରେସ ଶଣ୍ଢୁଆସି ଆକ୍ରମଣ କରିଛନ୍ତି। ଯେପର୍ଯ୍ୟନ୍ତ ବାଚସ୍ପତି କେଉଁ କାରଣରୁ ଗୃହର ସଦସ୍ୟଙ୍କୁ ପୋଲିସ ମାଡ଼ ମାରିଲା ତା'ର ଜବାବ ଦେଇନାହାନ୍ତି ସେପର୍ଯ୍ୟନ୍ତ ଗୃହକାର୍ଯ୍ୟରେ ସହଯୋଗ କରିବୁ ନାହିଁ ବୋଲି ବିରୋଧୀ କହିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ବାଚସ୍ପତିଙ୍କ ପଦକ୍ଷେପକୁ ସ୍ୱାଗତ କରାଯିବା ସହ ବିଜେଡି କଂଗ୍ରେସକୁ ଆଗକୁ ଠେଲି ପଛରୁ ନିଆଁ ଲଗାଉଛି ବୋଲି କହିଛି।

ବୁଧବାର ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଜୋର୍‌ଦାର ପ୍ରତିବାଦ କରିବା ☞ପୃଷ୍ଠା-୨

## ବାରମ୍ବାର ବିଶୃଙ୍ଖଳିତ ଯୋଗୁ ନିଲମ୍ବିତ କରାଯାଇଛି

ଭୁବନେଶ୍ୱର,୨୬।୩(ସୁନିତ୍ ମିଶ୍ର)

### ଗୃହରେ ବିବୃତି ରଖିଲେ ବାଚସ୍ପତି

ବିଧାନସଭାରୁ ୭ଟି କାର୍ଯ୍ୟଦିବସ ପାଇଁ କଂଗ୍ରେସ ସଦସ୍ୟମାନଙ୍କୁ ନିଲମ୍ବନ କରାଯିବା ଏବଂ ସେମାନଙ୍କ ସହ ପୋଲିସ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମୁହାଁମୁହିଁ ସ୍ଥିତିକୁ ନେଇ ବାଚସ୍ପତି ସୁରମା ପାଢ଼ୀ ବୁଧବାର ଦ୍ୱିତୀୟାର୍ଦ୍ଧରେ ଗୃହରେ ବିବୃତି ରଖିଛନ୍ତି। ବାଚସ୍ପତି କହିଛନ୍ତି, ବାରମ୍ବାର କହିବା ସତ୍ତ୍ୱେ କଂଗ୍ରେସ ସଦସ୍ୟମାନେ ବିଶୃଙ୍ଖଳିତ ଆଚରଣ ଦେଖାଇଥିଲେ। ସେଥିପାଇଁ ସେମାନଙ୍କୁ ନିଲମ୍ବନ କରାଯାଇଛି।

ଚଳିତ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଯଥା ଗତ ୭ ତାରିଖଠାରୁ ପ୍ରତ୍ୟେକ ଦିନ ବିରୋଧୀ ଦଳର କେତେଜଣ ସଦସ୍ୟ ମଧ୍ୟଭାଗକୁ ଆସି ବିଭିନ୍ନ ବିଷୟରେ ପ୍ଲାକାର୍ଡ, ପୋଷ୍ଟର, ବ୍ୟାନର ଆଦି ପ୍ରଦର୍ଶନ କରିବା ସହ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଆସୁଥିଲେ। ପୁନଶ୍ଚ ଗତ ୨୦ ତାରିଖଠାରୁ ବିରୋଧୀ ଦଳର କେତେଜଣ ସଦସ୍ୟ ଗୃହକାର୍ଯ୍ୟ ଆରମ୍ଭହେବା ମାତ୍ରେ କଳାବ୍ୟାଜ୍ ପିନ୍ଧି, କଳା ପୋଷାକ ପରିଧାନକରି ଗୃହମଧ୍ୟଭାଗକୁ ଆସି ହୁଇସିଲ୍ ବଜାଇବା, ଘଣ୍ଟ, ଘଣ୍ଟି, ତୁରୀ, ବଂଶୀ ଆଦି ବଜାଇ ବାରମ୍ବାର ବାଧା ସୃଷ୍ଟି କରିଥିଲେ। ଗୃହର ସମସ୍ତ ସଦସ୍ୟ ଜାଣନ୍ତି, ଗୃହ ମଧ୍ୟଭାଗକୁ ଆସିବା ସହ ବିଭିନ୍ନ ପ୍ରକାର ପ୍ଲାକାର୍ଡ, ପୋଷ୍ଟର, ବ୍ୟାନର ଆଦି ପ୍ରଦର୍ଶନ କରିବା କିମ୍ବା ହୁଇସିଲ, ☞ପୃଷ୍ଠା-୨

## ହାଇୱା-ବୋଲେରୋ ମୁହାଁମୁହିଁ ଧକ୍କା: ୩ ମୃତ

ସୋନପୁର,୨୬।୩
(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର-ସମ୍ବଲପୁର ରାସ୍ତାର ମାଟୁପାଲି ନିକଟ ଠାକୁରପଡ଼ାଠାରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟିଛି। ଉଲୁଣ୍ଡାପଟୁ ସମ୍ବଲପୁର ଅଭିମୁଖେ ଯାଉଥିବା ଏକ ୨୨ଚକିଆ ହାଇୱା ସମ୍ମୁଖରୁ ଆସୁଥିବା ଏକ ବୋଲେରୋକୁ ଧକ୍କା ଦେଇଥିଲା। ଏଥିରେ ବୋଲେରୋଟି ଭାଙ୍ଗି ଚୂରମାର ହୋଇଯାଇଛି। ଏଥିଯୋଗୁ ବୋଲୋରୋ ଡ୍ରାଇଭର ତଥା ବୀରମହାରାଜପୁର ଥାନା ନାଏକପଡ଼ାର ସୁଶୀଲ ନାଏକ(୩୨)ଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବୋଲେରୋରେ ବସିଥିବା ଟାଟା ପାୱାର କର୍ମଚାରୀ ଗୌଡ଼ଗାଁର ତପନ ପାତ୍ରଙ୍କ ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ସେହିପରି ☞ପୃଷ୍ଠା-୨

## ପ୍ରଥମ ପର୍ଯ୍ୟାୟରେ ୨୧ ଜରୁରିକାଳୀନ ବନ୍ଦୀଙ୍କୁ ମିଳିବ ପେନ୍‌ସନ୍

ଭୁବନେଶ୍ୱର,୨୬।୩(ସୁନିତ୍ ମିଶ୍ର)

ଜରୁରିକାଳୀନ ପରିସ୍ଥିତି ସମୟର ବନ୍ଦୀମାନଙ୍କୁ ପେନ୍‌ସନ୍ ଦେବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିଧାନସଭାରେ ବିବୃତି ରଖିଛନ୍ତି। ୨୫ ଜୁନ୍ ୧୯୭୫ରୁ ୨୧ ମାର୍ଚ୍ଚ ୧୯୭୭ ମସିହା ପର୍ଯ୍ୟନ୍ତ ଜାତୀୟ ଜରୁରୀକାଳୀନ ପରିସ୍ଥିତି ସମୟରେ ଏମ୍‌ଆଇଏସ୍‌ଏ, ଡିଆଇଆର୍ ଏବଂ ଡିଆଇଏସ୍‌ଆଇଆର୍ ଆଇନ ବଳରେ ଗିରଫ ହୋଇଥିବା ବନ୍ଦୀମାନଙ୍କୁ ସରକାରଙ୍କ ଦ୍ୱାରା ମାସିକ ପେନ୍‌ସନ ଦେବା ପାଇଁ ଗତ ସ୍ୱାଧୀନତା ଦିବସରେ ଘୋଷଣା କରାଯାଇଥିଲା। ସେହି ଅନୁସାରେ, ସରକାରଙ୍କ ଦ୍ୱାରା ଏକ ସଂକଳ୍ପପତ୍ର ଗତ ଜାନୁଆରୀ ୧୩ ତାରିଖରେ ଜାରି କରାଯାଇଥିଲା। ସେହି ସଂକଳ୍ପପତ୍ରରେ ଜରୁରିକାଳୀନ ପରିସ୍ଥିତି ସମୟରେ ବନ୍ଦୀ ହୋଇଥିବା ବ୍ୟକ୍ତିମାନଙ୍କୁ ଜିଲାପାଳଙ୍କ ନିକଟରେ ଆବେଦନ କରିବାକୁ ଘୋଷଣା କରାଯାଇଥିଲା। ସମ୍ପୃକ୍ତ ଜିଲାପାଳମାନେ ବନ୍ଦୀମାନଙ୍କଠାରୁ ପାଇଥିବା ଆବେଦନପତ୍ରଗୁଡ଼ିକୁ ଜିଲାସ୍ତରୀୟ ☞ପୃଷ୍ଠା-୨

## ଆଜି ବିଧାନସଭା ଘେରିବ କଂଗ୍ରେସ

ଭୁବନେଶ୍ୱର,୨୬।୩
(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ଅସୁରକ୍ଷିତ ଏବଂ ଏଥିଲାଗି ଗୃହକମିଟି ଦାବି କରି କଂଗ୍ରେସର ୧୪ ସଦସ୍ୟ ନିଲମ୍ବନ ହେବା ଘଟଣାରେ ରାଜ୍ୟ କଂଗ୍ରେସ ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଏହି ଘଟଣାକୁ ଗାଁ ଗଣ୍ଡାରେ ପହଞ୍ଚାଇବା ପାଇଁ ପ୍ରସ୍ତୁତ ହୋଇଛି ନକ୍ସା। ଆଉ ଗୁରୁବାର ରାଜ୍ୟ କଂଗ୍ରେସ ବିଧାନସଭାର ଚତୁଃପାର୍ଶ୍ୱକୁ ଘେରିବାପାଇଁ ପ୍ରସ୍ତୁତ ହେଉଛି। କଂଗ୍ରେସର ଏହି କାର୍ଯ୍ୟକ୍ରମକୁ ରାଜ୍ୟବାସୀ ସମର୍ଥନ ଦେବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ, ସରକାର କିଭଳି ପୋଲିସକୁ ହାତବାରିସୀ କରି ବିରୋଧୀଙ୍କ ଉପରେ ଦମନ ନୀତି ଚଳାଇଛନ୍ତି ତା'ର ନମୁନା ବିଧାନସଭାରେ ଦେଖିବାକୁ ମିଳିଛି। ମହିଳାଙ୍କୁ ସୁରକ୍ଷା ଦେବ କହି କ୍ଷମତାସୀନ ହେବା ପରେ ଭାଜପା ତା'ର ମୂଳ ଲକ୍ଷ୍ୟରୁ ଦୂରେଇ ଯାଇଛି। ସବୁ ନିୟମକାନୁନ୍‌କୁ ଜଳାଞ୍ଜଳି ଦେଇଛି। ୧୪ ସଦସ୍ୟଙ୍କୁ ନିଲମ୍ବନ କରିବା ଏବଂ ସେମାନଙ୍କୁ ମାଡ଼ମାରି କ୍ଷତାକ୍ତ କରିବା ଏହାର ସଦ୍ୟ ଉଦାହରଣ। ଏହାଦ୍ୱାରା ☞ପୃଷ୍ଠା-୨

## ଆଗକୁ ବ୍ୟାପିବ ନିଲମ୍ବନ ନିଆଁ:ଭକ୍ତ

ଭୁବନେଶ୍ୱର,୨୬।୩
(ରବିନାରାୟଣ ଜେନା)


ଭକ୍ତଚରଣ ଦାସ

ଦୀର୍ଘଦିନ ପରେ ରାଜଧାନୀ ଭୁବନେଶ୍ୱରରେ କଂଗ୍ରେସ ତା'ର ଦମ୍ ଦେଖାଇଛି। ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ କଂଗ୍ରେସ ସରକାରଙ୍କଠାରେ ଗୃହ କମିଟି ଗଠନ ଦାବି କରିଛି। ଏହାକୁ ସରକାର ନ ଶୁଣି ମଙ୍ଗଳବାର ୧୨ ସଦସ୍ୟଙ୍କୁ ନିଲମ୍ବନ କରିବାକୁ ନେଇ କଂଗ୍ରେସ ଫ୍ରଣ୍ଟଫୁଟ୍‌କୁ ଆସି ତା'ର ଦମ୍ ଦେଖାଇଛି। ମଙ୍ଗଳବାର ରାତି ପ୍ରାୟ ୮ଟାରୁ ବୁଧବାର ଦିନତମାମ ପର୍ଯ୍ୟାୟକ୍ରମେ ସରକାରଙ୍କୁ ବିରୋଧ ପ୍ରଦର୍ଶନ ☞ପୃଷ୍ଠା-୨

## ଶପଥ ନେଲେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ

କଟକ,୨୬।୩ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ହରିଶ ଟଣ୍ଡନ ବୁଧବାର ଶପଥ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ଓଡ଼ିଶା ହାଇକୋର୍ଟର ୩୫ତମ ମୁଖ୍ୟ ବିଚାରପତି। ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ହାଇକୋର୍ଟ ପୁରୁଣା ବିଲ୍ଡିଂରେ ଆୟୋଜିତ ଉତ୍ସବରେ ଜଷ୍ଟିସ୍ ଟଣ୍ଡନଙ୍କୁ ଶପଥ ପାଠ କରାଇଛନ୍ତି। ହାଇକୋର୍ଟରେ ମୋଟ ବିଚାରପତି ପଦବୀ ୩୩ ଥିବାବେଳେ ଜଷ୍ଟିସ ଟଣ୍ଡନଙ୍କ ଯୋଗଦାନ ପରେ ଏହି ସଂଖ୍ୟା ୧୯ରେ ପହଞ୍ଚିଛି। ପୂର୍ବତନ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଗତ ଜାନୁଆରୀ ୧୯ରେ ଅବସର ନେବାପରେ ଏହି ପଦବୀ ଖାଲି ପଡ଼ିଥିଲା। ବରିଷ୍ଠ ବିଚାରପତି ଅରିନ୍ଦମ ସିହ୍ନା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଆଡ୍‌ଭୋକେଟ୍



ହାଇକୋର୍ଟ ପୁରୁଣା ବିଲ୍ଡିଂରେ ବୁଧବାର ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ଶପଥପାଠ କରାଉଛନ୍ତି।

ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି, ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଓ ଆଇନଜୀବୀ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଜଷ୍ଟିସ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ନିମନ୍ତେ ସୁପ୍ରିମ୍‌କୋର୍ଟ କଲେଜିୟମ ମାର୍ଚ୍ଚ ୬ରେ ସୁପାରିସ କରିଥିଲେ। ରାଷ୍ଟ୍ରପତି ଉକ୍ତ ସୁପାରିସ ଉପରେ ମୋହର ଲଗାଇବା ପରେ ମାର୍ଚ୍ଚ ୨୧ରେ ଜଷ୍ଟିସ୍ ଟଣ୍ଡନ ନିଯୁକ୍ତ ହୋଇଥିଲେ। ୧୯୬୪ ନଭେମ୍ବର ୧୬ରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ୍ ଟଣ୍ଡନ ୨୦୧୦ ଏପ୍ରିଲ ୧୩ରେ କୋଲକାତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ସେ କୋଲକାତା ବିଶ୍ୱବିଦ୍ୟାଳୟରୁ ୧୯୮୯ରେ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରି ସେହିବର୍ଷ ସେପ୍ଟେମ୍ବର ୨୬ରେ ଆଇନଜୀବୀ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ସେ କୋଲକାତା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ସିଟି ସିଭିଲ୍ କୋର୍ଟ, ଡିଆରଟି ଓ ସୁପ୍ରିମକୋର୍ଟରେ ମଧ୍ୟ ଆଇନଜୀବୀ ଭାବେ ମାମଲା ପରିଚାଳନା କରିଥିଲେ। ତେବେ କୋଲକାତା ହାଇକୋର୍ଟରେ ବରିଷ୍ଠ ବିଚାରପତି ଭାବେ କାର୍ଯ୍ୟରତ ଥିବାବେଳେ ଜଷ୍ଟିସ ଟଣ୍ଡନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି।

## ଶୁଆକୁ ଫାଶୀ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର (ବନ୍ଦନା ସେଠୀ )

ବିଲରୁ ବିରି ଖାଇଦେବାରୁ ଶୁଆକୁ ଫାଶୀ ଦେବା ସହ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବା ଘଟଣାକୁ ବନ ବିଭାଗ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାର ରିଲ୍‌ସ କରିଥିବା ଯୁବକଙ୍କୁ ଆଠମଲ୍ଲିକ ନାକଟି ଦେଉଳରୁ ବୁଧବାର ସକାଳେ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ୨୫ ବର୍ଷୀୟ ଭଗ୍ନ ପଣ୍ଡେଇ। ସୋସିଆଲ ମିଡ଼ିଆରେ ଥିବା ତାଙ୍କ ମୋବାଇଲ ନମ୍ବରକୁ ଟ୍ରାକ୍ କରାଯାଇ ଗିରଫ କରାଯାଇଥିବା ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ କୁମାର କସ୍ତୁଲା ସୂଚନା ଦେଇଛନ୍ତି। ସେ କହିଛନ୍ତି, ରୋଜ୍ ରିଙ୍ଗ୍ ପାରାକିଟ୍ ପ୍ରଜାତିର ଏହି ଶୁଆଟି ସେଡ୍ୟୁଲ୍-୨ ଆନିମଲ। ଅଭିଯୁକ୍ତମାନଙ୍କ ବିରୋଧରେ ୱାଇଲ୍ଡ ଲାଇଫ ଆକ୍ଟର ଧାରା ୯ ଅନୁସାରେ ମାମଲା ରୁଜୁ କରାଯାଇଛି। ଗିରଫ ବ୍ୟକ୍ତିଙ୍କୁ କୋର୍ଟ ଚାଲାଣ କରାଯିବ। ଏହି ଘଟଣାରେ ଆହୁରି ବ୍ୟକ୍ତି ସାମିଲ ଥିବା ତାଙ୍କୁ ଜେରାବେଳେ ଜଣାପଡିଛି। ଅନ୍ୟଜଣେ ଅଭିଯୁକ୍ତ ଶୁଆଟିକୁ ମାରିଥିବା ଭଗ୍ନ ପ୍ରକାଶ କରିଛନ୍ତି। ଶୁଆକୁ ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ନାଟକ 'ଉତ୍ତମ ପୁରୁଷ' ମଞ୍ଚସ୍ଥ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ଭଞ୍ଜଭାରତୀ ଆୟୋଜିତ ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ ସେଣ୍ଟର ଗ୍ୟାଲେରୀ, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ପଞ୍ଚମ ବାର୍ଷିକ ବିଶ୍ୱ କଲ୍ୟାଣ ଅଗ୍ନିହୋତ୍ର ମହୋତ୍ସବ ଅବସରରେ ଯଜ୍ଞ, ସମୟ: ଅପରାହ୍ନ ୪ଟା। ଭଜନ ସମାରୋହ, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ, ସ୍ଥାନ: ପାଟପୁର ବଜାର ଦୁର୍ଗାମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା ୩୦।

## ଭଦ୍ରକ

- ବାରୁଣୀ ଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: କୁଣ୍ଡିକାଳୀ ପୀଠ, ମାଳିଅରୁଆ, ଭଦ୍ରକ, ସମୟ:ସକାଳ ୮ ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା, ସ୍ଥାନ: ଓଳମ, ବନ୍ତ, ସମୟ: ସକାଳ ୯ ଟା।
- ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କର ପ୍ରଥମ ବାର୍ଷିକ ଉତ୍ସବ, ସ୍ଥାନ: ବେଗନା, ବନ୍ତ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ଟାଉନ ହଲ୍, ଭଦ୍ରକ ସମୟ:ପୂର୍ବାହ୍ନ ୧୦ଟା୩୦
- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଦୁଦୁୟା ବାରୁଣୀ ମେଳା ଓ ପୂଜା କାର୍ଯ୍ୟକ୍ରମ,ସ୍ଥାନ: ଘଣ୍ଟଶିଳା,ଖୁଣ୍ଟା,ସମୟ:ସକାଳ ୭ଟା।
- ଓଁ ଶ୍ରୀ ଶ୍ରୀ ମାଗଙ୍ଗା ଦେବୀଙ୍କ ବାରୁଣୀ ମହୋତ୍ସବ, ସ୍ଥାନ: ନିଶ୍ଚନ୍ତପୁର, ବଡ଼ସାହି, ସମୟ: ସକାଳ ୮ ଟା।
- ଶ୍ରୀ ଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମସ୍ଥିତ ଶିଶୁ ମନ୍ଦିର ପରିସର, ସମୟ:ଅପରାହ୍ନ ୫ଟା୩୦।

## ବ୍ରହ୍ମପୁର

- ତୃତୀୟଲିଙ୍ଗୀଙ୍କ ସୁରକ୍ଷା ନେଇ କର୍ମଶାଳା,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଳସାଥୀ ସଂଘ ପକ୍ଷରୁ ଆରଡିସିଙ୍କୁ ସ୍ମାରକପତ୍ର,ସ୍ଥାନ: ଆରଡିସି କାର୍ଯ୍ୟାଳୟ,ସମୟ: ଅପରାହ୍ନ ୧ଟା ।
- ବିଶ୍ୱ ନାଟକ ଦିବସ ଓ ମାସିକ ନାଟ୍ୟ ଆସର,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଋଷିକୁଲ୍ୟା ଓ ବଡ଼ନଦୀର ସଙ୍ଗମସ୍ଥଳରେ ବାରୁଣୀ ସ୍ନାନ,ସ୍ଥାନ: ଆସିକା ପୁଡୁଗେଶ୍ୱରପଲ୍ଲୀ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମା' ତାରିଣୀଙ୍କ ୪୨ତମ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞରେ ବଡ଼ସିଂହାର ବେଶ, ସ୍ଥାନ: ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କଣ୍ଟାମାଲିଆସ୍ଥିତ ମା' ତାରିଣୀ ପୀଠ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଦଶଦୋଳ ମହୋତ୍ସବ ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଦଶଦୋଳ ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଦଶଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ପିଏମ୍‌ଶ୍ରୀ ଯୋଜନାରେ କ୍ରୀଡ଼ା ଉତ୍ସବ, ସ୍ଥାନ: ମୁନିଗୁଡ଼ା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୭ଟା।

## ନବରଙ୍ଗପୁର

- ଇ-ଗଭର୍ଣ୍ଣାନ୍ସ, ଡିଜିଟାଲ ଲିଟେରେସି ଓ ଅନଲାଇନ ଅଡିଟ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଡୁମୁରିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ ଡୁମୁରିପଦରସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।
- ସମୀକ୍ଷା ବୈଠକ, ସ୍ଥାନ : କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।
- ମାଛରାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ବିଭିନ୍ନ ପଦବୀ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ : ସନ୍ଧ୍ୟା ୬ ଟା।
- ଶ୍ରୀ ନୀଳମଣି ଜିଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : କୋରାପୁଟ ଆର୍‌ଟିଓ ଅଫିସ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଜିଲା ରେଡକ୍ରସ ପକ୍ଷରୁ ତାଲିମ ଶିବିର, ସ୍ଥାନ : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ନାଟ ନାଟୁଆ ଅନୁଷ୍ଠାନର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଜନନାଟ୍ୟ ମଞ୍ଚ ଏବଂ ଓଡିଶା ସାଂସ୍କୃତିକ ସମାଜ ଆୟୋଜନରେ ବିଶ୍ୱନାଟ୍ୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା୬ଟା ୩୦।

## ବଲାଙ୍ଗୀର

- ନାଟ୍ୟ ନିର୍ଦ୍ଦେଶକ ବ୍ରଜମୋହନ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୧୫ ମିନିଟ।
- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ବିଶ୍ୱ ନାଟ୍ୟ ଦିବସ ପାଳନ ଓ ମହାକୋଶଲୀ ନାଟବାଦୀ-ନାଟ ଯାତରା, ସ୍ଥାନ: ରାଧାକୃଷ୍ଣ ନାଟ୍ୟମଣ୍ଡପ, ପଲ୍ଲୀଶ୍ରୀ ବିହାର, ସଦାଇପାଲି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଉଦ୍‌ଯାପନୀ ଦିବସ, ଜାତୀୟ ନାଟକ ମହୋତ୍ସବ: ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬.୩୦।
- ୟୁଜିଡ଼ବ୍ଲୁଟି ପକ୍ଷରୁ ଉତ୍କଳ ଦିବସ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ : ଫର୍ଟିଲାଇଜର ଟାଉନସିପ୍, ସମୟ: ସନ୍ଧ୍ୟା ୬.୩୦।
- ଚୈତ୍ର ନବରାତ୍ରପାଇଁ ଆଲୋଚନା, ସ୍ଥାନ: ଜଗଦା ବାଟ ମାମଙ୍ଗଳା ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଅନ୍ତର୍ଜାତୀୟ ସମବାୟ ବର୍ଷ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ୍, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ନାଟ୍ୟ ଦିବସରେ ନାଟକ ପରିବେଷଣ, ସ୍ଥାନ: ସୌଖିନ ରଙ୍ଗମଞ୍ଚ, ବରଗଡ଼, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଛତୁ ଉତ୍ପାଦକଙ୍କ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ଶିଶୁ ବାଟିକା ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି କଥାରୁ ପ୍ରଶଂସିତ ହେବେ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାମାନଙ୍କ ସଫଳତା ଯୋଗୁ ଦ୍ୱିଜା ନକ୍ଷତ୍ର ଆନନ୍ଦିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହୋଇଯିବ। ପରିବାରର ବରାଦ ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ** ସହକର୍ମୀଙ୍କ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ଯାତ୍ରା, ବାଣିଜ୍ୟ, ଅଦାଲତ ସମ୍ବନ୍ଧୀୟ କାର୍ଯ୍ୟରେ ସୁଫଳ ପାଇବେ। ଆପଣ ନିଜ କାମ ପଛକୁ ପକାଇ ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହୋଇପାରନ୍ତି। ନୂତନ ଘର ତିଆରି, ଯାନବାହନ ମରାମତିଜନିତ ଟେନ୍ସନ୍ କିଛି ମାତ୍ରାରେ ଲାଗିରହିବ।

**ମିଥୁନ** ସମସ୍ୟା ଲାଗିରହିଥିବା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଏକ ସଂଘର୍ଷମୟ ପରିସ୍ଥିତିର ସାମନା କରି ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ପରିବାର କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ। କିନ୍ତୁ ଆଗାମୀ ମାଙ୍ଗଳିକ କାମ ପାଇଁ ଆଲୋଚନା କରିବା ମନ୍ଦ ହେବନି।

**କର୍କଟ** କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା କାରଣରୁ ଟେନ୍ସନ ଲାଗିରହିବ। ଖାଦ୍ୟପେୟ ଠିକ୍ ନ ରହିବା କାରଣରୁ ସ୍ୱାସ୍ଥ୍ୟହାନି ହୋଇପାରେ। କଚେରି ମାମଲା ମନ୍ଥର ହେବାଜନିତ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କଠାରୁ ସାହାଯ୍ୟ ପ୍ରତିଶ୍ରୁତିର ଶୁଭ ସୂଚନା ପାଇବେ।

**ସିଂହ** କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କଳା, ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ଜମିଜମା, ନିର୍ମାଣ, ପରିବହନରୁ ଲାଭ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କରିବା କାରଣରୁ ମନସ୍ତାପ କରିପାରନ୍ତି। ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ଦାୟିତ୍ୱ ନେଇଥିବା କାମରେ ହେଳା କରିପାରିବେ ନାହିଁ।

**କନ୍ୟା** ଆପଣ ଯାହା ସକାଶେ ପୂର୍ବରୁ ମନସ୍ଥ କରିଥିଲେ ବାସ୍ତବ ତାହାର ଓଲଟା ଫଳ ପାଇବେ। ମନଲାଖି କାମ ନ ହେବା କାରଣରୁ କଡ଼ା ଭାଷା ପ୍ରୟୋଗଜନିତ ପରିଣାମ ଭୋଗିବେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ସାମ୍ବାଦିକତା, ପ୍ରଶାସନ, ଆଇନ, ପ୍ରକାଶନ କ୍ଷେତ୍ରରେ ସଫଳତା ମିଳିବ।

**ତୁଳା** କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କ୍ଷେତ୍ରରେ ଟେନ୍ସନ ଲାଗିରହିପାରେ। ଭୁଲ୍ ବୁଝାମଣାରୁ ଭ୍ରାତୃ ସମ୍ପର୍କ ଭଲ ରହିବ ନାହିଁ । କଳା, କ୍ରୀଡା, ସାହିତ୍ୟ ଚର୍ଚ୍ଚା, ଲେଖାପଢ଼ା, ସଭାସମିତି ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ, ଶିଳ୍ପ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ଆପଣଙ୍କ ସାହାଯ୍ୟକାରୀ ମନୋଭାବରୁ ବନ୍ଧୁଙ୍କୁ ଆପଣାର କରିପାରିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଦେଖି ଚାହିଁ କାମ କରନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବାର ସୂଚନା ରହିଛି।

**ଧନୁ** ଆପଣ ଯାହା ଭାବୁଛନ୍ତି ତାହାକୁ ବନ୍ଧୁଙ୍କ ଆଗରେ ପ୍ରକାଶ କରି ପାରିଲେ ହିଁ ଭଲ ହେବ। ପୁରାତନ ରୋଗ ପୀଡ଼ା ସାମାନ୍ୟ ଅନୁଭବ କଲେ ମଧ୍ୟ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ସରକାରୀ ସ୍ତରରୁ ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ। ସଭାସମିତିରେ କିମ୍ବା କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମକର** ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଧନହାନି ଓ ପୂର୍ବ ଶତ୍ରୁତାରୁ କଳହକୁ ଏଡି ହେବ ନାହିଁ। ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ବିବାଦୀୟ ଘଟଣାରେ ବିପରୀତ ଫଳ ମିଳିପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ମାନସିକ ସ୍ଥିତି ପୂର୍ବଭଳି ରହିବ। ନୂଆ ଯୋଜନା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିପାରନ୍ତି। ଅନ୍ୟମାନଙ୍କ ପ୍ରରୋଚନାରେ ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ଅନ୍ୟଥା ଅନୁତାପ ପାଇଁ ସମୟ ପାଇବେ ନାହିଁ। ଜମିଜମା, ନିର୍ମାଣ, ବାଣିଜ୍ୟ, ବ୍ୟବସାୟରେ ଆଶାନୁଯାୟୀ ସୁଫଳ ପାଇବେ।

**ମୀନ** ଆଜି ସକାଳୁ ସକାଳୁ ଆଗାମୀ ସମୟର କର୍ମପନ୍ଥା ସ୍ଥିର କରି ନିଜକୁ ପ୍ରସ୍ତୁତ କରିନେବେ। ପରିବାରର ଖର୍ଚ୍ଚ ଭାର ବଢ଼ିଯିବା ହେତୁ ଋଣ କରିବା ପାଇଁ ଯୋଜନା କରିପାରନ୍ତି। କ୍ଷତିରେ ଚାଲୁଥିବା ବ୍ୟବସାୟ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ନିକଟ ସମ୍ପର୍କୀୟମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

ଆଜି ମାର୍ଚ୍ଚ ୨୭ ତାରିଖ, ବିଶ୍ୱ ରଙ୍ଗମଞ୍ଚ ଦିବସ, ଚୈତ୍ର କୃଷ୍ଣ ତ୍ରୟୋଦଶୀ ଗୁରୁବାର। ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫.୪୮ ଗତେ ଘ.୦୭.୨୫ ମଧ୍ୟେ, ଘ.୧୦.୩୯ ଗତେ ଘ.୦୧.୦୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୧.୨୩ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଭିତରେ, ବାହାରେ ...

ସହ ଏସ୍‌ସି, ଏସ୍‌ଟି ଓ ପଛୁଆବର୍ଗଙ୍କ ଲାଗି ଶିକ୍ଷା ଏବଂ ନିଯୁକ୍ତିରେ ଆସନ ସଂରକ୍ଷଣ ପ୍ରସଙ୍ଗ ଉଠାଇବା ସହିତ ବାଚସ୍ପତିଙ୍କ ବିବୃତି ଦାବି କରିଥିଲେ। ମାତ୍ର ବାଚସ୍ପତି କୌଣସି ବିବୃତି ଦେଇ ନ ଥିବାରୁ ବିଜେଡି ନାରାବାଜି କରି କକ୍ଷତ୍ୟାଗ କରିଥିଲା। ଏହି ସମୟରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ରମେଶଚନ୍ଦ୍ର ଜେନା ଘଣ୍ଟମାଡ଼ କରିବାରୁ ତାଙ୍କୁ ନିଲମ୍ବନ କରିବା ଲାଗି ଶାସକ ଦଳ ପକ୍ଷରୁ ସରକାରଙ୍କ ମୁଖ୍ୟ ସଚେତକ ସରୋଜ ପ୍ରଧାନ ମୋଶନ ଆଗତ କରିଥିଲେ। ପରେ ବାଚସ୍ପତି ଉଭୟ ସଦସ୍ୟଙ୍କୁ ୭ ଦିନ ପାଇଁ ନିଲମ୍ବନ କରିଥିଲେ।

ଶୂନ୍ୟକାଳରେ ବିଜେଡି ପଛୁଆବର୍ଗଙ୍କ ଆସନ ସଂରକ୍ଷଣ ଦାବି ଉଠାଇବା ସହିତ ଗୃହ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତିଙ୍କୁ ନିବେଦନ କରିଥିଲା। ବିରୋଧୀଙ୍କୁ ପୋଲିସ କାହିଁକି ମାଡ଼ ମାରିଲା ସେନେଇ ବାଚସ୍ପତି ବିବୃତି ଦେବାକୁ ଦଳ ଦାବି କରିଥିଲା। କଂଗ୍ରେସ ବିଧାୟକଙ୍କ ଉପରେ ମଙ୍ଗଳବାର ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ବିଜେଡି ସଦସ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ମଙ୍ଗଳବାର ଗୃହରେ ଯାହା ଘଟିଗଲା, ତାହା ଅଭୂତପୂର୍ବ ଘଟଣା। ଏଭଳି ଘଟଣା କେବେବି ଓଡ଼ିଶାରେ ଘଟି ନ ଥିଲା। ବିଧାନସଭାରେ ପ୍ରତିବାଦ କରିବା, ମତ ରଖିବାର ଅଧିକାର ବିରୋଧୀଙ୍କ ରହିଛି। ଗୃହ କିଭଳି ଚାଲିବ ତାହା ସରକାରଙ୍କ ଦାୟିତ୍ୱ। ସରକାର ଯଦି ବିରୋଧୀ ଦଳଙ୍କ ପ୍ରତିବାଦରେ ଏତେ ପ୍ରତିକ୍ରିୟାଶୀଳ ହେବେ ତେବେ ଗୃହ ଚାଲିପାରିବ ନାହିଁ। ପରିଲକ୍ଷିତ ହେଉଛି ଯେ, ବିରୋଧୀ କିଛି କହିବାବେଳେ ସରକାରୀ ଦଳ ଅଧିକ ପ୍ରତିକ୍ରିୟାଶୀଳ ହେଉଛନ୍ତି। ୧୯୯୯ରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଆମେ ଦୁଇଦିନ ବିଧାନସଭା ଗୃହ ଭିତରେ ବସିଥିଲୁ। ମାତ୍ର ପୋଲିସ ଆମକୁ ହାତ ମାରି ନ ଥିଲା। ବାହାର ଲୋକ ଆସି ବିଧାୟକଙ୍କୁ ହାତ ମାରିବା, ବଳ ପ୍ରୟୋଗ କରିବା ଗ୍ରହଣୀୟ ନୁହେଁ। ଗୃହର ଏ ଯେଉଁ ଅମର୍ଯ୍ୟାଦା ହେଲା ସେନେଇ ବାଚସ୍ପତି ବିବୃତି ରଖନ୍ତୁ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ମଙ୍ଗଳବାର କଂଗ୍ରେସ ବିଧାୟକଙ୍କୁ ଗୃହରୁ ମାଡ଼ମାରି ବାହାର କରାଗଲା। ସେମାନେ ଏଥିରେ ଆହତ ବୋଲି ଆମେ ଗଣମାଧ୍ୟମରୁ ଖବର ପାଇଲୁ। ଆପଣ ଏନେଇ କୌଣସି ବିବୃତି ରଖିନାହାନ୍ତି। ବିଜେଡି ସଦସ୍ୟମାନେ ଏସ୍‌ସି, ଏସ୍‌ଟି ଏବଂ ଓବିସିମାନଙ୍କ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଦାବିକରି ଆମ୍ବେଦ୍‌କରଙ୍କ ପ୍ରତିମୂର୍ତ୍ତି ପାଖକୁ ଯାଉଥିଲେ। ହେଲେ ପୋଲିସ ବିଜେଡି ବିଧାୟକଙ୍କ ବାଟ ଓଗାଳିବା ସହ ଧସ୍ତାଧସ୍ତି କଲା। ଆପଣ କ'ଣ ବିଧାୟକଙ୍କ ଉପରେ ପୋଲିସକୁ ଅତ୍ୟାଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କି ବୋଲି ପ୍ରମିଳା ବାଚସ୍ପତିଙ୍କୁ ପ୍ରଶ୍ନ କରିଛନ୍ତି।

ବିଜେଡି ସଦସ୍ୟ ଅରୁଣ ସାହୁ କହିଛନ୍ତି, କଂଗ୍ରେସ ନାରୀ ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଛି। କଂଗ୍ରେସର ଦାବି ସରକାର ମାନିଲେ ନାହିଁ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେଇଥିଲେ ବେଦ ଅଶୁଦ୍ଧ ହୋଇଯାଇ ନ ଥାନ୍ତା। ପରେ ଗୃହ କମିଟି ଦାବିକଲେ। ଏ କଥା ସତ ଯେ, ବାଚସ୍ପତି ୩ରୁ ୪ଥର ସର୍ବଦଳୀୟ ବୈଠକ ଡାକିଛନ୍ତି। କଂଗ୍ରେସ ଜିଦ୍ ଧରିଲା, ସରକାର ସହମତି ହେଲେ ନାହିଁ। ସରକାରୀ ଦଳର ସଦସ୍ୟମାନେ ଟିଭିରେ କହୁଛନ୍ତି, ସରକାର ଆଲୋଚନା ପାଇଁ ପ୍ରସ୍ତୁତ। ହେଲେ ଗୃହରେ ଆଲୋଚନା ଲାଗି ପରିବେଶ ସୃଷ୍ଟି କରୁନାହାନ୍ତି। ବଡ଼ ହୃଦୟ ଦେଖାଇ ବାଚସ୍ପତି କଂଗ୍ରେସ ବିଧାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରନ୍ତୁ। ନଚେତ୍ ଅସ୍ମିତା ଧ୍ୱଂସ ହୋଇଯିବ ବୋଲି ସାହୁ କହିଛନ୍ତି। ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ବାଚସ୍ପତି ଏକପାଖିଆ ନିଷ୍ପତ୍ତି ନେଇଛନ୍ତି। ୪୦ ବର୍ଷର ବିଧାନସଭା ଇତିହାସରେ ଆମେ ଏଭଳି ଦୃଶ୍ୟ ଦେଖି ନ ଥିଲୁ। ଓଡ଼ିଶା ବିଧାନସଭା ଆମର। ଆପଣ ଏଠାକୁ କିଭଳି ପୋଲିସ ଭର୍ତ୍ତି କରିଲେ। ବିନା ବିରୋଧୀ ଦଳରେ ଗୃହ ଚଳାଇବାକୁ ଚାହୁଁଥିଲେ, ଆମେ ଏଭଳି କରିବାକୁ ଦେବୁ ନାହିଁ। ଆମେ ଆପଣଙ୍କଠାରୁ ଏନେଇ ନ୍ୟାୟସଙ୍ଗତ ବିବୃତି ଦାବି କରୁଛୁ।

ଭାଜପା ବିଧାୟକ ସନାତନ ବିଜୁଳି କହିଛନ୍ତି, ଗୃହକୁ ଶାନ୍ତିଶୃଙ୍ଖଳାରେ ଚଳାଇବାକୁ ସରକାରୀ ଦଳ ପ୍ରସ୍ତୁତ। ମାତ୍ର ଲଗାତର ଭାବେ କଂଗ୍ରେସ ବିଧାୟକ ଗୃହରେ ଘଣ୍ଟା, ତୂରୀ ଓ ହୁଇସିଲ୍ ମାରିଲେ। ୭ ଥର ବାଚସ୍ପତି ସର୍ବଦଳୀୟ ଡକାଇ ବୁଝାଇଲେ। ହେଲେ କଂଗ୍ରେସ ବିଧାୟକଙ୍କ ଉଚ୍ଛୃଙ୍ଖଳ ପ୍ରଦର୍ଶନ ଜାରି ରହିଲା। ଆମେ ବାଚସ୍ପତିଙ୍କ ପଦକ୍ଷେପକୁ ସ୍ୱାଗତ କରୁଛୁ। ଭାଜପା ସଦସ୍ୟ ଓମ୍‌ପ୍ରକାଶ ମିଶ୍ର କହିଛନ୍ତି, ୭ ଦିନ ପୂର୍ବରୁ ଗୃହକୁ ଚଳାଇ ନ ଦେବାକୁ ବିରୋଧୀ ନିଷ୍ପତ୍ତି ନେଇଛନ୍ତି। ଗୃହ ବାହାରେ ଏନେଇ ସେମାନେ ଆଲୋଚନା କରିଛନ୍ତି। ବାଚସ୍ପତି ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଏକାଧିକଥର ଡାକିଥିଲେ ମଧ୍ୟ କଂଗ୍ରେସ ତା' ଏଜେଣ୍ଡାରୁ ହଟିଲାନାହିଁ। ତେଣୁ ଆମେ ବାଚସ୍ପତିଙ୍କ ନିଷ୍ପତ୍ତିକୁ ସମର୍ଥନ କଲୁ ବୋଲି ଓମ୍‌ପ୍ରକାଶ କହିଛନ୍ତି। ସେହିପରି କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶରେ କ'ଣ ଗୃହ ଚାଲିବ ବୋଲି ଭାଜପା ସଦସ୍ୟ ବାବୁ ସିଂ ପ୍ରଶ୍ନ କରିଛନ୍ତି। ବିଧାନସଭା ଚାଲିଥିବା ବେଳେ କଂଗ୍ରେସ ବିଧାୟକମାନେ ଯେଉଁଭଳି ବିଶୃଙ୍ଖଳା ସୃଷ୍ଟି କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ନିର୍ଦ୍ଦିଷ୍ଟ ବ୍ୟକ୍ତି ଯଦି ଚାହୁଁଥିବେ ତାଙ୍କ ଏଜେଣ୍ଡା ମାଧ୍ୟମରେ ବିଧାନସଭା ନ ଚାଲୁ, ତେବେ ତାହା ଗ୍ରହଣୀୟ ନୁହେଁ। ବିଧାନସଭା କାହା ନିର୍ଦ୍ଦେଶରେ ଚାଲେନାହିଁ, ବାଚସ୍ପତିଙ୍କ ନିଷ୍ପତ୍ତିରେ ଚାଲେ ବୋଲି ସେ କହିଛନ୍ତି। ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି, ବିଜେଡି ସରକାର ସମୟରେ ଏତେ ଲମ୍ବା ସମୟ ଧରି ବିଧାନସଭା କେବେ ଚଳାଇନାହାନ୍ତି। ବାଚସ୍ପତିଙ୍କୁ ଧନ୍ୟବାଦ ଦେବାକଥା ଗୃହର ପରିଚାଳନା ପାଇଁ। ବିରୋଧୀଙ୍କ ଏଭଳି ଆଚରଣ କେବେ ଆଗରୁ ଦେଖି ନ ଥିଲି। ବାଚସ୍ପତି ସମସ୍ତଙ୍କୁ ଡାକି ଆଲୋଚନା କରନ୍ତୁ ଓ ସ୍ଥାୟୀ ନିଷ୍ପତ୍ତି ନିଅନ୍ତୁ ବୋଲି ସେ କହିଛନ୍ତି। ଏହାପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣାକରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକ ମଧ୍ୟରେ ୪ଥର ଗୃହର ମୁଲତବୀ ଅବଧି ବଢ଼ିବା ପରେ କୌଣସି ନିଷ୍କର୍ଷ ନ ବାହାରିବାରୁ ଉପବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ।

## ବାରମ୍ବାର ବିଶୃଙ୍ଖଳିତ ...

ଘଣ୍ଟ, ଘଣ୍ଟି, ତୂରୀ, ବଂଶୀ ଆଦି ବଜାଇବା, କଳା ପୋଷାକ ପରିଧାନକରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଶୋଭନୀୟ ନୁହେଁ। ଏହିସବୁ କାର୍ଯ୍ୟ ଗୃହର ପରମ୍ପରା, ଶୃଙ୍ଖଳା ଏବଂ ପଦମର୍ଯ୍ୟାଦା ଭଙ୍ଗ କରୁଥିଲା। ଚଳିତ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଗତ ୨୫ ତାରିଖ ପର୍ଯ୍ୟନ୍ତ ମୋଟ୍ ୧୨ଟି ବୈଠକ ଦିବସ ମଧ୍ୟରୁ ମାତ୍ର ୨ଟି ବୈଠକ ଦିବସରେ ପ୍ରଶ୍ନୋତ୍ତର କାର୍ଯ୍ୟ ସମ୍ପାଦନ କରାଯାଇ ମୋଟ୍ ୮ଟି ପ୍ରଶ୍ନର ଆଲୋଚନା ହୋଇଛି। ସେହି ୧୨ଟି ବୈଠକ ଦିବସରେ ବିରୋଧୀ ଦଳ ସଦସ୍ୟ ବିଶୃଙ୍ଖଳା ପାଇଁ ଗୃହରେ ପ୍ରାୟ ୩୯ ଘଣ୍ଟା ୨ ମିନିଟ୍ ସମୟ କୌଣସି ଆଲୋଚନା ହୋଇପାରି ନାହିଁ। ଏହା ଅତ୍ୟନ୍ତ ନୈରାଶ୍ୟଜନକ। ଏହିସବୁ ବିଶୃଙ୍ଖଳା ଆଚରଣରୁ ନିବୃତ୍ତ ରହିବା ପାଇଁ ବାରମ୍ବାର ବିରୋଧୀ ଦଳ ସଦସ୍ୟମାନଙ୍କୁ ଅନୁରୋଧ କରାଯାଉଥିଲା। ଏହା ବ୍ୟତୀତ ଗୃହର ସୁପରିଚାଳନା ପାଇଁ ଗତ ୧୦, ୧୩, ୨୪ ଏବଂ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକାଯାଇ ବିରୋଧୀ ଦଳ ସଦସ୍ୟମାନଙ୍କ ସହ ଆଲୋଚନା କରାଯାଇଥିଲା। ହେଲେ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିରୋଧୀ ଦଳର ସଦସ୍ୟମାନେ ସେମାନଙ୍କ ବକ୍ତବ୍ୟ ନିଜ ଆସନରେ ଉତ୍‌ଥାପନ ନ କରି ଗୃହ ମଧ୍ୟକୁ ଆସି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିଲେ। ଗୃହ କାର୍ଯ୍ୟରେ ଜାଣିଶୁଣି ବାଧା ସୃଷ୍ଟି କରୁଥିଲେ, ଯାହା ଅତ୍ୟନ୍ତ ଦୁଃଖଦାୟକ। ଏ ଗୃହ ସମସ୍ତଙ୍କର। ଗୃହ ପଦମର୍ଯ୍ୟାଦା ରକ୍ଷାକରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏଥିଲାଗି ଆମ ସମସ୍ତଙ୍କ ଦାୟିତ୍ୱବୋଧ ରହିବା ଦରକାର ବୋଲି ସେ କହିଛନ୍ତି।

ବାଚସ୍ପତି ଆହୁରି କହିଛନ୍ତି, ଏଥିଲାଗି କୌଣସି ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ନ କରିବାକୁ ଗତ ୨୧ ତାରିଖରେ ଉପବାଚସ୍ପତି ରୁଲିଂ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ଗତ ୨୫ ତାରିଖରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ତାଙ୍କ ଦଳର ସଦସ୍ୟମାନେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିଲେ। ସେଥିଲାଗି ସେମାନଙ୍କ ୧୨ ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ହେବାପରେ କଂଗ୍ରେସ ସଦସ୍ୟମାନେ ଗୃହ ପରିତ୍ୟାଗ କରିବାର ନିୟମ ରହିଛି। ହେଲେ ସେମାନେ ଗୃହର ମଧ୍ୟ ଭାଗରେ ଧାରଣା ଦେଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କଲେ। ତା'ପରେ ଆଉ ଥରେ ଗୃହ ପରିତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେମାନେ ସେକଥା ମାନିଲେ ନାହିଁ। ଫଳରେ ୨ଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇ ନ ପାରି ବୁଧବାର ପର୍ଯ୍ୟନ୍ତ ଗୃହ ମୁଲତବୀ ରହିଥିଲା। ଏହାପରେ କଂଗ୍ରେସର ସବୁ ସଦସ୍ୟ ରାତି ସାରା ଗୃହ ମଧ୍ୟରେ ଧାରଣାରେ ବସିଥିବା ଖବର ପାଇ ସମସ୍ତ ପ୍ରକାର ବନ୍ଦୋବସ୍ତ ସେମାନଙ୍କ ଲାଗି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ସୁରକ୍ଷା ଲାଗି ବିଧାନସଭାର ସୁରକ୍ଷା କର୍ମୀ ଏବଂ ମାର୍ଶାଲମାନଙ୍କୁ ମଧ୍ୟ ରାତିଯାକ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରାତି ୯ଟା ସମୟରେ କଂଗ୍ରେସ ସଦସ୍ୟମାନେ ବାରଣ୍ଡାକୁ ଆସି ତାଙ୍କ ପିଏସ୍‌ଓ ଏବଂ ବିଧାନସଭା ଭିତରେ ଆଗରୁ ରହିଥିବା ସେମାନଙ୍କ ରାଜନୈତିକ କର୍ମୀମାନେ ମିଶି ସୁରକ୍ଷା କର୍ମୀ ଏବଂ ମାର୍ଶାଲମାନଙ୍କ ଉପରକୁ ଆକ୍ରମଣ କରିଥିଲେ। ଏହାଦ୍ୱାରା ସୁରକ୍ଷା କର୍ମୀମାନେ କ୍ଷତବିକ୍ଷତ ହୋଇ ଏବେ କେତେଜଣ ଚିକିତ୍ସାଧୀନ ଅଛନ୍ତି। ୨୫ ତାରିଖ ରାତି ୨ଟା ସମୟରେ କଂଗ୍ରେସ ସଦସ୍ୟମାନଙ୍କ ଏତାଦୃଶ ହିଂସାତ୍ମକ ଆଚରଣ ଉପଲବ୍ଧିକରି ସମସ୍ତ ସଦସ୍ୟଙ୍କୁ ଗୃହ ମଧ୍ୟରୁ ବାହାର କରିବା ପାଇଁ ମାର୍ଶାଲ ଏବଂ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆଦେଶ ଅନୁଯାୟୀ ମାର୍ଶାଲ ଏବଂ ସୁରକ୍ଷା କର୍ମୀମାନେ କେତେଜଣ ସଦସ୍ୟଙ୍କୁ ଗୃହ ମଧ୍ୟରେ ବସିଥିବା ଧାରଣାରୁ ଉଠାଇ ଲବି ବାହାରେ ଥିବା ବିଧାନସଭା ଗେଟ୍ ବାହାରେ ସସମ୍ମାନେ ଛାଡ଼ିଦେଇଥିଲେ। ଅନ୍ୟ ସମସ୍ତ ସଦସ୍ୟ ସ୍ୱତଃପ୍ରବୃତ୍ତ ଭାବେ ବିଧାନସଭା ପରିସରରୁ ବାହାରକୁ ଚାଲିଯାଇଥିଲେ ବୋଲି ବାଚସ୍ପତି କହିଛନ୍ତି।

## ଆଜି ବିଧାନସଭା ...

ବିଧାନସଭା ଇତିହାସରେ କଳଙ୍କିତ ଇତିହାସ ସୃଷ୍ଟି ହୋଇଛି। ଏସବୁକୁ ରାଜ୍ୟବାସୀ ଦେଖୁଛନ୍ତି। ଆଗାମୀ ଦିନରେ ଏହାର ଉଚିତ୍ ଜବାବ ଦେବେ ବୋଲି ଭକ୍ତ କହିଛନ୍ତି। ସେ କହିଥିଲେ, କଂଗ୍ରେସ ସବୁବେଳେ ଲୋକଙ୍କ ପାଇଁ ସ୍ୱର ଉଠାଇ ଆସିଛି। ହେଲେ ଏବେ ମହିଳାଙ୍କ ପ୍ରସଙ୍ଗରେ ସ୍ୱର ଉଠାଇବାରୁ ସରକାର ପ୍ରତିକ୍ରିୟାଶୀଳ ହୋଇ ପଡିଛନ୍ତି। ଅଗଣତାନ୍ତ୍ରିକ ଉପାୟରେ ବିରୋଧୀଙ୍କ ସ୍ୱରକୁ ଚାପିବା ପାଇଁ ଉଦ୍ୟମ କରୁଛନ୍ତି। ସରକାର ଯେଉଁ ଗୁଣ୍ଡାରାଜ୍ ଚଳାଇଛନ୍ତି ତା'ର ଦୃଢ଼ ଜବାବ ଦିଆଯିବ ବୋଲି ଭକ୍ତ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି, ମଙ୍ଗଳବାର ସଦସ୍ୟଙ୍କୁ ନିଲମ୍ବନ ପରେ ଆମେ ୫ଜଣ ପୂର୍ବତନ ସଦସ୍ୟ ଆଇନ ଅନୁସାରେ ବିଧାନସଭା ଭିତରକୁ ଯିବାକୁ ଉଦ୍ୟମ କରିଥିଲୁ। କିନ୍ତୁ ସେଠାରେ ଏକପ୍ରକାର ଆଶ୍ଚର୍ଯ୍ୟକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଯେଉଁମାନେ ବିଧାନସଭା ଭିତରକୁ ଯିବାକୁ ଯୋଗ୍ୟ ସେମାନଙ୍କୁ ଫାଟକ ବାହାରେ ଅଟକ ରଖାଗଲା, ହେଲେ ଯେଉଁ ପୋଲିସ ଫାଟକ ବାହାରେ ରହିବା କଥା ସେମାନେ ଭିତରେ ପତିଆରା ଦେଖାଇଥିଲେ। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ବିଧାନସଭା ଭିତରକୁ ଜଣେ ପୂର୍ବତନ ବିଧାୟକ ଯାଇପାରିବ। ପୋଲିସ ବାଚସ୍ପତିଙ୍କ ବିନାନୁମତିରେ ବିଧାନସଭା ଭିତରକୁ ଯାଇ ପାରିବେ ନାହିଁ ବୋଲି କହି ଆମକୁ ଭିତରକୁ ଛାଡ଼ିଲା ନାହିଁ।ବାଚସ୍ପତିଙ୍କ ସହ ଫୋନ ଯୋଗେ କଥା ହେବା ପାଇଁ ଚେଷ୍ଟା କରିଥିଲି, ହେଲେ ସେ ଫୋନ ଉଠାଇଲେ ନାହିଁ। ଗୃହ ଭିତରେ ଆମ ବିଧାୟକଙ୍କୁ ଆକ୍ରମଣର ଖବର ଆସିଥିଲା। ଏକଛତ୍ରବାଦ ଶାସନ ଚାଲିଛି। ଗଣତନ୍ତ୍ରର ହତ୍ୟା କରାଯାଇଛି। କଂଗ୍ରେସ ଦଳ ଏହାକୁ ନିନ୍ଦା କରୁଛି। ମହିଳା ନିର୍ଯ୍ୟାତନାକୁ ନେଇ ନା ଗୃହ କମିଟି ଗଠନ କରାଯାଉଛି ନା ଆଲୋଚନା ହେଉଛି। ନିଆଁରେ ଘିଅ ପକେଇଲା ଭଳି ସରକାର ପଦକ୍ଷେପ ନେଇଛନ୍ତି। ଲୋକେ ଆହୁରି ଉତ୍ତେଜିତ ହେବେ। ସାଧାରଣ ଲୋକ ଏହାର ଜବାବ ଦେବେ। ସେହିପରି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, ମୁଖ୍ୟମନ୍ତ୍ରୀ ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ ବିବୃତି ଦେଲେ ନାହିଁ। ନଭେମ୍ବର ଠାରୁ ରାଜ୍ୟରେ ମହିଳା କମିଶନ ଗଠନ ହୋଇନାହିଁ। ଆମର ୧୪ଜଣ ବିଧାୟକଙ୍କୁ ନିଲମ୍ବନ କରାଗଲା। ପୂର୍ବତନ ବରିଷ୍ଠ ବିଧାୟକଙ୍କୁ ବିଧାନସଭା ଭିତରକୁ ଯିବା ଲାଗି ଅନୁମତି ଦିଆଗଲାନାହିଁ। ସରକାରଙ୍କ ଏହି ଅଗଣତାନ୍ତ୍ରିକ ଶାସନକୁ ନିନ୍ଦା କରୁଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଖବରଦାତାସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠନେତା ଶରତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଗକୁ ବ୍ୟାପିବ ...

କରିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ନିଲମ୍ବିତ ୧୨ କଂଗ୍ରେସ ସଦସ୍ୟ ବିଧାନସଭା ଭିତରେ ରହିବାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଲ ଲଗାଇ କଂଗ୍ରେସ ସଦସ୍ୟଙ୍କୁ ଗୃହ ବାହାରକୁ କାଢ଼ିବା ପାଇଁ ଉଦ୍ୟମ କରାଯାଇଥିଲା। ଏହି ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଆହତ ହେବାସହ ତାରାପ୍ରସାଦ ବାହିନୀପତିଙ୍କ ସୁନା ଚେନ୍ ଚୋରି ହୋଇଯାଇଥିଲା। ଏମିତିକି ତାରାଙ୍କୁ ଖାଦ୍ୟ ପ୍ୟାକେଟ୍ ନ ପହଞ୍ଚାଇବା ଭଳି ଘଟଣାକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ବୁଧବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ବିଧାନସଭା ଫାଟକ ସମ୍ମୁଖରୁ ଉଠାଇନେଇ ପରେ ଛାଡ଼ିଦେଇଥିଲା। ପିସିସି ସଭାପତି ଭକ୍ତ କହିଛନ୍ତି, ସରକାର ପୋଲିସକୁ ଅସ୍ତ୍ର କରିଛନ୍ତି। ସେ ଯେଉଁ ଶକ୍ତି ବିରୋଧୀଙ୍କ ସ୍ୱର ଦମନ ପାଇଁ ଖଟାଉଛନ୍ତି, ତାହାକୁ ଯଦି ମହିଳାଙ୍କ ସୁରକ୍ଷାରେ ଲଗାନ୍ତେ, ତେବେ ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ଭାଜପା ନାରୀ ସୁରକ୍ଷାର କଥା କହୁଛି, ହେଲେ ଗୃହ ଭିତରେ ମହିଳା ବାଚସ୍ପତିଙ୍କ ସମ୍ମୁଖରେ ନାରୀ ଜାତି ଉପରେ ଯେଭଳି ଅଶ୍ଳୀଳ ଇଙ୍ଗିତ କରାଯାଇଛି ତାହାକୁ ରାଜ୍ୟବାସୀ କେବେ କ୍ଷମା ଦେବେନାହିଁ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଯେଉଁ ଅଶ୍ଳୀଳ ଭାଷାରେ ଗାଳି କରିଛନ୍ତି, ସେହି ନିଆଁକୁ ନେଇ ଆମେ ଲୋକଙ୍କ ପାଖକୁ ଯିବୁ ବୋଲି ଭକ୍ତ କହିଛନ୍ତି।

ଅନ୍ୟପକ୍ଷରେ ରାତିଅଧରେ କଂଗ୍ରେସ ସଦସ୍ୟମାନଙ୍କୁ ଗାନ୍ଧୀ ମାର୍ଗରେ ଛାଡ଼ିବା ଘଟଣାରୁ ବୁଧବାର କଂଗ୍ରେସ କର୍ମୀ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ଏହାକୁ ନେଇ ତୀବ୍ର ବିରୋଧ କରାଯାଇଛି। ଏହି ସମୟରେ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାପରେ ଅନେକ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଛି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଖୁବ୍‌ଶୀଘ୍ର ଥାନାରେ ଏତଲା ଦେବି। କାରଣ ଗାଈଗୋରୁଙ୍କୁ ମାରିଲାଭଳି ମୋତେ ମାର୍ଶାଲ ଧକ୍କା ମାରିଛନ୍ତି। ମୋ ସୁନାଚେନ୍ ସୁରକ୍ଷାକର୍ମୀ ନେଇଯାଇଛନ୍ତି। ମଙ୍ଗଳବାର ରାତିରେ ପୋଲିସ ଫୋର୍ସ ପଠାଇ ଆମକୁ ଟେକିନେଇ ମାଡ଼ ମରାଇଛନ୍ତି। ଦେହରେ କ୍ଷତଚିହ୍ନ ଅଛି। ଆମେ କେବଳ ମହିଳାଙ୍କ ସୁରକ୍ଷା ନେଇ ଦାବି କରିଥିଲୁ। ଆମେ ପ୍ରତିବାଦ କଲୁ କି ଆମକୁ ନ୍ୟାୟ ଦିଅ, ଗୃହ କମିଟି ଗଠନ କର। ଆମକୁ କହିବାର ସୁଯୋଗ ବାଚସ୍ପତି ଦେଲେନାହିଁ, କିନ୍ତୁ ସିଧା ନିଲମ୍ବନ କରିଦେଲେ। ଏ ରାଜ୍ୟରେ ଭାଜପାର ଯେଉଁ ଅହଂକାର ବଢ଼ିଯାଇଛି, ତାହାକୁ ଜନସାଧାରଣ କେବେହେଲେ କ୍ଷମା ଦେବେନାହିଁ। ଯେପର୍ଯ୍ୟନ୍ତ ଆମ ଦାବି ପୂରଣ ହୋଇନାହିଁ ସେପର୍ଯ୍ୟନ୍ତ ଲଢ଼େଇ ଜାରିରହିବ ବୋଲି ବାହିନୀପତି କହିଛନ୍ତି।

## ପ୍ରଥମ ପର୍ଯ୍ୟାୟରେ ...

କମିଟିରେ ତର୍ଜମା କରି ରାଜ୍ୟସ୍ତରୀୟ କମିଟିକୁ ପଠାଇଥିଲେ। ଇତିମଧ୍ୟରେ ବିଭିନ୍ନ ଜିଲାରୁ ଆସିଥିବା ଜିଲାସ୍ତରୀୟ କମିଟିର ନିଷ୍ପତ୍ତିକୁ ବିଚାର କରି ପ୍ରଥମ ପର୍ଯ୍ୟାୟରେ ୨୧ଜଣଙ୍କୁ ଗତ ଜାନୁଆରୀ ୧ରୁ ମାସିକ ୨୦ ହଜାର ଟଙ୍କା ପେନସନ ଦେବା ପାଇଁ ରାଜ୍ୟସ୍ତରୀୟ କମିଟି ସୁପାରିଶ କରିଛନ୍ତି। ରାଜ୍ୟ ସରକାର ଇତି ମଧ୍ୟରେ ଏହାକୁ ଅନୁମୋଦନ କରିଛନ୍ତି। ଏମ୍‌ଆଇଏସ୍‌ଏ, ଡିଆଇଆର୍ ଏବଂ ଡିଆଇଏସ୍‌ଆଇଆର ବନ୍ଦୀଙ୍କଠାରୁ ଗ୍ରହଣ ହୋଇଥିବା ଅନ୍ୟ ଆବେଦନପତ୍ରଗୁଡିକୁ ବିଚାର କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ମଧ୍ୟ ଏହି ସୁବିଧା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ହାଇୱା-ବୋଲେରୋ ...

ଗୌଡ଼ଗାଁର ଆର୍ତ୍ତତ୍ରାଣ ପୁରୋହିତଙ୍କ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତକ ୩ଜଣ ଟାଟା ପାୱାର ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିଡବ୍ଲୁଓଡିଏଲ)ର ଉଲୁଣ୍ଡା ଶାଖାରେ କାମ କରୁଥିଲେ। ସେମାନେ କାମସାରି ବୋଲେରୋରେ ଉଲୁଣ୍ଡାକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଅନ୍ୟପକ୍ଷେ ଦୁର୍ଘଟଣା ପରେ ହାଇୱାଟି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଛି। ଏଥିରେ ଥିବା ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଉମେଶ ଯାଦବ ଓ ଦେବେନ୍ଦ୍ର ଯାଦବ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଉଲୁଣ୍ଡା ପୋଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଓ ବୋଲେରୋକୁ ଜବତ କରିଛି। ଖବରପାଇ ଅତିରିକ୍ତ ଏସ୍‌ପି କେ. ହରିପ୍ରସାଦ, ଡିଏସ୍‌ପି ପ୍ରତାପ ରଣା, ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ କୁମାର ରାଓ, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଉଲୁଣ୍ଡା ଆଇଆଇସି ପଞ୍ଚାନନ ନାୟକ, ସୋନପୁର ଆଇଆଇସି ତାପସ କୁମାର ଭୋଇ ଓ ବୀରମହାରାଜପୁର ଆଇଆଇସି ଶୁଭଙ୍କର ସେଠ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଉଲୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

## ଶୁଆକୁ ଫାଶୀ...

ସେ ହତ୍ୟା କରିନାହିଁ, କେବଳ ରିଲ୍ସ କରିଥିଲେ ବୋଲି ବୟାନ ଦେଇଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନ ଜାରି ରହିଛି। ବିଲରୁ ବିରି ଖାଇଥିବା କାରଣରୁ ଶୁଆକୁ ଧରି ଉଭୟ ହତ୍ୟା କରିଥିଲେ। ନାକଟି ଦେଉଳ ଅଞ୍ଚଳରେ ଏହି ଭିଡିଓଟି ଶୁଟିଂ କରାଯାଇଥିଲା। ହତ୍ୟା କରିବାର ଭିଡିଓକୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ମଧ୍ୟ ଉଭୟ ଅପଲୋଡ୍ କରିଥିଲେ ବୋଲି ଡିଏଫ୍‌ଓ କମ୍ପୁଲା କହିଛନ୍ତି।

## ଆଲ୍ଲାହାବାଦ ହାଇକୋର୍ଟ ...

ହାଇକୋର୍ଟ ବିଚାରପତିଙ୍କ ରାୟରେ ଥିବା କେତେକ ବିଷୟର ସମ୍ବେଦନହୀନତାକୁ ଦେଖିଲେ କଷ୍ଟ ଲାଗୁଛି। ୪ ମାସ ଧରି ରାୟ ସଂରକ୍ଷିତ ରଖିବା ପରେ ଏଭଳି ରାୟ ଦେଇଛନ୍ତି। ଏପରି ସ୍ଥିତିରେ ଆମେ ସାଧାରଣତଃ ସ୍ଥଗିତାଦେଶ ଜାରି କରି ନ ଥାଉ। କିନ୍ତୁ ରାୟର ପାରା ୨୧, ୨୪ ଓ ୨୬ରେ ଅମାନବୀୟ ଆଭିମୁଖ୍ୟ ଦେଖିବାକୁ ମିଳିଛି। ସଲିସିଟର ଜେନେରାଲ ଖଣ୍ଡପୀଠଙ୍କ ଟିପ୍ପଣୀରେ ସହମତି ପ୍ରକାଶ କରିବା ସହ କହିଛନ୍ତି, କେତେକ ରାୟ ଉପରେ ସ୍ଥଗିତାଦେଶ ଜାରି କରାଯିବାର କାରଣ ସେଥିରେ ହିଁ ରହିଥାଏ। ଏହା ଏକ ଗମ୍ଭୀର ପ୍ରସଙ୍ଗ। ବିଚାରପତିଙ୍କ ସମ୍ପୂର୍ଣ୍ଣ ଅସମ୍ବେଦନଶୀଳତା ଏଥିରେ ପ୍ରତିଫଳିତ ହୋଇଛି। ଆଲୋଚ୍ୟ ମାମଲାରେ ନାବାଳିକାଙ୍କ ମା' ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ପବନ ଓ ଆକାଶ ପୀଡ଼ିତାଙ୍କ ସ୍ତନକୁ ଧରିବା ସହ ତାଙ୍କ ପାଇଜାମା ଓ ଅନ୍ତଃବସ୍ତ୍ରକୁ ତଳକୁ ଟାଣିଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁ ୨ ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ। ହାଇକୋର୍ଟ ବିଚାରପତି ଏହା ଉପରେ କହିଥିଲେ, ଅଭିଯୁକ୍ତ ଦ୍ୱୟ ବଳାତ୍କାର ଉଦ୍ଦେଶ୍ୟରେ ଏପରି କରିନାହାନ୍ତି। ସୁପ୍ରିମକୋର୍ଟ ଏହାକୁ ଭର୍ତ୍ସନା କରିବା ସହ କେନ୍ଦ୍ର, ୟୁପି ସରକାର ଓ ପକ୍ଷମାନଙ୍କୁ ନୋଟିସ କରିଛନ୍ତି।


ବିଧାନସଭା ମୁଖ୍ୟ ପ୍ରବେଶ ଦ୍ୱାରରେ ବୁଧବାର ବିଜେଡି ଓ କଂଗ୍ରେସ ବିଧାୟକମାନେ ବ୍ୟାରିକେଡ୍‌କୁ ଠେଲୁଛନ୍ତି।


ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ କଂଗ୍ରେସ କର୍ମୀମାନେ ବ୍ୟାରିକେଡ୍ ଡେଇଁ ଯାଉଥିବାବେଳେ ପୋଲିସ ଅଟକାଉଛି।


କଂଗ୍ରେସ ବିଧାୟକଙ୍କ ନିଲମ୍ବନକୁ ବିରୋଧକରି କଂଗ୍ରେସ ଭବନ ସମ୍ମୁଖ ରାସ୍ତାରେ ଶୋଇଥିବା ଦଳୀୟ ବିଧାୟକ।

# ବାଚସ୍ପତିଙ୍କ ବିବୃତି ଅସମ୍ପୂର୍ଣ୍ଣ କହି ଗୃହ ତ୍ୟାଗକଲା ବିଜେଡି

**■ ଆମେ ତ ପ୍ରତିବାଦ କରିନାହୁଁ, ଆମକୁ ପୋଲିସ କାହିଁକି ଅଟକାଇଲା: ପ୍ରସନ୍ନ**

**■ ଆଜି ତାରାଙ୍କୁ ଆକ୍ରମଣ ହେଲା, ଆଗକୁ ଆମ ଉପରେ ହୋଇପାରେ: ରଣେନ୍ଦ୍ର**

ଭୁବନେଶ୍ୱର, ୨୬।୩(ସୁନିତ୍ ମିଶ୍ର)

ବିଧାନସଭାରେ ବୁଧବାର ଦ୍ୱିତୀୟାର୍ଦ୍ଧ ଗୃହକାର୍ଯ୍ୟ ଆରମ୍ଭହେବା ମାତ୍ରେ ବିଜେଡି ସଦସ୍ୟମାନେ ପ୍ରତିବାଦ ଜଣାଇବା ଆରମ୍ଭ କରିଥିଲେ। ପୋଲିସ କିପରି ବିଧାନସଭା ଭିତରକୁ ପଶିଲା ବୋଲି ବିଜେଡି ସଦସ୍ୟପ୍ରଶ୍ନ ଉଠାଇଥିଲେ। ଏଥିସହ କଂଗ୍ରେସ ସଦସ୍ୟଙ୍କୁ ଆକ୍ରମଣ କରାଯିବା ନେଇ ଆସୁଥିବା ଅଭିଯୋଗ ଉପରେ ବାଚସ୍ପତିଙ୍କ ବିବୃତି ଦାବିକରି ବିଜେଡି ସଦସ୍ୟମାନେ ଗୃହ ଛାଡ଼ିଥିଲେ। ଏହାର କିଛି ସମୟ ମଧ୍ୟରେ କଂଗ୍ରେସ ପକ୍ଷରୁ କରାଯାଉଥିବା ଅଭିଯୋଗ ସମ୍ପର୍କରେ ବାଚସ୍ପତି ଗୃହରେ ଘୋଷଣା କରିବେ ବୋଲି କହିଥିଲେ। ଏହାସହ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଉପ ମୁଖ୍ୟ ସଚେତକଙ୍କୁ ନିର୍ଦ୍ଦେଶ ଦେଇଥିଲେ ବିଜେଡି ସଦସ୍ୟମାନଙ୍କୁ ଗୃହକୁ ଆସିବା ଲାଗି କଥାବାର୍ତ୍ତା କରନ୍ତୁ। ଏହାପରେ ବିଜେଡି ସଦସ୍ୟମାନେ ଗୃହକୁ ଆସିଥିଲେ। ବାଚସ୍ପତି ସମ୍ପୂର୍ଣ୍ଣ ଘଟଣା ଉପରେ ନିଜର ବିବୃତି ରଖିଥିଲେ ମଧ୍ୟ ବିଜେଡି ସଦସ୍ୟମାନେ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲା। ଏହା ଏକ ଅସମ୍ପୂର୍ଣ୍ଣ ବିବୃତି ବୋଲି ଅଭିଯୋଗକରି ସେମାନେ ଗୃହ ପରିତ୍ୟାଗ କରିଥିଲେ।

ବାଚସ୍ପତି ନିଜର ବିବୃତି ରଖିବା ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବିବୃତି ଶୁଣି ଲାଗିଲା ଏଥିରେ ସମ୍ପୂର୍ଣ୍ଣ ଘଟଣାର ପ୍ରତିଫଳନ ହୋଇନାହିଁ। ଏହା ଅସମ୍ପୂର୍ଣ୍ଣ କାର୍ଯ୍ୟ ବୋଲି ଧରାଯିବ। ଗୃହରେ ସମସ୍ତଙ୍କ ସହଭାଗିତା ରହିବା ଆବଶ୍ୟକ। କଂଗ୍ରେସ ସଦସ୍ୟମାନେ ଅଭିଯୋଗ କରିଛନ୍ତି, ସେମାନଙ୍କୁ କଦର୍ଯ୍ୟ ବ୍ୟବହାର କରାଗଲା। ରାତିରେ ବିଧାନସଭା ସୁରକ୍ଷା କର୍ମୀ ଏବଂ ମାର୍ଶଲମାନେ ସେମାନଙ୍କ ଉପରେ ଆକ୍ରମଣ କଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ଚେନ୍ ଛିଣ୍ଡାଇନେବା ସହ ତାଙ୍କ ଉପରେ ଆକ୍ରମଣ ହୋଇଛି। ଯଦି ଏବେ ସେମାନଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ହେଉଛି ଆଗକୁ ବିଜେଡି ସଦସ୍ୟମାନଙ୍କ ସହ ମଧ୍ୟ ଏଭଳି ହୋଇପାରେ। ବିଜେଡି ସଦସ୍ୟମାନେ ଏସ୍‌ସି,ଏସ୍‌ଟି ଏବଂ ଓବିସିମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦାବିରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବାକୁ ଯାଇଥିଲେ। ହେଲେ ବିଧାନସଭା ଗେଟ୍ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ୧୫ ମିନିଟ୍ ପର୍ଯ୍ୟନ୍ତ ଗେଟ୍ ଖୋଲାଗଲା ନାହିଁ। ପୋଲିସ କର୍ମୀମାନେ ଏପରି ଠେଲାପେଲା କଲେ ଯେ ବିରୋଧୀ ଦଳ ମୁଖ୍ୟ ସଚେତକ ଆହତ ହେଲେ, ଏହା ସହ ଆଉ କେତେଜଣ ମଧ୍ୟ ଆହତ ହୋଇଛନ୍ତି। ବିଜେଡି ସଦସ୍ୟମାନେ ତ ଗୃହରେ ହଟ୍ଟଗୋଳ କରି ନ ଥିଲେ ତେବେ ପୋଲିସ କାହିଁକି ସେମାନଙ୍କୁ ଗେଟ୍ ସମ୍ମୁଖରେ ଅଟକାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ଏହି ସମୟରେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ବାଚସ୍ପତି ଦେଇଥିବା ବିବୃତି ଅସମ୍ପୂର୍ଣ୍ଣ, ପୋଲିସ କାହିଁକି ବିଧାନସଭା ଭିତରେ ପଶିଲେ ଏବଂ ତାରା ବାହିନୀପତିଙ୍କ ଉପରେ ଆକ୍ରମଣ କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ଗୃହ ଛାଡ଼ିଥିଲେ।

# ଜୟନାରାୟଣଙ୍କଠାରୁ ରାଜନୀତି ଶିଖିବା ଦରକାର: ରୋହିତ

ସମ୍ବଲପୁର,୨୬।୩(ଭବାନୀ ଶଙ୍କର ଭୋଇ)


ଜୟନାରାୟଣ ମିଶ୍ର


ରୋହିତ ପୂଜାରୀ

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କଠାରୁ ରାଜନୀତି ଶିଖିବା ଦରକାର। ଆଉ ସେ ଏତେ ଚାଲାଖ କେମିତି ହେଲେ ତାହା ମୁଁ ଜାଣିପାରୁନି ବୋଲି ମଙ୍ଗଳବାର ସମ୍ବଲପୁର ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ କହିଛନ୍ତି। ସେ କହିଛନ୍ତି,ସମ୍ବଲପୁରବାସୀ ଜୟନାରାୟଣଙ୍କୁ ଅଞ୍ଚଳର ବିକାଶ ପାଇଁ ଜିତାଇଥିଲେ। ହେଲେ ଏବେ ସବୁଥିରୁ ବଞ୍ଚିତ ହୋଇଛନ୍ତି। ଜୟନାରାୟଣ ନିଜେ ଭୂତ ହୋଇ ଲାଗୁଛନ୍ତି ପୁଣି ଅନ୍ୟପଟେ ଗୁଣିଆ ହୋଇ ଭୂତ ଛଡାଉଛନ୍ତି। ନିଜ ଅଞ୍ଚଳରେ ଯାହା ହୋଇଛି ସେସବୁର କ୍ରେଡିଟ୍ ନିଜେ ନେଉଛନ୍ତି, ଯାହା ହେଉନାହିଁ ରାଜ୍ୟ ସରକାରଙ୍କ ମୁଣ୍ଡରେ ଦୋଷ ଲଦି ମୋ କଥା କେହି ଶୁଣୁନାହାନ୍ତି ବୋଲି କହି ଖସି ଯିବାକୁ ଚେଷ୍ଟା କରୁଛନ୍ତି। ଯଦି ଭାଜପାରେ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନାହାନ୍ତି ତେବେ ସେ ଦଳରେ କାହିଁକି ରହିଛନ୍ତି। ଜୟନାରାୟଣ ବିଜେଡିକୁ ଆସନ୍ତୁ ଏବଂ ଲୋକଙ୍କ ପାଇଁ ଲଢେଇ କରନ୍ତୁ। ଆମେ ମଧ୍ୟ ତାଙ୍କୁ ସହଯୋଗ କରିବୁ ବୋଲି ଜୟନାରାୟଣଙ୍କୁ ଆହ୍ୱାନ ଦେଇଛନ୍ତି ରୋହିତ।

ଜୟନାରାୟଣ ଯେଉଁ ସବୁ ଦାବି କରୁଛନ୍ତି ତାଙ୍କ ସରକାର ତା'କୁ ଖଣ୍ଡନ କରୁଛି। ତେଣୁ ଏଭଳି ସ୍ଥିତିରେ ଲୋକଙ୍କ ସେବା ପାଇଁ ସେ ରାଜନୀତି କରୁଥିବା କହୁଥିବାରୁ ଏବେ ପଦବୀ ଆଶା ଛାଡି ଆମ ଭଳି ଲୋକଙ୍କ ପରି ଲଢେଇ କରନ୍ତୁ ବୋଲି ରୋହିତ କହିଛନ୍ତି। ଏଥିସହ ସେ କହିଛନ୍ତି, ପଶ୍ଚିମ ଓଡ଼ିଶାବାସୀ ଭାଜପା ସରକାରଠାରୁ ଯାହା ଆଶା କରିଥିଲେ ତାହା ପୂରଣ ହେବା ବଦଳରେ ଠକେଇର ଶିକାର ହୋଇଛନ୍ତି। ଭାଜପା ସରକାରକୁ ରୋହିତ ଡବଲମୁହାଁ ସରକାର ବୋଲି କହି କଟାକ୍ଷ କରିଛନ୍ତି। ଆଗରୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟାଳୟ ପଶ୍ଚିମ ଓଡ଼ିଶାକୁ ଆଣିବା ପ୍ରସଙ୍ଗରେ କହୁଥିବା ଭାଜପା ଆଉ ମୁହଁ ଖୋଲୁନାହିଁ ବୋଲି ରୋହିତ ଅଭିଯୋଗ ଆଣିଛନ୍ତି। ରୋହିତଙ୍କ ମନ୍ତବ୍ୟ ସମ୍ପର୍କରେ ଜୟନାରାୟଣଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଁ ବୀଣାପାଣି ମିଶ୍ର (ମୁନି)
(୧୯୬୭-୨୦୨୨)
ଘର - ଡାଙ୍ଗ, ବରଗଡ଼
ଆପଣଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ୱାମୀ - ଗୌରଚରଣ ମହାପାତ୍ର,
ପୁତ୍ର - ଅଭିଷେକ ମହାପାତ୍ର (ଚନ୍ଦନ),
ଅବିନାଶ ମହାପାତ୍ର (ନୟନ)





"ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା"

-ବାରୁଣୀ ସ୍ନାନ



# ବୃଦ୍ଧ ଓ ଯୁବ ବାବା



ଦେବଦତ୍ତ ପଟ୍ଟନାୟକ

ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଏବେ ଏକ ନୂଆ ପିଢ଼ିର ବାବାଙ୍କୁ ଦେଖିବା ଓ ସେମାନଙ୍କ କଥା ମଧ୍ୟ ଶୁଣିବାକୁ ମିଳୁଛି। ଏହି ବାବାମାନେ ଯୁବକ। ଦେଖିବାକୁ ହୃଷ୍ଟପୁଷ୍ଟ ଓ ସୁନ୍ଦର। ସେମାନେ ଠିକ୍ ଭାବେ ପୋଷାକ ପିନ୍ଧୁଛନ୍ତି, ଠିକ୍ ବିଷୟ କହୁଛନ୍ତି। ସେମାନେ ମଧ୍ୟ ମିଡିଆ ସହ ଜଡ଼ିତ ହେବା ବିଷୟରେ ଭଲ ଭାବେ ଜାଣନ୍ତି। ଏହି ଯୁବ ବାବାମାନେ ଏବେ ବଳିଷ୍ଠ, ଅଲୌକିକି ଶକ୍ତି ତଥା ଶ୍ମଶ୍ରୁଧାରୀ ବୃଦ୍ଧ ବାବାଙ୍କ ପ୍ରଭାବକୁ ଧୀରେ ଧୀରେ ହ୍ରାସ କରିବାରେ ଲାଗିଛନ୍ତି। ପ୍ରକୃତ ବାବା କିଏ ବର୍ତ୍ତମାନ ଲୋକେ ସନ୍ଦେହରେ ପଡ଼ିଲେଣି ଏବଂ ଏହାକୁ ନେଇ ଉଭୟ ଗୋଷ୍ଠୀର ବାବାଙ୍କ ପକ୍ଷରୁ ଜୋର୍‌ଦାର ଯୁକ୍ତି ଚାଲିଛି। ଏପରିକି ଶ୍ମଶ୍ରୁଧାରୀ ବୃଦ୍ଧ ବାବାରୁ ଯୁବ ଓ ସୁନ୍ଦର ନୂଆ ବାବାକୁ ପରିବର୍ତ୍ତନ ହେବା ବିଷୟ ହିନ୍ଦୁ ଦେବଦେବୀଙ୍କ ସହ ଜଡ଼ିତ ସିଦ୍ଧାନ୍ତ ବା ଛବିରେ ପ୍ରତିଫଳିତ ହୁଏ। ପୁରୁଣା ଛବିରେ ବହୁ ସମୟରେ ଦେବତାଙ୍କୁ ଶକ୍ତିଶାଳୀ, କଠୋର ଓ କ୍ରୋଧୀ ପୁରୁଷ ଭାବେ ବର୍ଣ୍ଣନା କରାଯାଇଛି। ଅଳ୍ପ କିଛି ଛବି ଦେବତାଙ୍କୁ ଯଥା ରାଧା, କୃଷ୍ଣ ଭଳି ପିଲା କିମ୍ବା ଦୁର୍ଗା ଭାବେ ଚିତ୍ରଣ କରିଛି। ଏମାନେ ସମସ୍ତେ ଦେଖିବାକୁ ସୁନ୍ଦର ଓ ଆକର୍ଷଣୀୟ। ଏଥିରୁ ଜଣାଯାଏ ଯେ, ଆମେ ଜଣେ ଶକ୍ତିଶାଳୀ ତଥା ଖଳ ପୁରୁଷ ବଦଳରେ ଜଣେ କୋମଳ ହୃଦୟଧାରୀ ଓ ପ୍ରେମୀ ପୁରୁଷଙ୍କୁ ଚାହୁଁ। ସମ୍ଭବତଃ ଲୋକେ ଶକ୍ତିଶାଳୀ ଗଣେଶଙ୍କୁ ନେଇ କ୍ଳାନ୍ତ ହୋଇଗଲେଣି ଏବଂ ସମସ୍ତଙ୍କ ପାଇଁ ସୁଖ ଆଣିପାରିଥିବା ଆକର୍ଷଣୀୟ କୁନି ଗଣେଶ ଫେରି ଆସିବାକୁ ଚାହୁଁଛନ୍ତି।

ପୁରାଣରେ, ଋଷି କିମ୍ବା ସନ୍ନ୍ୟାସୀମାନେ ସବୁପ୍ରକାର ରୂପ ଓ ଆକାରରେ ସାମ୍ନାକୁ ଆସିଛନ୍ତି। ଜଣେ ସନ୍ନ୍ୟାସୀ ପିଲା, ଯୁବକ କିମ୍ବା ବୃଦ୍ଧ ହୋଇପାରନ୍ତି। ଏହି ସିଦ୍ଧାନ୍ତ ମଧ୍ୟ ଦେବତାଙ୍କ କ୍ଷେତ୍ରରେ ହୋଇପାରେ। ବିଶେଷକରି ସପ୍ତଋଷିମାନେ ଆକାଶରେ ଦାଢ଼ିଧାରୀ ବୃଦ୍ଧ ଭାବେ ଦୃଶ୍ୟମାନ ହୋଇଥାନ୍ତି। ନବନାଥମାନଙ୍କୁ ସବୁବେଳେ ଜଙ୍ଗଲରେ ବୁଲୁଥିବା ଦାଢ଼ିଧାରୀ ସନ୍ଥ ଭାବେ ଦର୍ଶାଯାଇଛି। ରାମାୟଣ ଓ ମହାଭାରତର କାବ୍ୟର ରଚୟିତା ଯଥାକ୍ରମେ ଶ୍ମଶ୍ରୁଧାରୀ ବାଲ୍ମୀକି ଓ ବ୍ୟାସଙ୍କ ଭଳି ବ୍ରହ୍ମାଙ୍କୁ ସର୍ବଦା ଦେଖାଯାଏ। ଏମାନଙ୍କୁ ଦାଢ଼ିଧାରୀ ବୃଦ୍ଧ ଭାବେ ଚିତ୍ରଣ କରାଯାଇଛି। ଅଗସ୍ତ୍ୟ ଋଷିଙ୍କୁ ବେଳେବେଳେ ଜଣେ ପେଟୁଆ ଓ ଗେଡ଼ା ଭାବେ



ଦେଖାଯାଇଥିଲେ ମଧ୍ୟ ଅଧିକାଂଶ ଋଷି ହେଉଛନ୍ତି ଡେଙ୍ଗା, ସୁସ୍ଥ ଓ ପତଳା ଏବଂ ସେମାନଙ୍କର ଆକର୍ଷଣୀୟ ଯୋଗୀ ଶରୀର ରହିଛି। ପୁରାଣରେ ମଧ୍ୟ କ୍ରୋଧୀ ଦୁର୍ବାସା ଏବଂ ଶାନ୍ତ ଦତ୍ତାତ୍ରେୟ ଋଷିଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି।

ଶିଶୁ ବା ବାଳକ ଋଷିଙ୍କ କଥା ଦେଖିଲେ, ଉପନିଷଦରେ ୪ଜଣ ଶିଶୁ ଋଷି ସନତକୁମାରଙ୍କ ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ। ଏଥିରେ ନାରଦଙ୍କ କଥା ଅଛି, ଯିଏ କି ହାତରେ ବୀଣା ଓ ଝାଞ୍ଜ ଧରି ସବୁବେଳେ ବୁଲୁଲି କରନ୍ତି ଓ ସମସ୍ୟା ସୃଷ୍ଟି କରିବା ପାଇଁ ସବୁଠିକୁ ଯାଆନ୍ତି। ଉପନିଷଦରେ ବ୍ୟାସଙ୍କ ପୁତ୍ର ଶୁଆ ମସ୍ତକଧାରୀ ଶୁକ ମୁନିଙ୍କ ବିଷୟରେ ବର୍ଣ୍ଣନା ରହିଛି। ସେ ଅତ୍ୟନ୍ତ ସରଳ ଓ ଯାହା ଶୁଣନ୍ତି ସବୁ ମନେରଖିପାରନ୍ତି। ନାଥ ପରମ୍ପରାରେ ଥିବା ହିମାଚଳର ମୟୂରାସୀନ ବାଳକ ନାଥ ବୃଦ୍ଧ ଗୋଷ୍ଠୀର ନବନାଥ ବିଶେଷକରି ଗୋରଖନାଥଙ୍କ ଠାରୁ ନିଜକୁ ଦୂରେଇ ରଖନ୍ତି।

ଦେବତାଙ୍କ ମଧ୍ୟରେ ହିନ୍ଦୁତ୍ୱ ଧାରାରେ ଉଗ୍ର ଶିବ, ତାନ୍ତ୍ରିକ ପରମ୍ପରାରେ ଭୈରବ ଏବଂ ବେଙ୍ଗଲର ପେଟୁ ବୁଦ୍ଧବାବା ଥିବାବେଳେ କଶ୍ମୀରରେ ବାଳକ ବଟୁକ ଭୈରବ ରହିଛନ୍ତି। ବିଷ୍ଣୁ ବାଳକ ରୂପୀ ବାମନ ଅବତାର ରୂପ ଧାରଣ କରିଥିଲେ ଏବଂ ପରେ ମହାକାୟ ଭାବେ ପ୍ରକଟ ହୋଇଥିଲେ। ସେ ହେଉଛନ୍ତି କ୍ରୋଧୀ ଯୋଦ୍ଧା ଯୋଗୀ ପର୍ଶୁରାମ ଏବଂ ସେ ବି ହେଉଛନ୍ତି ବାଳକ କୃଷ୍ଣ, ଯିଏ ସମଗ୍ର ବିଶ୍ୱକୁ ମୁଖରେ ଧାରଣ କରିପାରନ୍ତି। ଗୀତଗୋବିନ୍ଦରେ ସେହି କୁନି ଶିଶୁ କୃଷ୍ଣ ଯେତେବେଳେ ଗୋପାଳଙ୍କ ଗହଣରେ ଏକୁଟିଆ ରହିଛନ୍ତି ସେତେବେଳେ ସେ ଜଣେ ସୁନ୍ଦର ବାଳକ ଭାବେ ନିଜକୁ ପ୍ରକଟ କରିଛନ୍ତି। ସେତେବେଳେ ଗାଁର ଲୋକେ ତାଙ୍କର ଏଭଳି ରୂପ ଧାରଣ ସମ୍ପର୍କରେ ଜାଣିପାରି ନ ଥିଲେ।

ରାମଙ୍କୁ ମଧ୍ୟ ଜଣେ ବାଳକ କିମ୍ବା କୃଷ୍ଣଙ୍କ ଭଳି ଛୋଟ ପିଲା ଭାବେ ଅଧିକ ଦର୍ଶାଯାଇଥିବା ଆମେ ଦେଖିବାକୁ ପାଉ, ଯାହାଙ୍କ ପାଖରେ ତାଙ୍କ ପରିବାର କିମ୍ବା ମାତାପିତା ରହିନାହାନ୍ତି। ତାଙ୍କ ପାଖରେ କେବଳ ୨ଜଣ ସେବକ ହନୁମାନ ଓ ଗରୁଡ଼ ଏବଂ ଅନେକ ଆଦର୍ଶ ବ୍ୟକ୍ତି ରହିଛନ୍ତି। ତାଙ୍କ ଖେଳନା ଅସ୍ତ୍ରଶସ୍ତ୍ରଗୁଡ଼ିକ ଏବେ ଯୁଦ୍ଧ ଉପରେ ଆଧାରିତ ଭିଡିଓ ଗେମ୍‌ରେ ଦେଖିବାକୁ ମିଳେ, ଯେଉଁଥିରେ ପିଲାମାନେ ଅତ୍ୟଧିକ ସମୟ କଟାଉଛନ୍ତି। ପ୍ରାୟତଃ ଏମାନେ ଜେନ୍ ଜେଡ୍ (୧୩-୨୮ ବର୍ଷ ବୟସ)ର ଭାବନକୁ ଧରି ରଖିଛନ୍ତି। ତେବେ ଏହା ଉପରେ ଏତେ ଗୁରୁତ୍ୱ ଦିଆଯାଉନାହିଁ କି ଚିନ୍ତା ପ୍ରକଟ କରାଯାଉନାହିଁ।

ହିନ୍ଦୁଧର୍ମର ବୈଶ୍ୱିକ ଦୃଷ୍ଟିକୋଣକୁ ଦେଖିଲେ, ଏଥିରେ ଯେକୌଣସି ବୟସର ଜଣେ ଋଷି ହୋଇପାରିଥିବା ଦେଖାଯାଏ। ତେବେ କେବଳ ଅଭିଜ୍ଞତା ଦ୍ୱାରା ଜ୍ଞାନ ଆହରଣ କରାଯାଏ ନାହିଁ। ବିଶ୍ୱରେ ଜଣେ ବାଳକ ସବୁ ଜ୍ଞାନର ଅଧିକାରୀ ହୋଇପାରୁଥିବାବେଳେ ଜଣେ ବୃଦ୍ଧ ବା ବୟସ୍କ ବ୍ୟକ୍ତି ସବୁଠୁ ଅଜ୍ଞ ଓ ଭ୍ରମିତ ହୋଇପାରନ୍ତି। ହିନ୍ଦୁ ପୁରାଣରେ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଦେବତା ଉଭୟ ଜଣେ ଶିଶୁ ଓ ବୟସ୍କ ପୁରୁଷ କିମ୍ବା ବୃଦ୍ଧ ହୋଇପାରନ୍ତି ଏବଂ ସମାନ ପ୍ରକାର ବିଚାର ମଧ୍ୟ ଦେବୀଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ। ଦେବୀମାନେ ଯୌବନ ପୂର୍ବ କନ୍ୟାବସ୍ଥା ( କମଳା), ଯୁବତୀ (ଷୋଡ଼ଶୀ)ଠାରୁ ଆରମ୍ଭକରି ବୟସ୍କା (ମାତଙ୍ଗୀ) ଏବଂ ବୃଦ୍ଧା (ଧୂମାବତୀ) ଏକ ପୂର୍ଣ୍ଣ ଆୟୁବର୍ଗକୁ ଧାରଣ କରିଥାନ୍ତି।

ଖ୍ରୀଷ୍ଟଧର୍ମରେ ଈଶ୍ୱର ଜଣେ ବୃଦ୍ଧ ଭାବେ ରହିଛନ୍ତି। ଯିଶୁଙ୍କୁ ତାଙ୍କ ମାଆଙ୍କ କୋଳରେ ଜଣେ ଶିଶୁ ଭାବେ ଦେଖାଯାଇଥାଏ ଏବଂ ଜଣେ କ୍ରୁଶବିଦ୍ଧ ଯୁବକ ଭାବେ ବି ଦୃଶ୍ୟମାନ ହୋଇଥାନ୍ତି। ଇସ୍‌ଲାମିକ ସୁଫି କବିତାରେ, ଈଶ୍ୱରଙ୍କୁ ଲମ୍ବା କୁଞ୍ଚୁକୁଞ୍ଚିଆ କେଶଧାରୀ ତଥା ଠିକ୍ ଭାବେ ଟୋପି ପିନ୍ଧି ନ ଥିବା ଜଣେ ମେଷପାଳକ ବାଳକ ଭାବେ ପରୋକ୍ଷରେ ସଙ୍କେତ ଦିଆଯାଇଛି। ଗ୍ରୀକ୍ ପୁରାଣଗୁଡ଼ିକରେ ମଧ୍ୟ ଏରୋସ୍‌ଙ୍କ ଭଳି ବାଳକ ରୂପୀ ଈଶ୍ୱର, ଆପୋଲୋଙ୍କ ଭଳି ଯୁବକ, ବୟସ୍କ ଆରିସ୍ ଏବଂ ବୃଦ୍ଧ ଜିଉସ୍‌ଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଦେବୀଙ୍କୁ ଯବତୀ (ପରସେଫୋନ), ବୟସ୍କା (ହେରା) ଏବଂ ବୃଦ୍ଧା (ହେକାଟେ) ଭାବେ ଦର୍ଶାଯାଇଛି। ଆଧାତ୍ମିକ ସନ୍ତୋଷ ଆମକୁ ବେଳେବେଳେ ଯୁବକ ଏବଂ ବେଳେବେଳେ ବୃଦ୍ଧ ଅବସ୍ଥାରୁ ମିଳିଥାଏ। ତେବେ ଆମେ ନିଜକୁ କେତେ ବୃଦ୍ଧା କିମ୍ବା ଯୁବକ ଅନୁଭବ କରୁଛୁ ତାହା ଉପରେ ଏହା ନିର୍ଭରକରେ।

-devduttofficial@gmail.com

# ନାଟକର ସଂଜ୍ଞା ଓ ସ୍ୱରୂପ



ଡ. କିଶୋର ମହାନ୍ତି

ନାଟକ ନାଟ+ଅକରୁ ସୃଷ୍ଟି। ଅଭିନୟଯୋଗ୍ୟ ସାହିତ୍ୟ ହିଁ ନାଟକ। ନାଟକର ମୂଳ ଲକ୍ଷ୍ୟ ହେଲା ମନୋରଞ୍ଜନ ପ୍ରଦାନ କରିବା। ଚିତ୍ତବିନୋଦନ ପାଇଁ ନାଟକ ତଥା ସଙ୍ଗୀତ କଳାର ସୃଷ୍ଟି। ଏକଥା ସ୍ପଷ୍ଟ ହୋଇଯିବାକୁ ପଡ଼ିବ ଯେ ଭାରତୟ ସଂସ୍କୃତ ସାହିତ୍ୟରେ ଦୃଶ୍ୟକାବ୍ୟକୁ 'ରୂପକ' ଆଖ୍ୟା ଦିଆଯାଇଥାଏ। ଏହା ରୂପ ପ୍ରାଣତାର ଦୃଶ୍ୟକାବ୍ୟ ଓ ଏହା ରୂପକ ଭାବରେ କଥିତ। ସେ ଯାହା ହେଉ ନା କାହିଁକି କୁହାଯାଏ ''କାବ୍ୟେଷୁ ନାଟକମ୍ ରମ୍ୟଂ'' କଥାଟି ସତ୍ୟ।

ସ୍ୱୟଂ ପ୍ରଜାପତି ପଞ୍ଚମ ବେଦ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚତୁର୍ବେଦଙ୍କୁ ସ୍ମରଣ କଲେ। ଚତୁର୍ବେଦରୁ ପଞ୍ଚମ ବେଦ ଏବଂ ନାଟ୍ୟ ବେଦର ଉତ୍ପତ୍ତି। ନାଟ୍ୟଶାସ୍ତ୍ର ପ୍ରଥମେ ବ୍ରହ୍ମା ସୃଷ୍ଟି କରିଥିଲେ। ଋଗ୍ ବେଦରୁ ପାଠ, ଯଜୁର୍ବେଦରୁ ଅଭିନୟ, ଅଥର୍ବ ବେଦରୁ ରସ ତଥା ସାମବେଦରୁ ଭଙ୍ଗୀ ଆଦିକୁ ନେଇ ନାଟ୍ୟବେଦ ନିର୍ମାଣ କଲେ। ଭରତ ମୁନି ବିଶିଷ୍ଟ ନାଟ୍ୟ ବିଶାରଦ ବ୍ରହ୍ମାଙ୍କଠାରୁ ଏହି ଶାସ୍ତ୍ରକୁ ଅଧ୍ୟୟନ କରି ମହାଦେବ ଶିବ ଶମ୍ଭୁଙ୍କ ପାଖରେ ଉପସ୍ଥାପିତ କଲେ। ଶିବ ପରମ ସନ୍ତୋଷ ଲାଭ କରି ପ୍ରିୟ ଶିଷ୍ୟଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ ପାଇଁ ଆଦେଶ ଦେଲେ। ପ୍ରଭୁଙ୍କଠାରୁ ତାଣ୍ଡବ ନୃତ୍ୟ, ପାର୍ବତୀଙ୍କଠାରୁ ଲାସ୍ୟ ନୃତ୍ୟ ଶିକ୍ଷା କରି ଭରତ ମୁନି ସର୍ବପ୍ରଥମେ ଏକ ସମ୍ପୂର୍ଣ୍ଣ ନାଟ୍ୟଶାସ୍ତ୍ର ରଚନା କଲେ। ପୃଥିବୀର ସର୍ବ ବୃହତ ନାଟ୍ୟଶାସ୍ତ୍ର ସର୍ବ ପ୍ରଥମେ ଏହି ଭାରତ ଭୂମିରେ ହିଁ ଭରତଙ୍କ ଦ୍ୱାରା ୨ୟ ଶତାବ୍ଦୀରେ ରଚନା କରାଯାଇଥିଲା।

ଆଲଙ୍କାରିକ ବିଶ୍ୱନାଥ କବିରାଜ ନାଟକର ସଂଜ୍ଞା ନିରୂପଣ କରିବାକୁ ଯାଇ ତାଙ୍କ ରଚିତ ଗ୍ରନ୍ଥ ''ସାହିତ୍ୟ ଦର୍ପଣରେ ଉଲ୍ଲେଖ କରିଛନ୍ତି 'ଦୃଶ୍ୟତତ୍ରାଭିନେୟଂ' ଅର୍ଥାତ୍ ଅଭିନୟ ଦ୍ୱାରା ରଙ୍ଗମଞ୍ଚରେ ଯେଉଁ କାବ୍ୟ

**ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ**

ପ୍ରଦର୍ଶିତ ହୁଏ, ତାହା ହିଁ ଦୃଶ୍ୟ କାବ୍ୟ ନାଟକ। ନାଟକ, ନାଟ୍ୟକାର, ନିର୍ଦ୍ଦେଶକ, କଳାକାର ଓ ଦର୍ଶକଙ୍କ ମଧ୍ୟରେ ଅଭେଦ୍ୟ ସମ୍ପର୍କ। ନାଟକ ହିଁ ଏମାନଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷାକରେ। ଯେଉଁଠି ଏମାନଙ୍କ ମଧ୍ୟରେ ଅପୂର୍ବ ସମନ୍ୱୟ ସୃଷ୍ଟି ହୋଇଥାଏ ସେଇଠି ନାଟକ ହୁଏ ରସୋତ୍ତୀର୍ଣ୍ଣ, ବଳିଷ୍ଠ ତଥା ହୃଦୟଗ୍ରାହୀ। ନାଟକ ଉଭୟେ ଦୃଶ୍ୟକାବ୍ୟ ଓ ଶ୍ରାବ୍ୟ କାବ୍ୟ ହୋଇଥିବାରୁ ଏହାର ରସଘନ କାବ୍ୟତ୍ୱ ସହ ଅଭିନୟତ୍ୱ ଦର୍ଶକର ମାନସିକତାକୁ ଯେତିକି ରସାଳ କରେ ସେତିକି ବୌଦ୍ଧିକତାରେ ପରିପୁଷ୍ଟ କରେ। ଶିକ୍ଷା, ମନୋରଞ୍ଜନ ସମାଜକୁ ଦେବା ଏହାର ମୂଳ ଲକ୍ଷ୍ୟ।

ଭାରତରେ ସଂସ୍କୃତ ନାଟକ ରଚନା ସହ ଓ ପରେ ପରେ ଲୋକ ନାଟକଗୁଡ଼ିକ ପରିବେଷଣ ହେଲା। ଲୋକ ନାଟକ ଶାସ୍ତ୍ରୀୟ ନାଟକ ଠାରୁ ସମ୍ପୂର୍ଣ୍ଣ ପୃଥକ - ଭରତ ମୁନି ତାଙ୍କ ନାଟ୍ୟଶାସ୍ତ୍ରରେ ନାଟକକୁ ଲୋକବୃତ୍ତର ଅନୁକରଣ ବୋଲି କହିଛନ୍ତି। ସେ କହନ୍ତି - ''ତ୍ରୟୀଲୋକ ସ୍ୟାସ୍ୟ ସର୍ବସ୍ୟ ନାଟ୍ୟଭାବାନୁ କୀର୍ତ୍ତନମ୍''। ବହୁବର୍ଣ୍ଣରେ ବିଭାଷିତ ତଥା ଅଭିନୟରେ ଚିତ୍ତବିନୋଦକ ଭାରତୀୟ ଲୋକ ନାଟକଗୁଡ଼ିକର ସ୍ୱତନ୍ତ୍ର ସ୍ଥାନ ରହିଛି, ଯାହା ଆଜି ଯାଏ ମନୋରଞ୍ଜନ ଦେବାରେ ସକ୍ଷମ ହୋଇପାରୁଛି। ସେଥିମଧ୍ୟରୁ ଓଡ଼ିଶାର ଚଳନ୍ତି ଲୋକନାଟକଗୁଡ଼ିକ ବେଶ୍ ମନୋରଞ୍ଜନଧର୍ମୀ।

ଏକଥା ବି ସତ୍ୟ ଯେ ନୃତ୍ୟନାଟକ ହେଉଛି ସତ୍ୟର ପ୍ରତିଫଳନ ଓ ସମାଜର ଦର୍ପଣ ସଦୃଶ। 'କଳା' ଏକ ମାଧ୍ୟମ ଯାହା ବିଶ୍ୱକୁ ଗୋଟିଏ ପରିବାରରେ ବାନ୍ଧି ରଖେ। ମଞ୍ଚ ନାଟକର ବିଶେଷତ୍ୱ ଓ ସମାଜର ପରିବର୍ତ୍ତନ କ୍ଷେତ୍ରରେ ଏହାର ପ୍ରମୁଖ ଭୂମିକାକୁ ପ୍ରଚାର କରିବା, ମଞ୍ଚ ନାଟକକୁ ଲୋକଲୋଚନକୁ ଆଣିବା, ମଞ୍ଚ ନାଟକ ପ୍ରଦର୍ଶନ ବିଶ୍ୱ ନାଟ୍ୟ ଦିବସର ମୂଳ ଲକ୍ଷ୍ୟ ଯାହା ସାରା ବିଶ୍ୱରେ ମାର୍ଚ୍ଚ ୨୭ ତାରିଖକୁ ବିଶ୍ୱ ନାଟ୍ୟ ଦିବସ ଭାବରେ ପାଳନ କରାଯାଉଛି।

ଓଡ଼ିଶାରେ ବିଭିନ୍ନ ସହରରେ ନାଟକ ମଞ୍ଚସ୍ଥ କରଯାଉଛି। କିଛିକିଛି ସୌଖୀନ ନାଟ୍ୟ ଅନୁଷ୍ଠାନ ନାଟକ ମଞ୍ଚସ୍ଥ କରିଚାଲିଛନ୍ତି କିନ୍ତୁ ପେସାଦାର ରଙ୍ଗମଞ୍ଚ ଓଡ଼ିଶାରେ ଆଉ ନାହିଁ - ଯେଉଁ କେତୋଟି ରଙ୍ଗମଞ୍ଚ ଅଛି ତା'ର ତତ୍ତ୍ୱାବଧାନ ଠିକ୍ ଭାବରେ ନିଆଯାଇପାରୁ ନାହିଁ। ଏଥିରେ ସରକାରଙ୍କ ପ୍ରୋତ୍ସାହନ ନାହିଁ। ଓଡ଼ିଶାର ବଡ଼ ବଡ଼ ସହରରେ ପ୍ରେକ୍ଷାଳୟର ଘୋର ଅଭାବ। ଗାଁ ଗଣ୍ଡାରେ ରଙ୍ଗମଞ୍ଚ ନାହିଁ କହିଲେ ଚଳେ। ଅସ୍ଥାୟୀ ରଙ୍ଗମଞ୍ଚ ନିର୍ମାଣ କରି କେହି କେହି ନାଟ୍ୟପ୍ରେମୀ ନାଟକ ମଞ୍ଚସ୍ଥ କରୁଛନ୍ତି। ନାଟ୍ୟ କଳାକୁ ଉଜ୍ଜୀବିତ କରିବାକୁ ହେଲେ ସଶକ୍ତ ଅଭିଯାନ ଲୋଡ଼ା।

ମୋ:୯୪୩୭୭୨୮୪୭୫

## ଏଇ ଭାରତରେ

ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ। ବିଶ୍ୱ ବ୍ୟାଙ୍କ ତଥ୍ୟ ଅନୁଯାୟୀ ଏହାର ଲୋକସଂଖ୍ୟା ୧୪୦ କୋଟିରୁ ଅଧିକ। ଏଭଳି ସ୍ଥିତିରେ ଭାରତରେ ଅନେକ କୋଟି ଲୋକ ଦିନକୁ ଓଳିଏ ଖାଇ ବଞ୍ଚୁଥିବାବେଳେ ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ଅନେକେ ଜୀବନ ବିତାଉଛନ୍ତି। ତେବେ ବେଙ୍ଗାଲୁରୁ ସହରରେ ଏଭଳି ଅସହାୟ ଲୋକଙ୍କ ପାଇଁ ବିଶ୍ୱାଲା ପଟେଲ ସାହାରା ପାଲଟିଛନ୍ତି। ସେ ବାଇକରେ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ଖାଦ୍ୟ ଏବଂ ପୋଷାକ ଦେଉଛନ୍ତି। ଶୀତଦିନେ ମଧ୍ୟ ଲୋକଙ୍କୁ କମ୍ବଳ ଯୋଗାଇ ଦେଇଥାନ୍ତି ବିଶ୍ୱାଲା। ଏହି କାର୍ଯ୍ୟରେ ବିଶ୍ୱାଲାଙ୍କ ସହ ଏକ ଟିମ୍ କାର୍ଯ୍ୟ କରୁଛି। ଏହି ଟିମ୍‌ରେ ୧୩୦ ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ଏହି ଟିମ୍ ସ୍କୁଲ ମରାମତି ଓ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରୁଛି। ବିଶ୍ୱାଲା ପେସାରେ ଜଣେ ଇଞ୍ଜିନିୟର। ତାଙ୍କୁ ବୟସ ଏବେ ୨୭ ବର୍ଷ। ସେ ଚାକିରି ସହ ଏହି ସେବା ଜାରି ରଖିଛନ୍ତି। ତାଙ୍କ ମତରେ ସାମାଜିକ କାର୍ଯ୍ୟ ପାଇଁ ନିଜର ଶ୍ରମ ଓ ସମୟ ଦେବା ଉଚିତ। କାରଣ ଲୋକେ ଆମ ସହାୟତା ଚାହାନ୍ତି ଏବଂ ସେମାନଙ୍କ ଜୀବନରେ ଆମେ ବି ପରିବର୍ତ୍ତନ ଆଣିପାରିବା।

## ୫୦ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୭୬

- ଡାଇରେକ୍ଟର ପ୍ରଫେସର ଡଃ. ଭି. ରାମଲିଙ୍ଗସ୍ୱାମୀ ଏବଂ ଡଃ. ପି. ଏନ୍. ଚୁଟାନିଙ୍କୁ ସେନାବାହିନୀର ସମ୍ମାନସୂଚକ ବ୍ରିଗେଡିଆର ପାହ୍ୟାରେ ନିଯୁକ୍ତି ପ୍ରଦାନ।
- ବେଲପୁର ଲୋକ ସଭା ସଭ୍ୟ ପଦରୁ ଶରତ ଯାଦବ (ସୋସିଆଲିଷ୍ଟ)ଙ୍କ ଇସ୍ତଫା ପ୍ରଦାନ।
- ଜେରୁଜେଲମ ଓ ଜୋର୍ଡାନର ପଶ୍ଚିମ ଉପକୂଳ ଅଞ୍ଚଳରେ ଇସ୍ରାଏଲର କାର୍ଯ୍ୟକଳାପକୁ ସମାଲୋଚନା କରି ୫ଟି ବିକାଶଶୀଳ ରାଷ୍ଟ୍ର ନିରାପତ୍ତା ପରିଷଦରେ ଆଗତ କରିଥିବା ପ୍ରସ୍ତାବ ଉପରେ ଆମେରିକାର ଭିଟୋ ପ୍ରୟୋଗ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | 6 | | 5 |
| | | | | | 7 | | 1 | 3 |
| 1 | | | 2 | | | | | |
| | | 5 | 1 | | | 9 | | 6 |
| 3 | | 1 | | 4 | | | | |
| | | 8 | 9 | | | | | |
| | | | | 2 | | | | |
| | | 4 | 7 | | 1 | 8 | | |
| | | | 8 | | 9 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 6 | 7 | 4 | 3 | 1 | 2 |
| 6 | 1 | 4 | 2 | 3 | 5 | 9 | 8 | 7 |
| 7 | 2 | 3 | 1 | 8 | 9 | 6 | 4 | 5 |
| 4 | 7 | 9 | 5 | 6 | 3 | 1 | 2 | 8 |
| 2 | 3 | 8 | 7 | 4 | 1 | 5 | 9 | 6 |
| 5 | 6 | 1 | 9 | 2 | 8 | 7 | 3 | 4 |
| 1 | 9 | 2 | 8 | 5 | 7 | 4 | 6 | 3 |
| 8 | 4 | 7 | 3 | 1 | 6 | 2 | 5 | 9 |
| 3 | 5 | 6 | 4 | 9 | 2 | 8 | 7 | 1 |

ଗତକାଲିର ଉତ୍ତର

# ଚାପମୁକ୍ତ ପରୀକ୍ଷା କେତେ ବାସ୍ତବ



ରବିନାରାୟଣ ସାମଲ

ଅଷ୍ଟମରେ ପଢୁଥିବା ଶତକଡ଼ା ୬୯.୫ ଭାଗ ପିଲାଙ୍କୁ ଫେଡ଼ାଣ ଆସେନା ଏବଂ ଶତକଡ଼ା ୪୮.୮ ଭାଗ ପିଲାଙ୍କୁ ହରଣ ଆସେନା। ଏହା ହେଉଛି ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେଶନ୍ ରିପୋର୍ଟ (ଏଏସ୍‌ଇଆର୍) ଦ୍ୱାରା ସଦ୍ୟ ପ୍ରକାଶିତ ତଥ୍ୟ। ଅଧିକନ୍ତୁ ପଞ୍ଚମ ଶ୍ରେଣୀରେ ପଢୁଥିବା ଏକ-ତୃତୀୟାଂଶ ପିଲା ଦ୍ୱିତୀୟ ଶ୍ରେଣୀ ବହି ଠିକ୍ ଭାବେ ପଢ଼ି ପାରନ୍ତି ନାହିଁ ଏବଂ ଦଶମ ଶ୍ରେଣୀରେ ପଢୁଥିବା ଏକ-ପଞ୍ଚମାଂଶ ପିଲା ନିଜ ନାମ ଠିକ୍ ଭାବେ ବି ଲେଖିପାରନ୍ତି ନାହିଁ। ଉପରୋକ୍ତ ତଥ୍ୟକୁ ଆମେ ଯଦି ଗୁରୁତ୍ୱର ସହ ବିଶ୍ଳେଷଣ କରିବା ଦେଶର ଶିକ୍ଷା ବ୍ୟବସ୍ଥା, ଶିକ୍ଷା ଅବସ୍ଥା, ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣ ସମ୍ବନ୍ଧରେ ଅନେକ କିଛି ପ୍ରଶ୍ନର ସମ୍ମୁଖୀନ ହେବା। ଶିକ୍ଷକ, ଅଭିଭାବକ, ଶିକ୍ଷା ବିଭାଗ ଓ ସ୍ୱୟଂ ସରକାର କେହି ବି ଏଥିରୁ ଦୋଷମୁକ୍ତ ହୋଇ ପାରିବେ ନାହିଁ।

ଶୈଶବ ଅବସ୍ଥାରେ ଗୋଟିଏ ପିଲାର ଆରମ୍ଭ ହୁଏ ପାଠପଢ଼ା। ପ୍ରତ୍ୟେକ ଅଭିଭାବକ ଚାହାନ୍ତି ତାଙ୍କ ପିଲାଟି କେମିତି ଭଲ ପଢ଼ିବ। ବିଦ୍ୟାଳୟରେ ଶିକ୍ଷକ ମଧ୍ୟ ଅଭ୍ୟାସ ପାଠ ଓ ଗୃହପାଠ ଦେଇ ଛାତ୍ରୀଛାତ୍ରଙ୍କୁ ଆଗେଇ ନେବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରନ୍ତି। ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହିଠାରୁ ହିଁ ଆରମ୍ଭ ହୋଇଯାଏ ପିଲାଟି ଉପରେ ଚାପ। ଅଭିଭାବକଙ୍କ ଚାପ, ଶିକ୍ଷକଙ୍କ ଚାପ, ଟିଉଟରଙ୍କ ଚାପ ଏବଂ ସର୍ବୋପରି ଶିକ୍ଷା ବିଭାଗର ଚାପ। ପିଲାଟି ଫୁର୍‌ସତ୍ ପାଏନା ଟିକିଏ ଖେଳିବାକୁ ବା ବୁଲିବାକୁ। ସାଧାରଣତଃ ଘରୋଇ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ର ଏହି ଅବସ୍ଥାରେ ଅଧିକ ସନ୍ତୁଳି ହେଉଥିବାର ଦେଖିବାକୁ ମିଳେ।

ଗୋଟିଏ ବର୍ଷରେ ଅତି କମ୍‌ରେ ଦୁଇଟି ମୁଖ୍ୟ ପରୀକ୍ଷାକୁ ସମ୍ମୁଖୀନ ହେବାକୁ ପଡ଼େ ଜଣେ ଛାତ୍ରକୁ। ଏହା ସହିତ ମାସିକ ପରୀକ୍ଷା ଅଛି, ତ୍ରୟମାସିକ ପରୀକ୍ଷା ଅଛି, ଟିଉସନ୍ ପରୀକ୍ଷା ଅଛି ଏବଂ ପ୍ରତି ଅଧ୍ୟାୟ ଶେଷରେ ବି ପରୀକ୍ଷା ଅଛି। ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହେବାକୁ ଜଣେ ଅଭିଭାବକଙ୍କୁ ପିଲାଟି ପାଇଁ ବହୁତ କିଛି କରିବାକୁ ପଡ଼ିଥାଏ। ହେଉଥିବା ପରୀକ୍ଷାଗୁଡ଼ିକ କେବଳ ସାଧାରଣ ପରୀକ୍ଷା ନୁହେଁ, ଏକ ପ୍ରତିଯୋଗିତାପୂର୍ଣ୍ଣ ଅଥବା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରୀକ୍ଷା। ଏଥି ସକାଶେ ଜଣେ ଛାତ୍ରକୁ ଅହରହ ଉଦ୍ୟମ କରିବାକୁ ପଡ଼ିଥାଏ। ଏହାକୁ କ'ଣ ଅମେ ଏକ ପ୍ରକାର 'ଚାପ' ବୋଲି କହିପାରିବା ନାହିଁ? ବୃତ୍ତି ପରୀକ୍ଷାରେ ସର୍ବାଧିକ ନମ୍ବର ରଖିବା, ମାଟ୍ରିକ୍ ପରୀକ୍ଷାରେ ଏ-ଗ୍ରେଡ୍ ପାଇବା, ଉଚ୍ଚ ମାଧ୍ୟମିକ , ସ୍ନାତକ, ସ୍ନାତକୋତ୍ତର ଏବଂ ବିଭିନ୍ନ ପ୍ରକାର ବୈଷୟିକ ଶିକ୍ଷାରେ ପ୍ରଚଳିତ ପ୍ରବେଶିକା ପରୀକ୍ଷାର ସମ୍ମୁଖୀନ ହେବା ଏବଂ ସେମିଷ୍ଟର୍ ଆଦିରେ ସଫଳତା ଅର୍ଜନ କରିବା କ'ଣ 'ଚାପମୁକ୍ତ' କି? ଆମ ଦେଶରେ ଯେତେ ପ୍ରକାର ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଅଛି ଅନ୍ୟ କୌଣସି ଦେଶରେ ସେତେ ନାହିଁ। ଆଖୁ କିଆରିରେ ଶିଆଳ ପଶିଲା ଭଳି ଆମକୁ ସେଥିରୁ ମନଲାଖି ଶିକ୍ଷା ଓ ଶିକ୍ଷାନୁଷ୍ଠାନଟିଏ ଖୋଜି ପାଇବା ସେତେ ସହଜସାଧ୍ୟ ହୁଏ ନାହିଁ। ସେଥି ପାଇଁ ଅଭିଭାବକଙ୍କୁ ବହୁ ହରକତ ହେବାକୁ ପଡ଼ିଥାଏ। ଧରି ନିଆଯାଉ ନିଟ୍ ପରୀକ୍ଷା କଥା। ପିଲାଟିଏ ଅକ୍ଳାନ୍ତ ପରିଶ୍ରମ କରି ଯଦି ଅସଫଳ ହୁଏ, ତେବେ ତାକୁ ପୁନର୍ବାର ଅନ୍ୟ କୌଣସି ବିକଳ୍ପ ଶିକ୍ଷା ବା ଶିକ୍ଷାନୁଷ୍ଠାନର ସନ୍ଧାନ କରିବାକୁ ପଡ଼ିଥାଏ। ଜଣେ ଅଭିଭାବକ ଓ



ତାଙ୍କର ପିଲା ଏ କ୍ଷେତ୍ରରେ କି ମାନସିକ ଚାପ ଦେଇ ଗତି କରିଥାନ୍ତି ତାହା ସେମାନେ ହିଁ କେବଳ ବର୍ଣ୍ଣନା କରିପାରିବେ। ଆମେ କ'ଣ ଏହାକୁ 'ଚାପମୁକ୍ତ' ବୋଲି କହିପାରିବା? ପିଲାକୁ ଉପଯୁକ୍ତ ଶିକ୍ଷା ଦେବା, ଉପଯୁକ୍ତ ମାର୍ଗଦର୍ଶନ କରାଇବା, ଉପଯୁକ୍ତ କର୍ମ ସଂସ୍ଥାନଟିଏ ଆୟୋଜନ କରିବା ଇତ୍ୟାଦି ଯାବତୀୟ ଆନୁସଙ୍ଗିକ ଅବସ୍ଥା ଓ ବ୍ୟବସ୍ଥା ଆଦୌ 'ଚାପମୁକ୍ତ' ନୁହେଁ ବୋଲି କୁହାଯାଇ ପାରିବ।

୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କଲେ 'ପରୀକ୍ଷା ପେ ଚର୍ଚ୍ଚା'। ପରୀକ୍ଷାକୁ ଏକ 'ଉତ୍ସବ' ଭାବେ ପାଳନ କରିବାକୁ ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଲେ। ଛଅ ବର୍ଷ ହେଲା ଏହି 'ପରୀକ୍ଷା ପେ ଚର୍ଚ୍ଚା' ଚାଲିଆସିଛି। ଛାତ୍ର ଜୀବନରେ ତାହାର ଉପଯୋଗିତା କ'ଣ କେତେ ହେଉଛି ଏଯାବତ୍ ବୋଧେ ତା'ର ସମୀକ୍ଷା କରାଯାଇ ନାହିଁ। ଦ୍ୱନ୍ଦ୍ୱରେ ରହିଆସିଥିବା ନୂତନ ଜାତୀୟ ଶିକ୍ଷାନୀତିର ଏକ ଅଂଶ ଭାବେ ଚଳିତ ବର୍ଷ 'ଚାପମୁକ୍ତ ପରୀକ୍ଷା' ଏବେ ଚର୍ଚ୍ଚାକୁ ଆସିଛି। କିଛି ଶିକ୍ଷାବିତ୍ 'ଚାପମୁକ୍ତ ପରୀକ୍ଷା' ସମ୍ପର୍କରେ ଗଣମାଧ୍ୟମରେ ନିଜସ୍ୱ ମତାମତ ବି ରଖିଛନ୍ତି।

ଏଠାରେ ପ୍ରଶ୍ନ ଉଠୁଛି-ସେହି ବିଶିଷ୍ଟ ବ୍ୟକ୍ତିମାନେ ପରୀକ୍ଷା ସମୟରେ ନିଜ ପିଲାମାନଙ୍କ ଉପରେ ଚାପ ପ୍ରୟୋଗ କରନ୍ତି ନା ନାହିଁ? ତେବେ ସେମାନେ କାହାର ପିଲାମାନଙ୍କୁ ଚାପମୁକ୍ତ ରହିବାକୁ ପରାମର୍ଶ ଦେଉଛନ୍ତି? ପ୍ରବଞ୍ଚନା!

ଅଙ୍ଗନୱାଡିରେ ପଢ଼ିବେ ଆମରି ପିଲା, ପରୀକ୍ଷାକୁ ଉତ୍ସବ ମନାଇବେ ଆମରି ପିଲା, ଚାପମୁକ୍ତ ହୋଇ ପରୀକ୍ଷା ଦେବେ ଆମରି ପିଲା, ପରୀକ୍ଷା ଦେବାକୁ ୫ କିଲୋମିଟର ଚାଲିବେ ଆମରି ପିଲା, ପରୀକ୍ଷାରେ କପି କରିବେ ଆମରି ପିଲା, ଫେଲ୍ ହେବେ ଆମରି ପିଲା, ପରିଣାମରେ ରାଜରାସ୍ତାରେ ସାର୍ଟିଫିକେଟ୍ ଧରି ବୁଲିବେ ଆମରି ପିଲା। ଯେଉଁମାନେ ଆମକୁ ହିତୋପଦେଶ ଦେଉଛନ୍ତି ସେମାନଙ୍କ ପିଲା ପଢ଼ନ୍ତି କେଉଁ ଅଙ୍ଗନୱାଡିରେ? ସେମାନଙ୍କ ପିଲା ନିଯୁକ୍ତି ପାଆନ୍ତି କେଉଁ କ୍ଷେତଖମାରରେ? ସେମାନଙ୍କ ପିଲାମାନଙ୍କ ସାମାଜିକ ସ୍ଥିତି ରହେ କେତେ ନିମ୍ନରେ?

ପରୀକ୍ଷାରେ ଯେଉଁ ପିଲାମାନେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୁଅନ୍ତି ଗଣମାଧ୍ୟମରେ ସେମାନଙ୍କ ମତମନ୍ତବ୍ୟ ପ୍ରକାଶ ପାଇଥାଏ। ପ୍ରାୟ ସମସ୍ତେ ଦିନକୁ ୮-୧୦ ଘଣ୍ଟା ପରିଶ୍ରମ କରନ୍ତି ବୋଲି କହିଥାନ୍ତି। ଏହି ୮-୧୦ ଘଣ୍ଟାର ପରିଶ୍ରମ କ'ଣ ଚାପରହିତ କି? ବିନା ଚାପରେ ପରୀକ୍ଷା ଅଛି ନା ବିନା ପରୀକ୍ଷାରେ ପାଠପଢ଼ା ଅଛି?

ସାଧାରଣତଃ ପିଲାମାନେ ଚପଳମତି ଓ ଖେଳୁଆଡ଼ ସ୍ୱଭାବର। ଏଠାରେ ଶିକ୍ଷକ-ଅଭିଭାବକଙ୍କ ଅଦେଶ-ଉପଦେଶକୁ 'ଚାପ' ବୋଲି ନ ଧରି ବରଂ ଦିଗ୍‌ଦର୍ଶନ ବୋଲି ଧରିନେବା ଅଧିକ ପ୍ରଯୁଜ୍ୟ ହେବ। କିନ୍ତୁ ଏଠାରେ ପିଲାର ଦକ୍ଷତା ହେଉଛି ସବୁଠାରୁ ବଡ଼ ମାପକାଠି। ଏହାକୁ ଅଣଦେଖା କରିବା ଠିକ୍ ହେବ ନାହି। ରାଜସ୍ଥାନର କୋଟାରେ କୋଚିଂ ନେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେଜଣ ଆତ୍ମହତ୍ୟା କରୁଥିବାର ଦେଖାଯାଏ। ଛାତ୍ର ଆତ୍ମହତ୍ୟାର କାରଣ ଜଳଜଳ କରି ଦେଖାଯାଉଥିଲେ ମଧ୍ୟ ସେଠାରେ ରୀତିମତ ବେପାର ଚାଲିଛି। ଛାତ୍ର ଆତ୍ମହତ୍ୟାକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିକଟରେ ଚିନ୍ତା ପ୍ରକଟ କରିଛନ୍ତି। ସରକାରଙ୍କର ଏଥି ପ୍ରତି ନିଘା ନାହିଁ। ଦକ୍ଷତା ନ ଥିବା ଛାତ୍ରୀଛାତ୍ରମାନେ ଅଭିଭାବକଙ୍କ ବାଧ୍ୟବାଧକତାରେ ସେଠାରେ ପଢ଼ି ହତୋତ୍ସାହ ହୋଇପଡ଼ନ୍ତି ଏବଂ ଆତ୍ମହତ୍ୟା ପରି ଏକ ଜଘନ୍ୟ ଅପରାଧ କରିବାକୁ ପଛାନ୍ତି ନାହିଁ।

ବାସ୍ତବରେ 'ଚାପମୁକ୍ତ ପରୀକ୍ଷା'ର ଭାବନା ନିରର୍ଥକ। ଭବିଷ୍ୟତ ଏହାର ଅନ୍ଧକାର। ଉପଯୁକ୍ତ ପରିବେଶରେ ଉପଯୁକ୍ତ ଶିକ୍ଷା ପ୍ରତ୍ୟେକ ପିଲା ଯେପରି ପାଆନ୍ତି ତାହା ଆମର ଧେୟ ହେବା ଉଚିତ।

ମୋ: ୭୯୭୫୦୪୬୪୮୬

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଣିଗାରେଡ଼ି ଅପରାଧ ବଢୁଛି

ମହାଶୟ,

ବିଜ୍ଞାନର ଦ୍ରୁତ ଅଗ୍ରଗତି ସାଙ୍ଗକୁ ଚିକିତ୍ସା ବିଜ୍ଞାନରେ ମଧ ଉନ୍ନତି ହୋଇଛି। ହେଲେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଦେଖାଯାଉଛି। ଏହାର କାରଣ ହେଉଛି ଅଶିକ୍ଷା ଓ ଅନ୍ଧବିଶ୍ୱାସ, ଯାହା ଯୋଗୁ ନରହତ୍ୟା ଓ ଜଘନ୍ୟ ଅପରାଧ ଘଟୁଛି। ଆମ ରାଜ୍ୟରେ ପ୍ରତିବର୍ଷ ନିରୀହ ଲୋକଙ୍କର ଡାହାଣୀ, ଗୁଣିଆ ସନ୍ଦେହରେ ପ୍ରାଣ ଯାଉଛି। ଏହିଭଳି ଅପରାଧକୁ ପ୍ରତିହତ କରିବାକୁ ପ୍ରଥମତଃ ଗ୍ରାମରକ୍ଷୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଗାଁରେ ଜଣେ ଓ ଦୁଇ ଜଣ ଗ୍ରାମରକ୍ଷୀ ଥାଆନ୍ତି। ସେମାନେ ଗାଁର ଟିକିନିଖି ଖବର ଥାନା ଅଧିକାରୀଙ୍କୁ ଅପରାଧ ଘଟିବା ପୂର୍ବରୁ ଦେଇଥାନ୍ତି। ସେହି ଖବର ଆଧାରରେ ସାମାଜିକ, ସ୍ୱାସ୍ଥ୍ୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତି। ଦ୍ୱିତୀୟତଃ ଥାନାର କ୍ରାଇମ ହାବିଲଦାରଙ୍କ ଦାୟିତ୍ୱ ଗ୍ରାମ ଗସ୍ତକରି ଆଗୁଆ ସୂଚନା ଦେବା। ତୃତୀୟରେ ଆଶା ଦିଦି ଲୋକମାନଙ୍କ ମଧ୍ୟରେ ଉପଯୁକ୍ତ ସ୍ୱାସ୍ଥ୍ୟ ସଚେତନତା ଦେଇପାରିବେ ଯାହା ଦ୍ୱାରା ଲୋକେ ସ୍ୱାସ୍ଥ୍ୟ ସେବା ପାଇପାରିବେ ଓ ଅନ୍ଧବିଶ୍ୱାସ ଦୂରହୋଇପାରିବ। ଚତୁର୍ଥରେ ସ୍ଥାନୀୟ ଶିକ୍ଷକଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଏଥିଯୋଗୁ ମଧ୍ୟ ଏହିଭଳି ଅପରାଧ କମିବ। ଗ୍ରାମରକ୍ଷୀ, ଆଶା ଦିଦି, ଅଙ୍ଗନୱାଡି କର୍ମୀ ଓ କ୍ରାଇମ ହାବିଲଦାର ଏହି ଭଳି ଅପରାଧ ଘଟିବା ପୂର୍ବରୁ ସୂଚନା ଦେଲେ ତାଙ୍କୁ ଯଦି ଉପଯୁକ୍ତ ଭାବେ ପୁରସ୍କୃତ କରାଯାଏ ତେବେ ସେମାନେ ଭଲ କାମ କରିବେ। ଥାନା ଅଧିକାରୀମାନେ ଲୋକଙ୍କ ସେବକ ହୋଇ ସେବା କଲେ ଏଭଳି ଅପରାଧ ଏଡାଇ ହେବ।

**-ବିଷ୍ଣୁ ପ୍ରସାଦ ସାହୁ, ବେଞ୍ଚାରାପୁର, ବରୀ, ଯାଜପୁର**

## ଚିରନ୍ତନୀ

ଶୁଖାଇ ଦେଇ ନୟନ-ଜଳ
ମରମ ତଳେ ଜାଳି ଅନଳ
ଭୁଲିଛି ସବୁ ବେଦନା ସୁଖ
ଲୁହାରେ କିଳି ଛାତି
ନ ମାନି ଖରା ବରଷା ଦିନ ରାତି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଟିଏସ୍ ମାଧ୍ୟମରେ ୯୧୪୦.୬୭ କୋଟି ଟଙ୍କା ଜଳକର ଆଦାୟ ନିଷ୍ପତ୍ତି

**ଶିଳ୍ପ, ଖଣି ସଂସ୍ଥା ଉପରେ ବକେୟା ଜଳକର ପ୍ରସଙ୍ଗ**
- ଶେଷ ତାରିଖ ମେ'୩୧
- ଜଳସମ୍ପଦ ବିଭାଗ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ଦାୟିତ୍ୱ

ଯାଜପୁର,୨୬।୩
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ଶିଳ୍ପ ଓ ଖଣି ସଂସ୍ଥା ଉପରେ ୨୦୨୦-୨୧ରୁ ୨୦୨୩-୨୪ ସୁଦ୍ଧା ୯୧୪୦.୬୭ କୋଟି ଟଙ୍କା ଜଳକର ବାକି ପଡିଛି। ବକେୟା ଏହି ଜଳକରକୁ ଏକାକାଳୀନ ସମାଧାନ ବା ୱାନ୍ ଟାଇମ୍ ସେଟେଲମେଣ୍ଟ (ଓଟିଏସ୍) କରିବାକୁ ୨୦।୩।୨୦୨୫ରେ ରାଜ୍ୟ କ୍ୟାବିନେଟର ୧୬ତମ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଜଳସମ୍ପଦ ବିଭାଗ ପକ୍ଷରୁ ୨୫।୩।୨୦୨୫ରେ ଏକ ରିଜ୍ୟୁଲେଶନ ଜାରି କରାଯାଇ ଆସନ୍ତା ମେ'୩୧ ତାରିଖ ସୁଦ୍ଧା ଓଟିଏସ୍ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ଜଳସମ୍ପଦ ବିଭାଗ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି।

ରାଜ୍ୟର ବିଭିନ୍ନ ନଦୀ ଓ ନାଳରୁ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ମାଧ୍ୟମରେ ଶିଳ୍ପ ଓ ଖଣି ସଂସ୍ଥା ପରିଚାଳନା ପାଇଁ ପ୍ରତିଦିନ ହଜାରରୁ ଊର୍ଦ୍ଧ୍ୱ କ୍ୟୁସେକ ପାଣି ଉତ୍ତୋଳନ କରାଯାଉଛି। ଏପରି କି ସ୍ଲରି ପାଇପ୍ ଲାଇନ୍ ଜରିଆରେ ଖଣିଜ ପଦାର୍ଥ ପରିବହନ ପାଇଁ ରାଜ୍ୟ ସରକାର ୧୨ଟି ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏଥିରୁ ଶତାଧିକ କ୍ୟୁସେକ ନଦୀଜଳ ଶିଳ୍ପ ସଂସ୍ଥାଗୁଡ଼ିକ ଟାଣିବେ ବୋଲି ଅନୁମତି ମିଳିଛି। ବ୍ରାହ୍ମଣୀ ନଦୀ ପାଣିରେ ଇଡ୍‌କୋ ପ୍ରାୟ ୨୫ ବର୍ଷ ହେଲା ବ୍ୟବସାୟ ଚଳାଇ ଆସୁଛି। ଇଡ୍‌କୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ବ୍ରାହ୍ମଣୀରୁ ପାଣି ନେଇ କଳିଙ୍ଗନଗରର ଶିଳ୍ପସଂସ୍ଥାମାନଙ୍କଠାରୁ ମାସିକ ଜଳକର ଆଦାୟ କରୁଛି। କିନ୍ତୁ କେଉଁ ପରିସ୍ଥିତିରେ ସରକାରଙ୍କୁ ଜଳକର ଦେବାରେ ଇଡ୍‌କୋ ଏବଂ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରିପୋର୍ଟ ଅନୁଯାୟୀ, ରାଜ୍ୟର ତାଳଚେର ବିନ୍ଦାଲ ସ୍ପଞ୍ଜ ଆଇରନ ଉପରେ ୧୧.୪୬ କୋଟି, ଚଇନପାଲ ଏନ୍‌ଟିପିସି ଉପରେ ୧୩୮.୧୬ କୋଟି, ଯୋଡା ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ୧୯.୮୯ କୋଟି, ରାଠି ଷ୍ଟିଲ ଆଣ୍ଡ ପାୱାର ୭୮.୧୮ କୋଟି, ମାହେଶ୍ୱରୀ ଇସ୍ପାତ ଲିଃ ୧୩୦.୯୮ କୋଟି, ପାରାଦୀପ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିଃ ୬୬.୬୨ କୋଟି, ସମ୍ବଲପୁର ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ୨୬୯.୨୪ କୋଟି, ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ ୨୧୧.୮୯ କୋଟି, ଏନ୍‌ଏଲ୍‌ସି ଇଣ୍ଡିଆ ଲିଃ ୧୦.୭୦ କୋଟି, ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିଃ ୧୪୫.୯୧ କୋଟି, ଖୁଣ୍ଟୁଣୀ ବିଆରଜି ଆଇରନ ଆଣ୍ଡ ଷ୍ଟିଲ ୩୨.୪୭ କୋଟି, ଢେଙ୍କାନାଳ ଉତ୍କଳ ଆଜବେଷ୍ଟସ ୧୧.୫୬ କୋଟି, କଳିଙ୍ଗନଗରର ଟାଟା ଷ୍ଟିଲ ୫୦.୪୬ କୋଟି, ସୁନ୍ଦରଗଡ଼ ଆଧୁନିକ ମେଟାଲିକ୍ସ ୧୬୦.୨୪ କୋଟି, ଅନୁଗୋଳ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ୨୦୪.୭୭ କୋଟି, ଭଞ୍ଜନଗର ଆସ୍କା କୋଅପରେଟିଭ ସୁଗର ଫ୍ୟାକ୍ଟରୀ ୩୭.୩୧ କୋଟି, ରାୟଗଡା ଜେ.କେ. କର୍ପୋରେଶନ ଲିଃ ୨୩୯.୦୮ କୋଟି, ଚୌଦ୍ୱାର ବଲ୍ଲାରପୁର ଇଣ୍ଡଷ୍ଟ୍ରିଜ ୧୧୪୯.୦୯ କୋଟି, ଓଡ଼ିଶା ପାୱାର କଞ୍ଜରଟିୟମ ୭୦୨.୫୪ କୋଟି, ଘଣ୍ଟିଖାଲ ଆରତି ଷ୍ଟିଲ ୨୩୫.୧୬ କୋଟି, ସମ୍ବଲପୁର ଭୂଷଣ ପାୱାର ଏଣ୍ଡ ଷ୍ଟିଲ ଲିଃ ୧୯୨.୪୮ କୋଟି, ବେଲପାହାଡ଼ ଟାଟା ରିଫ୍ରାକ୍ଟୋରିଜ ଲିଃ ୧୬୭.୮୨ କୋଟି, ସମ୍ବଲପୁର ବିରାଜ ଷ୍ଟିଲ ଆଣ୍ଡ ଏନର୍ଜି ୭୭.୫୯ କୋଟି, ଢେଙ୍କାନାଳ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ୨୮.୭୧ କୋଟି, ଜୟପୁର ସେୱା ପେପର ମିଲ ୨୧୯୮.୮୬ କୋଟି, ଓରିଏଣ୍ଟ ପେପର ମିଲ୍‌ର ୨୧୧.୮୯ କୋଟି ଟଙ୍କା ବାକି ପଡିଛି। ସେହିପରି ଖଣି ସଂସ୍ଥାଗୁଡିକ ମଧ୍ୟରେ ତାଳଚେର ଲିଙ୍ଗରାଜ ଓସିପି, ଏମ୍‌ସିଏଲ୍ ପାଖରେ ୧୩୬.୬୫ କୋଟି, ଭରତପୁର ଓସିପି ୭୮.୪୦ କୋଟି, ଭୁବନେଶ୍ୱରୀ ଓସିପି ୩୦.୦୧ କୋଟି, ଅନନ୍ତ ଓସିପି ୨୬.୫୭ କୋଟି, ଜଗନ୍ନାଥ କୋଲିଅରି ୩୨.୧୩ କୋଟି, ହିଙ୍ଗୁଳା ଓସିପି ୧୭.୨୮ କୋଟି, ବଳରାମପୁର ଓସିପି ୧୮.୪୬ କୋଟି, ତାଳଚେର କୋଲିଅରି ୨୧.୬୦ କୋଟି, ନନ୍ଦିରା କୋଲିଅରି ୩୭.୨୧ କୋଟି, ଓରିଏଣ୍ଟ ଓରିୟରି ୩୬.୦୫ କୋଟି, ଟିପିଏସ୍‌ଏଲ୍ ଲିଃ ୨୭.୪୯ କୋଟି, ବନହରିପାଲ ଆଇଟିପିଏସ୍ ୨୮.୦୩ କୋଟି, ଯୋଡା ଟାଟା ଷ୍ଟିଲ ମାଇନ୍ସ ଡିଭିଜନ ୨୨୩.୫୫ କୋଟି, ସୁନ୍ଦରଗଡ଼ ଏମ୍‌ସିଏଲ୍ ଉପରେ ୧୪.୭୦ କୋଟି ଜଳକର ବାକି ପଡିଛି।

# ଭିଏଲ୍-ଏସ୍‌ଆରଏସ୍‌ଏମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୨୬।୩
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର୍ ୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ବୁଧବାର ମଧ୍ୟାହ୍ନ ୧୨ଟାରେ ସ୍ୱଳ୍ପ ଦୂରଗାମୀ ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା 'ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍' (ଭର୍ଟିକାଲ ଲଞ୍ଚ ସର୍ଟ ରେଞ୍ଜ ସରଫେସ୍ ଟୁ ଏୟାର ମିଶାଇଲ) କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ଏବଂ ଭାରତୀୟ ନୌସେନା ପକ୍ଷରୁ ଏହି ପରୀକ୍ଷଣ କରାଯାଇଥିଲା। ଭର୍ଟିକାଲ ଲଞ୍ଚରରୁ ଏହାକୁ ଉତ୍‌କ୍ଷେପଣ କରାଯାଇଥିଲା, ଯାହା ଆକାଶରେ ଦ୍ରୁତଗତିରେ ଯାଉଥିବା ଟାର୍ଗେଟକୁ ଠିକ୍ ଭାବେ ଲକ୍ଷ୍ୟଭେଦ କରିଥିଲା। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଡିଆରଡିଓ ଅଧ୍ୟକ୍ଷ ଡ. ସମୀର ଭି. କାମାତ୍ ପରୀକ୍ଷଣରେ ନିୟୋଜିତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହି କ୍ଷେପଣାସ୍ତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଯନ୍ତ୍ରାଂଶ ବ୍ୟବହାର କରାଯାଇଛି। କ୍ଷେପଣାସ୍ତ୍ରଟି ଶତ୍ରୁପକ୍ଷରୁ ଯୁଦ୍ଧ ବିମାନ, ଡ୍ରୋନ୍‌କୁ ଧ୍ୱଂସ କରିବାର କ୍ଷମତା ରଖିଛି। ଏଥିରେ ରକେଟ୍ ମୋଟର ସହ ଫ୍ଲାଇଟ୍ କଣ୍ଟ୍ରୋଲ ସିଷ୍ଟମକୁ ବ୍ୟବହାର କରାଯାଇଛି। ଏହି ମିଶାଇଲ ୮୦ କିଲୋମିଟର ଦୂରରୁ ଲକ୍ଷ୍ୟଭେଦ କରିପାରିବ। ଏହାର ଲମ୍ବ ୩.୯୩ମିଟର ଏବଂ ଓଜନ ୧୭୦କିଲୋଗ୍ରାମ୍।

ସୂଚନାଯୋଗ୍ୟ, ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ବୁଧବାର ୩ ନମ୍ବର ଲଞ୍ଚପ୍ୟାଡ୍‌ର ଅଢ଼େଇ କିଲୋମିଟର ଦୂରତା ମଧ୍ୟରେ ବାସ କରୁଥିବା ୬ ଗ୍ରାମକୁ ୩୨ଶହ ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ୩ଗୋଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା। ସ୍ଥାନାନ୍ତରିତ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିଲେ।


ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍ କ୍ଷେପଣାସ୍ତ୍ର ପରୀକ୍ଷଣ।

# ବନ୍ଦେ ଭାରତ ଉପରେ ପଥରମାଡ଼



ପଥରମାଡ଼ରେ ଟ୍ରେନର କାଚ ଭାଙ୍ଗିଯାଇଛି।

ରାଉରକେଲା,୨୬।୩
(ସଙ୍ଗୀତା ଜେନା)

ପୁରୀରୁ ରାଉରକେଲା ଅଭିମୁଖେ ଆସୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍‌ରେ ବୁଧବାର ପଥରମାଡ଼ ହୋଇଛି। ଏକ ବଗିର ଝରକା ପାଖ କାଚ ଭାଙ୍ଗି ଯାଇଥିବା ବେଳେ କେହି ଯାତ୍ରୀ ଆହତ ହୋଇ ନ ଥିବା କୁହାଯାଇଛି। ଟ୍ରେନ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସ୍ଥଳରେ ରେଳବାଇ ସୁରକ୍ଷାବଳ ଏବଂ ଜିଆରପି ମାମଲାର ତଦନ୍ତ କରୁଛନ୍ତି। ତେବେ ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ରେଳବାଇ ସୁରକ୍ଷାବଳ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, କଲୁଙ୍ଗା ଷ୍ଟେଶନ ନିକଟରେ ବନ୍ଦେ ଭାରତ ଟ୍ରେନ ଅପରାହ୍ନ ୧ଟାରେ (ନଂ. ୨୦୮୩୫) ଅତିକ୍ରମ କରୁଥିବା ବେଳେ ପଥରମାଡ଼ ହୋଇଥିଲା। ସମ୍ଭବତଃ କେହି ଛୋଟପିଲା କିମ୍ବା ମାନସିକ ରୋଗୀ ଏପରି କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରେ ଆରପିଏଫ୍ କହିଛି। ତେବେ ସ୍ଥାନୀୟ ପୋଲିସ ମଧ୍ୟ ତଦନ୍ତରେ ସହଯୋଗ କରୁଛି। ରାଉରକେଲା ଷ୍ଟେଶନରେ ଟ୍ରେନ ପହଞ୍ଚିବା ପରେ ଏହାର ମରାମତି କରାଯାଇଥିଲା।

# ଅଟୋ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ

**ବର୍ତ୍ତିଲେ ୪ ବର୍ଷୀୟା ଶିଶୁକନ୍ୟା**

କବିସୂର୍ଯ୍ୟନଗର,୨୬।୩
(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ନିକଟ ବୁଢ଼ାମ୍ବଠାରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଡାଲା ଅଟୋ ସ୍କୁଟିକୁ ଧକ୍କା ଦେବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କୋଦଳା ଥାନା ଅନ୍ତର୍ଗତ ଶାଳବଣ ଗ୍ରାମର କାହ୍ନୁ ଡାକୁଆ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଡାକୁଆ। ଘଟଣାସ୍ଥଳରେ ସ୍ୱପ୍ନାଙ୍କ ମୃତ୍ୟୁ ଘଟିଥିବା ବେଳେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାହ୍ନୁଙ୍କ ମୃତ୍ୟୁ ହୋଇଛି। ଏଥିରୁ ମା'ବାପାଙ୍କ ସହ ଥିବା ୪ ବର୍ଷୀୟା ଶିଶୁକନ୍ୟା ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ନେଇ ବୁଢ଼ାମ୍ବଠାରେ ସ୍ଥାନୀୟ ଲୋକେ ରାଜ୍ୟ ରାଜପଥ ଅବରୋଧ କରିଥିଲେ। କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଛି।

ସୂଚନା ଅନୁଯାୟୀ, ସ୍ତ୍ରୀ ଓ ଝିଅଙ୍କୁ ଧରି କାହ୍ନୁ ସ୍କୁଟି ଯୋଗେ ନିଜ ଗ୍ରାମରୁ କାକରପାଣି ବନ୍ଧୁଘରକୁ ଯାଉଥିଲେ। ବାଟରେ ବୁଢ଼ାଆମ୍ବ-ଦେଓଗାଁ ମଝିରେ ଡାଲା ଅଟୋ (ନଂ.ଓଡି ୦୭ ଏକେ ୮୪୩୦) ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ରାସ୍ତା ପାର୍ଶ୍ୱ ଜମିକୁ ଛିଟିକି ପଡ଼ି ସ୍ୱପ୍ନାଙ୍କର ମୃତ୍ୟୁ ହୋଇଥିଲା। କାହ୍ନୁ ରାସ୍ତାମଝିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିଲେ। ଝିଅ ପଡ଼ିଥିଲେ ମଧ୍ୟ କୌଣସି ଆଘାତ ଲାଗି ନ ଥିଲା। ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲେ ମଧ୍ୟ ବିଳମ୍ବ ହେବାରୁ ଖୋଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନଙ୍କ ଉଦ୍ୟମକ୍ରମେ ସ୍ଥାନୀୟ ଯୁବକମାନେ ଗୁରୁତର କାହ୍ନୁଙ୍କୁ ଅଟୋ ଯୋଗେ କୋଦଳା ମେଡିକାଲ ନେଉଥିଲେ। ଅଧାବାଟରୁ ତାଙ୍କୁ ଆମ୍ବୁଲାନ୍ସରେ ନିଆଯାଇଥିଲା। ମେଡିକାଲରେ କାହ୍ନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଉଭୟ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଅଟୋ ଚାଳକଙ୍କୁ ଅଟକ ରଖାଯାଇଛି।

# ୧ରୁ ପିଲାଙ୍କୁ ମିଳିବ ପୋଷଣଯୁକ୍ତ ଲଡୁ

ଭୁବନେଶ୍ୱର,୨୬।୩(ସୁଚିସ୍ମିତା ସାହୁ)

ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ସ୍କୁଲ ପିଲାଙ୍କୁ ଦିଆଯିବ ପୋଷଣଯୁକ୍ତ ଲଡୁ। ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ପାଠପଢୁଥିବା ପିଲାମାନେ ବିଦ୍ୟାଳୟରେ ପାଠପଢୁଥିବା ପିଲାମାନେ ମାଣ୍ଡିଆ, ଗୁଡ଼, ବାଦାମ ଓ ଘିଅଯୁକ୍ତ ପୋଷଣ ଲଡୁ ଖାଇବେ। ଏପ୍ରିଲ ୧ରୁ ଗୋଟିଏ ସପ୍ତାହରେ ପ୍ରତି ପିଲାଙ୍କୁ ୩ଟି ଲଡୁ ଖାଇବାକୁ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ପିଏମ୍ ପୋଷଣର ରାଜ୍ୟ ନୋଡାଲ ଅଧିକାରୀ ଗିରିଶ ଚନ୍ଦ୍ର ସିଂହ ସବୁ ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ପିଏମ୍ ପୋଷଣ ଯୋଜନା ଅଧୀନରେ ପିଲାଙ୍କୁ ଏହି ଲଡୁ ମିଳିବ। ପୂର୍ବରୁ ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ କେବଳ ଭାତ, ଡ଼ାଲି, ସୋୟାବଡ଼ି ତରକାରୀ ଏବଂ ଅଣ୍ଡା ତରକାରୀ ଦିଆଯାଉଥିଲା। ଏବେ ସୋମବାର, ମଙ୍ଗଳବାର ଏବଂ ଗୁରୁବାର ସକାଳ ସମୟରେ ପିଲାଙ୍କୁ ପୋଷଣଯୁକ୍ତ ଲଡୁ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ଭକ୍ତ ଦାସିଆ ପୀଠର ରୂପ ବଦଳିବ

- ସମୀକ୍ଷା ବୈଠକରେ ୧୮ ପ୍ରକଳ୍ପ ଗୃହୀତ
- ରାସ୍ତା ପ୍ରଶସ୍ତିକରଣ ଓ ଆଲୋକୀକରଣ ଦାବି

ଭୁବନେଶ୍ୱର,୨୬।୩
(ଅନୁରାଧା ମହାରଣା)

ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ତଥା ପୁରୀ ଜିଲାର ପିପିଲି ବ୍ଲକ୍ ଅର୍ନ୍ତଗତ ବାଲିଗାଁର ରୂପ ବଦଳିବ। ଏହାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଇଥିବାବେଳେ ଭକ୍ତ ଦାସିଆ ସ୍ମୃତି କମିଟି ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଅଣ୍ଟା ଭିଡିଛି। ଏନେଇ ଭୁବନେଶ୍ୱର ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ସମୀକ୍ଷା ବୈଠକ ସ୍ମୃତି କମିଟି ସଭାପତି ଡ. ପ୍ରତିଭା ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ପ୍ରକଳ୍ପ ନେଇ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ମୋଟ ୨ କୋଟି ଟଙ୍କା ଆର୍ଥିକ ଅନୁଦାନ ମିଳିଥିବାରୁ ଉପସ୍ଥିତ ସଦସ୍ୟମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ଐତିହ୍ୟ ପୁଷ୍କରଣୀ ଗୋଠଗଡ଼ିଆ, ରତ୍ନଚିରା ନଦୀରେ ନୌକା ବିହାର, ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଆନନ୍ଦ ବଜାର, କମ୍ୟୁନିଟି ହଲ, ଭକ୍ତ ନିବାସ, ଯାତ୍ରୀବାହୀ ବସ୍‌ର ପାର୍କିଂ, ଭକ୍ତ ଦାସିଆଙ୍କ ଅଲୌକିକତାର ଆଧାରରେ ମ୍ୟୁଜିୟମ, ତୁଳସୀ ଉଦ୍ୟାନର ଉନ୍ନତିକରଣ, ଗୁଣ୍ଡିଚା ଘର, ସ୍ନାନ ମଣ୍ଡପର ନବୀକରଣ ଆଦି ୧୮ ପ୍ରକଳ୍ପ ରହିଥିବାବେଳେ ଏନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏଥିସହ ପୀଠକୁ ଜାତୀୟ ରାଜପଥରୁ ସଂଯୋଗ କରିଥିବା ରାସ୍ତାର ପ୍ରଶସ୍ତିକରଣ, ଭକ୍ତ ଦାସିଆ ପୀଠ ପରିସର ତଥା ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟୁତ୍ ଆଲୋକୀକରଣ କରାଗଲେ ସ୍ଥାନୀୟ ୫୦ ହଜାର ଗ୍ରାମବାସୀଙ୍କ ସହ ଓଡ଼ିଶା ତଥା ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ଇଂ. ଦେବ ନାରାୟଣ ପାଲ, କିଟ୍ +୨ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତ ରଞ୍ଜନ ମିଶ୍ର, ଇଂ. ବସନ୍ତ କୁମାର ମିଶ୍ର, ଇଂ. ସୁରେନ୍ଦ୍ର କୁମାର ନାଥ ପଣ୍ଡା ପ୍ରମୁଖ ପୀଠର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସଙ୍ଗୀତକାର ଅଜୟ ଦାସ, ଆର୍ନ୍ତଜାତିକ ବଂଶୀବାଦକ ପର୍ଶୁରାମ ଦାସ ଶ୍ରୀଜଗନ୍ନାଥଙ୍କ ସଙ୍ଗୀତ ପରିବେଷଣ କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡମ୍. ଘନଶ୍ୟାମ ସ୍ୱାଇଁ ଅନୁଷ୍ଠାନର ଆୟବ୍ୟୟ ବିବରଣୀ ଦେଇଥିଲେ। ଆଲୋଚନାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ ଚରଣ ସାମଲ, ଡ. ଦୁର୍ଗାପ୍ରସାଦ ମିଶ୍ର, ଦିଲୀପ କୁମାର ଦ୍ୱିବେଦୀ, ଲକ୍ଷ୍ମୀନାରାୟଣ ଦାସ, ପଞ୍ଚାନନ ନାୟକ, ସମାଜସେବୀ ମନୋରମା ମହାପାତ୍ର, ସପନ କୁମାର ଦାସ, ତ୍ରିନାଥ ଲେଙ୍କା, ବୃନ୍ଦାବନ ମହାପାତ୍ର, ଗୋପାଳ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଜୀବିକା ମିଶନ ଇସି ସଂଘର ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର, ୨୬।୩(ସୁଚିସ୍ମିତା ସାହୁ)

ପୁନର୍ଗଠନ ପ୍ରକ୍ରିୟାରୁ ଇସି ସଦସ୍ୟଙ୍କୁ ବାଦ୍ ଦେଇ ସ୍କିମ୍ ୱାର୍କର ମାନ୍ୟତା ପ୍ରଦାନ ସହ ୪ ଦଫା ଦାବି ନେଇ ଓଡିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ଇସି ସଦସ୍ୟମାନେ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ଦିବାରାତ୍ର ଆନ୍ଦୋଳନ ଚଳାଇଥିଲେ। ମଙ୍ଗଳବାର ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ୨୦ଜଣିଆ ପ୍ରତିନିଧି ମଣ୍ଡଳୀ ବିଧାନସଭା ପରିସରରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠରେ ତାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଇସି ସଂଘର ଦାବିପତ୍ର ଗ୍ରହଣ କରିବା ସହ ଆଲୋଚନା କରିଥିଲେ। ଓଡ଼ିଶାରେ କାର୍ଯ୍ୟରତ ଜୀବିକା ମିଶନ ଓ ମିଶନ ଶକ୍ତିର କୌଣସି ଇସି ସଦସ୍ୟଙ୍କୁ ବାହାର କରାଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ଝଡ଼ରେ ଧାରଣା ସ୍ଥଳରେ ନ ବସି ଖୁସି ମନରେ ଘରକୁ ଯାଆନ୍ତୁ। ଯେଉଁଭଳି ଇସିମାନେ କାର୍ଯ୍ୟ କରୁଥିଲେ, ସେପରି ବଜାୟ ରଖନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଆଲୋଚନା ସକାରାତ୍ମକ ହୋଇଥିବାରୁ ୭ଦିନ ଧରି ଚାଲିଥିବା ଦିବାରାତ୍ର ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ବୁଧବାର ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଧାୟିକା ପ୍ରମିଳା ମଲ୍ଲିକ, ସୁଜାତା ସାହୁ, ସୁବାସିନୀ ଜେନା ଓ ବର୍ଷା ସିଂ ବରିହା ଉପସ୍ଥିତ ଥିବାବେଳେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ସଂଘ ସଭାପତି ଜୟନ୍ତ ଦାସ, ବିଭିନ୍ନ ଜିଲ୍ଲାର ନେତୃତ୍ୱକାରୀ ଇସି ସଦସ୍ୟ ମୀରା ମହାନ୍ତି, ବିଷ୍ଣୁପ୍ରିୟା ଦାସ ପ୍ରମୁଖ ଦାବିପତ୍ର ଉପସ୍ଥାପନ ସହ ଆଲୋଚନା କରିଥିଲେ।



**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାକେ ନାହିଁ କି ହାକେ ନାହିଁ**
**କି ଡର ନାହିଁ କାହାକୁ**
**ଯୋଡ଼ା ଭାରିଯାରେ କି ଦଶା ଅଛି**
**ପଚାରେ ତୋ ମାଆକୁ।**

ଦି ନାଆରେ ପାଦ ଦେଇଥିବା ବ୍ୟକ୍ତିଙ୍କ ପରିଣତି ସାଙ୍ଘାତିକ ହୋଇଥାଏ। ସ୍ଥଳ ବିଶେଷରେ ଏଭଳି ବ୍ୟକ୍ତିଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ଦୁଃଖ ଦୁର୍ଦ୍ଦଶା ଭୋଗିବା ସହ ଅନେକ ହଟହଟା ହୋଇଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଡାଲି ଭାତ ଗୋଳେଇକରି**
**ମାରି ଦେଉଥାଇ ପିହାଣ ପରି।**

ସାଧାରଣତଃ ଖାଦ୍ୟଲୋଭୀ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରହିଥାଏ। ଯେତେ ଖାଇଲେ ମଧ୍ୟ ତାଙ୍କ ପେଟ କେବେ ପୂରିନଥାଏ, ପରନ୍ତୁ ଆହୁରି ଖାଇବା ଲାଗି ମନ ବଳିଥାଏ। ଥାଳି ଚାଟି ଭାତ ତରକାରି ଖାଇ ଯାଉଥିବା ପେଟୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମଙ୍ଗଳବାର ବ୍ୟତୀତ ସବୁଦିନେ ଚାଲିବ ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର,୨୬।୩(ଅନୁରାଧା ମହାରଣା)

ଯାତ୍ରୀ ସୁବିଧାକୁ ବୃଦ୍ଧି କରିବା ପାଇଁ ରାଉରକେଲା-ପୁରୀ-ରାଉରକେଲା (୨୦୮୩୫) ଓ ପୁରୀ-ରାଉରକେଲା-ପୁରୀ (୨୦୮୩୬) ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌ର ସେବା ସୂଚୀକୁ ସଂଶୋଧନ କରାଯାଇଛି। ଶନିବାର ବ୍ୟତୀତ ପ୍ରତିଦିନ ଚଳାଚଳ କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଏବେ ମଙ୍ଗଳବାର ବ୍ୟତୀତ ପ୍ରତିଦିନ ଚଳାଚଳ କରିବ। ସଂଶୋଧିତ ସେବା ସମୟସୂଚୀ ଅନୁସାରେ, ଜୁନ୍ ୩ରୁ ସାପ୍ତାହିକ ଛୁଟି ଅର୍ଥାତ୍ ମଙ୍ଗଳବାର ଦିନ ଚଳାଚଳ ବନ୍ଦ ରହିବ ଏବଂ ୭ ଜୁନ୍‌ରୁ ଶନିବାର ଦିନ ଚଳାଚଳ ସ୍ୱାଭାବିକ ରହିବ। ତେବେ ଏହି ଟ୍ରେନ ପାଇଁ ସ୍ଥିରୀକୃତ ଷ୍ଟେଶନଗୁଡ଼ିକରେ ଟ୍ରେନର ସମୟ ଓ ରହଣିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ମତ୍ସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହେବୁ: ମନ୍ତ୍ରୀ

ଭୁବନେଶ୍ୱର,୨୬।୩(ରବିନାରାୟଣ ଜେନା)

ରାଜ୍ୟବାସୀଙ୍କ ଚାହିଦା ପୂରଣ ଲାଗି ଆବଶ୍ୟକ ମାଛ ଉତ୍ପାଦନରେ ଓଡ଼ିଶା ସ୍ୱାବଲମ୍ବୀ ହେବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ବୁଧବାର ପ୍ରଶ୍ନକାଳ ଅବସରରେ ମୂଳପ୍ରଶ୍ନକର୍ତ୍ତା ସଞ୍ଜଳି ମୁର୍ମୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ ମତ୍ସ୍ୟଚାଷକୁ ଉନ୍ନତ କରିବା ଲାଗି ବ୍ୟାପକ ପ୍ରଚାର ଓ ପ୍ରସାର କରାଯିବା ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ପ୍ରାଣୀପାଳନ କ୍ଷେତ୍ରରେ ଆତ୍ମନିଯୁକ୍ତି ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜ୍ୟ-କେନ୍ଦ୍ର ଯୋଜନାରେ ୨୦୧୯-୨୦ରୁ ୬୬୪.୦୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ତେବେ ଆଗାମୀ ଦିନରେ ମାଛ ଉପରେ ଆମକୁ ଆଉ ପଶ୍ଚିମବଙ୍ଗ କିମ୍ବା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡ଼ିବନାହିଁ। ଏଥିଲାଗି ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି, ଯାହାଦ୍ୱାରା ଓଡ଼ିଶା ମତ୍ସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ।

ସେହିପରି ସଦସ୍ୟ କୃଷ୍ଣଚନ୍ଦ୍ର ନାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ଗୋପାଳପୁରଠାରେ ମତ୍ସ୍ୟ ହବ୍ ହେଲେ ୫୦ ହଜାରରୁ ଊର୍ଦ୍ଧ୍ୱ ପରିବାର ପ୍ରତିପୋଷଣ ହୋଇପାରିବେ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯିବାକୁ ରହିଛି। ସଦସ୍ୟ ଇରାଶିଷ୍ ଆଚାର୍ଯ୍ୟଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ, ହୀରାକୁଦର ଗଭୀର ଅଞ୍ଚଳରେ ଥିବା ମତ୍ସ୍ୟଜୀବୀଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ସେଠାରେ ମତ୍ସ୍ୟ ବିକ୍ରି ପାଇଁ ସୁବ୍ୟବସ୍ଥିତ କରାଯିବ। ଯଦି ସଦସ୍ୟ ସ୍ୱତନ୍ତ୍ର ପ୍ରସ୍ତାବ ଦେବେ ତାକୁ ବିଚାର କରାଯିବ।



# ଡ୍ରେନ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ

**ଚଣ୍ଡିଖୋଲ,୨୬।୩ (ପ୍ରଦୀପ୍ତ କୁମାର ପୃଷ୍ଟି):** ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅନ୍ତର୍ଗତ ବଡ଼ଚଣା ଉପଖଣ୍ଡରେ ରାସ୍ତା ଓ ଡ୍ରେନ ନିର୍ମାଣ ନାମରେ ଦୁର୍ନୀତି ହୋଇଛି। ବର୍ଷକ ତଳେ ୯ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏକ ଡ୍ରେନ ଏବେ ଚୋରି ହୋଇଯାଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଏହା ଦର୍ଶାଯାଇଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାର ୧୨.୧୪୦ କି.ମି.ରୁ ୧୨.୩୦୦ କି.ମି.ପର୍ଯ୍ୟନ୍ତ ୧୬୦ ମିଟର ଲମ୍ବ ବିଶିଷ୍ଟ ଏକ ଡ୍ରେନ ନିର୍ମାଣ କରାଯାଇଥିଲା। ୨୦୨୧ ଡିସେମ୍ବର ୧୦ରୁ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ନଭେମ୍ବର ୯ରେ ଶେଷ ହୋଇଥିଲା। ଏଥିପାଇଁ ୯ ଲକ୍ଷ ୨୫ ହଜାର ୯୮୨ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସେତେବେଳେ ମୁକ୍ତିକାନ୍ତ ବିଶ୍ୱାଳ ନାମକ ଠିକାଦାର ଏହାକୁ ନିର୍ମାଣ କରିଥିଲେ। ସରକାରୀ ହିସାବ ଅନୁସାରେ ଏହି ଡ୍ରେନ ବାଲିଚନ୍ଦ୍ରପୁର ବଜାର ମଧ୍ୟରେ ନିର୍ମାଣ ହୋଇଥିବା ଜଣାପଡ଼ିଛି। ମାତ୍ର ପୂର୍ତ୍ତ ବିଭାଗ ହିସାବ ଅନୁସାରେ

## କାର୍ଯ୍ୟାନୁଷ୍ଠାନ ଦାବି

ବଡ଼ଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ଲମ୍ବ ୧୨.୬୯୦ କିମି.। ତେଣୁ ରାସ୍ତାର ଶେଷ ଭାଗରେ ଏହି ଡ୍ରେନ ନିର୍ମାଣ କରାଯାଇଛି। କିନ୍ତୁ ଏଠାରେ କୌଣସି ଡ୍ରେନନାହିଁ। ୨ ବର୍ଷ ମଧ୍ୟରେ କୌଣସି ଡ୍ରେନ ନିର୍ମାଣ ହୋଇନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଏହି ବଡ଼ଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାଟି ବଡ଼ଚଣାର ୧୬ନଂ. ଜାତୀୟ ରାଜପଥ ନିକଟରୁ ବାହାରି ୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁରକୁ ସଂଯୋଗ କରୁଛି। ଏବେ ଏହି ରାସ୍ତାର ଶେଷ ଭାଗରେ ଜଳ ନିଷ୍କାସନ ନିମନ୍ତେ କୌଣସି ଡ୍ରେନ ନିର୍ମାଣ ହୋଇନାହିଁ। ଏହାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। କିପରି କାମ ଆଦୌ ନ କରି ମିଥ୍ୟା ବିଲ କରାଯାଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ଏଥିରେ ଯେଉଁ ବିଭାଗୀୟ ଅଧିକାରୀ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ବାଲିଚନ୍ଦ୍ରପୁର ଅଞ୍ଚଳ ଲୋକେ କହିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ବଡ଼ଚଣା ଉପଖଣ୍ଡର ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ସେଭଳି ଡ୍ରେନ ନିର୍ମାଣ ହୋଇଥିବା ତାଙ୍କ ନଜରରେ ନାହିଁ। ଯେଉଁ ସମୟରେ ଡ୍ରେନ ନିର୍ମାଣ ହୋଇଥିଲା ସେ ସମୟରେ ଯନ୍ତ୍ରୀ ବଡ଼ଚଣାକୁ ଆସି ନ ଥିଲି। କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି କହି ପାରିବେ ବୋଲି ସେ ମତ ରଖିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କାର୍ତ୍ତି



@ ପ୍ରକାଶ



@ ସନାତନ



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏପିଜେ ଅବଦୁଲ କଲାମ ସ୍କୁଲର ବାର୍ଷିକୋତ୍ସବ




ଉତ୍ସବରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୨୬।୩(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତର ଜାମୁବଣିଆ ମୌଜାରେ ଥିବା ଏପିଜେ ଅବଦୁଲ୍ କଲାମ ଇଣ୍ଟରନ୍ୟାଶନାଲ ସ୍କୁଲର ୨ୟ ବାର୍ଷିକୋତ୍ସବ ବୁଧବାର ଅପରାହ୍ନରେ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନିଳମଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକର ପ୍ରଜାନନ ମିଶନ ସମ୍ପାଦକ ସ୍ୱାମୀ ଶ୍ରୀଅନିଭାନନ୍ଦ ଗିରି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅବଦୁଲ କଲାମ ବିଶ୍ୱ ପାଇଁ ଜଣେ ବିଶେଷ ବ୍ୟକ୍ତି ଥିଲେ। ତାଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। ପଣ୍ଡିତ କାମଦେବ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁମାନଙ୍କୁ ଶିକ୍ଷାଦାନର ପଦ୍ଧତି ଓ ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଅତିଥି ଭାବେ ମହାବିନାୟକ ଲଘୁ ଖଣିଜ ସଂଘର ସଭାପତି ଅଜାମ୍ବର ସାହୁ, ସାମାଜିକ କର୍ମୀ ମିନତି ସାହୁ, ଧର୍ମଶାଳା ପ୍ରେସ୍ କ୍ଲବ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ଇଂଲିଶ ଓ ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସ୍କୁଲର ଅଧ୍ୟକ୍ଷ ମନୋଜ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବବିତା ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। କୁନି ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଅବିଭାବକ ଯୋଗ ଦେଇ କୁନି ପିଲାମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶିକ୍ଷକ ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ସାରସ୍ୱତ ସମାରୋହ, ସମ୍ବର୍ଦ୍ଧନା ସଭା

**ସିଂହପୁର,୨୬।୩ (ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛଦାମୁଣ୍ଡ ଗ୍ରାମର ରାଧାଦାମୋଦର ଜୀଉଙ୍କ ପ୍ରାଙ୍ଗଣରେ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ପରିଷଦର ସ୍ଥାୟୀ ସଭାପତି କେଶବ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଯାଦବ କେଶବ ଚନ୍ଦ୍ର ଦାସ , ମହେଶ୍ୱର ପରିଡ଼ା, ଧନେଶ୍ୱର ପରିଡ଼ା, ଗଦାଧର ଦାସ ଓ ମରଣଡୋର ଭାବେ ଗୁରୁକୁଳ ଗୌରବ ନରହରି ଦାସଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଅବଦାନ ପାଇଁ ଏହି ବୟସ୍କ ବ୍ୟକ୍ତିଙ୍କ ପ୍ରସଂଶା କରଯାଇଥିଲା। ପରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ପ୍ରମୋଦ କୁମାର ବେହେରା, ନିତ୍ୟାନନ୍ଦ ନାୟକ, ପ୍ରଭାତ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶ୍ରୀକାନ୍ତ ଘଡାଇ ମଞ୍ଚ ପରିଚାଳନା କରିଥିଲେ। ଗନ୍ଧର୍ବ ଚରଣ ଦାସ, ଭାସ୍କର ଚନ୍ଦ୍ର ଦାସ, ମାନସ ରଞ୍ଜନ ଦାସ, ସୁବାସ ଚନ୍ଦ୍ର ଘଡ଼ାଇ, ନାରାୟଣ ଚନ୍ଦ୍ର ଦାସ, ନିତ୍ୟାନନ୍ଦ ପରିଡ଼ା, ମୀନକେତନ ପରିଡ଼ା, ବିକ୍ରମ ପରିଡ଼ା, ବୟିଲୋଚନ ଘଡ଼ାଇ, ସୁନାକର ଘଡ଼ାଇ, ସୁଧୀର କୁମାର ଘଡ଼ାଇ ପ୍ରମୁଖ ଯାଦବମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମ ପ୍ରତିବର୍ଷ କରାଯିବ ବୋଲି କାର୍ଯ୍ୟକ୍ରମର ଆୟୋଜକ ତଥା ଶିକ୍ଷକ ବିଭୁତି ଭୂଷଣ ଘଡ଼ାଇ କହିଥିଲେ।

# ବତକ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

**ପାଣିକୋଇଲି,୨୬।୩(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ମଙ୍ଗଳବାର ରାତିରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ବତକ ବୋଝେଇ ପିକଅପ ଭ୍ୟାନ୍ ଧକ୍କା ହୋଇଛି। ଫଳରେ ପିକଅପ ଭ୍ୟାନ୍ ଚାଳକ ଆହତ ହୋଇଛନ୍ତି। ପିକ୍‌ଅପ ଭ୍ୟାନ୍ କଟକ ଜିଲା ଜଗତପୁରରୁ ବତକ ନେଇ କୋଲକାତା ଅଭିମୁଖେ ଯାଉଥିଲା।




ଚାଳକଙ୍କୁ ନିଦ ଲାଗିଯିବାରୁ ସେ ଟୋଲଗେଟଠାରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ଧକ୍କା ଦେଇଥିଲେ। ଫଳରେ ଗାଡ଼ିର ଆଗ ପଟ ଭାଙ୍ଗି ଯାଇଥିଲା। ପିକଅପ ଭ୍ୟାନ୍ ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ପାଣିକୋଇଲି ପୋଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ପହଞ୍ଚି ଆହତ ଚାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# ନିୟୁ ସିଆରିଆଠାରେ ଇଫ୍‌ତାର ପାର୍ଟି



ଇଫ୍‌ତାର ପାର୍ଟିରେ ସାମିଲ ହୋଇଥିବା ଅତିଥି ଓ ମୁସଲମାନ ଭାଇମାନେ।

**କଳିଙ୍ଗନଗର,୨୬।୩(ଶୁଭାଶିଷ ରାଉତ):** ଦାନଗଦି ବ୍ଲକ୍ ଅନ୍ତର୍ଗତ ତ୍ରିଜଙ୍ଗା ପଞ୍ଚାୟତସ୍ଥିତ ନିୟୁ ସିଆରିଆଠାରେ ଟୁଟୁ ବାବୁ ୟୁଥ କ୍ଲବ ତରଫରୁ ଇଫତାର ପାର୍ଟି ଆୟୋଜିତ କରାଯାଇଛି। ଏଥିରେ ସମସ୍ତ ମୁସଲମାନଭାଇ ଏକତ୍ରିତ ହୋଇ ପାର୍ଟିକୁ ଉପଭୋଗ କରିଥିଲେ। ଅତିଥିଭାବେ ମନ୍ତ୍ରୀ ପ୍ରଦୀପ ବଳସମାନ୍ତଙ୍କ ପୁତ୍ର ସବ୍ୟସାଚୀ ବଳସମାନ୍ତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ବାବୁଲି ନାଟିଆ, ମାନସ ରଣା, କଲିମି ଖାନ, ସେକ ଜାହିର ହୁଶେନ, ନସିମୁଦିନ ଖାନ ଓ ଏସକେ ଗାୟ ସୁଦିନ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁରରୁ ଭାଗନେବେ ୩ ଖେଳାଳି




ମନୋନୀତ ହୋଇଥିବା ଖେଳାଳି।

**ରସୁଲପୁର,୨୬।୩ (ରଞ୍ଜିତ ରାଉତ):** ୩୪ତମ ଜାତୀୟ ସବ୍‌ଜୁନିୟର କବାଡି ପ୍ରତିଯୋଗିତା ଚଳିତମାସ ୨୭ରୁ ୩୦ ପର୍ଯ୍ୟନ୍ତ ବିହାର ରାଜ୍ୟ ଅନ୍ତର୍ଗତ ଗୟା ଜିଲାର ଜିଡି ଗୋୟନେକା ପବ୍ଲିକ୍ ସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡିଶା ରାଜ୍ୟ କବାଡି ଦଳ ଚୟନ କରାଯାଇଛି। ଦଳରେ ଯାଜପୁର ଜିଲାରୁ ସବ୍ୟସାଚୀ ମହାନ୍ତି, ଶୁଭମ୍ ମଲିକ, ଖଗେଶ୍ୱର ସାହୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଖେଳାଳିମାନଙ୍କୁ ଜିଲା ଆଥଲେଟିକ୍ ଓ କବାଡ଼ି ଆସୋସିଏଶନ୍, କ୍ରୀଡ଼ାବିତ୍,

## ଜାତୀୟ ସବ୍‌ଜୁନିୟର କବାଡ଼ି

ଖେଳ ପ୍ରଶିକ୍ଷକ, ସାଥୀଖେଳାଳିମାନଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି ଖେଳାଳିମାନେ ଉନ୍ନତ ଖେଳ ପ୍ରଦର୍ଶନ କରି ଯାଜପୁର ଜିଲାର ଟେକ ରଖିବେ ବୋଲି ଜିଲା ଆଥଲେଟିକ୍ ଆସୋସିଏଶନର ସଂପାଦକ ସମ୍ବିତ ମହାନ୍ତି ଆଶା ପ୍ରକାଶ କରିଥିବା କହିଛନ୍ତି।

ଗତ ୧୬ତାରିଖରେ ଭୁବନେଶରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଜିଲା ଆଥଲେଟିକ ଆସୋସିଏଶନ ତରଫରୁ ୭ଜଣ ବାଳକ ଭାଗ ନେଇଥିଲେ। ତନ୍ମଧ୍ୟରୁ ଦକ୍ଷତା ଭିତ୍ତିରେ ରାଜ୍ୟ କବାଡି ଦଳରେ ୩ଜଣ ସ୍ଥାନ ପାଇଥିଲେ। ସବ୍ୟସାଚୀ କାରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମର ହତାଶୁଣୀ କ୍ଲବରୁ ଖେଳୁଥିବାବେଳେ ଶୁଭମ୍ ଓ ଖଗେଶ୍ୱର ପାଣିକୋଇଲିସ୍ଥିତ ଗଣେଶ କ୍ଲବରୁ ଜିଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମନୋନୀତ ୩ ଖେଳାଳି ଯାଜପୁର କବାଡି ଆସୋସିଏଶନ ଖଣ୍ଡିତରଠାରେ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ସବ୍ୟସାଚୀ କ୍ରମାଗତ ଭାବରେ ତୃତୀୟ ଥର ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଏହି ଖେଳାଳିମାନଙ୍କ ସଫଳତା ପଛରେ କ୍ରୀଡ଼ା ଶିକ୍ଷକ ସୁରେଶ ସାହୁ, ଯାଜପୁର କବାଡି ଆସୋସିଏଶନର ସହ ସମ୍ପାଦକ କୃଷ୍ଣକାନ୍ତ ପଣ୍ଡାଙ୍କ ବିଶେଷ ଭୂମିକା ରହିଥିବା କୁହାଯାଉଛି।

# ସ୍ମୃତିରଞ୍ଜନଙ୍କୁ ଭୂମିପୁତ୍ର ସମ୍ମାନ



**ବିଞ୍ଝାରପୁର,୨୬।୩(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକର ଯୁବ ସାମାଜିକ କର୍ମୀ ସ୍ମୃତିରଞ୍ଜନ ସାହୁଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୂମିପୁତ୍ର ସମ୍ମାନ ପ୍ରଦାନ କରାଯାଇଛି। ବରୀ ବ୍ଲକ୍‌ର ଭୂମିପୁତ୍ର ସାହିତ୍ୟ ସମାଜ କଲ୍ୟାଣ ପରିଷଦ ପକ୍ଷରୁ ତାଙ୍କୁ ଏହି ସମ୍ମାନ ମିଳିଛି। ବରୀ ବ୍ଲକ ଉଁଅରାଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ସଂଗ୍ରାମ କେଶରୀ ସାମନ୍ତରାୟଙ୍କଠାରୁ ସାହୁ ଉତ୍ତରୀୟ, ମାନପତ୍ର ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ମାନ ପାଇବାପରେ ସାହୁଙ୍କୁ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସାମାଜିକ କର୍ମୀ କୈଳାସ ସେଠୀ, ସରପଞ୍ଚ କାମଦେବ ଧଳ, ଦେବାନନ୍ଦ ମଲ୍ଲିକ ଓ ହେମେନ୍ଦ୍ର ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଜଳୁନି ଷ୍ଟ୍ରିଟ୍ ଲାଇଟ, ଗଳିକନ୍ଦି ଅନ୍ଧାର

**ବରୀ,୨୬।୩(ମହେନ୍ଦ୍ର ସ୍ୱାଇଁ):** ଗ୍ରାମ୍ୟ ରାସ୍ତା ଅଲୋକୀକରଣ ପାଇଁ ପଞ୍ଚାୟତସ୍ତରରେ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁର କରାଯାଇ ବିଭିନ୍ନ ଛକ, ବଜାରରେ ଷ୍ଟ୍ରିଟ ଲାଇଟ ଲଗାଯାଇଛି। ମାତ୍ର ବରୀ ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁ ଗଣ୍ଡାରେ ଲାଗିଥିବା ଏହି ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ସୂଚନା ମିଳିଛି। ଫଳରେ ସଞ୍ଜ ନଇଁଲେ ଚାରିଆଡ଼େ ଅନ୍ଧାର ମାଡ଼ି ଆସୁଥିବା ଦେଖିବାକୁ ମିଳିଛି। ଲୋକେ ଅନ୍ଧାରରେ ଯାତାୟାତ ପାଇଁ ନିରାପଦା ମଣୁନାହାନ୍ତି। ଅନ୍ଧାରର ସୁଯୋଗ ନେଇ ବିଭିନ୍ନ ଛକ, ବଜାରରେ ମଦ୍ୟପମାନେ ଆଡ଼ା ଜମାଉଛନ୍ତି। ରାସ୍ତାରେ ଚୋରି, ଡକାୟତି ମଧ୍ୟରେ ବଢ଼ିବାରେ ଲାଗିଛି। ତେଣୁ ଘଟଣାକୁ ଗୁରୁତ୍ୱ ଦେଇ ବ୍ଲକ ପ୍ରଶାସନ ଅଚଳ ହୋଇ ପଡ଼ିଥିବା ଲାଇଟ୍‌ଗୁଡ଼ିକୁ ସଚଳ କରିବା ଏବଂ ଗଳି କନ୍ଦିରେ ଥିବା ରାସ୍ତାଗୁଡ଼ିକୁ ଆଲୋକୀକରଣ କରିବା କ୍ଷେତ୍ରରେ ପଦକ୍ଷେପ ନେବାକୁ ଦାବି ହୋଇଛି।

ନିୟମ ଅନୁଯାୟୀ, ଗ୍ରାମ୍ୟରାସ୍ତା ଆଲୋକୀକରଣ ନିମନ୍ତେ ଲାଗିଥିବା ଷ୍ଟ୍ରିଟ ଲାଇଟ ଅଚଳ ହେଲେ ପଞ୍ଚାୟତ ତରଫରୁ ବ୍ଲକ ପ୍ରଶାସନକୁ ଅବଗତ କରାଯିବା କଥା। ସେହିପରି ୫ ବର୍ଷ ପାଇଁ ଚୁକ୍ତିବଧ ହୋଇଥିବା ଠିକାଦାର ଏହାର ମରାମତି କରିବା କଥା। ମାତ୍ର ବିଭିନ୍ନ ପଞ୍ଚାୟତରେ ବହୁ ଷ୍ଟ୍ରିଟ ଲାଇଟ ଅଚଳ ହୋଇ ପଡ଼ିଥିଲେ ମଧ ମରାମତି କରାଯାଉନାହିଁ। କେଉଁ ପଞ୍ଚାୟତର କେଉଁ ଗ୍ରାମରେ ଷ୍ଟ୍ରିଟ ଲାଇଟ ଅଚଳ ରହିଛି ତାହାର ତାଲିକା ସରପଞ୍ଚ ଓ ପିଇଓମାନେ ବ୍ଲକ୍‌ରେ ଦେଉନାହାନ୍ତି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ନୂତନ ରାସ୍ତା ଆଲୋକୀକରଣ ଓ ଅଚଳ ହୋଇଥିବା ଷ୍ଟ୍ରିଟଲାଇଟକୁ ସଚଳ କରିବା ପାଇଁ ପଞ୍ଚାୟତସ୍ତରରେ ଅର୍ଥ ମହଜୁତ ଥିଲେ ବି ଏହାକୁ ପଞ୍ଚାୟତ ପ୍ରତିନିଧିମାନେ ଗୁରୁତ୍ୱ ଦେଉନାହାନ୍ତି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ୍ ଅଧୀନ ୨୯ ପଞ୍ଚାୟତର କେଉଁ ଗ୍ରାମରେ କେତୋ ଷ୍ଟ୍ରିଟ୍ ଲାଇଟ ଲାଗିଛି, ବିଦ୍ୟୁତ୍ ବିଭାଗ ଷ୍ଟ୍ରିଟ ଲାଇଟ ଜଳିବା ବାବଦରେ କେତେ ଅର୍ଥ ଆଦାୟ କରୁଛି ତାହାର ଠିକ ସୂଚନା ବ୍ଲକ ପ୍ରଶାସନ ନିକଟରେ ନାହିଁ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଅସିତ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, କେଉଁ ପଞ୍ଚାୟତରେ କେତେ ଲାଇଟ ଅଚଳ ରହିଛି ତା'ର ତାଲିକା ଦେବାକୁ ସରପଞ୍ଚମାନଙ୍କୁ ପତ୍ର ଲେଖାଯାଇଛି। ତାଲିକା ଆସିବା ପରେ ଅଚଳ ଥିବା ଲାଇଟଗୁଡ଼ିକ ମରାମତି ପାଇଁ ପଦକ୍ଷେପ ନିଆଯିବ।



ବରି ଅଞ୍ଚଳରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍।

# ଜିଲା ବିକାଶରେ ନେତୃତ୍ୱଙ୍କ ମନ ନାହିଁ

**କେନ୍ଦ୍ରାପଡ଼ା, ୨୬।୩ (ଜଗନ୍ନାଥ ଧଳ)**

■ ଏପ୍ରିଲ ୧ରେ କେନ୍ଦ୍ରାପଡ଼ା ଜିଲା ଗଠନକୁ ୩୨ ବର୍ଷ ପୂରିବ

■ ଶିଳ୍ପବିହୀନ ଜିଲା ଭାବେ ରାଜ୍ୟରେ ପରିଚିତ




ଆସନ୍ତା ଏପ୍ରିଲ ୧ରେ କେନ୍ଦ୍ରାପଡ଼ା ଜିଲା ଗଠନକୁ ୩୨ ବର୍ଷ ପୂରିବ। ଅବିଭକ୍ତ କଟକ ଜିଲାରୁ ସୃଷ୍ଟି ହୋଇଥିବା ଏହି ଜିଲା ଏବେ କଟକ, ଜଗତ୍‌ସିଂହପୁର, ଯାଜପୁର ଜିଲାଠାରୁ ଢେର ପଛରେ ଅଛି। ଶିଳ୍ପ, ବନ୍ଦର, ଖଣି, ବଜାର ମଣ୍ଡି ଆଦିର ଅଭାବ ଥିବା ବେଳେ କୃଷି ଅର୍ଥନୀତି ଜିଲା ବିକାଶକୁ ଆଗକୁ ନେଇପାରୁନାହିଁ। ଏହାକୁ ତାଳ ଦେଇ ନେତୃତ୍ୱ ସଙ୍କଟ ଜିଲାବାସୀଙ୍କୁ ଅସ୍ୱସ୍ତିକର ପରିସ୍ଥିତିକୁ ଟାଣି ନେଇଛି। ଦୀର୍ଘଦିନ ଧରି ଜିଲା ବିଜେଡିର ଦୁର୍ଗ ଭାବେ ପରିଗଣିତ ହୋଇଆସିଛି। ବିଜୁବାବୁଙ୍କ କର୍ମସ୍ଥଳ ଓ ଭାବନାତ୍ମକ ସମ୍ବନ୍ଧରୁ ବିଜେଡି ପ୍ରତି ଜିଲାବାସୀ ଅହେତୁକ ସମର୍ଥନ ଯୋଗାଇ ଆସିଛନ୍ତି। ଏପରିକି ଗତ ସାଧାରଣ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଜିଲାର ୫ଟି ବିଧାନସଭା ମଧ୍ୟରୁ ୪ ବିଧାୟକ ବିଜେଡିର ଜିତିଥିଲେ। ସେହିପରି ଏମ୍‌ପି ଓ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ଜିତିଛି। ଏହି ନିର୍ବାଚନ ପୂର୍ବରୁ ରାଜନେତାଙ୍କ ଦଳବଦଳ ଘଟଣା କଂଗ୍ରେସକୁ ସଙ୍ଗଠିତ ହେବାରୁ ବଞ୍ଚିତ କରିଛି।

କୃଷି ଅର୍ଥନୀତିରେ ପରିଚାଳିତ ଜିଲାରେ ୭ ନଦୀ ଓ ୨୭ ଶାଖା ନାଳ ଥିଲେ ମଧ୍ୟ ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା। ବନ୍ୟା, ବାତ୍ୟା ଓ ମରୁଡ଼ି ସମୟରେ ଜଳସେଚନ ଓ ନିଷ୍କାସନ ପ୍ରତି କୌଣସି ଦୀର୍ଘସ୍ଥାୟୀ ନିରାକରଣ ଯୋଜନା କରିବାକୁ ରାଜନେତାଙ୍କ ସ୍ୱର ଶୁଭୁନାହିଁ। ଶିଳ୍ପ ଓ ବନ୍ଦର ପାଇଁ ପ୍ରତ୍ୟେକ ନିର୍ବାଚନ ସମୟରେ କେବଳ ପ୍ରତିଶ୍ରୁତି ମିଳିଛି। ନିକଟରେ ରାଜ୍ୟରେ ଶିଳ୍ପ ଓ ଅନ୍ୟ ଉନ୍ନୟନ କାର୍ଯ୍ୟ ପାଇଁ ଉତ୍କର୍ଷ ଓଡ଼ିଶା ସମାବେଶ ହୋଇଥିଲା। ଏଠାରେ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶରେ ୫୯୩ଟି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୧୪୫ଟି ଏମ୍‌ଓୟୁ କରିଛନ୍ତି। ମାତ୍ର ଏହି ପ୍ରକଳ୍ପରେ କେନ୍ଦ୍ରାପଡ଼ା ଜିଲାର ଭାଗ ନାହିଁ। ସ୍ଥାନୀୟ ରାଜନେତାଙ୍କ ସମ୍ମିଳିତ ସ୍ୱର ନ ଥିବାରୁ ଜିଲାର ବିକାଶ ପାଇଁ ପ୍ରକଳ୍ପ ଆସି ପାରୁ ନ ଥିବା ଜିଲାର ବୁଦ୍ଧିଜୀବୀ ସର୍ବଦା ଆଲୋଚନା କରୁଛନ୍ତି। ସେହିପରି ଜିଲାର ଆଧ୍ୟାତ୍ମିକ ଓ ପ୍ରାକୃତିକ ପରିବେଶକୁ ପର୍ଯ୍ୟଟନ ଶିଳ୍ପରେ ପରିଣତ କରାଗଲେ ଆର୍ଥିକ ବିକାଶ ହୋଇପାରନ୍ତା। ଜାତୀୟ ଉଦ୍ୟାନ ଭିତରକନିକାରେ ପ୍ରତିବର୍ଷ ୨୧୧ ପ୍ରଜାତିର ପକ୍ଷୀ ରହୁଛନ୍ତି। ଏହି ପକ୍ଷୀଙ୍କ ମଧ୍ୟରୁ କେତେକ ପ୍ରଜାତି ନେଇ ପକ୍ଷୀ ଘର କରିବାକୁ ବହୁଦିନରୁ ଦାବି ହୋଇଆସୁଛି। ତତକ୍ଷୟକୁ ରୋକିବାକୁ ସ୍ଥାନୀୟ ରାଜନେତା ପଦକ୍ଷେପ ନେବା କଥା। ମାତ୍ର ଦଳୀୟ ରାଜନୀତି ସଙ୍କଟ, ସାଙ୍ଗଠନିକ ସ୍ଥିତି ପ୍ରତି ବିପଦ ସାଜିଛି। ଏହି ଜିଲାରେ ଭାଜପା ଏମ୍‌ପି ଓ ଜଣେ ବିଧାୟକ ପଦ ପାଇଥିଲେ ମଧ୍ୟ ସାଙ୍ଗଠନିକ ସ୍ଥିତି ସବଳ ନୁହେଁ। ସାଧାରଣ ନିର୍ବାଚନ ପରେ ଜିଲାରେ ସାଙ୍ଗଠନିକ ସ୍ଥିତି ଦୋହଲି ଯାଇଛି। ୪ ବିଧାୟକ ଏକାଠି ହୋଇ ଜିଲା ବିକାଶ ପାଇଁ ସ୍ୱର ଉଠାଇବା ଦେଖାଯାଉନାହିଁ। ଗତ ୯ ମାସ ମଧ୍ୟରେ ନେତୃତ୍ୱ ଅଭାବରୁ କୌଣସି ବିରୋଧୀ ପ୍ରଦର୍ଶନ ଦେଖିବାକୁ ମିଳିନାହିଁ। ଏପରି କି ଜିଲା ସଭାପତି ପଦ ପୂରଣ ନ ହେବା ସାଙ୍ଗଠନିକ ସ୍ଥିତିକୁ ଦର୍ଶାଉଛି। ଅପରପକ୍ଷରେ ଅଂଶୁମାନ ମହାନ୍ତି ଓ ଗଣେଶ୍ୱର ବେହେରା କଂଗ୍ରେସରୁ ବାହାରି ଆସି ବିଜେଡିରେ ଯୋଗଦେବା ଓ ନିକଟରେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମାଙ୍କ ପରଲୋକ ପରେ କଂଗ୍ରେସର ସାଙ୍ଗଠନିକ ସ୍ଥିତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଜିଲାରେ ନେତୃତ୍ୱ ସଙ୍କଟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ଆଲୋଚନା ହେଉଛି।

## ଇନ୍ଦୁପୁର ଯଜ୍ଞରେ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀଙ୍କ ଯୋଗଦାନ

**ଡେରାବିଶ, ୨୬।୩ (ବେବର୍ତ୍ତା ଅଜୟ ଦାସ)**


ଡ. ପ୍ରିୟଙ୍କା ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦ୍ରପଡ଼ା ବ୍ଲକ ଇନ୍ଦୁପୁର ଯଜ୍ଞରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ତ୍ରୀ ଡ. ପ୍ରିୟଙ୍କା ମାରାଣ୍ଡି ବୁଧବାର ସାମିଲ ହୋଇଥିଲେ। ଇନ୍ଦୁପୁର ବାରୁଣୀ ତୀର୍ଥସ୍ନାନ ମହୋତ୍ସବର ୨୩ତମ ବାର୍ଷିକଉତସବ ଅବସରରେ କ୍ଷତିଜ୍ୟୋତି ଆଶ୍ରମ ଓ ଅନ୍ତରାଷ୍ଟ୍ରୀୟ ଆଧ୍ୟାତ୍ମିକ ସାମାଜିକ ବିକାଶ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି କୈବଲ୍ୟ ମହାଯଜ୍ଞରେ ଡ. ମାରାଣ୍ଡି ଯୋଗଦେଇ ଆଶୀର୍ବଚନ ଗ୍ରହଣ କରିଛନ୍ତି। ଏହି ଅବସରରେ ଡ. ମାରାଣ୍ଡିଙ୍କୁ ଯଜ୍ଞ ମଣ୍ଡପ ପରିସରରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ। ସେ ପ୍ରାୟ ୧ଘଣ୍ଟା ରହି ଭୁବନେଶ୍ୱର ଫେରିଯାଇଥିଲେ। ଏହି ଯଜ୍ଞରେ ଡ. ମାରାଣ୍ଡିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗାର କ୍ଷତିଜ୍ୟୋତି ଆଶ୍ରମର ପ୍ରବଚକ ସତ୍ୟଚୈତନ୍ୟ ଦାସ (ସୁନିଲବାବା), ଗୁପ୍ତବ୍ରହ୍ମ ସ୍ୱର୍ଣ୍ଣକ୍ଷେତ୍ରର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି ନାରାୟଣ ଦାସ, ବାରୁଣୀ ତୀର୍ଥସ୍ନାନ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ପ୍ରକାଶ କୁମାର ଜେନା, ସ୍ଥାନୀୟ ସରପଞ୍ଚ ପ୍ରଦୀପ୍ତରଞ୍ଜନ ସୂତାର, ସମିତିସଭ୍ୟା ସୁନନ୍ଦା ମଳିକ, ସାମାଜିକ କର୍ମୀ ଦେବାଶିଷ ସାମଲ, ଇନ୍ଦୁପୁର ଶାଖା ଶାଖାପରିଚାଳକ ବଂଶୀଧର ମଳିକ, ସମ୍ପାଦକ ଗନ୍ଧର୍ବ ମଳିକ, ଆଶ୍ରମ ପୂଜକ ଆଚାର୍ଯ୍ୟ ଅନିଲ କୁମାର ଦାସ ଓ ସୁନିଲ କୁମାର ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ନିମପୁର ଶିବିରରେ ୧୭୨ ୟୁନିଟ୍ ରକ୍ତ ସଂଗ୍ରହ

**ପଟ୍ଟାମୁଣ୍ଡାଇ, ୨୬।୩ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତ ନିମପୁର ଶାସନ ନୋଡାଲ ହାଇସ୍କୁଲ ପରିସରରେ ବୁଧବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ରେଡକ୍ରସ ପକ୍ଷରୁ ଶିବିରରେ ୧୭୨ ୟୁନିଟ ରକ୍ତ ସଂଗୃହୀତ କରାଯାଇଥିଲା। ଶାସନ ପଞ୍ଚାୟତ ନିମପୁର ଶାସନ ସତ୍ୟସାଇ ସେବା ସଙ୍ଗଠନ ଅନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ କେନ୍ଦ୍ରାପଡ଼ା ସିଡିଏମ୍‌ଓ ଡା. ପ୍ରମୋଦ ପ୍ରହରାଜ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ରାଜନଗର ମେଡିକାଲ ଅଫିସର ଡା. ରଶ୍ମି ରଞ୍ଜନ ମହାନ୍ତି, ପଟ୍ଟାମୁଣ୍ଡାଇ ମେଡିକାଲ ଅଫିସର ଡା. ନିରାକାର ପରିଡା ଯୋଗଦେଇ କହିଥିଲେ, ରକ୍ତଦାନ ମହାପୁଣ୍ୟ। ରକ୍ତଦାନ କରିବା ଦ୍ୱାରା ଜଣଙ୍କ ଜୀବନ ବଞ୍ଚିଥାଏ। ରକ୍ତଦାନ କରିଥିବା ଲୋକ ପାଇଁ ମଧ୍ୟ ଏହା ଲାଭଦାୟକ ହୋଇଥାଏ। ଏହା ଶରୀରକୁ ସୁସ୍ଥ ରଖିବା ସହ ତ୍ୱଚାରେ ଚମକ ଆଣିଥାଏ। ରକ୍ତଦାନ କରିବା ଦ୍ୱାରା ଅନେକ ଶାରୀରିକ ସମସ୍ୟା ଦେଖାଯିବା ଆଶଙ୍କା କମ ହେବା ସହ ଅନେକ ରୋଗ ମଧ୍ୟ ଦୂର ହୋଇଥାଏ। ଯକୃତରେ ଭଲ ପ୍ରଭାବ ପଡ଼ିଥାଏ। ଯକୃତର କାମ ଆଇରନ୍ ମେଟାବୋଲିଜିମ୍ ଉପରେ ନିର୍ଭର କରିଥାଏ। ଏହା ଦ୍ୱାରା ଶରୀରରେ ଆଇରନର ପରିମାଣ ଠିକ୍ ରହୁଥିବାରୁ ଯକୃତ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ। ଯଦି ଶରୀରରେ ଆଇରନର ପରିମାଣ ଅଧିକ ରହିଥାଏ ତେବେ ଯକୃତ କୋଷର ଅକ୍ସିଡ଼େସନ ହୋଇଥାଏ। ଥରେ ରକ୍ତଦାନ କରିବା ପରେ ଶରୀରରୁ ୬୫୦-୭୦୦କିଲୋ କ୍ୟାଲୋରି କମ ହୋଇଯାଇଥାଏ। ଏହାଦ୍ୱାରା ଶରୀରର ଓଜନ ନିୟନ୍ତ୍ରଣ ହୋଇଥାଏ। ଶିବିରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନିମପୁର ଶାସନ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ତପନ ରାୟ, ଗୋପବନ୍ଧୁ ନାୟକ, ସୁଷମା ମଲ୍ଲିକ, ବିଜୟ ଆଚାର୍ଯ୍ୟ, ପଞ୍ଚାନନ ଧଳ, ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, କେଶବ ଚନ୍ଦ୍ର ଭୂୟାଁ, ଶୁକଦେବ ଦାସ, ଭବାନୀ ଶଙ୍କର ଦାଶ ପ୍ରମୁଖ ରକ୍ତଦାନ ଶିବିରରେ ସହଯୋଗ ଓ ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କାର୍ତ୍ତି


@ ପ୍ରକାଶ


@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପବିତ୍ରପଡ଼ା ଶ୍ରୀରାମନବମୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଡେରାବିଶ, ୨୬।୩ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ, ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମର ବଟଗୋସେଇଁଙ୍କ ମଣ୍ଡପରେ ଚଳିତବର୍ଷ ଶ୍ରୀରାମନବମୀ ଯାତ୍ରାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ବଟମହାପୁରୁଷ ଗ୍ରାମ୍ୟ କମିଟି, ପବିତ୍ରପଡ଼ାର ସଭାପତି ସ୍ମାରକ ମହାନ୍ତିଙ୍କ ଦ୍ୱାରା ଆହୂତ କରାଯାଇଥିଲା। କମିଟିର ଉପଦେଷ୍ଟା ତଥା ବରିଷ୍ଠ ସଦସ୍ୟ ରଘୁନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରାମବାସୀ, କମିଟିର ସଦସ୍ୟ ଓ ଶ୍ରୀରାମନବମୀ ମହୋତ୍ସବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ ନବମୀ ଯାତ୍ରାକୁ ସଫଳ କରିବାକୁ ସଦସ୍ୟମାନଙ୍କୁ ବିଭିନ୍ନ ପଦବୀ ପାଇଁ ମନୋନୀତ କରାଯାଇଥିଲା। ଯାତ୍ରାର ମହନ୍ତ ଭାବେ ଅନନ୍ତ ଚରଣ ସାହୁଙ୍କୁ ମନୋନୀତ କରାଯାଇଥିବାବେଳେ ସହକାରୀ ମହନ୍ତ ମୃତ୍ୟୁଞ୍ଜୟ ସାହୁ ଓ ସହଯୋଗୀ ମହନ୍ତ ସୁବ୍ରତ କୁମାର ବେହେରାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହିପରି ପରିଚାଳନା ପାଇଁ ହିମାଂଶୁ ଶେଖର ରାଉଳ ମୁଖ୍ୟ ସଂଯୋଜକ ଓ ଅସିତ କୁମାର ଦାସ ସହ ସଂଯୋଜକ, ସମ୍ପାଦକ ଚନ୍ଦନ କୁମାର ସାହୁ, ସହସମ୍ପାଦକ ଚନ୍ଦନ କୁମାର ସେଠୀ ଓ କୋଷାଧ୍ୟକ୍ଷ ଭାବେ ଅକ୍ଷୟ କୁମାର ରାଉଳ ମନୋନୀତ ହୋଇଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଯଥାରୀତି ଉତ୍ସବ ଅନୁଷ୍ଠିତ ହେବା ସହିତ ଶ୍ରୀରାମନବମୀ ଏପ୍ରିଲ ୬ରୁ ୧୭ତାରିଖ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ହନୁମାନ ଜୟନ୍ତୀ ଓ ଦାଣ୍ଡ ଶୋଭାଯାତ୍ରା ଯଥାରୀତି ଅନୁଷ୍ଠିତ ହେବ ବୋଲି ଗ୍ରାମ୍ୟ କମିଟିର ସଭାପତି ସୂଚନା ଦେଇଛନ୍ତି।

## ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ସ୍ମୃତିସଭା

**ରାଜକନିକା, ୨୬।୩ (ସଞ୍ଜୟ କୁମାର ଦାଶ)**

ଆଳିର ପୂର୍ବତନ ବିଧାୟକ, ଦକ୍ଷ କ୍ରୀଡ଼ା ସଙ୍ଗଠକ ତଥା ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ମୁଖ୍ୟ ଉପଦେଷ୍ଟା ଦେବେନ୍ଦ୍ରନାଥ ଶର୍ମାଙ୍କ(୬୬) ବିୟୋଗରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ମଙ୍ଗଳବାର ଏକ ସ୍ମୃତିସଭା ଅନ୍ଧାରଘରଣୀ ପୀଠ ତଥା ଅଚ୍ୟୁତପୁର ହାଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତିର ସମ୍ପାଦକ ବିଧାନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମିତିର କର୍ମକର୍ତ୍ତା ଓ ସଭ୍ୟମାନେ ପ୍ରଥମେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନୀରବ ପ୍ରାର୍ଥନା କରିଥିଲେ। ଦେବେନ୍ଦ୍ର ଜଣେ ସ୍ପଷ୍ଟବାଦୀ ଓ ଦୁଃଖୀରଙ୍କିଙ୍କ ନେତା ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ମଙ୍ଗୁଳି ଚରଣ ବେହେରା, ନୀରଞ୍ଜନ ସାହୁ, ପ୍ରେମ କୁମାର ପାତ୍ର, ରବିନ୍ଦ୍ରନାଥ ସ୍ୱାଇଁ, ନାରୀନେତ୍ରୀ ସବିତା ବରଜ, ଶରତ ରାଉତ, ପ୍ରଦୀପ କୁମାର ମଳିକ, ରମାକାନ୍ତ ନାୟକ, ହଳଧର ମଲ୍ଲିକ, ଦୁର୍ଯ୍ୟୋଧନ ମହାନ୍ତି, ରଞ୍ଜନ କୁମାର ମଳିକ, ମୂରଲୀଧର ବେହେରା, କପିଳ ଚରଣ ମିଶ୍ର, ପ୍ରଦୀପ ପଣ୍ଡା, ରବିନ୍ଦ୍ରନାଥ ସାମଲ, ଉମେଶ ଚନ୍ଦ୍ର ପରିଡ଼ା, କାଳୀପ୍ରସାଦ ନାୟକ, ସୁବାସ ଚନ୍ଦ୍ର ସାହୁ ଓ ରବିନାରାୟଣ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଚୌଦମାଣିଆ ଗାଁରେ ରାଧାକୃଷ୍ଣ ପୂଜା


ବୈଠକରେ ଉପସ୍ଥିତ ସଦସ୍ୟମାନେ।

**ରାଜକନିକା, ୨୬।୩ (ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକ ହାଟସାହି ପଞ୍ଚାୟତର ଚୌଦମାଣିଆ ଗାଁରେ ଗତ ୧୦ ଦିନ ଧରି ଧୂମଧାମରେ ଗୋପବନ୍ଧୁ ପୂଜା କମିଟି ଆନୁକୂଲ୍ୟରେ ରାଧାକୃଷ୍ଣ ପୂଜା ପାଳିତ ହୋଇଯାଇଛି। ଏହି ପୂଜା ୧୪ରୁ ଆରମ୍ଭ ହୋଇ ୨୩ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ଦିନ କଳାସ ଯାତ୍ରା ଓ ଘଟ ସ୍ଥାପନ, ଦ୍ୱିତୀୟ ଦିନ ଦେବାପୂଜା ଓ ଭଜନ ସନ୍ଧ୍ୟା, ତୃତୀୟ ଦିନ ଗୋମାତା ପୂଜା ଓ ଉପେନ୍ଦ୍ର ପ୍ରସାଦ କଳାନିକେତନ ଦ୍ୱାରା ନୃତ୍ୟ ପରିବେଷଣ, ୪ର୍ଥ ଦିନ ନାମ ସଂକୀର୍ତ୍ତନ ଓ ୫ ଦିନ ପୂର୍ଣ୍ଣାହୁତି କରାଯାଇଥିଲା। ଗତ ୨୩-୨୪ତାରିଖରେ ନାଟକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ନଚ୍ଛେନ୍ଦ୍ର ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପରୀକ୍ଷିତ ପଢ଼ିହାରୀ, ସମ୍ମାନିତ ଅତିଥି ଭାବେ ହାଟସାହି ପଞ୍ଚାୟତର ସମିତି ସଭ୍ୟ ସଞ୍ଜୟ ବେଉରିଆ, କମଳାକାନ୍ତ ରାଉତ, ନିରଞ୍ଜନ ବେହେରା, ବୈଜୟନ୍ତ ପଢ଼ିହାରୀ, କାମିନୀବାଳା ନାୟକ ମଞ୍ଚାସୀନ ଥିଲେ। ଏହି ୨ ନାଟକର କୃତୀ କଳାକାର ଭାବେ ସୁଜିତ କୁମାର ନାୟକ, ପ୍ରକାଶ କୁମାର ନାୟକ ଓ ବିଶାଳ ବାରିକଙ୍କୁ ଚୟନ କରାଯାଇଥିଲା। ସର୍ବଶ୍ରେଷ୍ଠ ଅଭିନେତା ଭାବେ ଅଶୋକ କୁମାର ଜେନା ଓ ନିରଞ୍ଜନ ବେହେରାଙ୍କୁ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜା କମିଟିର ସଭାପତି ପ୍ରଭାତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ସୁନା ଲୁଟ୍ ଘଟଣାର ଟେର୍‌ପାଉନି ପୋଲିସ

**କୁଜଙ୍ଗ, ୨୬।୩ (ମନୋଜ ପ୍ରଧାନ)**

କୁଜଙ୍ଗ ଥାନା ବାଗୋଇ ରାସ୍ତାରୁ ୨୧ତାରିଖ ରାତିରେ ୩ ଜଣ ଦୁର୍ବୃତ୍ତ ସୁଶାନ୍ତ ସାହୁ ନାମକ ଜଣେ ଅଳଙ୍କାର ବ୍ୟବସାୟୀଙ୍କୁ ଆକ୍ରମଣ କରି ସେ ପରିଧାନ କରିଥିବା ୨ଟା ଚେନ ଓ ଗୋଟିଏ ବ୍ରେସ୍‌ଲେଟ ଲୁଟକରି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୩ ଲକ୍ଷ ଟଙ୍କା ହେବ। ଇତି ମଧ୍ୟରେ ୫ଦିନ ଅତିକ୍ରାନ୍ତ କରିଥିଲେ ବି ପୋଲିସ ଦୁର୍ବୃତ୍ତଙ୍କୁ ଧରିବା କି ଲୁଟ ଅଳଙ୍କାର ଜବତ କରିପାରିନାହିଁ। ଘଟଣାକୁ ପୋଲିସ ତନ୍ନ ତନ୍ନ କରି ଛାନ୍‌ଭିନ୍ ଚଳାଇଥିଲେ ବି ଲୁଟ୍‌ର ପର୍ଦ୍ଦାଫାଶ ହୋଇପାରିନାହିଁ। ପୋଲିସ ବିଭିନ୍ନ ଦିଗକୁ ବିଚାରକୁ ନେଇ ଆଗକୁ ବଢୁଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଲୁଟ ଘଟଣାର ରହସ୍ୟ ଭେଦ କରିବାକୁ ପୋଲିସ ବୈଷୟିକ ଜ୍ଞାନ କୌଶଳ ସହାୟତାରେ ତଦନ୍ତ ଜାରି ରଖିଥିବା ଆଇଆଇସି ବଂଶୀଧର ପ୍ରଧାନ କହିଛନ୍ତି।

## ସାଉଥ ଆଫ୍ରିକାରୁ ପ୍ରତାପଙ୍କ ମୃତଦେହ ଫେରାଇ ଆଣିବାକୁ ନିବେଦନ

**ପଟ୍ଟାମୁଣ୍ଡାଇ, ୨୬।୩ (କଳ୍ପତରୁ ନାୟକ)**



ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର କ୍ଷୀରୋଦ ମଲ୍ଲିକଙ୍କ ପୁଅ ପ୍ରତାପ ସାଉଥ ଆଫ୍ରିକାରେ କାମ କରିବାକୁ ଯାଇଥିଲେ। ୨୫ ତାରିଖରେ ରାତି ୯ଟାରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିବା ନେଇ ଘରକୁ ଖବର ଆସିଥିଲା। ଏହି ଖବର ପାଇଁ ପ୍ରତାପଙ୍କ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି। ସାଉଥ ଆଫ୍ରିକାରୁ ତାଙ୍କ ମୃତଦେହ ଗାଁକୁ ଆଣିବା ପାଇଁ ଶ୍ରୀରାମପୁର ପଞ୍ଚାୟତବାସୀ ଓ ମୃତ ପ୍ରତାପଙ୍କ ପରିବାର ଲୋକ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଆକୁଳ ନିବେଦନ କରିଛନ୍ତି।

## ଅବାଧରେ ଚାଲିଛି ଚାଉଳ ଚାଲାଣ

**ଜିଲା ଯୋଗାଣ ବିଭାଗ ଚୁପ୍**

**ମହାକାଳପଡ଼ା, ୨୬।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ଦେବାକୁ ସରକାର ଯୋଜନା କରିଛନ୍ତି। ହେଲେ ସେହି ଚାଉଳ ପ୍ରତିଦିନ ଅନ୍ୟତ୍ର ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ପରେ ବି ବିନା ବ୍ୟାନର ଓ ପଲିଥିନ ଘୋଡ଼ାରେ ସେହି ଚାଉଳ ଟ୍ରକ୍‌ରେ ଅନ୍ୟତ୍ର ଚାଲାଣ କରାଯାଉଛି। ବୁଧବାର ମଧ୍ୟାହ୍ନରେ ମହାକାଳପଡ଼ା ବ୍ଲକ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ୍ (ନଂ.ଓଡ଼ି ୨୯ ଜି ୮୨୭୭)ରେ ରାଶନ ଚାଉଳ ଅନ୍ୟତ୍ର ଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କାହିଁକି ସେହି ଟ୍ରକ୍‌ରେ ବ୍ୟାନର ଲାଗି ନ ଥିଲା ଓ ପଲିଥିନ ଘୋଡ଼ା ଯାଇ ନ ଥିଲା ତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଏହି ବ୍ଲକର ୩୧ ପଞ୍ଚାୟତରେ ମୋଟ ୪୭ ହଜାର ୮୩୪ ରାଶନ କାର୍ଡଧାରୀ ପରିବାର ରହିଛନ୍ତି। ସେଥିମଧ୍ୟରୁ ୧ ଲକ୍ଷ ୮୦ ହଜାର ଲୋକଙ୍କୁ ମୁଣ୍ଡ ପିଛା ୫ କିଲୋ ଚାଉଳ ବଣ୍ଟନ କରାଯାଉଛି ବୋଲି ବ୍ଲକ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ପଚାରିବାରୁ ଯଦି ଏପରି ଟ୍ରକ୍ ନଜରକୁ ଆସୁଛି ଲୋକମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ଦରକାର ବୋଲି ସେ କହିଛନ୍ତି।



ବିନା ବ୍ୟାନର ଓ ପଲିଥିନ ଘୋଡ଼ା ନ ହୋଇ ଚାଲାଣ ହେଉଥିବା ଚାଉଳ।

## ବିନା ସୂଚନାଫଳକରେ ରାସ୍ତା ନିର୍ମାଣ

■ ଭଲ ରାସ୍ତା ମରାମତି ପାଇଁ ୯ ଲକ୍ଷ ଟଙ୍କା ବ୍ୟୟବରାଦ

■ ଗ୍ରାମବାସୀଙ୍କ ବିରୋଧ ପରେ କାମ ବନ୍ଦ ହେଲା

**ରାଜକନିକା, ୨୬।୩ (ସଞ୍ଜୟ କୁମାର ଦାଶ)**


ଗ୍ରାମବାସୀ ରାସ୍ତାକାମକୁ ବିରୋଧ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବାଘୁଆଶୁଣି ଛକରୁ ଗଭାଡ଼ିଆ ଗାଁ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ରହିଛି। ସେହି ରାସ୍ତା ଭଲ ଥିଲା। ହେଲେ ସେହି ରାସ୍ତା ମରାମତି ବାବଦରେ ୯ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଉଛି। ଏହାକୁନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମବାସୀ ବି ଏହାକୁ ବିରୋଧ କରିବା ସହ ବିଭାଗୀୟ ତଦନ୍ତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ତରାସ ପଞ୍ଚାୟତର ବାଘୁଆଶୁଣି ଛକଠାରୁ ନେତାଜୀ ଛକ ୨କି.ମି. ପର୍ଯ୍ୟନ୍ତ ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୪ବର୍ଷ ତଳେ ନିର୍ମାଣ କରାଯାଇଥିଲା। ସେହି ରାସ୍ତା ଭଲ ଭାବେ ଗାଁ ଲୋକମାନଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବାରୁ ଏ ପର୍ଯ୍ୟନ୍ତ ଭଲ ଅଛି। କେଉଁଠି ଢ଼ଳେଇ ରାସ୍ତା ଭାଙ୍ଗି ନାହିଁ କି ଫାଟ ସୃଷ୍ଟି ହୋଇ ନାହିଁ। ହେଲେ ସେହି ରାସ୍ତା ନିର୍ମାଣ ପାଇଁ ଠିକାଦାର ମାସେ ହେବ ଗାଁ ମୁଣ୍ଡରେ ବାଲି, ଗୋଡ଼ି ପକାଇ ରଖିଥିଲେ। ହେଲେ ଗାଁ ଲୋକମାନେ ରାସ୍ତା କାମ ସମ୍ପର୍କରେ ଜାଣିବା ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇବାକୁ ଯାଇଥିଲେ। ହେଲେ ତାଙ୍କୁ ନ ପାଇ ତାଙ୍କ କାର୍ଯ୍ୟାଳୟରୁ ଫୋନ ଯୋଗେ କଥା ହୋଇଥିଲେ। ଭଲ ରାସ୍ତା ଉପରେ ମରାମତି କରା ନ ଯାଉ। ଯଦି କାମ କରିବା କଥା ରାସ୍ତାକୁ ସମ୍ପୂର୍ଣ୍ଣ ଖୋଳି ନୂତନ ରାସ୍ତା ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ କହିଥିଲେ। ଯଦି ଢ଼ଳେଇ ଉପରେ ମରାମତି କରାଯିବ ତେବେ ରାସ୍ତା ଅଳ୍ପଦିନରେ ନଷ୍ଟ ହୋଇଯିବ ବୋଲି ଅଭିଯୋଗ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ କାମ ନ ହେଲେ ଟଙ୍କା ଫେରିଯିବ ବୋଲି କହିଥିଲେ। ଏହାସତ୍ତ୍ୱେ ମଙ୍ଗଳବାର ସକାଳୁ ରାସ୍ତା କାମ ଆରମ୍ଭ ହୋଇଥିବାରୁ ଗାଁ ଲୋକମାନେ କାମ ବନ୍ଦ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସେଠାରେ ପହଞ୍ଚିବା ପରେ କିଛି ସମୟ ଲାଗି ସେଠାରେ ଲୋକମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଘେରି ନାନା ପ୍ରଶ୍ନ କରିଥିଲେ। ରାସ୍ତା କାମ ହେଉଛି ସୂଚନା ଫଳକ କାହିଁକି ଲାଗିନି। ରାସ୍ତା କେଉଁଠି ଭାଙ୍ଗି ନାହିଁ କି କ୍ରାକ୍ ମଧ୍ୟ ହୋଇନାହିଁ। ଭଲ ରାସ୍ତା ଉପରେ କାହିଁକି ମରାମତି କରାଯାଉଛି। କେଉଁ ଫଣ୍ଡରୁ କାମ ହେଉଛି ବୋଲି ପ୍ରଶ୍ନ କରିଥିଲେ। ଯନ୍ତ୍ରୀ ଭଲ କାମ ହେବ ବୋଲି କହିବା ସହ ଅନ୍ୟ କୌଣସି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ନ ଦେଇ ଫେରି ଯାଇଥିଲେ।

ଶୁଭ୍ରଜିତ ବିଶ୍ୱାଳ, ଦୋଳଗୋବିନ୍ଦ ନାୟକ, ବୈଦ୍ୟନାଥ ଖଟୁଆ, ଅଞ୍ଜନ ନାୟକ, ବନୋଜ ବାରିକ, ପ୍ରଦୀପ୍ତ ଖଟୁଆ, ରଞ୍ଜିତ କରଣ, ସୁମନ୍ତ ନାୟକ, ସତ୍ୟଜିତ ନାୟକ, ସୂର୍ଯ୍ୟକାନ୍ତ ସାହୁ, ପ୍ରଜ୍ଞାଜିତ ନାୟକ, ସୁଜିତ ଜେନା ପ୍ରମୁଖ କହିଛନ୍ତି, ଏହି ରାସ୍ତା ଭଲ ଅଛି କାହା ସ୍ୱାର୍ଥରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କାମ କରୁଛନ୍ତି। ଯଦି ଏହି ରାସ୍ତା ଉପରେ ଠିକାଦାର ଆଣିଥିବା ଲୁଣା ବାଲି, ବଡ଼ ବଡ଼ ଗୋଡିରେ ଢ଼ଳେଇ ଉପରେ କାମ କରାଯାଏ ତେବେ ୨ ମାସ ମଧ୍ୟରେ ରାସ୍ତା ଭାଙ୍ଗି ଯିବ।

# ୨୮ ତାରିଖ ସାଧାରଣସଭା ବାତିଲ

## ହାଇକୋର୍ଟଙ୍କ ସ୍ଥଗିତାଦେଶ

## ତଦନ୍ତ ନିର୍ଦ୍ଦେଶ ଦେଲେ ନିବନ୍ଧକ

ନୟାଗଡ଼,୨୬।୩ (ଲୋକନାଥ ମିଶ୍ର)

ଚଳିତ ମାସ ୨୮ ତାରିଖରେ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକଙ୍କ ଦ୍ୱାରା ଆୟୋଜିତ ସାଧାରଣ ସଭା ଉପରେ ସ୍ଥଗିତାଦେଶ ଲଗାଇଛନ୍ତି ହାଇକୋର୍ଟ। ସମ୍ପାଦକ ସାଧାରଣ ସଭା ଆୟୋଜନ ନେଇ କରିଥିବା ନୋଟିସକୁ ଅବୈଧ ଘୋଷଣା କରିବା ସହ ରାଜ୍ୟ ସମବାୟ ନିବନ୍ଧକ ୨ ସପ୍ତାହ ମଧ୍ୟରେ ଜିଲାପାଳଙ୍କୁ ମାଗିଥିବା କ୍ଲାରିଫିକେଶନ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରଥମେ ମାର୍ଚ୍ଚ ୧୯ ତାରିଖରେ ନୟାଗଡ଼ ଜିଲା ପରିଷଦର ସଭାଗୃହ ସୃଜନରେ ସାଧାରଣା ସଭା କରିବାକୁ ୧୨ ତାରିଖରେ ପାକ୍ସଗୁଡ଼ିକୁ ଚିଠି କରାଯାଇଥିଲା। ଏହାକୁ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ଓ ପାକ୍ସ ସଭାପତିମାନେ ବିରୋଧ କରିଥିଲେ। ଏପରିକି ସାଧାରଣ ସଭାର ବୈଠକକୁ ବାତିଲ କରିବାକୁ ଜିଲାପାଳଙ୍କ ପାଖରେ ଫେରାଦ ହୋଇଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ତାଙ୍କ ନିର୍ଦ୍ଦେଶରେ ସାଧାରଣ ସଭାକୁ ବାତିଲ କରାଯାଇଥିଲା । ଉକ୍ତ ଦିବସରେ ପୁଣି ବ୍ୟାଙ୍କ ସମ୍ପାଦକ ଚଳିତ ମାସ ୨୮ ତାରିଖରେ ସାଧାରଣ ସଭା ପାଇଁ ଆହ୍ୱାନ କରିଥିଲେ । ଏନେଇ ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି କିମ୍ବା ସଦସ୍ୟଙ୍କ ମତାମତ ଲୋଡ଼ା ଯାଇ ନ ଥିଲା । ନୟାଗଡ଼ ବ୍ୟାଙ୍କ ଅଧୀନରେ ୧୪୨ଟି ପାକ୍ସ ରହିଥିବା ବେଳେ ଦୁଇ ତୃତୀୟାଂଶ ପାକ୍ସ ସାଧାରଣ ସଭା ଆୟୋଜନ ନିୟମ ଅନୁସାରେ ଆୟୋଜନ କରିବାକୁ ଦାବି କରିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ବ୍ୟାଙ୍କ ଆର୍ଥିକ କ୍ଷମତା ଜିଲାପାଳଙ୍କ ହାତକୁ ଯାଇଛି । ପରିଚାଳନା ପରିଷଦ ପୂର୍ବଭଳି ଦାୟିତ୍ୱ ସମ୍ପାଦନ କରିବା କଥା । ମାତ୍ର ପରିଚାଳନା ପରିଷଦକୁ କୋଣଠେସା କରିବାକୁ ଯାଇ ସଦସ୍ୟଙ୍କ ଅଗୋଚରରେ ବ୍ୟାଙ୍କ ସମ୍ପାଦକ ସାଧାରଣ ସଭା ଆହ୍ୱାନ କରିଛନ୍ତି । ସାଧାରଣ ସଭା ସମ୍ପର୍କରେ ଜିଲାପାଳ ରାଜ୍ୟ ସମବାୟ ନିବନ୍ଧକଙ୍କୁ ନିୟମାବଳୀ ସମ୍ପର୍କରେ ଏକ କ୍ଲାରିଫିକେଶନ ମାଗିଥିବା ବେଳେ ପୁଣି ଥରେ ସାଧାରଣ ସଭା ଆହ୍ୱାନ କରାଯିବା ଦ୍ୱନ୍ଦ ସୃଷ୍ଟି କରିଥିଲା । ଏହାକୁ ନେଇ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉକ୍ତ ମାମଲାର ଶୁଣାଣି କରି ବୁଧବାର ହାଇକୋର୍ଟ ସାଧାରଣ ସଭା ଆୟୋଜନ ଉପରେ ସ୍ଥଗିତା ଦେଶ ପ୍ରଦାନ କରିବା ସହ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟ ସମବାୟ ନିବନ୍ଧକ ନୟାଗଡ଼ ଜିଲାପାଳ ମାଗିଥିବା କ୍ଲାରିଫିକେଶନ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହା ସହିତ ବ୍ୟାଙ୍କରେ ହୋଇଥିବା ଆର୍ଥିକ ଅନିୟମିତତାର ସେସ୍କନ ୬୫ ଓସିଏ ଆକ୍ଟ ଅନୁସାରେ ତଦନ୍ତ କରିବା ପାଇଁ ଗତ ଜାନୁଆରୀ ୬ରେ ପରିଚାଳନା ପରିଷଦ ନିଷ୍ପତ୍ତି ଗ୍ରହଣ କରି ନିବନ୍ଧକଙ୍କୁ ଚିଠି କରିଥିଲା । ଉକ୍ତ ଚିଠି ଉପରେ ନିବନ୍ଧକ ବୁଧବାର ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ଗ୍ରହଣ କରି ନ ଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ବୁଧବାର ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ରାଜ୍ୟ ସମବାୟ ବ୍ୟାଙ୍କ ନିବନ୍ଧକଙ୍କ ଚିଠି ନଂ. ୫୭୯୫ ଅନୁସାରେ ଏହି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁ, ଜେଆଇସିଏସ୍ ଲକ୍ଷ୍ମୀଧର ସୁବୁଦ୍ଧି, ଜେଆରସିଏସ୍ ବିଶ୍ୱରଞ୍ଜନ ଦାଶ ଓ ଅଶୋକ କୁମାର ମହାନ୍ତିଙ୍କୁ ଏହି ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ସେସ୍କନ ୬୫ ଓସିଏ ଆକ୍ଟ ଅନୁସାରେ ବ୍ୟାଙ୍କରେ ହୋଇଥିବା ଆର୍ଥିକ ଅନିୟମିତତାର ଏହି ଟିମ୍ ତଦନ୍ତ କରିବେ ବୋଲି ଜଣାପଡ଼ିଛି ।

## ଭୋଗରାଇ ବ୍ଲକ୍‌ରେ ମହିଳାଙ୍କ ବିକ୍ଷୋଭ

ଭୋଗରାଇ, ୨୬।୩(ପ୍ରଦୀପ ଦାସ)

ସମସ୍ତ ସରକାରୀ ଓ ବେସରକାରୀ ମଦ ଦୋକାନ ଅବିଳମ୍ବେ ବନ୍ଦ, ମଦ, ମାଦକଦ୍ରବ୍ୟ ସହ ନାରୀ ନିର୍ଯାତନା, ଅଶ୍ଳୀଳତା ପ୍ରଚାର ଓ ପ୍ରସାର ବନ୍ଦ, ନାରୀ ଅଧିକାର ଓ ସୁରକ୍ଷା ଆଦି ଦାବିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସାରା ଭାରତ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବୁଧବାର ପୃଥକ ଭାବେ ଭୋଗରାଇ ବ୍ଲକରେ ମହିଳାଙ୍କ ବିକ୍ଷୋଭ ଓ ଥାନାରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ନେତୃତ୍ୱ ନେଇଥିଲେ ଭୋଗରାଇ ମହିଳା ସାଂସ୍କୃତିକ ସଙ୍ଗଠନର ସମ୍ପାଦିକା ପିଙ୍କି ମଲ୍ଲିକ, ସଙ୍ଗଠକ ସରୋଜିନୀ ମହାନ୍ତି, କ୍ରିଷ୍ଣାରାଣୀ ସାହୁ, ସସ୍ମିତା ମହାନ୍ତି, ସ୍ୱର୍ଣ୍ଣଲତା ପଟ୍ଟାୟତ, ସୀତା ବେହେରା, ସ୍ୱର୍ଣ୍ଣଲତା ବେହେରା ପ୍ରମୁଖ ଆନ୍ଦୋଳନକାରୀମାନେ ବ୍ଲକରେ ଦୀର୍ଘ ସମୟ ବିକ୍ଷୋଭ ପ୍ରଦର୍ଶନ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ମଣ୍ଟୁ ଛୁରିଆଙ୍କ ଅର୍କେଷ୍ଟ୍ରା ଦର୍ଶକଙ୍କ ମନ ମୋହିଲା


ଦଶଦୋଳ ମହୋତ୍ସବର ୨ୟ ସନ୍ଧ୍ୟାରେ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ଦଶଦୋଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଖଣ୍ଡପଡ଼ା,୨୬।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ପଡିଆରେ ମଙ୍ଗଳବାରଠାରୁ ଚାଲିଥିବା ୪ର୍ଥ ଦଶଦୋଳ ମହୋତ୍ସବର ବୁଧବାର ୨ୟ ସନ୍ଧ୍ୟାରେ ଜଟଣୀର ନାଦବ୍ରହ୍ମ ଗ୍ରୁପ ଦ୍ୱାରା ପରିବେଷିତ ଭଜନ ଏବଂ ମଣ୍ଟୁ ଛୁରିଆ ଓ ସାଥୀଙ୍କ ଦ୍ୱାରା ଆୟୋଜିତ ଅର୍କେଷ୍ଟ୍ରା ଦର୍ଶକଙ୍କ ମନ ଜିଣିପାରିଥିଲା । ମଙ୍ଗଳବାର ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ବାପିନା କୁମାର ସାହୁ ଅଧ୍ୟକ୍ଷତାରେ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଫକୀର ମୋହନ ଦାସ ପ୍ରମୁଖ ଯୋଗଦେଇ ଅନୁଷ୍ଠାନଉନ୍ନତି କାମନା କରିବା ସହ ମହୋତ୍ସବର ଆୟୋଜନ କରିଥିବା ଖଳିସାହି ଗ୍ରାମବାସୀଙ୍କୁ କୃତଜ୍ଞତା ଜଣାଇଥିଲେ । ପ୍ରାଚୀନ ଐତିହ୍ୟ,ପରମ୍ପରା ମହୋତ୍ସବ ମାଧ୍ୟମରେ ଉଜ୍ଜୀବିତ ରହୁ ବୋଲି ସେ ମତ ଦେଇଥିଲେ । ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଖଳିସାହି ଗ୍ରାମର ବ୍ୟକ୍ତିମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ସନ୍ଧ୍ୟାରେ ବାଲେଶ୍ୱର ବାସୁଦେବପୁର ଲଉଡି ଖେଳ ଓ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ସୁନାମଧନ୍ୟ କଣ୍ଠଶିଳ୍ପୀ ବିଭୂ କିଶୋର ସଂଗୀତ ପରିବେଷଣ କରିଥିବା ବେଳେ ଉପସ୍ଥିତ ଦର୍ଶକ ସଙ୍ଗୀତର ତାଳେ ତାଳେ ଝୁମିଥିଲେ।

## ଅଜଣା ରୋଗରେ ଛେଳି ମୃତ୍ୟୁ ପରେ କାର୍ଯ୍ୟାନୁଷ୍ଠାନ

ଖଣ୍ଡପଡ଼ା,୨୬।୩
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଞ୍ଚଳରେ ଏବେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଛେଳି, ମେଣ୍ଢା ପରି ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟୁଛି । ଏଥିପ୍ରତି ଖଣ୍ଡପଡ଼ା ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧରଣରେ ଦାବି ହେଉଛି। ବିଭାଗ ପକ୍ଷରୁ ଗୋପାଳକମାନଙ୍କୁ ଆବଶ୍ୟକ ପରାମର୍ଶ ସହ ଔଷଧ ପ୍ରଦାନ କରାଗଲେ ଗୃହପାଳିତ ପଶୁମାନେ ସୁସ୍ଥ ହେବେ ବୋଲି ଦାବି ହୋଇଛି । ଖଣ୍ଡପଡ଼ା ବ୍ଲକ୍‌ଅଧୀନ ରାଣୀପଡା ଗ୍ରାମର ଗୋପାଳକ ଗୋପାଳକୃଷ୍ଣ ଜେନାଙ୍କ ଛେଳିପଲ ମଧ୍ୟରୁ ଗୋଟିଏ ଛେଳି ନିକଟ ଜମିକୁ ଚରିବାକୁ ଯାଇଥିବା ବେଳେ ମଙ୍ଗଳବାର ମୃତ୍ୟୁ ଘଟିଥିଲା । ଏ ସମ୍ପର୍କରେ ଗୋପାଳକ ଜେନା ଖଣ୍ଡପଡା ବ୍ଲକ ପ୍ରାଣୀ ଚିକିତ୍ସାଧାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା.ବିଶ୍ୱ ରଞ୍ଜନ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ରାଣପଡା ଗ୍ରାମକୁ ବୁଧବାର ଯାଇ ଗୃହପାଳିତ ପଶୁମାନଙ୍କୁ ଟୀକା ପ୍ରଦାନ କରିବା ସହ ଆବଶ୍ୟକୀୟ ଔଷଧ ପ୍ରଦାନ କରିଛନ୍ତି।

# କ୍ରାଇମ୍‌ବ୍ରାଞ୍ଚ କଲା ସିନ୍ ରିକ୍ରିଏଶନ


ହତ୍ୟାକାରୀ ପ୍ରକାଶ ମହାନ୍ତିଙ୍କୁ ଘଟଣାସ୍ଥଳକୁ ନିଆଯାଉଛି।

## ବାପାଙ୍କ ଦ୍ୱିତୀୟ ବିବାହକୁ ବିରୋଧ ଯୋଗୁ ୨ ପୁଅ ହତ୍ୟା ଘଟଣା

## ବାପା ଦେଖାଇଲେ ହତ୍ୟାର ଡେମୋ

ନୟାଗଡ଼,୨୬।୩ (ଲୋକନାଥ ମିଶ୍ର)

ବହୁ ଚର୍ଚ୍ଚିତ ନୟାଗଡ଼ ଜିଲା ଫତେଗଡ଼ ଥାନା ଧାନଚାଙ୍ଗଡା ଗାଁର ୨ ନାବାଳକ ଭାଇ ଆକାଶ (୧୪) ଓ ସାନ ଭାଇ ବିକାଶ ମହାନ୍ତି (୯) ହତ୍ୟା ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି । ବୁଧବାର ହତ୍ୟାକାରୀ ବାପାଙ୍କୁ ଧାନଚାଙ୍ଗଡା ଗାଁକୁ ଆଣି କ୍ରାଇମବ୍ରାଞ୍ଚ ସିନ୍ ରିକ୍ରିଏଶନ୍ କରିଛି । ବାପା କିପରି ନିଜ ୨ପୁଅଙ୍କୁ ହତ୍ୟା କଲେ ତାର ଡେମୋ କ୍ରାଇମବ୍ରାଞ୍ଚଙ୍କୁ ଦେଖାଇଛନ୍ତି ।

ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଧାନଚାଙ୍ଗଡ଼ା ଗାଁରେ ଘଟିଥିଲା ଏକ ହୃଦୟ ବିଦାରକ ଘଟଣା । ବାପାଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିବାରୁ ଜଣେ ବ୍ୟକ୍ତି ଉତ୍ତେଜିତ ହୋଇ ନିଜର ୨ ନାବାଳକ ପୁଅଙ୍କୁ ହତ୍ୟା କରି ସିଡ଼ି ରେଲିଂରେ ଝୁଲାଇ ଦେଇଥିଲେ । ଗତ ୯ ତାରିଖ ରାତିରେ ଏହି ଘଟଣା ଘଟିଥିବାବେଳେ ୧୦ ତାରିଖ ସକାଳେ ତାହା ଲୋକଲୋଚନକୁ ଆସିଥିଲା । ୨ ନାବାଳକଙ୍କ ମାମୁ ଲକ୍ଷ୍ମଣ ନାୟକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୧/୨୫) ରୁଜୁ କରି ହତ୍ୟାର ଗୁମର ଖୋଲିଥିଲା । ଏହି ଘଟଣାରେ ଫତେଗଡ଼ ଥାନା ପୋଲିସ ମୃତକଙ୍କ ବାପା ପ୍ରକାଶ ମହାନ୍ତି (୪୦) ଓ ଜେଜେମା' ସଉରୀ ମହାନ୍ତି(୬୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଥିଲା । ଘଟଣାର ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ହତ୍ୟାକାରୀ ବାପା ଓ ଜେଜେମା'ଙ୍କୁ ରିମାଣ୍ଡରେ ଆଣି ତଦନ୍ତ ଜାରି ରଖିଛି ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କୀର୍ତ୍ତି


@ ପ୍ରକାଶ


@ ସନାତନ


@ ଶିବପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଲଘୁ ଖଣିଜ ସମ୍ପଦ ପରିବହନ ଉପରେ କଟକଣା

### ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଖଣ୍ଡପଡ଼ା,୨୬।୩ (ଅଜୟ କୁମାର ମହାରଣା)

ସଂପ୍ରତି ପୋଲିସ ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ସମ୍ପଦ ବାଲି, ଗୋଡି, ମେଣ୍ଟାଲ, ମୋରମ ଆଦି ପରିବହନ ଉପରେ କଟକଣା ଲାଗୁ କରାଯାଇଛି । ଫଳରେ ମିନିଟ୍ରକ, ହାଇୱା, ଟ୍ରାକ୍ଟର ଯୋଗେ ବିଭିନ୍ନ ଉତ୍ସରୁ ଲଘୁ ଖଣିଜ ସମ୍ପଦ ପରିବହନ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି । ଏହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡିବା ସହ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଲଘୁ ଖଣିଜ ସମ୍ପଦର ଅଭାବ ପରିଲକ୍ଷିତ ହୋଇଛି । ଫଳରେ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସାମଗ୍ରୀର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ଯୋଗୁ କୋଠାବାଡି ନିର୍ମାଣ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡ

ଚମ୍ପୁଆ,୨୬।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରଣୟ କୁମାର ଦାଶ ଅଭିଯୁକ୍ତ ଗୌରହରୀ ମହାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡ କରିଛନ୍ତି। ଏଥି ସହିତ ୧୦ ହଜାର ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ୨୦୨୧ରେ ଚମ୍ପୁଆ ଥାନା କୋଦଗାଡ଼ିଆ ଗ୍ରାମର ଲକ୍ଷ୍ମୀ ସାହିରେ ଗୌରହରି ମହାନ୍ତ ଓ ଲିପୁନ ମହାନ୍ତଙ୍କ ଝଗଡ଼ା ହୋଇଥିଲା। ଉତ୍ତେଜିତ ହୋଇ ଗୌରହରି ମହାନ୍ତ, ଲିପୁନ ମହାନ୍ତଙ୍କୁ ଛୁରିରେ ଭୁଷି ଦେଇଥିଲେ।

## ରାମଚନ୍ଦ୍ରପୁରରୁ ରଥିତ ଡୋଲମରା ରାସ୍ତା ଶୋଚନୀୟ


ଅବହେଳିତ ଅବସ୍ଥାରେ ପଡ଼ିଥିବା ରାସ୍ତା।

ଖଣ୍ଡପଡ଼ା,୨୬।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହିଠାରୁ ଆଡକଟାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ରାମଚନ୍ଦ୍ରପୁର ଗ୍ରାମଠାରୁ ଶରଧାପୁର ଗ୍ରାମ ପାର୍ଶ୍ୱସ୍ଥ କୁଆଁରିଆ ମାଳବନ୍ଧ ଦେଇ ନିକଟସ୍ଥ ରଥିତ ଡୋଲମରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଉକ୍ତ ରାସ୍ତା ଦେଇ ଯାତାୟତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଦୈନିକ ଉକ୍ତ ରାସ୍ତା ଦେଇ ଯାତ୍ରୀବାହୀ ବସ୍ ଠାରୁ ଆରମ୍ଭ କରି ଭାରିଯାନ ଚଳାଚଳ କରୁଛି । ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଛି । ଅଣ ଓସାରିଆ ରାସ୍ତା ଦେଇ ଯାନବାହନ ଚଳପ୍ରଚଳ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ ଦିଗରେ ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲାପାଳଙ୍କ ଅଫିସ୍ ଆଗରେ ସାମ୍ବାଦିକ ସଂଘର ଧାରଣା

- ଆସିଲେ ନାହିଁ ଜିଲାପାଳ, ଏଡିଏମ୍
- ଏପ୍ରିଲ ୯ରେ ହେବ ଜିଲାସ୍ତରୀୟ ଆନ୍ଦୋଳନ

## ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରେସ୍‌ରୁମ୍ ଖୋଲିବା ଦାବି


ଧାରଣାରେ ବସିଥିବା ଖବରଦାତା।

ନୟାଗଡ଼,୨୬।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରେସରୁମ ଖୋଲିବା ଦାବି ଜୋରଦାର ହୋଇଛି । ବୁଧବାର ନୟାଗଡ଼ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଧାରଣା ଚାଲିଥିଲା। ହେଲେ ଜିଲାପାଳ କି ଅତିରିକ୍ତ ଜିଲାପାଳ ଆସି ନ ଥିଲେ। ଉପଜିଲାପାଳ ଓ ନୟାଗଡ଼ ତହସିଲଦାର ନିଜ କାର୍ଯ୍ୟାଳୟକୁ ଆସି ଅଳ୍ପ ସମୟ ରହିବା ପରେ ଚାଲି ଯାଇଥିଲେ। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଆନ୍ଦୋଳନକୁ ଦେଖି ଘଟଣାସ୍ଥଳକୁ ନ ଆସି ଚାଲିଯାଇ ଥିଲେ। ଅନ୍ୟପକ୍ଷେ ଜିଲାପାଳଙ୍କ ଓ ଅତିରିକ୍ତ ଜିଲାପାଳ ବୁଧବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଫିସ ଆସି ନ ଥିଲେ। ଶେଷରେ ସାମ୍ବାଦିକ ସଂଘ ପକ୍ଷରୁ ଧାରଣା ପ୍ରତ୍ୟାହୃତ କରାଯାଇଥିଲା। ଜିଲାପାଳ ଆନ୍ଦୋଳନକୁ ଡରି କାର୍ଯ୍ୟାଳୟକୁ ଆସି ନ ଥିବାରୁ ଏହାର ପ୍ରତିବାଦରେ ସଂଘ ଜିଲାସ୍ତରୀୟ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛି। ଏପ୍ରିଲ ୯ ସକାଳ ୯ଟା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର ସବୁ ଖବରଦାତା ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ଆଜିର ଧାରଣାରେ ବରିଷ୍ଠ ଖବରଦାତା ଆଦର୍ଶ ପଟ୍ଟନାୟକ, ନିଶିକାନ୍ତ ରଥ, ସୁବାସ ମହାପାତ୍ର, ସନ୍ଦିପ ଲେଙ୍କା, ଶୁଭେନ୍ଦୁ ଦାସ, ଜୟେନ୍ଦ୍ର ବେହେରା, ସତ୍ୟ ନାରାୟଣ ମିଶ୍ର, ପୁରୁଷୋତ୍ତମ ମହାପାତ୍ର, ଗୋକୁଳ କୁମାର ଷଡ଼ଙ୍ଗୀ, ରଞ୍ଜନକୁମାର ବେହେରା, ବିକ୍ରମ ସ୍ୱାଇଁ, ଜିତୁନ କୁମାର ମହାପାତ୍ର, ଦୀପକ ନାୟକ, ବିଭୁତି ଭୁଷଣ ପଟ୍ଟନାୟକ, ଶିବ ନାରାୟଣ ଦାସ, ଯଯାତି କେଶରୀ ମହାପାତ୍ର, ଏମ. ଆଉରଙ୍ଗଜେବ ପ୍ରମୁଖ ସାମିଲ ହୋଇଥିଲେ। ଏନେଇ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ କୁହନ୍ତି, ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରେସ୍‌ରୁମ୍ ଖୋଲିବା ପାଇଁ ଆମ ସଂଘ ପକ୍ଷରୁ ଜିଲାପାଳଙ୍କୁ ପ୍ରଥମେ ଭେଟି ଦାବି ଉପସ୍ଥାପନ କରିଥିଲୁ। ପରେ ଲିଖିତ ଅଭିଯୋଗ ମାଧ୍ୟମରେ ଜଣାଇଥିଲୁ। ତେବେ ଜିଲାପାଳଙ୍କ ବ୍ୟବହାର ଆମକୁ ଭଲ ଲାଗି ନ ଥିଲା । ସେ ଏ ବାଦଦରେ କୌଣସି ଉତ୍ତର ଦେଇ ନ ଥିଲେ । ଶେଷରେ ଆମେ ଆନ୍ଦୋଳନ କରିବାକୁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲୁ। ହେଲେ ପ୍ରତୀକ ଧାରଣା ନେଇ ଜିଲାପାଳ ଅବଗତ ଥିଲେ ବି ଅଫିସକୁ ଆସିଲେ ନାହିଁ । ଏପ୍ରିଲ ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର ସବୁ ସାମ୍ବାଦିକ, ଭାଜପା, ବିଜେଡି, କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଏହି ଆନ୍ଦୋଳନରେ ସାମିଲ ହେବେ ।

# ୨ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ଉପରେ ଚଢ଼ାଉ

■ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ
■ ୩ ମାସର ସିସିଟିଭି ଫୁଟେଜ ଯାଞ୍ଚ ନିର୍ଦ୍ଦେଶ




**କାଏମା, ୨୬।୩(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ପାଟପୁରସ୍ଥିତ ମା'ସିଦ୍ଧଚଣ୍ଡୀ ଓ ଜାରକାସ୍ଥିତ ବାବା ଗୋକର୍ଣ୍ଣେଶ୍ୱର ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ଉପରେ ବୁଧବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ବିଡିଓ ଜ୍ୟୋତିର୍ମୟ କରଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଏହି ଚଢ଼ାଉ କରିଥିଲା। ଟିମ୍ ପ୍ରଥମେ ମା'ସିଦ୍ଧଚଣ୍ଡୀ ସଂସ୍ଥା ଉପରେ ଚଢ଼ାଉ କରିଥିଲା। ସେଠାରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଇବା ସାମଗ୍ରୀ ପ୍ରସ୍ତୁତ ହେଉଥିବା ଟିମ୍ ହୃଦୟଙ୍ଗମ କରିଥିଲା। ତେଣୁ ଟିମ ସେଠାରୁ ସମସ୍ତ ସାମଗ୍ରୀର ନମୁନା ସଂଗ୍ରହ କରି ମାନ ପରୀକ୍ଷା ପାଇଁ ଆଣିଥିଲା। ଏଥିସହ ସଂସ୍ଥାର କାଗଜ ପତ୍ର ଜବତ କରିଥିଲା। ବଡ଼ କଥା ହେଲା ଏହି ଟିମ ଯିବା ପୂର୍ବରୁ ସେଠାରେ କାର୍ଯ୍ୟରତ କର୍ମଚାରୀ ଓ ମାଲିକ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିବା ଅଧିକାରୀମାନେ ସନ୍ଦେହ କରିଥିଲେ। କୌଣସି ଅଧିକାରୀ ପୂର୍ବରୁ ଖବର ଦେଇଥିବା ସନ୍ଦେହ କରାଯାଇଥିଲ।

ତେଣୁ ଅଧିକାରୀମାନେ ସେଠାରେ ଲାଗିଥିବା ୩ ମାସର ସିସିଟିଭି ଫୁଟେଜ ଦେବା ପାଇଁ ମାଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ଟିମ ଜାରକାସ୍ଥିତ ବାବା ଗୋକର୍ଣ୍ଣେଶ୍ୱର ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ଉପରେ ଚଢ଼ାଉ କରି ସେଠାରୁ ନମୁନା ସଂଗ୍ରହ କରିଥିଲା।

ବିଡିଓଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ, ସିଡିପିଓ ସ୍ୱର୍ଣ୍ଣରେଖା ବେହେରା, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁଙ୍କ ସମେତ ବିପିସି ଓ ଅଙ୍ଗନୱାଡି ସୁପରଭାଇଜର ସାମିଲ ହୋଇଥିଲେ। ଚଢ଼ାଉ ସମ୍ପର୍କରେ ସିଡିପିଓ ସ୍ୱର୍ଣ୍ଣରେଖା ବେହେରାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇପାରିବେ ନାହିଁ ବୋଲି ସିଧାସଳଖ ମନା କରି ଦେଇଥିଲେ।

ପ୍ରକାଶଯୋଗ୍ୟ, ପୂର୍ବରୁ ସିଦ୍ଧଚଣ୍ଡୀ ଛତୁଆ ପ୍ରସ୍ତୁତକାରୀ ସଂସ୍ଥାର ଅସାଧୁ କାର୍ଯ୍ୟକଳାପ ସମ୍ପର୍କରେ ବିଧାୟକ ଓ ମୁଖ୍ୟମନ୍ତ୍ରୀ ନିକଟରେ ସ୍ଥାନୀୟ କେତେଜଣ ଗ୍ରାମବାସୀ ଅଭିଯୋଗ କରିଥିଲେ। ପରେ ଜିଲା ମୁଖ୍ୟ କାର୍ଯ୍ୟାଳୟରୁ ତଦନ୍ତକାରୀ ଅଧିକାରୀ ଓ ଧର୍ମଶାଳାର ଟିମ ପହଞ୍ଚି ତଦନ୍ତ କରିଥିଲେ। ଏଥିସହ ଯେଉଁମାନେ ଅଭିଯୋଗ ଆଣିଥିଲେ ସେମାନଙ୍କ ନାମ ଓ ତାଲିକା ସର୍ବ ସମ୍ମୁଖରେ ପ୍ରକାଶ କରିଥିଲେ। ଫଳରେ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ମାଲିକ ଅଭିଯୋଗକାରୀଙ୍କ ଘରକୁ ଯାଇ ପଚରାଉଚରା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଖବରଦାତାଙ୍କ ସମସ୍ୟା ଉଠାଇଲେ ସମାଧାନ ହେବ




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଖବରଦାତା।

**ଯାଜପୁର ଟାଉନ, ୨୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

## ଏସ୍‌ୟୁଜେ ଜିଲା ଶାଖାର ଆଲୋଚନାଚକ୍ର

କେବଳ ଖବରଦାତାଙ୍କ ସମସ୍ୟା ଖବରଦାତା ଉଠାଇଲେ ହେବନାହିଁ, ସବୁ ବର୍ଗର ଲୋକ ଉଠାଇଲେ ସମସ୍ୟାର ସମାଧାନ ହୋଇପାରିବ। ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ(ଏସୟୁଜେ) ଯାଜପୁର ଜିଲା ଶାଖାର ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। ବୁଧବାର ରୋଟାରୀ କ୍ଲବ୍‌ଠାରେ ଏସୟୁଜେର ଯାଜପୁର ଜିଲା ଶାଖା ପକ୍ଷରୁ ଜିଲା ସଭାପତି ସୁବାସ ଧଳଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଶେଷ ଅତିଥି ଭାବେ ଏସୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ସମ୍ମାନିତ ବକ୍ତା ଭାବେ ନିତ୍ୟାନନ୍ଦ ମିଶ୍ର, ପ୍ରଫେସର ଦାମୋଦର ବେହେରା, ଜିଲା ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସନ୍ଦୀପ୍ତ ରାୟ ଓ ଜିଲା କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ତରୁଣ କୁମାର ନନ୍ଦ ଯୋଗଦେଇ ସୁସ୍ଥ ସମାଜ ପାଇଁ ଖବରଦାତା ଭଲ ଖବର ପରିବେଷଣ କରିବା ସହିତ ଦୁର୍ନୀତି ବିରୋଧରେ କଲମ ଚାଳନା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ସଙ୍ଘର ପରିଚୟପତ୍ର ବଣ୍ଟନ କରାଯାଇଥିଲା। ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ପାଦକ ପ୍ରତ୍ୟୁଷ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ।

# ଓଚିନ୍ଦା ମେଳଣ ଉଦ୍‌ଯାପିତ

**ପାଣିକୋଇଲି, ୨୬।୩(ବିକାଶ ମଲ୍ଲିକ):**

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଗୋପୀନାଥ ଓ ରାଧାଙ୍କୁ ନେଇ ବିମାନ ୯ ସାହି ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଗ୍ରାମର ଆବାଳ ବୃଦ୍ଧ ବନିତା ଯୋଗଦାନ କରିଥିଲେ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଭିର ଖେଳ ମୁଖ୍ୟ ଆକର୍ଷଣ ପାଲଟିଥିଲ। ଗ୍ରାମ୍ୟ ମୁରବୀ ରଘୁନାଥ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସିତିସ ଧଳ, ଶ୍ରୀପତି ପୁରୀ, ଅୟୋଜ୍ୟୋତି ସାମଲ, ଅକ୍ଷୟ ସାମଲ, ଭୀମସେନ ଦାସ, କାର୍ତ୍ତିକ ମିର୍ଦ୍ଧାଙ୍କ ସମେତ ଗ୍ରାମର ସମସ୍ତ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# କାଳିଆପାଣି ହାଇସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କାଳିଆପାଣି, ୨୬।୩(ଅସିତ ମହାନ୍ତ):**

କାଳିଆପାଣି ଟାଉନସିପସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ବୁଧବାର କାଳିଆପାଣି ହାଇସ୍କୁଲର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଯୁଧିଷ୍ଠିର ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଖଣି ନିଗମର ଯାଜପୁର ଆଞ୍ଚଳିକ ମୁଖ୍ୟ ଆଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଭୂମିକା କ'ଣ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଖଣି ନିଗମର ବରିଷ୍ଠ ପ୍ରବନ୍ଧକ(କାର୍ମିକ) ଦେବାଶିଷ ସାମଲ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଜଣେ ସୁନାଗରିକ ହେବା ପାଇଁ କଠିନ ପରିଶ୍ରମ ଓ ଏକାଗ୍ରତା ଆବଶ୍ୟକ ବୋଲି କହିଥିଲେ। ଏଥିସହିତ ଆଗାମୀ ଦିନରେ ଏହି ସ୍କୁଲର ସର୍ବ ଦିଗରେ ଉନ୍ନତି ପାଇଁ କମ୍ପାନୀ ପକ୍ଷରୁ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁକିନ୍ଦା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରାମାଞ୍ଜଳି ନାୟକ, ସୁଶାନ୍ତ କୁମାର ସେଠୀ ଯୋଗଦେଇଥିଲେ। ସ୍କୁଲ ପକ୍ଷରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା।

# ସାଜନପୁର ସେବା ସମବାୟ ସମିତିରେ ଭିଜିଲାନ୍ସର ତନାଘନା

**ସୋର, ୨୬।୩(ଜନ୍ମେଜୟ ମିଶ୍ର):** ସୋର ବ୍ଲକ ସାଜନପୁର ସେବା ସମବାୟ ସମିତିରେ ଭିଜିଲାନ୍ସର ଦୁଇ ଜଣିଆ ଟିମ୍ ତନାଘନା କରିବା ସହିତ କାଗଜପତ୍ର ଯାଞ୍ଚ କରି ଫେରିଥିବା ଜଣାପଡିଛି। ବାଲେଶ୍ୱର ଭିଜିଲାନ୍ସ ବିଭାଗର ଜଣେ ଡିଏସ୍‌ପିଙ୍କ ସମେତ ଦୁଇଜଣିଆ ଟିମ ସମବାୟ ସମିତିରେ ପହଞ୍ଚି ତନାଘନା କରିବା ସହିତ ବିଭିନ୍ନ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିଲେ। ଏହି ସମବାୟ ସମିତିରେ ଋଣ ହେରଫେର ହୋଇଥିବା ନେଇ କିଛି ଚାଷୀ ଅଭିଯୋଗ କରିବା ପରେ ଭିଜିଲାନ୍ସର ଏହି ଟିମ୍ ବୁଧବାର ସନ୍ଧ୍ୟାରେ ସମିତିରେ ପହଞ୍ଚି ଯାଞ୍ଚ କରି ଫେରିଛନ୍ତି।

# ପେଲେଟ ପ୍ଲାଣ୍ଟରୁ ପଡ଼ି ଶ୍ରମିକ ଗୁରୁତର

**କଳିଙ୍ଗନଗର, ୨୬।୩(ଶୁଭାଶିଷ ରାଉତ):**

କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଷ୍ଟିଲ (ଜେଏସ୍‌ଏଲ୍) କାରଖାନାରେ ଜଣେ ଶ୍ରମିକ ପେଲେଟ ପ୍ଲାଣ୍ଟରେ କାମ କରୁଥିବାବେଳେ ତଳେ ପଡି ଗୁରୁତର ହୋଇଛନ୍ତି। ଆହତ ଶ୍ରମିକ ଜଣକ ହେଲେ ଯାଜପୁର ଜିଲା ବରୀ ବ୍ଲକ ଅରଙ୍ଗାବାଦ ଅଞ୍ଚଳର ପୀତାବାସ ସାହୁ। ତାଙ୍କୁ କାରଖାନା କର୍ତ୍ତୃପକ୍ଷ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଗତ ୨୦ ତାରିଖରୁ ଏହି ଘଟଣା ଘଟିଥିଲେ ମଧ୍ୟ ଏହାକୁ ଚାପି ଦେବାକୁ କମ୍ପାନୀର ସୁରକ୍ଷା ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏପରି କି ଥାନା, ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗକୁ ଜଣାଇ ନ ଥିବା ଅଭିଯୋଗ ହୋଇଛି।

# ଗଜେନ୍ଦ୍ରପୁର ଗ୍ରାମରୁ ସିରିଜ ଚୋରି

**ଚଣ୍ଡିଖୋଲ, ୨୬।୩ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଜେନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର ରାତିରେ ସିରିଜ ଚୋରି ହୋଇଛି। ଗ୍ରାମର ସରୋଜ ଭୂୟାଁଙ୍କ ଘରେ ଦୁର୍ବୃତ୍ତ କଳା କନା ବୁଲାଇଛନ୍ତି। ଏନେଇ ସରୋଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ପରିବାର ଲୋକେ ଶୋଇବା ପରେ ଦୁର୍ବୃତ୍ତ ଆସି ତାଙ୍କ ଘରେ ପଶି ଆଲମିରା ଭାଙ୍ଗି ୨୫ ହଜାର ଟଙ୍କା, ସୁନା ହାର, ଚେନ, କାନଫୁଲ, ୨ ମୁଦି, ହଳେ ଶାଙ୍ଖୀ ଓ ମଙ୍ଗଳସୂତ୍ର ନେଇ ପଳାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏନେଇ ୮୬/୨୫ରେ ଏକ ମାମଲା ରୁଜୁ କରି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି। ସେହିପରି ଗ୍ରାମର ଗୟାଧର ଜେନାଙ୍କ ଘରୁ ଦୁର୍ବୃତ୍ତ ସୁନା ଗହଣା ଚୋରି କରି ନେଇଛନ୍ତି। ଅଭିରାମ ସେନାପତିଙ୍କ ଘରେ ପଶିଥିଲେ ମଧ୍ୟ କିଛି ନେଇ ପାରି ନ ଥିବା ଜଣା ପଡ଼ିଛି।

# ନିଖୋଜ ଯୁବକଙ୍କ ମୃତଦେହ ଜବତ

**ଚାନ୍ଦବାଲି, ୨୬।୩(କିଷାନ ପାତ୍ର)**

ଚାନ୍ଦବାଲି ଥାନା ଅଧୀନ ଓରାସାହି ପଞ୍ଚାୟତ ନେଢୁଆଳି ଗ୍ରାମର କୀର୍ତ୍ତନ ମାଝୀଙ୍କ ପୁଅ କାଳିଆ ମାଝୀ ଗତ ୪ ଦିନ ଧରି ନିଖୋଜ ଥିଲେ। ଘର ଲୋକେ ବହୁ ଖୋଜାଖୋଜି କରିବା ପରେ କିଛି ସନ୍ଧାନ ପାଇ ନ ଥିଲେ। ଏକ ବାଗୁଲା ଗଛରେ ଏକ ଯୁବକର ମୃତଦେହ ଝୁଲୁଥିବା ବୁଧବାର ସକାଳ ସମୟରେ ସେହି ବାଟ ଦେଇ ଯାଉଥିବା କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଚାନ୍ଦବାଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଥିଲା। ମୃତ୍ୟୁ ଘଟଣାକୁ ନେଇ ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି ତଦନ୍ତ ଆରମ୍ଭ କରିଛି।

# କୈଶୋର ବାଳିକା ଶିକ୍ଷା କାର୍ଯ୍ୟକ୍ରମ

**ପାଣିକୋଇଲି, ୨୬।୩(ବିକାଶ ମଲ୍ଲିକ):**




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର କୈଶୋର ବାଳିକା ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାର ଯୋଗ ପ୍ରଶିକ୍ଷକ ପ୍ରଶନ୍ନ କୁମାର ସାହୁ ଓ ପାଣିକୋଇଲି ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସାଗରିକା ଦାସ ଅତିଥି ଭାବେ ଯୋଗଦେଇ ଯୋଗ ଆନ ଶିକ୍ଷାର ପ୍ରଭାବ ଓ କୈଶୋର ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ନାରୀ ହେଲେ ପାଠୋଇ ଦେଶ ଯିବ ଆଗେଇ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ଘଣ୍ଟି ବଜାଇ ଜିଲା କଂଗ୍ରେସର ପ୍ରତିବାଦ

## ବିଧାୟକଙ୍କୁ ନିଲମ୍ବନ ଘଟଣା

**ଯାଜପୁର ଟାଉନ, ୨୬।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଓଡ଼ିଶାରେ ନାରୀ ନିର୍ଯାତନା ଅସହ୍ୟ ହୋଇ ପଡ଼ିଥିବାବେଳେ ଏହାକୁ ନେଇ କଂଗ୍ରେସ ବିଧାୟକ ଗୃହରେ ମୁଖ୍ୟମନ୍ତ୍ରୀ ନାରୀ ନିର୍ଯାତନା ବିଷୟରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଦାବି କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିବା ପରିବର୍ତ୍ତେ ବାଚସ୍ପତି କଂଗ୍ରେସ ବିଧାୟକମାନଙ୍କୁ ଗୃହରୁ ନିଲମ୍ବିତ କରିଛନ୍ତି। ଏହାକୁ ନେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି।

ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତ ପ୍ରତିନିଧିତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟି ବଜାଇ ପ୍ରତିବାଦ କରାଯାଇଛି। ପୂର୍ବାହ୍ନ ୧୧ଟାରେ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରତିବାଦ କରିବା ସହ ମୁଖମନ୍ତ୍ରୀ ମୋହନ ଚରଣ ମାଝିଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ପ୍ରଥମେ ଜିଲା କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। କର୍ମୀମାନେ ଗଣତନ୍ତ୍ର ହତ୍ୟାକାରୀ ମୋହନ ସରକାର ମୁର୍ଦାବାଦ ସ୍ଲୋଗାନ ଦେଇଥିଲେ। ଖୁବ୍‌ଶୀଘ୍ର ନିଲମ୍ବନ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି କଂଗ୍ରେସ ଚେତାବନୀ ଦେଇଛି। ପ୍ରତିବାଦରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ବିଧାନସଭା ମଣ୍ଡଳୀର ନେତା ସୁଦୀପ କର, ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ପ୍ରତିମା କର, ଗଦାଧର ଦାସ, ଦିଲୀପ ଦାସ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, ଅକ୍ଷୟ ଶତପଥୀ, ଆରଜିତ ନାୟକ, ମଧୁସୂଦନ ଜେନା, ଅର୍ଣ୍ଣବ ମିଶ୍ର, ଅନିରୁଦ୍ଧ ରାଉତ ଓ ବିଜୟ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।




କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-03-2025, ତା.20.03.2025ରିଖ

**କାର୍ଯ୍ୟର ନାମ:** (1)ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.182 ପରିବର୍ତ୍ତେ ରେଳବାଇ କି.ମି. 422/6-8 ଠାରେ ସ୍ପାନ୍ (2x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଏବଂ (2) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ପଲାସା ମେନ୍ ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.263 ପରିବର୍ତ୍ତେ ରେଳବାଇ କି.ମି.532/35-533/1 ଠାରେ ସ୍ପାନ୍ (1x 36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳବାଇ ଅଂଶ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 5442.57 ଲକ୍ଷ, EMD (ଟଙ୍କାରେ): 28,71,300/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.04.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ସଡ଼କ ସୁରକ୍ଷା ପ୍ରକଳ୍ପ/ଭୁବନେଶ୍ୱର
PR-190/CH/24-25



**DISTRICT EDUCATION OFFICE, NABARANGPUR**
PHONE NO.06858-295390
E-mail : deonabarangpur23@gmail.com, mdm.ngp@gmail.com
No. 1705/S&ME (MDM)-06/VII/2025 Dated: 26.03.2025

**ADDENDUM**

It is hereby informed to all concerned that, the following one additional term is added to the Terms and Conditions of the Tender Call Notice No.1502 dtd.11.03.2025 for selection of Transport Contractor for all blocks of Nabarangpur District for supply of food grains for the FY 2025-26 under PM POSHAN (MDM) Scheme;

**1(ix). The tenderer should not be a Rice Miller / OSCSC Ltd H&T contractor Level- 1 & Level-2. An affidavit to this effect sworn before the Executive Magistrate or the Notary along with Non-involvement and non-pendency of any criminal offences and also about No-Government -Dues pending against him must be enclosed with the tender paper.**

Further the last date of receipt of tender paper is hereby extended to 10.04.2025 and opening of the tender is scheduled to be fixed on 11.04.2025 at 10.A.M. at Collectorate, Nabarangpur. Other terms and conditions of tender papers remain unchanged.

**Sd./- Collector & District Magistrate, Nabarangpur**



**Tender Call Notice**

**PANCHAYAT SAMITI, MANESWAR, DIST. - SAMBALPUR**

**BID IDENTIFICATION NO. 01 PS/MAN/02/2025-26**

**No. 562 Dtd. 25.03.2025**

The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @1% (Rs) | Cost of bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day sub centre building Sindurpank | 3667759.00 | 09 (Nine) Calendar months | B & C class | 36678.00 | Rs.6500.00 |

The sale of the Bid documents shall start from **Dt.27.03.2025 at 11.00 A.M. and close on Dt.04.04.2025 at 03.00 P.M.** Bids shall be received by this office up to **05.00 P.M. of 05.04.2025** through Registered Post/Speed Post only. The authorization date will be extended when the postal department is closed. **Date & Time of opening 05.04.2025 at 11.00 A.M. Details available in DTCN. Website Address http://sambalpur.odisha.gov.in**

**N.B. : The intending bidders who have defulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.**

The undersigned reserves the right to reject any or all bids without assigning any reasons thereof.

**Sd./- Block Development Officer**
**Maneswar**



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

अल्पकालीन ई–निविदा आमंत्रण सूचना संख्या – EE/RDSD/LATEHAR/25/2024-25

1. कार्य की विस्तृत विवरणी:

| क्र० सं० | कार्य का नाम | परिमान विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत भुसूर में जिलास्तरीय पुस्तकालय का निर्माण। | 4,77,72,074 | 9,55,500 | 10000 | 12 माह |

2. वेबसाइट में निविदा प्रकाशन की तिथि – 07.04.2025
3. ई–निविदा प्राप्ति की तिथि एवं समय– दिनांक 07.04.2025 से दिनांक 21.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –23.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.349259 Rural Development(24-25):D

**ମେଣ୍ଟପୁର ପଞ୍ଚାୟତ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା**

ଆଳି, (ବନମାଳୀ ସେନାପତି): ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପରଲୋକ ପରେ ଆଳି ନିର୍ବାଚନମଣ୍ଡଳୀରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ପରଲୋକକୁ ଆଜି ପର୍ଯ୍ୟନ୍ତ ଅନେକ ଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେ ଆଳି କନିକାର ଜଣେ ଜନନେତା ଭାବେ ପରିଚିତ ଥିଲେ। ବୁଧବାର ସନ୍ଧ୍ୟାରେ ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମେଣ୍ଟପୁର ପଞ୍ଚାୟତର କର୍ଣ୍ଣିପୁର ଗ୍ରାମରୁ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗୋପ, ପଦନପୁର, ରସୁଲପୁର, କଳାପାହାଡ଼, ଆଳି ନୂଆବଜାର, ନିଆଳ ହାଟଠାରେ ଶେଷ ହୋଇଥିଲା। ମେଣ୍ଟପୁର ପଞ୍ଚାୟତର ଶତାଧିକ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ।

# ଘରୋଇ ସଂଯୋଗରେ ସକେଟ୍, ପାଇପ ନିମ୍ନମାନର

**ବସୁଧା ଯୋଜନା**

ନାଉଗାଁ, ୨୬।୩(ସୁଧା ବେହୁରା)


ପାଇପ୍ ଲାଇନ୍‌ରେ ଲଗାଯାଇଥିବା ନିମ୍ନମାନର ପ୍ଲାଷ୍ଟିକ୍ ସକେଟ ଓ ପାଇପ୍।

ସରକାରଙ୍କ ବସୁଧା ଯୋଜନାରେ ଗାଁଗୁଡ଼ିକରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହି ପାନୀୟ ଜଳ ପ୍ରକଳ୍ପଗୁଡିକର ତଦାରଖ ଦାୟିତ୍ୱରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ରହିଛି। ଏଥିଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ବିଭିନ୍ନ ଠିକାଦାର ଉକ୍ତ କାର୍ଯ୍ୟ କରୁଛନ୍ତି। ନିୟମାନୁସାରେ ପ୍ରକଳ୍ପଗୁଡିକରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ପ୍ରତି ଘରକୁ ପାଇପ ଯୋଗେ ସଂଯୋଗ କରାଯାଉଛି। କିନ୍ତୁ ସଂଯୋଗ କରାଯାଉଥିବା ପାଇପରେ ବ୍ୟବହାର କରାଯାଉଥବା ସଂଯୋଗ ସକେଟ ଓ ପାଇପ ନିମ୍ନମାନର ପ୍ରଦାନ କରାଯାଉଥିବା ଜଣାଯାଇଛି। ଗୃହକୁ ପାନୀୟ ଜଳ ସଂଯୋଗ ପାଇଁ ରାସ୍ତାପାର୍ଶ୍ୱରେ ଯାଇଥିବା ମୁଖ୍ୟ ପାଇପରୁ ୬ ମିଟର ପର୍ଯ୍ୟନ୍ତ ପାଇପ ପ୍ରଦାନ କରାଯିବ। ଏଥିପାଇଁ ଠିକାଦାରମାନଙ୍କୁ ଶ୍ରମିକ ଖର୍ଚ୍ଚ, ଷ୍ଟାଣ୍ଡ ପୋଷ୍ଟ, ଟ୍ୟାପ ଓ ପାଇପ ସଂଯୋଗ ପାଇଁ ପାଖାପାଖି ୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିପରି ରାସ୍ତାର ଅପରପାର୍ଶ୍ୱରେ ମୁଖ୍ୟ ସଂଯୋଗ ପାଇପ ରହିଥିଲେ ସେଥିରୁ ଗୃହ ପର୍ଯ୍ୟନ୍ତ ୧୨ ମିଟର ପାଇ ପ୍ରଦାନ କରାଯିବ। ଏହି ୧୨ ମିଟର ପାଇଁ ପାଖାପାଖି ଖର୍ଚ୍ଚ ୨ ହଜାର ୬ଶହ ଟଙ୍କା ପ୍ରଦାନ କରାଯାଉଛି। ସେହିପରି ପାଇପରେ ପିତ୍ତଳ ସକେଟ୍ ଲଗାଯିବାର ନିୟମ ରହିଥିବା ବେଳେ ଅଧିକାଂଶ ଠିକାଦାର ପ୍ଲାଷ୍ଟିକ ସକେଟ୍ ବ୍ୟବହାର କରୁଛନ୍ତି। ଯାହାଫଳରେ ନିମ୍ନମାନର ପ୍ଲାଷ୍ଟିକ ସକେଟ୍ ଓ ପାଇପର ବ୍ୟବହାର ହେଉଛି। ଫଳରେ ପ୍ରକଳ୍ପରୁ ପାଣି ଆସିବା ସମୟରେ ଉକ୍ତ ସକେଟ୍ ଦେଇ ପାଣି ବାହାରକୁ ବାହାରି ଆସୁଛି। ସେହିପରି ଠିକାଦାରଙ୍କୁ ପ୍ରଦାନ କରାଯାଇଥିବା ଏଷ୍ଟିମେଟ୍‌ର ୧ ପ୍ରତିଶତ ରକ୍ଷଣା ବେକ୍ଷଣ ବାବାଦକୁ ଖର୍ଚ୍ଚ କରିବାର ନିୟମ ରହିଥିଲେ ହେଁ ତାହା କରାଯାଉ ନ ଥିବା ଜଣାଯାଇଛି। କେତେଜଣ ଠିକାଦାରଙ୍କ ଅବଧି ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରତି ଗୃହକୁ ପାନୀୟ ଜଳ ପହଞ୍ଚି ପାରିନାହିଁ। ଏ ସମ୍ପର୍କରେ ବିଭାଗର ଏସ୍‌ଡିଓ ତପନ ରାଉତଙ୍କୁ ପଚାରିବାରେ ଏସବୁର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମାଟି ତଳେ ପାଇପ ପୋତା ହେବା ପରେ କିପରି ତଦନ୍ତ କରାଯିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅଲଣାହାଟ ହାଇସ୍କୁଲରେ ଏନ୍‌ସିସି ସାର୍ଟିଫିକେଟ ପରୀକ୍ଷା


ଏନ୍‌ସିସି ସାର୍ଟିଫିକେଟ ପରୀକ୍ଷାରେ ଯୋଗଦେଇଥିବା କ୍ୟାଡେଟ୍‌ମାନେ।

ନାଉଗାଁ, ୨୬।୩ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ ହାଇସ୍କୁଲରେ ବୁଧବାର ଓଡ଼ିଶା ବାଟାଲିୟନ ଏନ୍‌ସିସି କଟକ, ଆର୍ମି ୱିଙ୍ଗ ପକ୍ଷରୁ ଏନ୍‌ସିସି ସାର୍ଟିଫିକେଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଅଲଣାହାଟ ସମେତ ନାଉଗାଁ ହାଟ, ଗାଦିବ୍ରହ୍ମ ବିଦ୍ୟାପୀଠ କାଦୁଅପଡ଼ା, ଶ୍ରୀ ଶ୍ରୀ ଏନ୍.ଭି. ନିକେତନ ଖାଲଗାଁ ବିଦ୍ୟାଳୟର ୧୮୧ ଜଣ କ୍ୟାଡେଟ ପରୀକ୍ଷା ଦେଇଥିଲେ। ଲିଖିତ ପରୀକ୍ଷା ପରେ ପରୀକ୍ଷାର୍ଥୀମାନେ ଡ୍ରିଲ୍, ଉଇପନ ଟ୍ରେନିଂ, ମ୍ୟାପ ରିଡିଂ, ଫିଲ୍ଡ କ୍ରାଫ୍ଟ, ବ୍ୟାଟେଲ କ୍ରାଫ୍ଟ ଉପରେ ପ୍ରାକ୍ଟିକାଲ ଟେଷ୍ଟ କରାଯାଇଥିଲା। ପରୀକ୍ଷା ପରିଚାଳନା ପାଇଁ ବାଟାଲିୟନ ପକ୍ଷରୁ ସୁବେଦାର ପହଲ ବାହାଦୁର ଥାପା, ହାବିଲଦାର ଓମ୍ ବାହାଦୁର ବୁଢା ଥୋକିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ ପରୀକ୍ଷାକୁ ବିଦ୍ୟାଳୟର ସେକେଣ୍ଡ ଅଫିସର ଅମୂଲ୍ୟ କୁମାର ମିଶ୍ର, ଫାଷ୍ଟ ଅଫିସର ସୌଭାଗ୍ୟ ପ୍ରସାଦ ସାହୁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଥାର୍ଡ ଅଫିସର ବିବେକାନନ୍ଦ ଦାସ ଓ ମାନସ କୁମାର ବେହେରା ଆଦି ପରିଚାଳନା କରିଥିଲେ।

# ପରକଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ପାଟକୁରା, ୨୬।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତର ପରକଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ବୁଧବାର କରାଯାଇଥିଲା। ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢ଼ି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ଏହି ବିଦାୟ ସମ୍ବର୍ଦ୍ଧନା ସଭା ପ୍ରଧାନ ଶିକ୍ଷକ ଅଭୟ କୁମାର ଜେନା ଆୟୋଜନ କରିଥିଲେ। ପିଲାମାନେ ଏଠାରୁ ଅଷ୍ଟମରୁ ଉତ୍ତୀର୍ଣ୍ଣ ହେବାପରେ ଅନ୍ୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢ଼ିବେ। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକ ନବୀନ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ପାଠପଢ଼ାରେ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମାଧ୍ୟମିକସ୍ତରରେ କଠିନ ପରିଶ୍ରମ ଓ ସମୟାନୁବର୍ତ୍ତିତା ହେଲେ ସଫଳତା ମିଳିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନୂଆପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଗୁଡୁ ଓ ବିଦ୍ୟାଳୟର ଚେୟାରମ୍ୟାନ ରମେଶ ଚନ୍ଦ୍ର ମହାପାତ୍ର ପିଲାମାନଙ୍କୁ ସମୟାନୁବର୍ତ୍ତିତା ହୋଇ ପାଠ ପଢ଼ିବା ପାଇଁ ପରମର୍ଶ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କୁ ପ୍ରଧାନ ଶିକ୍ଷକ ଅଭୟ କୁମାର ଜେନା ବିଦ୍ୟାଳୟ ପକ୍ଷରୁ ଉପଢୌକନ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅଳକା ମଞ୍ଜରୀ ମହାପାତ୍ର, ଶିକ୍ଷକ ରବୀନ୍ଦ୍ର ନାୟକ ଓ ଟିକିନା ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଦଦୋକାନ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

**ବାଲିକୁଦା ନୁହେଁ, ପୂର୍ବପରି ଗୋଡ଼ାରେ ରଖାଯିବାକୁ ଦାବି**

ଜଗତ୍‌ସିଂହପୁର, ୨୬।୩ (ପ୍ରମୋଦ କୁମାର ନାୟକ)

ଏରସମା ବ୍ଲକ ଗୋଡ଼ା ରାଜସ୍ୱ ମୌଜାରେ ଏକ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। କିଛିଦିନ ପୂର୍ବରୁ ଏହି ମଦ ଦୋକାନକୁ ବାଲିକୁଦା ସ୍ଥାନାନ୍ତର ପାଇଁ ଉଦ୍ୟମ ହୋଇଥିଲା। ବିରୋଧ ହେବାରୁ ଅବକାରୀ ବିଭାଗ ନିଷ୍ପତ୍ତି ଉପରେ ଅଙ୍କୁଶ ଲଗାଇଥିଲା। କିନ୍ତୁ ଦୁଃଖର କଥା ହେଲା ବିଭାଗ ୧୮ ତାରିଖରେ ପୁଣି ପୂର୍ବ ନିଷ୍ପତ୍ତି ଦୋହରାଇଛି। ଅର୍ଥାତ୍ ବାଲିକୁଦା-ବାଲିସାହି ମୌଜାର କଟକ-ମାଛଗାଁ କେନାଲ ବନ୍ଧ ପାର୍ଶ୍ୱକୁ ଏହି ମଦ ଦୋକାନ ସ୍ଥାନାନ୍ତର ପାଇଁ ଉଦ୍ୟମ ଆରମ୍ଭ କରିଛି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ଶୂନଶାନ ମହାଲା, ଗୋପାଳପୁର, କଂସାରିକୁଦ, ଇନ୍ଦିରା କଲୋନୀ, ନରସିଂହପୁର ଆଦି ମୌଜାର ଜମିଲା ଖାତୁନ୍, ନିଳମଣୀ ମହାରଣା, ବିଜୟ କୁମାର ପଣ୍ଡା, ଜୁବୁଲି ମହାନ୍ତି, ବେଙ୍ଗଲତା ବିବାଳ, ମଞ୍ଜୁ ସାମଲ ଓ ଶୁମା ସାମଲ ପ୍ରମୁଖ ବାଲିକୁଦା ନୁହେଁ ଗୋଡ଼ାରେ ଏହି ମଦ ଦୋକାନ ଚାଲିବାକୁ ଦାବି କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା ବାଲିକୁଦାରେ ଏହି ନୂଆ ମଦ ଦୋକାନ ଖୋଲିଲେ ଲୋକେ ବହୁ ମାତ୍ରାରେ ପ୍ରଭାବିତ ହେବେ। କାରଣ ମଦ୍ୟମମାନଙ୍କ ଉତ୍ପାତ ଚିନ୍ତାର କାରଣ ହେବ। ଝିଅ, ବୋହୂ, ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ରଙ୍କୁ ମଦ୍ୟମମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିବାକୁ ପଛାଇବେ ନାହିଁ। ଏପରି କି ବଜାର ଘାଟ ଯାଉଥିବା ବ୍ୟକ୍ତି, ମେଡିକାଲ ଆଦି ଯାଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ମଦ୍ୟପମାନଙ୍କ ଦୁର୍ବ୍ୟବହାରର ଶିକାର ହେବାର ଯଥେଷ୍ଟ ସମ୍ଭାବନା ଅଛି। ଅତୀତରେ ମଦ୍ୟପମାନେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କଠାରୁ ଟଙ୍କା ଓ ସୁନା ଗହଣା ଆଦି ଛଡାଇ ନେଇଥିବା ଦୃଷ୍ଟାନ୍ତ ଅଛି। ବିଭିନ୍ନ ସମୟରେ ମଦ୍ୟପମାନଙ୍କ ଉତ୍ପାତକୁ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଛି। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ବିଭାଗ ଗୋଡାରେ ପୂର୍ବପରି ମଦ ଦୋକାନ ଚାଲୁ ରଖିବା ସହ ବାଲିକୁଦା ସ୍ଥାନାନ୍ତର ନିଷ୍ପତ୍ତିରୁ ଓହରି ଯାଉ ବୋଲି ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ମଦ ଦୋକାନ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରି ୨୦୨୪ ଜୁଲାଇରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କଟକ-ନୂଆଗାଁ ୫୫ ନମ୍ବର ଜାତୀୟ ରାଜପଥର ବାଲିକୁଦା କାଠଗୋଲା ଛକଠାରେ ଧାରଣାରେ ବସିଥିଲେ। ୧୯ ତାରିଖରେ ଉପରୋକ୍ତ ଗ୍ରାମର କେତେଜଣ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିବା ସହ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ ଅଛି ଯଦି ଜିଲାପାଳ ସେମାନଙ୍କ ଦାବି ନ ଶୁଣନ୍ତି ତେବେ ସେମାନେ ସମୂହ ଆତ୍ମାହୁତି ଦେବେ। ଏହାର ନକଲ କଟକ ଅବକାରୀ କମିଶନର ଓ ଜଗତ୍‌ସିଂହପୁର ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅବଗତି ନିମନ୍ତେ ପଠାଯାଇଥିବା କୁହାଯାଇଛି।

# ଆଦର୍ଶ ଶିକ୍ଷକ ସୁଧୀରଙ୍କ ପରଲୋକ

ରାହାମା, ୨୬।୩(ଶ୍ରୀକାନ୍ତ ଦାସ )

କୁଜଙ୍ଗ ବ୍ଲକ କାଠକୋଟ ପଞ୍ଚାୟତ ବଜ୍ରମହାକାଳୀ ଉଚ୍ଚବିଦ୍ୟାଳୟ ବାଣସରାରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସୁଧୀର କୁମାର ଦାସ (୫୯)ଙ୍କ ମଙ୍ଗଳବାର ରାତ୍ର ୧୨ଟାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ସେ କିଛିଦିନ ହେବ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଶିକ୍ଷକ ଦାସଙ୍କ ଘର କୁଜଙ୍ଗ ମଙ୍ଗରାଜପୁର ଗ୍ରାମରେ। ସେ ୧୯୮୯ ମସିହାରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗଦେଇ ଅଞ୍ଚଳରେ ଏକ ଆଦର୍ଶ ଶିକ୍ଷକ ଭାବେ ନାମ ଅର୍ଜନ କରିଥିଲେ। ସେ ଜଣେ ମିଷ୍ଟ ଭାସି, ପରୋପକାରୀ ଥିଲେ। ତାଙ୍କ ମୃତଦେହକୁ ପ୍ରଥମେ କର୍ମଭୂମି ବଜ୍ରମହାକାଳୀ ଉଚ୍ଚବିଦ୍ୟାଳୟ ବାଣସରାକୁ ଅଣାଯିବା ସହ ଗ୍ରାମର ମୁରବି, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥଲେ। ସେଠାରୁ ତାଙ୍କ ପୈତୃକ ଗ୍ରାମକୁ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ କରାଯାଇଛି। ଏ ଖବର ଜାଣିବା ପରେ ବରିଷ୍ଠ ଆଇନଜୀବୀ ଟହଲି ଚରଣ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ସୁରେଶ ଚନ୍ଦ୍ର ନାୟକ, ବଜ୍ରମହାକାଳ ଉଚ୍ଚବିଦ୍ୟାଳୟ ବାଲିକାଣିର ପ୍ରଧାନ ଶିକ୍ଷକ ନିମାଇଁ ଚରଣ ସାହୁ, ଆଲୁମିନି କମିଟି ଅଧ୍ୟକ୍ଷ ଶ୍ରୀକାନ୍ତ ଦାସ, ପୂର୍ବତନ ଛାତ୍ର ରଞ୍ଜନ କୁମାର ପ୍ରଧାନ, ସରୋଜକାନ୍ତ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଶିକ୍ଷକ ଗଦାଧର ପାଳ, ରତ୍ନମାଳି ଏମଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମିଶ୍ର, ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସୁବ୍ରତ ପରିଜା, ଶିକ୍ଷୟିତ୍ରୀ ପ୍ରତୀକ୍ଷା ବେହେରା, ସସ୍ମିତା ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-03-2025, ତା.20.03.2025ରିଖ

**କାର୍ଯ୍ୟର ନାମ:** (1)ବାରଙ୍ଗ-ମଣ୍ଡେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.182 ପରିବର୍ତ୍ତେ ରେଳବାଇ କି.ମି. 422/6-8 ଠାରେ ସ୍ପାନ୍ (2x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଏବଂ (2) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ପଲାସା ମେନ୍ ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.263 ପରିବର୍ତ୍ତେ ରେଳବାଇ କି.ମି.532/35-533/1 ଠାରେ ସ୍ପାନ୍ (1x 36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳବାଇ ଅଂଶ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 5442.57 ଲକ୍ଷ, EMD (ଟଙ୍କାରେ): 28,71,300/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.04.2025 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ସଡ଼କ ସୁରକ୍ଷା ପ୍ରକଳ୍ପ/ଭୁବନେଶ୍ୱର
PR-190/CH/24-25

# ପେନସନଭୋଗୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ


ଜଣେ ମେଧାବୀ ଛାତ୍ରୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ପାଟକୁରା, ୨୬।୩(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ବାସୁଦେଇପୁରଠାରେ ଆଞ୍ଚଳିକ ପେନସନଭୋଗୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଦ୍ୱାଦଶ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୁର୍ଯ୍ୟୋଧନ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଅବସର ପରେ କର୍ମଚାରୀମାନେ ସଂଘ ମାଧ୍ୟମରେ ସମାଜସେବା କରିବାକୁ ଆଗେଇ ଆସିଲେ ଏହା ସମାଜରେ ଭଲ ପ୍ରଭାବ ପକାଇବ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଧାପିକା ଡ. ବିଚିତ୍ରା ମଞ୍ଜରୀ ତ୍ରିପାଠୀ ଅବସର ପରେ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକାଳର ମୂଲ୍ୟବାନ ଅଭିଜ୍ଞତାରୁ କିଛି ସମାଜ ପାଇଁ ଦେଲେ ସୁଫଳ ମିଳିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମାହାଳ ଶାଖା ପରିଚାଳକ ସୁରେଶ କୁମାର ପୃଷ୍ଟି ଯୋଗଦେଇ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଭା ଆରମ୍ଭରେ ସେବାନିବୃତ୍ତ କର୍ମଚାରୀ ବଂଶୀଧର ସାମଲ ଗୀତା ପାଠ କରିଥିବା ବେଳେ ଆଶୁକବି ନରେଶ ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ ଦୋଳଗୋବିନ୍ଦ ମାହାଳି କବିତା ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ନିରଞ୍ଜନ ପ୍ରଧାନ, ପ୍ରତାପ ମହାପାତ୍ର, ମଦନ ମୋହନ ସାମଲ, ସୁରେନ୍ଦ୍ର ବାରିକ, ଶ୍ରୀନିବାସ ଖଣ୍ଡୁଆଳ, ଅରୁଣ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଭଞ୍ଜ କିଶୋର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରେ ଉକ୍ତ ଅଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଦେବେନ୍ଦ୍ର ଜଣେ ସ୍ପଷ୍ଟବାଦୀ, ଗରିବ ହୃଦୟର ନେତା

**ବ୍ଲକ କଂଗ୍ରେସ ପକ୍ଷରୁ ସ୍ମୃତିଚାରଣ ସଭା**

ରାଜକନିକା, ୨୬।୩(ସଞ୍ଜୟ କୁମାର ଦାଶ)

ଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ତଥା ଦକ୍ଷ କ୍ରୀଡା ସଙ୍ଗଠକ ଓ ସ୍ପଷ୍ଟବାଦୀ ରାଜନେତା ଦେବେନ୍ଦ୍ରନାଥ ଶର୍ମା(୭୬)ଙ୍କ ପରଲୋକରେ ରାଜକନିକା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସ୍ମୃତି ଚାରଣ ସଭା ରାଜବାଟୀ ମେଳଣ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କ ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମିତ୍ତ ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଏଥିରେ କର୍ମୀ ଓ ନେତା ଦେବେନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଦେବେନ୍ଦ୍ର ଜଣେ ସ୍ପଷ୍ଟବାଦୀ, ଗରିବ ହୃଦୟର ନେତା ଥିଲେ। ସେ ସବୁବେଳେ ନିର୍ବାଚନମଣ୍ଡଳୀର ବିକାଶ ଦିଗରେ ଚିନ୍ତା କରୁଥିଲେ ବୋଲି ନେତାମାନେ ମତବ୍ୟକ୍ତ କରିଥିଲେ। ବାବୁରାମ ଜେନା, ଅଜୟ ଦାସ, ଶରତ ରାଉତ, ମୁରଲୀଧର ବେହେରା, ବିଦ୍ୟାଧର ବରଜ, ସତ୍ୟବ୍ରତ ପରିଡା, ମୁରଲୀଧର ନାୟକ, ପ୍ରମିଳା ସାହୁ, ଧନୁର୍ଜୟ ଦାସ, ଜନ୍ମେଜୟ ଜେନା, ହରେକୃଷ୍ଣ ନାୟକ, ପ୍ରମୋଦ ବାରିକ୍, ଗୋକୁଳ ପାଣି, ରାମଚନ୍ଦ୍ର ପୃଷ୍ଟି, ପ୍ରମୋଦ ପତି, ନିରୋଦ ଜେନା, ସୁଶାନ୍ତ ମଳିକ, ଦୁଷ୍ମନ୍ତ ବେହେରା, ମିନକେତନ ମହାପାତ୍ର, କଳ୍ପତରୁ ପରିଡା, ଅଭୟ ମଳିକ, ରଙ୍ଗଲାଲ ମଲ୍ଲିକ, ରଞ୍ଜନ ସେଠୀ, ନିର୍ମଳ ରାଉତ, ବିଶ୍ୱକେଶରୀ ମହାନ୍ତିଙ୍କ ସମେତ କର୍ମୀ ଓ ନେତା ପ୍ରମୁଖ ଉପସ୍ଥିତ ଥିଲେ।

**DISTRICT EDUCATION OFFICE, NABARANGPUR**
PHONE NO.06858-295390
E-mail : deonabarangpur23@gmail.com, mdm.ngp@gmail.com
No. 1705/S&ME (MDM)-06/VII/2025 Dated: 26.03.2025

**ADDENDUM**

It is hereby informed to all concerned that, the following one additional term is added to the Terms and Conditions of the Tender Call Notice No.1502 dtd.11.03.2025 for selection of Transport Contractor for all blocks of Nabarangpur District for supply of food grains for the FY 2025-26 under PM POSHAN (MDM) Scheme;

**1(ix). The tenderer should not be a Rice Miller / OSCSC Ltd H&T contractor Level- 1 & Level-2. An affidavit to this effect sworn before the Executive Magistrate or the Notary along with Non-involvement and non-pendency of any criminal offences and also about No-Government -Dues pending against him must be enclosed with the tender paper.**

Further the last date of receipt of tender paper is hereby extended to 10.04.2025 and opening of the tender is scheduled to be fixed on 11.04.2025 at 10.A.M. at Collectorate, Nabarangpur. Other terms and conditions of tender papers remain unchanged.

Sd./- Collector & District Magistrate, Nabarangpur

# ନାଟକ ଶତ୍ରୁ ବୌଦ୍ଧ କିମ୍ବଦନ୍ତୀ ଉପରେ ପର୍ଯ୍ୟବସିତ

**ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପିତ**

ପାରାଦୀପ, ୨୬।୩(ଶରତ ରାଉତ)

ପାରାଦୀପର ଜୟଦେବ ଭବନରେ କାନମାସ୍ ଦ୍ୱାରା ଚାଲିଥିବା ୨୨ତମ ଜାତୀୟ ନାଟକ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଦିଲ୍ଲୀର ସକ୍ଷମ ଥିଏଟର ଦ୍ୱାରା ପ୍ରସ୍ତୁତ ଏବଂ ସୁନିଲ ରାୱତଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ହିନ୍ଦୀ ନାଟକ ଶତ୍ରୁ ମଞ୍ଚସ୍ଥ ହୋଇଥିଲା। ବୌଦ୍ଧ


ମଞ୍ଚସ୍ଥ ଶତ୍ରୁ ନାଟକର ଏକ ଦୃଶ୍ୟ।

କିମ୍ବଦନ୍ତୀ ଉପରେ ପର୍ଯ୍ୟବସିତ ରାଜା ଅଜାତ ଶତ୍ରୁଙ୍କ ଉପରେ କାହାଣୀ ଗତିଶୀଳ। ଐତିହାସିକ ପୃଷ୍ଠଭୂମି, ଧର୍ମ ନିରପେକ୍ଷତା, ନାରୀ ବାଦ, ମାନବ ପ୍ରବୃତ୍ତି ଭଳି ଶିକ୍ଷଣୀୟ ବିଷୟ ନାଟକରେ ଥିଲା। ମଗଧର ଶାସକ କୁଣିକ ତାଙ୍କ ମାର୍ଗଦର୍ଶକ ଦେବଦତ୍ତଙ୍କ ପ୍ରୋତ୍ସାହନରେ କିପରି କ୍ଷମତା ହାସଲ କରିଛନ୍ତି, ପିତାଙ୍କୁ ଭୋକିଲା ମାରିଛନ୍ତି ଏବଂ ଶେଷରେ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କ ପ୍ରେରଣାରେ ବୁଦ୍ଧଙ୍କ ଶରଣ ନେଇଛନ୍ତି ତାକୁ କଳାକାରମାନେ ଅଭିନୟ ଦ୍ୱାରା ମଞ୍ଚସ୍ଥ କରିଥିଲେ। ଶେଷ ସନ୍ଧ୍ୟାରେ ଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପିପିଏଲ ମୁଖ୍ୟ ପାଲାନୀସ୍ୱାମୀ ଭେଲୁସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମକୁ କାନମାସ୍ ସମ୍ପାଦକ ଶ୍ରୀମନ ମିଶ୍ର ଓ ତାଙ୍କ ସଙ୍ଗଠନ ସଦସ୍ୟମାନେ ପରିଚାଳନା କରିଥିଲେ। ଏହି ଅବସରରେ ବନ୍ଦର ହିନ୍ଦୀ ଅଧିକାରୀ ନୀରୋଜ କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା।

**Tender Call Notice**

**PANCHAYAT SAMITI, MANESWAR, DIST. - SAMBALPUR**
**BID IDENTIFICATION NO. 01 PS/MAN/02/2025-26**
**No. 562 Dtd. 25.03.2025**

The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @1% (Rs) | Cost of bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day sub centre building Sindurpank | 3667759.00 | 09 (Nine) Calendar months | B & C class | 36678.00 | Rs.6500.00 |

The sale of the Bid documents shall start from **Dt.27.03.2025 at 11.00 A.M. and close on Dt.04.04.2025 at 03.00 P.M.** Bids shall be received by this office up to **05.00 P.M. of 05.04.2025** through Registered Post/Speed Post only. The authorization date will be extended when the postal department is closed. **Date & Time of opening 05.04.2025 at 11.00 A.M. Details available in DTCN. Website Address http://sambalpur.odisha.gov.in**

**N.B. : The intending bidders who have defulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.**

The undersigned reserves the right to reject any or all bids without assigning any reasons thereof.

**Sd./- Block Development Officer**
**Maneswar**

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लातेहार**

अल्पकालीन ई–निविदा आमंत्रण सूचना संख्या – EE/RDSD/LATEHAR/25/2024-25

1. कार्य की विस्तृत विवरणी:

| क्र० सं० | कार्य का नाम | परिमान विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत भुसूर में जिलास्तरीय पुस्तकालय का निर्माण। | 4,77,72,074 | 9,55,500 | 10000 | 12 माह |

2. वेबसाइट में निविदा प्रकाशन की तिथि – 07.04.2025
3. ई–निविदा प्राप्ति की तिथि एवं समय– दिनांक 07.04.2025 से दिनांक 21.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –23.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

PR.NO.349259 Rural Development(24-25):D

कार्यपालक अभियंता
ग्रामीण विकास विशेष प्रमंडल, लातेहार।

# ବାଣ ରୋଶଣିରୁ ଆରମ୍ଭ, ଫଗୁଖେଳରେ ଶେଷ

## ଖଳିସାହି ଦଶଦୋଳ ମେଳଣ ଉଦ୍‌ଯାପିତ

ଖଣ୍ଡପଡ଼ା, ୨୬।୩ (ଅଜୟ କୁମାର ମହାରଣା)

ମଙ୍ଗଳବାର ମଧ୍ୟରାତିରୁ ବିଭିନ୍ନ ବାଣ ରୋଶଣିରେ ଆରମ୍ଭ ହୋଇଥିବା ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଦଶଦୋଳ ମେଳଣ ବୁଧବାର ଶ୍ରଦ୍ଧାଳୁଙ୍କ ସମାବେଶ ଓ ଫଗୁ ଖେଳରେ ଶେଷ ହୋଇଛି । ରଙ୍ଗ ବେରଙ୍ଗ ଫଗୁ ଖେଳରେ ମେଳଣ ପଡ଼ିଆ ସହିତ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ରଙ୍ଗୀନ ହୋଇଯାଇଥିଲା । ହରିବୋଲ ହୁଳହୁଳି ଧ୍ୱନୀରେ ସେହି ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଖଳିସାହି ଦଶଦୋଳ ମେଳଣ ପଡ଼ିଆରେ ଦଶଦୋଳ ମେଳଣ କମିଟି ଆନୁକୂଲ୍ୟରେ ଗତ ୨୪ ତାରିଖ ମଧ୍ୟରାତିରୁ ମେଳଣ ଆରମ୍ଭ ହୋଇଥିଲା । ପରମ୍ପରା ଅନୁଯାୟୀ ଉକ୍ତ ଉତ୍ସବରେ ଖଳିସାହି



ଦଶ ଦୋଳ ମେଳଣର ଉତ୍ସବରେ ସମବେତ ହୋଇଥିବା ଶ୍ରଦ୍ଧାଳୁ ।

ଗ୍ରାମର ସ୍ଥାନାଧିପତି ନୀଳକଣ୍ଠେଶ୍ୱରଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ୨୧ ଠାକୁରଙ୍କ ମେଳଣ ହୋଇଥିଲା । ୭୩ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ଏଠାରେ ପ୍ରଚଳିତ ପରମ୍ପରା ଅନୁଯାୟୀ ଦୋଳ ପୂର୍ଣ୍ଣମୀର ୧୦ ଦିନ ପରେ ଏହି ଯାତ୍ରା ଆରମ୍ଭ ହୋଇଥାଏ । ଖଳିସାହି ଗ୍ରାମର ସ୍ଥାନାଧିପତି ନୀଳକଣ୍ଠେଶ୍ୱରଙ୍କଠାରୁ ନିମନ୍ତ୍ରଣ ପାଇ ଏହାର ଆଖପାଖ ବେଣାଗାଡ଼ିଆ, ମର୍ଦ୍ଦରାଜପୁର, ପୁଆଣିଆ, ବୋଦଶା, ହରିଚନ୍ଦନପୁର, ସିଙ୍ଘାପଡା, କୋଟପୋଖରୀ, ଖଣ୍ଡୁବନ୍ଧ ଆଦି ଗ୍ରାମର ୨୧ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଦଶଦୋଳ ପଡିଆରେ ଏକତ୍ରିତ ହୋଇଥିଲେ । ବୁଧବାର ଅପରାହ୍ନରେ ଠାକୁରଙ୍କ ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଠାକୁରଙ୍କ ପାଖରେ ହୋମ କାର୍ଯ୍ୟ ସମାପନ କରାଯାଇଥିଲା । ସମସ୍ତ ଠାକୁରଙ୍କୁ ବିମାନରେ ଦଶଦୋଳ ପଡ଼ିଆ ଚତୁଃପାର୍ଶ୍ୱରେ ୭ ଘେରା ପରିକ୍ରମା କରାଯାଇ ଫଗୁଖେଳ ଆରମ୍ଭ ହୋଇଥିଲା । ପରେ ସମସ୍ତ ବିଗ୍ରହ ନିଜ ଗ୍ରାମକୁ ଫେରିଥିଲେ ।

# ପ୍ରଦୂଷଣ ଓ ରୋଗ ବଢ଼ାଉଛି ଚୁଡ଼ା, ଧାନମିଲ୍

## ବନ୍ଦ, ଅଥବା ସ୍ଥାନାନ୍ତର ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼, ୨୬।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ଶରଣକୁଳ ପଞ୍ଚାୟତ ନରେନ୍ଦ୍ରପୁରରେ ଥିବା ଚୁଡା ଓ ଧାନ ମିଲ୍ ପ୍ରଦୂଷଣ ଓ ରୋଗ ବଢ଼ାଉଥିବାର ଅଭିଯୋଗ ହୋଇ ଆସୁଛି । ଚୁଡା ଓ ଧାନ ମିଲ୍‌କୁ ବନ୍ଦ କରିବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ୍ୟ ସୁଫଳ ମିଳୁନି । ଏଭଳିସ୍ଥଳେ ବୁଧବାର ନରେନ୍ଦ୍ରପୁର ବାସିନ୍ଦା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଚୁଡା ମିଲ୍‌କୁ ବନ୍ଦ ଅଥବା ସ୍ଥାନାନ୍ତର କରିବାକୁ ବୁଧବାର ଫେରାଦ୍ ହୋଇଛନ୍ତି । ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ, ଏସ୍‌ପି, ଏସ୍‌ଡିପିଓ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦଙ୍କୁ ମଧ୍ୟ ସ୍ୱାରକପତ୍ର ଦେଇଛନ୍ତି । ଅଭିଯୋଗ ଅନୁସାରେ ନରେନ୍ଦ୍ରପୁର ଗାଁର ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ୨ ଚୁଡା ଓ ଧାନ ମିଲ୍ ରହିଛି । ଚୁଡା ଓ ଧାନ ମିଲ୍‌ରୁ ନିର୍ଗତ ପାଉଁଶ, ଧୂଳି ଗାଁରେ ସବୁବେଳେ ଉଡୁଛି । ସେହିପରି ଉଭୟ ମିଲ୍‌ର ଦୂଷିତ ଜଳ ଗାଁ ପୋଖରୀରେ ମିଶୁଛି । ଦୂଷିତ ପାଣି ଓ ପ୍ରଦୂଷିତ ପରିବେଶ ଯୋଗୁ ଝାଡା ବାନ୍ତି, ଚର୍ମରୋଗ ଓ କର୍କଟ ରୋଗରେ ସ୍ଥାନୀୟ ଲୋକ ଆକ୍ରାନ୍ତ ହେଉଛନ୍ତି । ଦିନ ରାତି ମିଲ୍ ଚାଲିବା ଯୋଗୁ ମିଲର ପାଉଁଶ ଓ ଧୂଳି ଉଡି ରୋଗକୁ ଆମନ୍ତ୍ରଣ କରୁଛି । ପ୍ରଶାସନ ଲୋକଙ୍କର ଦାବିକୁ ଅଣଦେଖା ନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ଗ୍ରାମବାସୀ ।

# ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟାର ସମାଧାନ ହେଲାନି




ଖଣ୍ଡପଡ଼ା, ୨୬।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ରୟତ ଢୋଲମରା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନାହିଁ । ରୟତଢୋଲମରା ଅଙ୍ଗନୱାଡ଼ି କେନ୍ଦ୍ରର ମରାମତି ଦିଗରେ ପ୍ରଶାସନ ନତୁବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବା ବେଳେ ରୟତ ଢୋଲମରା ଅଙ୍ଗନୱାଡ଼ି କେନ୍ଦ୍ର ନଂ-୨ରେ ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା ଯୋଗୁ କୋମଳମତି ଶିଶୁମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ପାଇକ ଢୋଲମରା, ବାଦଭୂଇଁ ଅଙ୍ଗନୱାଡ଼ି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଅଙ୍ଗନୱାଡ଼ିକେନ୍ଦ୍ରକୁ ପାଇପ୍ ଲାଇନ ସଂଯୋଗ କରାଯାଇଛି ମାତ୍ର ପାଇପ୍‌ଲାଇନ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଅଙ୍ଗନୱାଡ଼ି କେନ୍ଦ୍ରରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି । କୃଷ୍ଣଚନ୍ଦ୍ରପୁର ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ପିଲାମାନେ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ବସି ପାଠ ପଢୁଛନ୍ତି । ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକର ସମସ୍ୟା ସମାଧାନ ଦିଗରେ ଖଣ୍ଡପଡା ବ୍ଲକ ପ୍ରଶସନ ଦୃଷ୍ଟି ଦେବାକୁ ରୟତ ଢୋଲମରା ପଞ୍ଚାୟତବାସୀ ଦାବି କରିଛନ୍ତି ।

# ନିଲାମ ପୋଖରୀରୁ ୮ କୁଇଣ୍ଟାଲ ମାଛ ନେଇଗଲେ

## ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ

ନୟାଗଡ଼, ୨୬।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ବ୍ଲକ ଅଡାଲ ଗାଁରେ ନିଲାମ ପୋଖରୀରୁ ୮ କୁଇଣ୍ଟାଲ ମାଛ ଜୋରଜବରଦସ୍ତ ଜାଲ ପକାଇ ନେଇ ଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ସୁଫଳ ନ ମିଳିବାରୁ ମା'ମଙ୍ଗଳା ମହିଳା ବିକାଶ ଗୋଷ୍ଠୀ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଅଭିଯୋଗ କରି ନ୍ୟାୟ ମଗାଯାଇଛି । ଅଭିଯୋଗ ଅନୁଯାୟୀ, ମା ମଙ୍ଗଳା ମହିଳା ବିକାଶ ଗୋଷ୍ଠୀ ୨।୮।୨୦୨୨ରେ ଅଡାଲର ଏକ ପୋଖରୀ ୫ ବର୍ଷ ପାଇଁ ନିଲାମ ନେଇଥିଲା । ନିଲାମ ପାଇବା ପରେ ବ୍ୟାଙ୍କରୁ ଋଣ ନେଇ ମାଛ ଚାଷ କରିଥିଲେ । ୮୦ ହଜାର ଟଙ୍କାର ମାଛ ଯାଆଁଳ ଛଡା ଯାଇଥିଲା । ୭୦ ହଜାର ଟଙ୍କାର ମାଛ ଖାଦ୍ୟ ପୋଖରୀରେ ପଡିଛି । ୨ବର୍ଷ ଭିତରେ ୪ଥର ମାଛ ଧରା ଯାଇଛି । ମାଛ ଧରିବାକୁ ଦିନ ଧାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଥିବାବେଳେ ୨୧।୩।୨୦୨୫ରେ ଗାଁର କିଛି ଲୋକ ସଂଘବଦ୍ଧ ହୋଇ ୮ କୁଇଣ୍ଟାଲ ମାଛ ନେଇ ଯାଇଛନ୍ତି । ପ୍ରତିବାଦ କରିବାରୁ ସୁଫଳ ମିଳିଲା ନାହିଁ । ରଣପୁର ଥାନା ପୋଲିସକୁ ଅଭିଯୋଗ କଲା ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି ।



ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଛନ୍ତି ।

# ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ଗଣିଆ, ୨୬।୩ (ସନ୍ତୋଷ କୁମାର ପ୍ରଧାନ)

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ କର୍ତ୍ତୃପକ୍ଷ ଓ ଜିଲା ଆପତ୍ତକାଳୀନ ବିଭାଗ ନୟାଗଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବୁଧବାର ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଛାମୁଣ୍ଡିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ଦୀପ୍ତିରେଖା ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲା ଆପତ୍ତକାଳୀନ ବିଭାଗ ତରଫରୁ ଜିଲା ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ରଥ, ସିଡିପିଓ ଉଷାରାଣୀ ସାହୁ, ଜିପିଡିଓ ପ୍ରମୋଦ କୁମାର ସାହାଣୀ ଓ ବ୍ଲକ ବିପର୍ଯ୍ୟୟ ନୋଡାଲ ଅଫିସର ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ବିପର୍ଯ୍ୟୟ ସମୟରେ ସମାଜର ଦୁର୍ବଳ ଶ୍ରେଣୀର ମହିଳା ପୁରୁଷ ଦିବ୍ୟାଙ୍ଗମାନଙ୍କୁ କିଭଳି ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ସେ ଦିଗରେ ଅଧିକାରୀମାନେ ଆଲୋକପାତ କରିଥିଲେ । ଆୟୋଜିତ ଏହି କର୍ମଶାଳାରେ ଗ୍ରାମ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ୱାର୍ଡ ସଭ୍ୟାସଭ୍ୟ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.CAOCRSPBBS-03-2025, ତା.20.03.2025ରିଖ

**କାର୍ଯ୍ୟର ନାମ:** (1)ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.182 ପରିବର୍ତ୍ତେ ରେଳବାଇ କି.ମି. 422/6-8 ଠାରେ ସ୍ପାନ୍ (2x36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଏବଂ (2) ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ପଲାସା ମେନ୍ ଲାଇନ୍‌ରେ ବାଲୁଗାଁ-ଚିଲିକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.263 ପରିବର୍ତ୍ତେ ରେଳବାଇ କି.ମି.532/35-533/1 ଠାରେ ସ୍ପାନ୍ (1x 36.0 m କମ୍ପୋଜିଟ୍ ଗର୍ଡର+1x18.0 m କମ୍ପୋଜିଟ୍ ଗର୍ଡର) ଯୁକ୍ତ ରୋଡ୍ ଓଭର ବ୍ରିଜ୍ (ROB) ନିର୍ମାଣ (କେବଳ ରେଳବାଇ ଅଂଶ) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 5442.57 ଲକ୍ଷ, EMD (ଟଙ୍କାରେ): 28,71,300/-, କାର୍ଯ୍ୟ ଶେଷ ହେବା ଅବଧି: 18(ଅଠର)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.22.04.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ-2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ସଡ଼କ ସୁରକ୍ଷା ପ୍ରକଳ୍ପ/ଭୁବନେଶ୍ୱର

PR-190/CH/24-25


# ସ୍ୱଚ୍ଛ ସର୍ବେକ୍ଷଣ ଶୋଭାଯାତ୍ରା

ଦଶପଲ୍ଲା, ୨୬।୩ (ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ଏନ୍‌ଏସି ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୋଭାଯାତ୍ରା ତ୍ରିନାଥ ବଜାରଠାରୁ ବାହାରି ନଗର ପରିକ୍ରମା କରି ଏନ୍‌ଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାରେ ଏନ୍‌ଏସି ଅଧ୍ୟକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ଦାସ, ଯନ୍ତ୍ରୀ ଅଶୋକ କୁମାର ଦଳବେହେରା, ଏନ୍‌ଏସି ସ୍ୱଚ୍ଛତା ଦାୟିତ୍ୱରେ ଥିବା ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର, ସ୍ୱଚ୍ଛତା ସେବକ, ସ୍ୱଚ୍ଛ ସାଥୀଙ୍କ ସହ ସମସ୍ତ ଏନ୍‌ଏସି କାଉନସିଲର ସାମିଲ ହୋଇଥିଲେ । ଶୋଭାଯାତ୍ରା ବେଳେ ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ପରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଏସି ଅଧ୍ୟକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ କାଉନସିଲର ଏବଂ ଏନ୍‌ଏସି କର୍ମଚାରୀ ଯୋଗଦେଇ ଥିଲେ ।

# ଶ୍ରମ, ଶୃଙ୍ଖଳା ସଫଳତାର ଚାବିକାଠି

## ସରପୋଖରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା, ୨୬।୩ (ଅଜୟ କୁମାର ମହାରଣା)

ଶ୍ରମ ଓ ଶୃଙ୍ଖଳା ହେଉଛି ସଫଳତାର ଚାବିକାଠି । ଛାତ୍ରୀଛାତ୍ର ଶୃଙ୍ଖଳିତ ଜୀବନକୁ ଆପଣେଇବା ସହ ଉଚ୍ଚାଭିଳାଷୀ, ଚରିତ୍ରବାନ, ପାଠମନସ୍କ ତଥା ପରିଶ୍ରମୀ ହେବା ସହିତ ଶିକ୍ଷକମାନଙ୍କ ସହଯୋଗ ଲୋଡି ମନଦେଇ ପାଠ ପଢିଲେ ଜଣେ କୃତୀଛାତ୍ର ହୋଇପାରିବେ ବୋଲି ସରପୋଖରୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏପରି ପରାମର୍ଶ ଦେଇଥିଲେ । ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ କ୍ଲଷ୍ଟର ଅଧୀନ ସରପୋଖରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି । ଏ ଅବସରରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମଧୁସୂଦନ ମୋହନସିଂହଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ସ୍ୱାଇଁ, ମୁଖ୍ୟ ଅତିଥି ଭାବେ ଗଡିଆସାହି ପଞ୍ଚାୟତର ନାଏବ ସରପଞ୍ଚ ବିକ୍ରମ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର ସଂଯୋଜନା କରିଥିଲେ । ଶିକ୍ଷକ ପବିତ୍ର ମୋହନ ଜେନା, ପ୍ରକାଶ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।


DISTRICT EDUCATION OFFICE, NABARANGPUR
PHONE NO.06858-295390
E-mail : deonabarangpur23@gmail.com, mdm.ngp@gmail.com
No. 1705/S&ME (MDM)-06/VII/2025 Dated: 26.03.2025

ADDENDUM

It is hereby informed to all concerned that, the following one additional term is added to the Terms and Conditions of the Tender Call Notice No.1502 dtd.11.03.2025 for selection of Transport Contractor for all blocks of Nabarangpur District for supply of food grains for the FY 2025-26 under PM POSHAN (MDM) Scheme;

**1(ix). The tenderer should not be a Rice Miller / OSCSC Ltd H&T contractor Level- 1 & Level-2. An affidavit to this effect sworn before the Executive Magistrate or the Notary along with Non-involvement and non-pendency of any criminal offences and also about No-Government -Dues pending against him must be enclosed with the tender paper.**

Further the last date of receipt of tender paper is hereby extended to 10.04.2025 and opening of the tender is scheduled to be fixed on 11.04.2025 at 10.A.M. at Collectorate, Nabarangpur. Other terms and conditions of tender papers remain unchanged.

Sd./- Collector & District Magistrate, Nabarangpur


# ପରିବେଶ ସନ୍ତୁଳନ ରକ୍ଷା ପାଇଁ ଗୁରୁତ୍ୱାରୋପ

ନୟାଗଡ଼, ୨୬।୩ (ଲୋକନାଥ ମିଶ୍ର)




ସବୁଜ ବାହିନୀର ବାର୍ଷିକୋତ୍ସବରେ ନାଟକ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥି ।

## ସବୁଜ ବାହିନୀର ବାର୍ଷିକ ଉତ୍ସବ

ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଯୁବ ତଥା ସବୁଜ ବାହିନୀ କ୍ଲବର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ ସୁରକ୍ଷା, ଗଛର ଉପକାରିତା ଓ ପରିବେଶ ଉପରେ ଆୟୋଜିତ ପୋଷ୍ଟର, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ୧୨ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଓଡ଼ଗାଁ ଅଞ୍ଚଳର ପରିବେଶବିତ୍ ସୁକାନ୍ତ କୁମାର ଚୌଧୁରୀ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ବିଦ୍ୟାଳୟର ଆଲୁମିନି ସଭାପତି ଭଗବାନ ଜେନା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ପରିବେଶ ସନ୍ତୁଳନ ପାଇଁ ଜଙ୍ଗଲ ସୃଷ୍ଟି, ଜୀବଜନ୍ତୁଙ୍କ ସୁରକ୍ଷା, ଜଳ ସଂରକ୍ଷଣକୁ ଗୁରୁତ୍ୱଦେବା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ପଲିଥିନ ର ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭରେ ବରିଷ୍ଠ ସହକାରୀ ଶିକ୍ଷକ ଶେଖ ଅବଦୁଲ ଖାଲିକ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ କୁନିକୁନି ପିଲାମାନେ ଗଛ ଲଗାଇବା ଓ ସୁରକ୍ଷା ଦେବା ଉପରେ ଏକ ସଚେତନଧର୍ମୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରାଉତ, ତ୍ରିପୁରା ସେଠୀ ଓ ଇକୋ କ୍ଲବ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ସଲିମ ଇବ୍ରାହିମଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ତାଜୁଦ୍ଦିନ ଖାଁ, ଅବଦୁଲ ୱାହିଦ, ମଧୁସ୍ମିତା ସାହୁ, ସବିତା ପଟ୍ଟନାୟକ, ନିଶାମଣି ମିଶ୍ର, ରଶ୍ମୀ ରଞ୍ଜିତା ବେହେରା ଓ ମଗୁମ ଜାହାନ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


Tender Call Notice

PANCHAYAT SAMITI, MANESWAR, DIST. - SAMBALPUR
BID IDENTIFICATION NO. 01 PS/MAN/02/2025-26
No. 562 Dtd. 25.03.2025

The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (without GST) | Period of Completion | Class of Contractor | Bid Security @1% (Rs) | Cost of bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day sub centre building Sindurpank | 3667759.00 | 09 (Nine) Calendar months | B & C class | 36678.00 | Rs.6500.00 |

The sale of the Bid documents shall start from **Dt.27.03.2025 at 11.00 A.M. and close on Dt.04.04.2025 at 03.00 P.M.** Bids shall be received by this office up to **05.00 P.M. of 05.04.2025** through Registered Post/Speed Post only. The authorization date will be extended when the postal department is closed. **Date & Time of opening 05.04.2025 at 11.00 A.M. Details available in DTCN. Website Address http://sambalpur.odisha.gov.in**

**N.B. : The intending bidders who have defulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.**

The undersigned reserves the right to reject any or all bids without assigning any reasons thereof.

Sd./- Block Development Officer
Maneswar

कार्यपालक अभियंता का कार्यालय
ग्रामीण विकास विशेष प्रमंडल, लातेहार

अल्पकालीन ई–निविदा आमंत्रण सूचना संख्या – EE/RDSD/LATEHAR/25/2024-25

1. कार्य की विस्तृत विवरणी:

| क्र० सं० | कार्य का नाम | परिमान विपत्र की राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | लातेहार जिलान्तर्गत प्रखण्ड लातेहार पंचायत भुसूर में जिलास्तरीय पुस्तकालय का निर्माण। | 4,77,72,074 | 9,55,500 | 10000 | 12 माह |

2. वेबसाइट में निविदा प्रकाशन की तिथि – 07.04.2025
3. ई–निविदा प्राप्ति की तिथि एवं समय– दिनांक 07.04.2025 से दिनांक 21.04.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –23.04.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार।

PR.NO.349259 Rural Development(24-25):D

# ଟଙ୍କା ପାଇଁ ଅପହରଣ ପରେ ହତ୍ୟା

ୱାଜିରାବାଦ୍(ଦିଲ୍ଲୀ),୨୬।୩

ନାବାଳକଙ୍କ ମଧ୍ୟରେ ଅପରାଧ ପ୍ରବଣତା ବଢ଼ିବାରେ ଲାଗିଛି। ଟଙ୍କା ଲୋଭରେ ନିଜ ସାଥୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଏଭଳି ଏକ ଘଟଣା ଦିଲ୍ଲୀ ୱାଜିରାବାଦ୍ ଅଞ୍ଚଳରେ ଘଟିଛି। ଜଣେ ୧୫ବର୍ଷୀୟ ନାବାଳକଙ୍କୁ ତାଙ୍କର ୩ଜଣ ସାଥୀ ଅପହରଣ ପରେ ହତ୍ୟା କରିଛନ୍ତି। ପରେ ମୃତ ନାବାଳକଙ୍କ ମୋବାଇଲ୍‌ରୁ ତାଙ୍କ ବାପାଙ୍କ ପାଖକୁ ଫୋନ କରି ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ହେଲେ ସେମାନଙ୍କ ଏହି ଚାଲ୍ ଧରା ପଡ଼ିଯାଇଥିଲା। ଅଭିଯୋଗ ପରେ ପୋଲିସ ସିସିଟିଭି ଭିଡିଓକୁ ଯାଞ୍ଚକରି ୩ଜଣ ନାବାଳକ ସାଥୀଙ୍କୁ ଧରି ସେମାନଙ୍କୁ ପଚରାଉଚରା କରୁଛି।

ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ମିଲନ ବିହାରରେ ବିକାଶ ଗର୍ଗ ନାମକ ଜଣେ ଡ୍ରାଇଭର ରୁହନ୍ତି। ତାଙ୍କ ପୁଅ ବୈଭବ ମୁଖାର୍ଜୀ ନଗରରେ ଥିବା ଏକ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢ଼ନ୍ତି। ଗତ ରବିବାର ବୈଭବଙ୍କୁ କେହି ଅପହରଣ କରି ନେଇଥିଲେ। ପୁଅକୁ ବହୁ ଖୋଜାଖୋଜି କରିବା ପରେ



ପୁଅ ମୃତ୍ୟୁ ଖବର ପାଇବା ପରେ ଶୋକାକୁଳ ପରିବାର ସଦସ୍ୟ।

## ଧରାପଡ଼ିଲେ ୩ ନାବାଳକ ସାଥୀ

କୌଣସି ସନ୍ଧାନ ନ ପାଇବାରୁ ବିକାଶ ପିସିଆର୍ କଲ୍ ମାଧ୍ୟମରେ ୱାଜିରାବାଦ୍ ଥାନାକୁ ସୋମବାର ଜଣାଇଥିଲେ। ତଦନ୍ତ ସମୟରେ ବୈଭବ ତାଙ୍କ ୩ଜଣ ନାବାଳକ ସାଥୀଙ୍କ ସହ ଏକ ବାଇକ୍‌ରେ ବସି ଝାରୋଡ଼ାପୁଷ୍ଟ ରୋଡ୍ ଦେଇ ଯାଉଥିବାର ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଉକ୍ତ ୩ଜଣ ନାବାଳକଙ୍କ ଉପରେ ପୋଲିସ ସନ୍ଦେହ କରି ତାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଜେରା ସମୟରେ ୩ ନାବାଳକ ବୈଭବଙ୍କୁ ଟଙ୍କା ପାଇଁ ହତ୍ୟା କରିଥିବା ସ୍ୱୀକାର କରିଥିଲେ ବୋଲି ଡିସିପି(ନର୍ଥ) ରାଜା ବାଣ୍ଠିଆ କହିଛନ୍ତି। ଧରାପଡ଼ିଥିବା ନାବାଳକଙ୍କ କହିବା ଅନୁସାରେ, ସେମାନେ ବୈଭବଙ୍କୁ ବାଇକ୍‌ରେ ବସାଇ ଭାଲାସ୍ୱ ଲେକ୍ ନିକଟସ୍ଥ ଏକ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ବୈଭବଙ୍କୁ ଛୁରିରେ ହତ୍ୟା କରିବା ପରେ ମୃତଦେହ ମାଟିତଳେ ପୋତି ସେଠାରୁ ଚାଲିଆସିଥିଲେ। ପରଦିନ ବୈଭବଙ୍କ ମୋବାଇଲରୁ ତାଙ୍କ ବାପାଙ୍କୁ ଫୋନ କରି ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଏହା ଶୁଣି ବିକାଶ ପୋଲିସକୁ ସୂଚନା ଦେଇଥିଲେ। ଏହି ଘଟଣାରେ ପୋଲିସ ୩ଜଣ ନାବାଳକଙ୍କୁ ଧରି ସେମାନଙ୍କ ସୂଚନା ଆଧାରରରେ ମଙ୍ଗଳବାର ମୃତଦେହକୁ ଉଦ୍ଧାର କରିବା ସହ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୨୬।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଜଣେ ୭ବର୍ଷର ବାଳକ ସହ ଅପ୍ରାକୃତ ଯୌନ ସମ୍ପର୍କ ମାମଲାର ଶୁଣାଣି ହୋଇଛି। ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମୋନାଲିସା ମହାନ୍ତ ଏହାର ଶୁଣାଣିକରି ଅଭିଯୁକ୍ତ କାଉଚିଆ ନାଏକ(୨୩)ଙ୍କୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ପୀଡ଼ିତଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି।

ପ୍ରକାଶ ଯେ, ନାବାଳକ ଜଣକ ୨୦୧୯ ସେପ୍ଟେମ୍ବର ୧୫ରେ ବାପାଙ୍କ ସହ ଶାଳପଡ଼ା ସାଉନ୍ତିସାହିସ୍ଥିତ ଅଜାଙ୍କ ଘରକୁ ଯାଇଥିଲେ। ସନ୍ଧ୍ୟାରେ ପରିବାର ସହ ହାଟକୁ ଯାଇଥିବା ବେଳେ ନାବାଳକ

## ଅପ୍ରାକୃତ ଯୌନ ସମ୍ପର୍କ ମାମଲା

କାନ୍ଦିଥିଲେ। କାଉଚିଆ ତାଙ୍କୁ ଘରେ ଛାଡ଼ ଦେବ କହି ହାଟ ନିକଟ ଏକ ବୁଦା ମୂଳେ ଅପ୍ରାକୃତ ଭାବେ ଯୌନ ସମ୍ପର୍କ ରଖିଥିଲେ। ନାବାଳକଙ୍କ ବାପା ଘରକୁ ଫେରି ପୁଅ ଫେରି ନ ଥିବା ଦେଖିଥିଲେ। ଖୋଜାଖୋଜି ପରେ ଗୁରୁତର ଅବସ୍ଥାରେ ବୁଦାମୂଳେ ପଡ଼ିଥିବା ଦେଖିଥିଲେ। କାଉଚିଆ ସେଠାରୁ ଦୌଡି ପଳାଇଥିଲେ। ଏ ସଂକ୍ରାନ୍ତରେ ନାବାଳକଙ୍କ ବାପା ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୫୬/୨୦୧୯) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ୧୫ ଜଣ ସାକ୍ଷୀ ଏବଂ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ପିପି ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

# ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା

## ଅଭିଯୁକ୍ତ ସ୍ୱାମୀ ଗିରଫ

ସୁନ୍ଦରଗଡ,ସବ୍‌ଡେଗା, ୨୬।୩
(ଜୟନାରାୟଣ ମେଣ୍ଢୁଲୀ/ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ହୁରୁପାନି ଗ୍ରାମରେ ଘରୋଇ କଳହକୁ କେନ୍ଦ୍ର କରି ବୁଧବାର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ମୃତାଙ୍କ ନାମ ଦୁର୍ଗାବତୀ ସିଂ(୪୫)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ରୂପନନ୍ଦ ସିଂ(୫୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତାଙ୍କ ପୁଅ ଚାନ୍ଦପ୍ରସାଦ ସିଂଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା(ନଂ.୬୦/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ସକାଳେ ଦୁର୍ଗାବତୀ ଜଙ୍ଗଲ ପାଖରେ ଥିବା ନିଜ ଜମିକୁ ମହୁଲ ଫୁଲ ଗୋଟାଇବାକୁ ଯାଇଥିଲେ। ମହୁଲ ଗୋଟାଉଥିବା ସମୟରେ ସକାଳ ପ୍ରାୟ ୮ଟା ବେଳେ ତାଙ୍କ ସ୍ୱାମୀ ରୂପନନ୍ଦ ସେଠାରେ ପହଞ୍ଚିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରୂପନନ୍ଦ ପାଖରେ ଥିବା ଏକ ପଥର ଦୁର୍ଗାବତୀଙ୍କ ମୁଣ୍ଡରେ ଓ ମୁହଁରେ ଛେଚି ଦେଇଥିଲେ। ଚିତ୍କାର କରି ଦୁର୍ଗାବତୀ ସେଠାରେ ଟଳି ପଡିଥିଲେ। ଏହି ସମୟରେ ଆଖପାଖରେ ମହୁଲ ଗୋଟାଉଥିବା ଗାଁର ମହିଳାମାନେ ରୂପନନ୍ଦଙ୍କ ଏପରି କାଣ୍ଡ ଦେଖି ସେଠାରୁ ଭୟରେ ଦୌଡି ପଳାଇ ଆସିଥିଲେ। ଗାଁର ମହିଳାମାନଙ୍କଠାରୁ ଖବର ପାଇ ଦୁର୍ଗାବତୀଙ୍କ ପୁଅ ତଳସରା ଥାନା ପୋଲିସକୁ ଜଣାଇଥିଲେ। ତଳସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଗାବତୀଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲା। ଅପରପକ୍ଷରେ ଅଭିଯୁକ୍ତ ସବ୍‌ଡେଗାରେ ଥିବା ଖବର ପାଇ ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା। ପଚରାଉଚରା ବେଳେ ରୂପନନ୍ଦ ଦୋଷ ସ୍ୱୀକାର କରିଥିବା ତଳସରା ଥାନା ଆଇଆଇସି ପୁଷ୍ପେନ୍ଦୁ ସାଗର କହିଛନ୍ତି।

ପ୍ରକାଶଥାଉ କି, ଆଉ ତିନି ଦିନ ପରେ ଦୁର୍ଗାବତୀଙ୍କ ପୁଅ ଚାନ୍ଦପ୍ରସାଦ ସିଂ(୨୨)ଙ୍କର ବିବାହ ହୋଇଥାନ୍ତା। ନିମନ୍ତ୍ରଣ ପତ୍ର ମଧ୍ୟ ବଣ୍ଟା ସରିଥିଲା। ହେଲେ ଏପରି ସମୟରେ ଦୁର୍ଗାବତୀଙ୍କ ମୃତ୍ୟୁ ପରିବାର ଲୋକଙ୍କୁ ସ୍ତବ୍ଧ କରିଦେଇଛି। ପୋଲିସ ଓ କେତେକ ଗ୍ରାମବାସୀଙ୍କ ଖବର ଅନୁଯାୟୀ, ଗତ ପ୍ରାୟ ୧୨ବର୍ଷ ହେବ ରୂପନନ୍ଦଙ୍କ ବଡଭାଇଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସେ ନିଜ ଭାଉଜ ଦୁର୍ଗାବତୀଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରି ରହି ଆସୁଥିଲେ।

# ଧରାପଡ଼ିଲେ ଆନ୍ତଃଜିଲା ସୁନାଚେନ୍ ଲୁଟେରା ଗ୍ୟାଙ୍ଗ

## ୭ ଅଭିଯୁକ୍ତଙ୍କ ମଧ୍ୟରେ ୬ ମହିଳା, ସୁନା ଅଳଙ୍କାର ଓ କାର୍ ଜବତ




ଗିରଫ ଅଭିଯୁକ୍ତମାନେ।

ବ୍ରହ୍ମପୁର,୨୬।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ୭ ଜଣିଆ ଆନ୍ତଃଜିଲା ସୁନାଚେନ୍ ଲୁଟେରା ଗ୍ୟାଙ୍ଗକୁ ବାନ୍ଧିଛି। ସେମାନଙ୍କ ମଧ୍ୟରେ ୬ ଜଣ ମହିଳା ଅଛନ୍ତି। ପୂର୍ବରୁ ଏହି ଗ୍ୟାଙ୍ଗର ପ୍ରଭାତୀ ନାୟକ ଓରଫ ସବିତା ଓରଫ ଯମୁନା ବେହେରାଙ୍କୁ ପୋଲିସ ବ୍ରହ୍ମପୁରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ମାଷ୍ଟରମାଇଣ୍ଡ ତଥା ଯମୁନାଙ୍କ ପୁଅ ପି. ରାଜା ଏବେ ସୁଦ୍ଧା ଫେରାର ରହିଛି। ଲୁଟେରା ଗ୍ୟାଙ୍ଗ ନିକଟରୁ ଗୋଟିଏ ସୁନାଚେନ୍, ୪ଟି ଇମିଟେଶନ ସୁନା ଚେନ, ଗୋଟିଏ କାର ଓ ୨୫ ହଜାର ଟଙ୍କା ଜବତ କରାଯାଇଥିବା ବୁଧବାର ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଯୋବ୍ରା ମଝିସାହିର ନାଗୁ ବେହେରା(୪୬), ୪୨ ମୌଜାର କାରଚାଳକ ବିଜୟ ଜେନା(୨୮), ମଧୁପାଟଣାର ଏସ. ପୁଷ୍ପା, ଭଦ୍ରକ ରେଳଷ୍ଟେଶନ ଅଞ୍ଚଳର ବାସନ୍ତୀ ରାଓ (୬୨) ଓ ସବିତା ସାହୁ (୩୨), ବାଲେଶ୍ୱର ଷ୍ଟେଶନ ବଜାର ମଝିସାହିର ମିନା ରାଓ(୪୩), ତାମିଲନାଡୁ ପୁନେରି ରେଳଷ୍ଟେଶନ ନିକଟ ଅଞ୍ଚଳର ଏଚ. ପୁଷ୍ପା(୫୦)। ଏମାନେ ବ୍ରହ୍ମପୁର ସମେତ ଭୁବନେଶ୍ୱର, ପୁରୀ, ଢେଙ୍କାନାଳ, ଜଗତସିଂହପୁର, ପାରାଦୀପ, ଖୋର୍ଦ୍ଧା, ଯାଜପୁର, ଭଞ୍ଜନଗର ଆଦିସ୍ଥାନରୁ ମହିଳାଙ୍କ ବେକରୁ କୌଶଳକ୍ରମେ ସୁନା ଚେନ ଚୋରି କରୁଥିଲେ ବୋଲି ବ୍ରହ୍ମପୁର ଏସ୍‌ପି କହିଛନ୍ତି।

ଗତ ମାସରେ ବଡ ଏକାଦଶୀ ଦିନ ବ୍ରହ୍ମପୁର କୋର୍ଟପେଟା ଜଗନ୍ନାଥ ମନ୍ଦିରକୁ ଯାଇଥିବା ଗଜପତିନଗର ଅଞ୍ଚଳର ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ ହୋଇଥିଲା। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି କଟକ ଯୋବ୍ରା ନୂଆ ସାହି ଯମୁନା ବେହେରାଙ୍କୁ ଗିରଫ କରିଥିଲା। ଯମୁନାଙ୍କୁ ପଚରାଉଚରା ସହ ମୋବାଇଲ ଫୋନ୍ ଯାଞ୍ଚ ବେଳେ ତାଙ୍କ ପୁଅ ପି. ରାଜା ଏବଂ କାର ଚାଳକ ବିଜୟଙ୍କ ବିଷୟରେ ପୋଲିସ ଜାଣିବାକୁ ପାଇଥିଲା। ବିଜୟଙ୍କୁ କଟକରୁ କାବୁ କରି ପଚରାଉଚରା ପରେ ଏହି ଗ୍ୟାଙ୍ଗର ସମସ୍ତ ସଦସ୍ୟଙ୍କ ବିଷୟରେ ଜଣାପଡିଥିଲା। ଏହି ଗ୍ୟାଙ୍ଗ କଟକରେ ରହି ବିଭିନ୍ନ ଜିଲାକୁ କାର ଯୋଗେ ଯାଇ ଗହଳି ସ୍ଥାନରୁ ମହିଳାଙ୍କ ବେକରୁ ସୁନା ଚେନ ଚୋରି କରୁଥିଲେ।

# ଲାଞ୍ଚ ନେବାବେଳେ ଧରାପଡ଼ିଲେ ଅମିନ

ସୁନ୍ଦରଗଡ଼/କୁତ୍ରା,୨୬।୩
(ଜୟ ନାରାୟଣ ମେଣ୍ଢୁଲି/ ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟର ଜଣେ ଅମିନ ବୁଧବାର ୬ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ଶିଶିର କୁମାର ନାଏକ। ଲାଞ୍ଚଟଙ୍କା ତାଙ୍କଠାରୁ ଜବତ କରାଯିବା ସହ ତାଙ୍କୁ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟକୁ ପଠାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ସେ କାର୍ଯ୍ୟ କରୁଥିବା ତହସିଲ କାର୍ଯ୍ୟାଳୟ ସମେତ ସୁନ୍ଦରଗଡ଼ ସଦରଥାନା ଅନ୍ତର୍ଗତ ମହୁଲପାଲି ଗ୍ରାମସ୍ଥିତ ତାଙ୍କ ବାସଭବନରେ ମଧ୍ୟ ଖାନ୍‌ତଲାସି କରାଯାଉଥିବା ରାଉରକେଲା ଭିଜିଲାନ୍ସ ଏସ୍‌ପି ସତ୍ୟବାନ ମହାନନ୍ଦ ପ୍ରକାଶ କରିଛନ୍ତି।

ଭିଜିଲାନ୍ସ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଶ୍ରମ ଲାକଡା ଓରଫ ଓରାମ ବ୍ୟକ୍ତିଙ୍କ ଜମି ଭାଗ ପରେ ଅମିନ ଶିଶିର ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଜମିପଟ୍ଟାର ସ୍କେଚ ମ୍ୟାପ ପାଇଁ ତହସିଲ ଅଫିସରେ ଆବେଦନ କରିଥିଲେ। ପରେ ଅମିନ ଏହି ସ୍କେଚ୍ ମ୍ୟାପ ତିଆରି କରି ଅପଲୋଡ଼ କରିବା ପାଇଁ ତାଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ।



ଗିରଫ ଶିଶିର କୁମାର ନାଏକ।

ଅଭିଯୋଗକାରୀ ଟଙ୍କା ନ ଦେବାରୁ ଅମିନ ତାଙ୍କୁ ହଇରାଣ କରି ଆସୁଥିଲେ। ଫଳରେ ଅଭିଯୋଗକାରୀ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନଂ.୬/୨୦୨୫ରେ ମଙ୍ଗଳବାର ଏକ ମାମଲା ରୁଜୁ ହୋଇଥିଲା। ଯୋଜନା ମୁତାବକ ଅମିନ ନାଏକ ୬ହଜାର ଟଙ୍କା ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ କାବୁ କରି ଟଙ୍କା ଜବତ କରିଥିଲା।

# ୨ କାର୍‌ରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ

କେନ୍ଦୁଝର,୨୬।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ପୋଲିସ ବୁଧବାର ଜୁଡ଼ିଆଘାଟି ନିକଟରୁ ୨ଟି କାର୍‌ରେ ଚୋରାଚାଲାଣ ହେଉଥିବା ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ପୋଲିସ ଗଞ୍ଜେଇ ବୋଝେଇ ୨ଟି କାର୍ ଜବତ କରିବା ସହିତ ୬ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ କୌଣସି ସୂତ୍ରରୁ ଖବର ପାଇ ୪୯ ନମ୍ବର ଜାତୀୟ ରାଜପଥ ଜୁଡ଼ିଆଘାଟି ନିକଟରେ ମୁମ୍ବାଇ ପଟୁ କୋଲକାତା ଆଡ଼େ ଯାଉଥିବା ୨ଟି କାର୍‌କୁ ଅଟକାଇଥିଲା। ଏହି ସମୟରେ କାର୍ ଛାଡ଼ି ୬ଜଣ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ

## ଚୋରା ଚାଲାଣ ବେଳେ ମାଡ଼ିବସିଲା ପୋଲିସ

ଲୋକଙ୍କ ସହାୟତାରେ ସେମାନଙ୍କୁ କାବୁ କରିଥିଲା। ପରେ କାର୍ ଭିତର ଯାଞ୍ଚ କରି ଉଭୟ କାର୍ ଡିକିରୁ ପାଖାପାଖି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ଅଟକ ବ୍ୟକ୍ତିମାନେ କେନ୍ଦୁଝର ହାଟଡ଼ିହୀ ଓ ପଡ଼ୋଶୀ ଭଦ୍ରକ ଜିଲାର ବୋଲି ସୂଚନା ମିଳିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ତଦନ୍ତରେ ବାଧା ସୃଷ୍ଟିହେବା ଆଶଙ୍କାରେ ପୋଲିସ ଅଭିଯୁକ୍ତଙ୍କର ପରିଚୟ ଦେବାକୁ ମନା କରିଦେଇଛି।

# ଜମିବାଡ଼ି ବିବାଦରୁ ହତ୍ୟା, ଜଣେ ଗିରଫ

## ଯୁବକଙ୍କୁ ହତ୍ୟାକରି ଜଙ୍ଗଲରେ ଫିଙ୍ଗିଦେବା ଘଟଣା

ବଲାଙ୍ଗୀର,୨୬।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଡୁମେରଝରନ ଗାଁର ଶତ୍ରୁଘ୍ନ ପଟେଲ (୨୭) ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଡୁମେରଝରନ ଗାଁର ଗୌତମ ନାଏକ (୩୨)। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା, ପଥର, ମୃତକଙ୍କ ସାଇକେଲକୁ ଜବତ କରିଛି। ଜମିବାଡ଼ି ବିବାଦକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି ବୋଲି ବଲାଙ୍ଗୀର ଆଡିଶନାଲ ଏସ୍‌ପି ଆଲୋକ ଜେନା ବୁଧବାର ସଦର ଥାନାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ।

ସୂଚନା ଅନୁଯାୟୀ, ଗତ ୨୪ ତାରିଖ ସକାଳ ପ୍ରାୟ ୯ଟା ସମୟରେ ଡୁମେରଝରନ ଗାଁର ନିଲେଶ୍ୱର ପଟେଲଙ୍କ ସାନପୁଅ ଶତ୍ରୁଘ୍ନ ନିକଟସ୍ଥ ଠେଲକୋଛାପର ଗାଁକୁ ପଟା ଆଣିବା ପାଇଁ ସାଇକେଲରେ ଯାଇଥିଲେ। ଗଲାବେଳେ ମହଦାସନୀ ଜଙ୍ଗଲ ରାସ୍ତାରେ ଗାଁର ଗୌତମ ନାଏକ (୩୨) ଓ ଶତ୍ରୁଘ୍ନଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହାକୁ ନେଇ ଗୌତମ ହତ୍ୟା ଯୋଜନାକରି ସେଇ ରାସ୍ତାରେ ଶତ୍ରୁଘ୍ନଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ସାଇକେଲରେ ପଟା ନେଇ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଶତ୍ରୁଘ୍ନ




ପୋଲିସର ପ୍ରେସ୍‌ମିଟ୍‌ରେ ଗିରଫ ଅଭିଯୁକ୍ତ ଗୌତମ ନାଏକ।

ଫେରୁଥିବା ବେଳେ ଛପି ରହିଥିବା ଗୌତମ ଠେଙ୍ଗାରେ ଶତ୍ରୁଘ୍ନଙ୍କୁ ଆକ୍ରମଣକରି ଏକ ପଥରରେ ଛେଚି ହତ୍ୟା କରିଥିଲେ। ହତ୍ୟାକରିବା ପରେ ମୃତଦେହକୁ ନେଇ

## ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା, ପଥର ଜବତ

ନିକଟସ୍ଥ ନାଳା ପାଖରେ ଫିଙ୍ଗି ସେଠାରୁ ଫେରାର ହୋଇଯାଇଥିଲେ। ଗାଁ ଲୋକେ ମୃତଦେହ ନାଳା ପାଖରେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ନିଲେଶ୍ୱର ପଟେଲଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (୧୨୬/୨୫) ରୁଜୁକରି ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ଗୌତମଙ୍କୁ ଗିରଫ କରିଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 447/383 | 64/2891 | 0.35 | 0.15 | ଶାରଦ ଦୁଇ | ସାରଙ୍ଗ ହାଁସଦା, ପି:କିଷ୍ଟାଇ ହାଁସଦା, ଫୁଲ ହାଁସଦା, ସ୍ୱା:ସାରଙ୍ଗ ହାଁସଦା, ମାୟାବତୀ ହାଁସଦା, ଶିବ ଶଙ୍କର ହାଁସଦା, ପି:ସାରଙ୍ଗ ହାଁସଦା, ଜା:ସାନ୍ତାଳ, ବା:ବ୍ରାହ୍ମଣ ପଟକା |
| 447/395 | 30 | 0.52 | 0.03 | ଆଶୁ | ବାବା ବଟେଶ୍ୱର ଉଚ୍ଚ ଇଂରାଜୀ ବିଦ୍ୟାଳୟ, ବଡାମପୁର, ମାରଫତ-ସମ୍ପାଦକ |
| 447/408 | 635/2915 | 0.28 | 0.06 | ଶାରଦ ଦୁଇ | ଦାସ ହାଁସଦା, ସିଙ୍ଗରାୟ ହାଁସଦା, ପି:ମଠା ମାଝୀ, ପାହ୍ଲ ହାଁସଦା, ସ୍ୱା:ମଠା ମାଝୀ, ରାମଦାସ ମାଝୀ ଓରଫ ହାଁସଦା, ପି: ରାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ, ସୁନ୍ଦର ହାଁସଦା ଚୈତନ୍ୟ ହାଁସଦା, ପି:ବିଶ୍ୱନାଥ ହାଁସଦା, ଜା:ସାନ୍ତାଳ, ବା:ପାଞ୍ଚମାଣିଆ |
| | 65 | 0.23 | 0.07 | ଶାରଦ ତିନି | |
| 447/409 | 635/2917 | 0.29 | 0.06 | ଶାରଦ ଦୁଇ | ବୁକାଏ ମାଝୀ ଓରଫ ମାର୍ଣ୍ଡି, ପି: ଲକ୍ଷ୍ମଣ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 447/410 | 635 | 0.26 | 0.07 | ଶାରଦ ଦୁଇ | ମଠା ମାଝୀ ଓରଫ ମାର୍ଣ୍ଡି, ପି:ଲକ୍ଷ୍ମଣ ମାଝୀ, ଜା:ସାନ୍ତାଳ, ବା:ବଡାମପୁର |
| 447/411 | 64 | 0.68 | 0.18 | ଶାରଦ ଦୁଇ | ସୁରାଇ ମାର୍ଣ୍ଡି, ରଥ ମାର୍ଣ୍ଡି, ପି:ଲକ୍ଷ୍ମଣ ମାର୍ଣ୍ଡି, ସନିଆ ମାର୍ଣ୍ଡି, ପି:ଖୁସାଲ ମାର୍ଣ୍ଡି, ମାନକ ମାର୍ଣ୍ଡି, ସ୍ୱା:ଖୁସାଲ ମାର୍ଣ୍ଡି, ଜା:ସାନ୍ତାଳ, ବା:ବଡାମପୁର |
| | 65/2920 | 0.06 | 0.02 | ଶାରଦ ତିନି | |
| 447/419 | 649/2403 | 0.14 | 0.01 | ଶାରଦ ତିନି | ପ୍ରଭାକର ବେହେରା, ପି:ଯୋଗେନ୍ଦ୍ର ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| | 649/2402 | 0.09 | 0.05 | ଶାରଦ ଦୁଇ | |
| 447/442 | 75 | 0.80 | 0.33 | ଆଶୁ | ସର୍ବେଶ୍ୱର ବେହେରା, ବିଘ୍ନେଶ୍ୱର ବେହେରା, ପି:କାଙ୍ଗାଳି ବେହେରା, ଜା:ସୁଣ୍ଡି, ବା:ନିଜଗାଁ |
| 447/445 | 1000/2956 | 0.32 | 0.02 | ଶାରଦ ତିନି | ମନ୍ଦର ଧର ରାଉତ, ପି:ଗୋବିନ୍ଦ ଚନ୍ଦ୍ର ରାଉତ, ଜା:ଖଦାଳ, ବା:ନିଜଗାଁ |
| 447/472 | 917 | 0.29 | 0.12 | ଶାରଦ ଏକ | ସଲମା କିସ୍କୁ, ସ୍ୱା:ମଙ୍ଗଲ କିସ୍କୁ, ଜା:ସାନ୍ତାଳ, ବା: ଭୁଡୁରୁବଣୀ, ଥା:ବାରିପଦା, ଜି:ମୟୂରଭଞ୍ଜ |
| 447/481 | 1248 | 1.52 | 0.08 | ଶାରଦ ଏକ | ଅଂଶୁମାନ ଧରମହାପାତ୍ର, ପି:ପ୍ରଦୀପ କୁମାର ଧରମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 447/483 | 535 | 0.15 | 0.01 | ଶାରଦ ଦୁଇ | ପ୍ରଦୀପ କୁମାର ଧରମହାପାତ୍ର, ପି:ଶ୍ରୀନିବାସ ଧରମହାପାତ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 536 | 0.25 | 0.12 | ଶାରଦ ତିନି | |
| 447/510 | 469 | 0.23 | 0.01 | ଶାରଦ ଦୁଇ | ଛିତା ମାଝୀ, ସ୍ୱା:ଲକ୍ଷ୍ମଣ ମାଝୀ, ଜା:ସାନ୍ତାଳ, ବା:ନିଜଗା |
| 447/513 | 74 | 0.42 | 0.08 | ଆଶୁ | କିସୁନ ମାଝୀ, ପି:କନ୍ଦା ମାଝୀ, ଜା:ସାନ୍ତାଳ, ବା:କରତପଟା |
| 447/536 | 2007/3041 | 0.17 | 0.03 | ଶାରଦ ଏକ | ରଇବା ମହାନ୍ତ, ପି:ପର୍ଶୁ ମହାନ୍ତ, ଜା:କୁଡୁମୀ, ବା:ବଡାମପୁର |
| 447/567 | 1142/2449 | 0.15 | 0.01 | ଶାରଦ ଦୁଇ | ମନ ମୋହନ ଦଣ୍ଡପାଟ, ପି:ହରି ଦଣ୍ଡପାଟ, ଜା:ଖଦାଳ, ବା:ନିଜଗାଁ |
| 447/609 | 541 | 0.16 | 0.10 | ଶାରଦ ଦୁଇ | ନବ କୁମାର ରାଉତ, ପି:ମକୁ ରାଉତ, ଜା:ବଗାଳ, ବା:ନିଜଗାଁ |
| 447/611 | 83/3114 | 0.30 | 0.04 | ଡାହି ଦୁଇ | ରାମ ହେମ୍ବ୍ରମ, ପି:କଟିକାମ ହେମ୍ବ୍ରମ, ଜା:ସାନ୍ତାଳ, ବା:ନିଜଗାଁ |
| 447/625 | 31 | 0.69 | 0.25 | ଶାରଦ ତିନି | ବିରେନ୍ଦ୍ର ଓରଫ ମଙ୍ଗଲ ବେଶ୍ରା, ପି:ଗାଙ୍ଗୁ ଓରଫ ଜଗା ବେଶ୍ରା, ଜା:ସାନ୍ତାଳ, ବା:କେତକୀଶୂଳ |
| 447/644 | 2006 | 0.38 | 0.13 | ଶାରଦ ଏକ | ଯୋଗେଶ୍ୱର ଦଣ୍ଡପାଟ, ବିଘ୍ନେଶ୍ୱର ଦଣ୍ଡପାଟ, ସ୍ୱପ୍ନେଶ୍ୱର ଦଣ୍ଡପାଟ, ସିଦ୍ଧେଶ୍ୱର ଦଣ୍ଡପାଟ, ବାଲକେଶ୍ୱର ଦଣ୍ଡପାଟ, ଅନୁପମା ରାଉତ, ପି: ମନମୋହନ ଦଣ୍ଡପାଟ, ଇଲାରାଣୀ ଦଣ୍ଡପାଟ, ସ୍ୱା:ମନମୋହନ ଦଣ୍ଡପାଟ, ଜା:ଖଦାଳ, ବା:ନିଜଗାଁ |
| 451/19 | 1659 | 0.28 | 0.07 | ଶାରଦ ଦୁଇ | ଉଦୟ ମାଝୀ, ପି:ମାଙ୍ଗାତ ମାଝୀ, ଗଣ୍ଡି ମାଝୀ, ପି: ଦୁଃଖିଆ ମାଝୀ, ବା: |
| 451/23 | 1654 | 0.33 | 0.08 | ଶାରଦ ଏକ | ଥୁଣ୍ଟା ମାଝୀ, ପି:ଛୋଟରାୟ ମାଝୀ, ଜା:ସାନ୍ତାଳ, ବା:ବଡାମପୁର |
| 451/26 | 1661 | 0.44 | 0.21 | ଶାରଦ ଦୁଇ | ସଦାଶିବ ମଲ୍ଲିକ, ଅନନ୍ତ ମଲ୍ଲିକ, ପି:ବୃନ୍ଦାବନ ମଲ୍ଲିକ,ଜା:ସୁଣ୍ଡି, ବା:ନିଜଗାଁ |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| 235 | 263 | | 0.62 | ଶାରଦ ତିନି | ପୁନ୍ତା ମାଝୀ, ସ୍ୱା:ଗୋବିନ୍ଦା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 364 | 266 | | 0.15 | ଶାରଦ ତିନି | ଲଛମନ ମାଝୀ, ପି:କାମ ମାଝୀ, ହିରା ମାଝୀ, ସ୍ୱା:କାମ ମାଝୀ, କରଣ ମାଝୀ, ଅର୍ଜୁନ ମାଝୀ, ପି:ଦାଡକା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 272 | | 0.09 | ପତିତ | |
| 443 | 267 | | 0.14 | ଶାରଦ ତିନି | ହିନ୍ଦୁ ମାଝୀ, ପି:କାମ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 292 | 268 | | 0.19 | ଶାରଦ ତିନି | ଭୁଲୁ ମାଝୀ, ପି:ଜଟା ମାଝୀ, ମନ୍ଦ ମାଝୀ, ସ୍ୱା:ବୁଢଣ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 230 | 270 | | 0.24 | ଶାରଦ ତିନି | ପୁଗୁରୀ ମାଝୀ, ଭୁଟୀ ମାଝୀ, ପି:ଚାମୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 261 | 277 | | 0.20 | ଶାରଦ ତିନି | ବିଶ୍ୱନାଥ ମାଝୀ, ପି:ସାନଖେଲା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | 271 | | 0.10 | ପତିତ | |
| 53 | 284 | | 0.22 | ଶାରଦ ଦୁଇ | କାରମୁ ମାଝୀ, ଖୁଦୁ ମାଝୀ, ପି:ଲେଙ୍ଗା ମାଝୀ, ଲେଙ୍ଗଟା ମାଝୀ, ପି:ମଙ୍ଗଲା ମାଝୀ, ରୁହିଆ ମାଝୀ, ପ୍ରଫୁଲ୍ଲ ମାଝୀ, କାଳିଆ ମାଝୀ, ପି:ବାର୍ଷା ମାଝୀ, ଜା:ସାନ୍ତାଳ, ବା:ରାମଚନ୍ଦ୍ରପୁର, ଜିଲା:ବାଲେଶ୍ୱର, ଧୁମା ମାଝୀ, ପି:ଭୁରୁଙ୍ଗା ମାଝୀ, ଗମା ମାଝୀ, ପି:ଚେପା ମାଝୀ, ଜା:ସାନ୍ତାଳ, ବା:ଗୋବିନ୍ଦପୁର |
| 230 | 273 | | 0.26 | ଶାରଦ ତିନି | ପୁଗୁରୀ ମାଝୀ, ଭୁଟୀ ମାଝୀ, ପି:ଚାମୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 112 | 285 | | 0.03 | ଶାରଦ ଦୁଇ | ଗୌରହରି ବାସ୍କେ, ପି:କାରୁ ବାସ୍କେ, ବାହ୍ଲି ବାସ୍କେ, ସ୍ୱା:କାରୁ ବାସ୍କେ, ଚାନ୍ଦୁ ବାସ୍କେ, ପି:ରେଣ୍ଟା ବାସ୍କେ, ଜା:ସାନ୍ତାଳ, ବା:ନିଜଗାଁ |
| ମୋଟ | ୨୦୩ ପ୍ଲଟ | ଏ. ୧୦୬. ୩୨ ଡେ.ମି. | ଏ. ୨୪.୨୬ ଡେ.ମି. | | |

Sd./- Amin | Sd./- Revenue Inspector L.A. Zone, S.I.P. Laxmiposi | Sd./- Zone Officer-cum-L.A. Collector S.I.P. Laxmiposi Zone | Sd./- Spl. Land Acquisition Officer, S.I.P. Baripada

OIPR-24001/14/0166/2425

# ମଣିପାଲ ହସ୍ପିଟାଲରେ ନୂତନ କ୍ୟାଥ୍‌ଲାବ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୬ା୩**



ନୂତନ କ୍ୟାଥ୍‌ଲାବ୍ ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଜ୍ୟର ପ୍ରମୁଖ ଘରୋଇ ହସ୍ପିଟାଲ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ତଥା ନୂତନ କ୍ୟାଥ୍‌ଲାବ୍ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ, କ୍ଲଷ୍ଟର ଡାଇରେକ୍ଟର ସୁଧାକର କାନ୍ତିପୁଡି, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ଯଯାତି କେଶରୀ ପାଢ଼ୀ, ଡା. ଲିଙ୍ଗରାଜ ନାଥ, ଡା.ମହେଶ ଅଗ୍ରୱାଲ, ଡା .ଦିବ୍ୟରଞ୍ଜନ ବେହେରା ଏବଂ ଡା. ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ କହିଛନ୍ତି, ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ହୃଦ୍‌ରୋଗ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିଭଳି ଭୁବନେଶ୍ୱରର ମେଡ଼ିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଥିଲେ, ହୃଦ୍‌ରୋଗ ଚିକିତ୍ସା ପାଇଁ ଆମ ହସ୍ପିଟାଲରେ ଦ୍ୱିତୀୟ କ୍ୟାଥ୍‌ଲାବ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଖୁସି ଖବର ହୋଇଥିଲାବେଳେ ଆମେ ସମସ୍ତ ପ୍ରକାର ହୃଦ୍‌ରୋଗର ସଫଳ ଚିକିତ୍ସା କରିବା ପାଇଁ ସହାୟକ ହେବ। ଏଥିପାଇଁ ସେ ହୃଦ୍‌ରୋଗ ବିଭାଗର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ମଣିପାଲ ହସ୍ପିଟାଲରେ ହୃଦରୋଗ ଚିକିତ୍ସାକୁ ଆହୁରି ଉନ୍ନତ କରିବା ଏବଂ ହୃଦ୍‌ରୋଗୀଙ୍କ ପାଇଁ ଉଚ୍ଚ ପ୍ରଯୁକ୍ତି ସୁବିଧା ଦେବା ପାଇଁ ଅତ୍ୟାଧୁନିକ ଦ୍ୱିତୀୟ କ୍ୟାଥ୍‌ଲାବ୍ ଆରମ୍ଭ ହୋଇଛି। ଏହା କେବଳ ଓଡ଼ିଶାର ନୁହେଁ ପୂର୍ବ ଭାରତର ମଧ୍ୟ ଅନ୍ୟତମ ଅତ୍ୟାଧୁନିକ କ୍ୟାଥ୍‌ଲାବ୍ ହୋଇଥିଲାବେଳେ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲ ଆଉ ଏକ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ଏହି କ୍ୟାଥ୍‌ଲାବରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସହ ଆର୍ଟିଫିସିଆଲ ଇଣ୍ଟେଲେଜେନ୍ସ (ଏଆଇ) ଜ୍ଞାନକୌଶଳର ସୁବିଧା ରହିଛି। ଫଳରେ ମଣିପାଲ ହସ୍ପିଟାଲରେ ସମସ୍ତ ପ୍ରକାର ହୃଦ୍‌ରୋଗ ସହ ଜଟିଳ ହୃଦ୍‌ରୋଗ ସମସ୍ୟାର ମଧ୍ୟ ସଫଳ ଚିକିତ୍ସା କରାଯାଇପାରିବ। ବିଶେଷକରି ଏହା ରୋଗୀଙ୍କ ପାଇଁ ଶୀଘ୍ର ସୁସ୍ଥତା ଏବଂ ଅଧିକ ସୁରକ୍ଷିତ ଚିକିତ୍ସା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ, ୨୬ା୩**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୨୯(୭୨୮.୬୯) ପଏଣ୍ଟ ହ୍ରାସ ଘଟି ୭୭,୨୮୮ (୭୭,୨୮୮.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୮୨ (୧୮୧.୮୦) ପଏଣ୍ଟ କମି ୨୩,୪୮୭ (୨୩,୪୮୬.୮୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ପ୍ୟୋର୍‌ପାୱାର ପ୍ରଡକ୍ଟର ଶୁଭାରମ୍ଭ

**ନୂଆଦିଲ୍ଲୀ, ୨୬ା୩**

ପ୍ୟୋର୍ ପକ୍ଷରୁ ପ୍ୟୋର୍‌ପାୱାରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ହେଉଛି ଭାରତର ଶକ୍ତି ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତ ଥିବା ଶକ୍ତି ସଂରକ୍ଷଣ ଉତ୍ପାଦଗୁଡ଼ିକର ଏକ ଅତ୍ୟାଧୁନିକ ଶୃଙ୍ଖଳା। ପ୍ୟୋର୍‌ପାୱାର ହୋମ୍, ପ୍ୟୋର୍‌ପାୱାର କମର୍ସିଆଲ ଓ ନୂଆ ପ୍ୟୋର୍‌ପାୱାର ଗ୍ରୀଡ୍ ମାଧ୍ୟମରେ ପ୍ୟୋରପାୱାର ଶକ୍ତି ଆବଶ୍ୟକତାକୁ ପୂରଣ କରୁଛି, ଯାହାକୁ ନିର୍ଭରଯୋଗ୍ୟ, ବିସ୍ତୃତ ଓ ସ୍ଥାୟୀ ଶକ୍ତି ସଂରକ୍ଷଣ ଉତ୍ପାଦଗୁଡିକ ପାଇଁ ଜରୁରୀ ଆବଶ୍ୟକତାକୁ ପୂରଣ କରିବା ଲାଗି ଡିଜାଇନ କରାଯାଇଛି। ପ୍ୟୋର ଏକ ଶକ୍ତିଶାଳୀ ଡିଷ୍ଟ୍ରିବ୍ୟୁଟର ନେଟ୍‌ୱର୍କ ମାଧ୍ୟମରେ ଆଧୁନିକ ଶକ୍ତି ସଂରକ୍ଷଣ ଉତ୍ପାଦଗୁଡିକ ପାଇଁ ପହଞ୍ଚକୁ ଗଣତାନ୍ତ୍ରିକ କରିବା ଲାଗି ପ୍ରତିବଦ୍ଧ ରହିଛି। ଆସନ୍ତା ୧୮ ମାସ ମଧ୍ୟରେ କମ୍ପାନୀ ଭାରତବ୍ୟାପୀ ୩୦୦ରୁ ଅଧିକ ଟଚ୍‌ପଏଣ୍ଟ ସ୍ଥାପନ କରିବାକୁ ଯୋଜନା ରଖିଛି, ଯାହା ସହଯୋଗୀଙ୍କ ପାଇଁ ବ୍ୟାପକ ବୈଷୟିକ ଓ ବାଣିଜ୍ୟିକ ସହାୟତା ପ୍ରଦାନ କରିବ। ପ୍ୟୋର୍‌ପାୱାର ହୋମ୍‌ର ମୂଲ୍ୟ (ଏକ୍ସ-ଫ୍ୟାକ୍ଟ୍ରି) ୭୪,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ଏ ସମ୍ପର୍କରେ ପ୍ୟୋର ପ୍ରତିଷ୍ଠାତା ଓ ଏମ୍‌ଡି ଡ. ନିଶାନ୍ତ ଡୋଙ୍ଗରୀ କହିଛନ୍ତି, ପ୍ୟୋର୍‌ପାୱାର କେବଳ ଏକ ଶକ୍ତି ସଂରକ୍ଷଣ ଉତ୍ପାଦଠାରୁ ଅଧିକ କିଛି ହୋଇଥିଲାବେଳେ ଏହା ଭାରତର ଡିକାର୍ବନାଇଜେଶନ ଲକ୍ଷ୍ୟ ପ୍ରତି ଏକ ପ୍ରତିବଦ୍ଧତା ରହିଛି। ଘର, ବ୍ୟବସାୟ ଓ ଗ୍ରୀଡ୍‌ଗୁଡିକୁ ଅତ୍ୟାଧୁନିକ ବ୍ୟାଟେରି ଟେକ୍ନୋଲୋଜି ଓ ପାୱାର ଇଲେକ୍‌ଟ୍ରୋନିକ୍ସ ସହ ସଶକ୍ତ କରି ପ୍ୟୋର ଦେଶକୁ ଏହାର କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ସକ୍ଷମ କରୁଛି। ସେହିପରି ପ୍ୟୋର ସହ-ପ୍ରତିଷ୍ଠାତା ତଥା ସିଇଓ ରୋହିତ ଭଡେରା କହିଛନ୍ତି, ପ୍ୟୋର୍‌ପାୱାର ନବୀକରଣଯୋଗ୍ୟ ଶକ୍ତିର ଗ୍ରହଣୀୟତା ଓ ଶକ୍ତି ସଂରକ୍ଷଣ ଏକତ୍ରୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ସହ ଜଡ଼ିତ ରହିଛି। ଏପରିକି ଘର ମାଲିକମାନଙ୍କୁ ଦକ୍ଷତାର ସହ ସୌରଶକ୍ତିକୁ ସଂରକ୍ଷିତ ରଖିବା ପାଇଁ ସକ୍ଷମ କରିବାଠାରୁ ଆରମ୍ଭ କରି ବ୍ୟବସାୟଗୁଡିକୁ ସ୍ଥାୟୀ ପରିଚାଳନାକୁ ରୂପାନ୍ତରିତ ହେବାରେ ସାହାଯ୍ୟ କରିବା ପର୍ଯ୍ୟନ୍ତ ପ୍ୟୋର୍‌ପାୱାର ଏକ ସ୍ମାର୍ଟ ଓ ସବୁଜ ଶକ୍ତି କ୍ଷେତ୍ରକୁ ଆକାର ଦେଉଛି। ଏହି ସମ୍ପ୍ରସାରଣ ପ୍ୟୋର୍‌ପାୱାର ଉତ୍ପାଦଗୁଡିକର ବ୍ୟାପକ ଗ୍ରହଣୀୟତାକୁ ସକ୍ଷମ କରିବା ସହ ସ୍ଥାନୀୟ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବ।

# ପାରିବାରିକ ବ୍ୟବସାୟକୁ ଆଗକୁ ନେବା ଭାଗ୍ୟର କଥା

**ଓଡ଼ିଶାର ଘରେ ଘରେ ପରିଚିତ ସାଲେପୁରସ୍ଥିତ ବିକଳାନନ୍ଦ କରଙ୍କ ରସଗୋଲା। ଦିନେ ଏକ ବରଗଛ ତଳେ ରସଗୋଲା ଓ ବରା ଡାଲମା ବିକୁଥିଲେ ବିକଳାନନ୍ଦ। ମେଳା ମହୋତ୍ସବ ହେଲେ ସେ ସେଠାରେ ପହଞ୍ଚିଯାଉଥିଲେ। ଗ୍ରାହକଙ୍କୁ ଆକୃଷ୍ଟ କରିବା କଳା ତାଙ୍କୁ ବେଶ୍ ଜଣାଥିଲା। ସେତେବେଳେ ବିଜୁଳି ଆଲୁଅ ବା ବ୍ୟାଟେରି ଆଲୋକ ଖୁବ୍ କମ୍ ଦେଖିବାକୁ ମିଳୁଥିଲା। ତେଣୁ ସେ ବେପାରକୁ ବାହାରିବାବେଳେ ସାଥିରେ ଏକ ଲାଇଟ୍ ନେଇଯାଉଥିଲେ। ସେହି ଲାଇଟ୍ ଦେଖିବାକୁ ତାଙ୍କ ପାଖରେ ଜମୁଥିଲା ଲୋକଙ୍କ ଭିଡ଼ ଏବଂ ବେପାର ମଧ୍ୟ ଖୁବ୍ ଭଲ ହେଉଥିଲା। ତାଙ୍କର ଏପରି ବ୍ୟବସାୟ କଳାରେ ଅନୁପ୍ରାଣିତ ହୋଇ ପାରିବାରିକ ବ୍ୟବସାୟକୁ ପିଢ଼ି ପରେ ପିଢ଼ି ଆଗକୁ ବଢ଼ାଇନେଇଛନ୍ତି। ପ୍ରାୟ ୧୦୦ବର୍ଷର ଏହି ପ୍ରତିଷ୍ଠାନର ମଙ୍ଗ ଧରିଥିବା ବିକଳାନନ୍ଦ କରଙ୍କ ନାତୁଣୀ ତଥା କର ଆଣ୍ଡ୍ ବ୍ରଦର୍ସର ଡାଇରେକ୍ଟର ସାଇ ଶିବାନୀ କରଙ୍କ ସହ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଆଳାପ...**

**ପ୍ର-ଆପଣଙ୍କ ନିକଟରେ ଅନେକ ସୁଯୋଗ ରହିଥିଲେ ମଧ୍ୟ ପାରିବାରିକ ବ୍ୟବସାୟରେ କାହିଁକି ପାଦଦେଇଥିଲେ?**

ଉ- ଜେଜେଙ୍କ ପରେ ତାଙ୍କର ତିନିପୁଅ ସ୍ୱର୍ଗତ ଦେବେନ୍ଦ୍ରନାଥ, ପ୍ରଦୀପ୍ତ କୁମାର ଓ ପ୍ରଶାନ୍ତ କୁମାର ବ୍ୟବସାୟରେ ଯୋଗଦେଇଥିଲେ। ଜେଜେ ହାତରେ ମିଠା ଗଢୁଥିବାବେଳେ ବଡ଼ବାପା ଦେବେନ୍ଦ୍ର ମିଠା ପ୍ରସ୍ତୁତି ଓ ପ୍ୟାକେଜିଂରେ ମେଶିନ୍ ପ୍ରୟୋଗ ଆରମ୍ଭ କରିଥିଲେ। ମୋର ପାଠପଢ଼ା ସମୟରେ ବ୍ୟବସାୟ ବିଷୟରେ ଘରେ ସବୁବେଳେ ଆଲୋଚନା ହୁଏ। ସେତେବେଳେ ମୁଁ ଓ ସାନ ଭଉଣୀ ସାଇପ୍ରିୟା କର ଏହି ବ୍ୟବସାୟକୁ ସମ୍ପ୍ରସାରଣ କରିବୁ ବୋଲି ସ୍ଥିର କରିଥିଲୁ। ବି.କମ୍ ପରେ ହସ୍ପିଟାଲିଟି ଆଣ୍ଡ୍ ମ୍ୟାନେଜମେଣ୍ଟରେ ଏମବିଏ କରିବା ପରେ ପ୍ରାୟ ୭/୮ ବର୍ଷ ତଳେ ମୁଁ ଏଥିରେ ଯୋଗଦେଇଥିଲି। ପାରିବାରିକ ବ୍ୟବସାୟକୁ ଆଗକୁ ନେବା ମୋ ପାଇଁ ଭାଗ୍ୟର କଥା।



ସାଇ ଶିବାନୀ କର

**ପ୍ର- ଆପଣଙ୍କ ଉତ୍ପାଦ ଓଡ଼ିଶାର ଘରେ ଘରେ ପରିଚିତ, କିପରି ଅନୁଭବ କରନ୍ତି?**

ଉ- ରସଗୋଲା କଥା ଆସିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥା ଆସେ। ତେଣୁ ମହାପ୍ରଭୁଙ୍କ ପ୍ରିୟ ରସଗୋଲା ପ୍ରସ୍ତୁତ କରିବାରେ ଆମକୁ ଖୁବ୍ ଭଲ ଲାଗେ। ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ଆମେ ବହୁତ ପ୍ରୟାସ କରିଥିଲୁ। ଜିଆଇ ଟ୍ୟାଗର ବ୍ୟବହାର ପାଇଁ ଆମେ ସ୍ୱୀକୃତିପ୍ରାପ୍ତ ହୋଇଥିବାରୁ ସେ ଅନୁଭବ ମଧ୍ୟ ନିଆରା। ମୁସ୍‌ମୁସ୍, ଚମଚମ, ରାଜାଭୋଗ ସହ ନମକିନ୍‌ର ବହୁତ ଚାହିଦା ରହୁଛି। ତେଣୁ ନୂଆ ନୂଆ ମିଠା ପ୍ରସ୍ତୁତି କରିବାକୁ ଯୋଜନା କରୁଛୁ। ସଚେତନ ଲୋକମାନେ ସୁଗାର ଫ୍ରି ମିଠା ଉପରେ ନିର୍ଭର କରୁଛନ୍ତି। ସେହି ମୁତାବକ ଅଧିକ ମିଠା ପ୍ରସ୍ତୁତ କରୁଛୁ।

**ପ୍ର- ବ୍ୟବସାୟ ବିସ୍ତାର ପାଇଁ ଆଗକୁ କ'ଣ ଯୋଜନା ରହିଛି? ଅନଲାଇନ୍ କାରବାର ବ୍ୟବସାୟକୁ ସହଜ କରିଛି କି?**

ଉ- ଓଡ଼ିଶାରେ ଆମର ବର୍ତ୍ତମାନ ୧୩ଟି ଆଉଟଲେଟ୍ ରହିଛି। ଭୁବନେଶ୍ୱରରେ ୬ଟି, ଅନୁଗୋଳ ଓ ସାଲେପୁରରେ ଗୋଟିଏ ଲେଖାଏ, କଟକରେ ୪ଟି ଆଉଟଲେଟ୍ ରହିଛି। ଆଗକୁ ସାଲେପୁରରେ ଆଉ ଏକ ଷ୍ଟୋର ଖୋଲିବ। ନୂଆ ନୂଆ ଜ୍ଞାନକୌଶଳ ବା ଯନ୍ତ୍ରାଂଶର ପ୍ରୟୋଗ ମଧ୍ୟ ବଢ଼ାଯିବ। ଅନଲାଇନ୍ ପ୍ଲାଟଫର୍ମ ବ୍ୟବସାୟକୁ ବେଶ୍ ତ୍ୱରାନ୍ୱିତ କରୁଛି। ଓଡ଼ିଶା ସମେତ ସମଗ୍ର ଦେଶକୁ ଆମର ଉତ୍ପାଦ ଯାଉଛି। ବିଦେଶରୁ ମଧ୍ୟ ମିଠା ବରାଦ ରହୁଛି।

**ପ୍ର- ବ୍ୟବସାୟ ସହ ସାମାଜିକ ଦାୟିତ୍ୱକୁ କିପରି ତୁଲାଇଥା'ନ୍ତି?**

ଉ- ଜେଜେଙ୍କ ସ୍ମୃତିରେ ୨୦୦୪ରୁ ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ଗଠନ କରାଯାଇ ସାଲେପୁର ଅଞ୍ଚଳରେ ଲୋକାଭିମୁଖୀ କାର୍ଯ୍ୟ ହାତକୁ ନିଆଯାଉଛି। ୧୯୬୪ରେ ଅନ୍ୟମାନଙ୍କ ସହ ମିଶି ଜେଜେ ସାଲେପୁର କଲେଜ ପ୍ରତିଷ୍ଠା କରିଥିଲେ। ଏଠାରେ ପ୍ରତିବର୍ଷ ୭୦ରୁ ୮୦ ପିଲାଙ୍କ ଶିକ୍ଷା ଖର୍ଚ୍ଚ ଆମେ ବହନ କରୁଛୁ। ଭାରତବର୍ଷରେ ପ୍ରଥମକରି ବିକଳାନନ୍ଦ କର ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇ, ମିଷ୍ଟାନ୍ନ ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯାଉଛି। ପ୍ରଶିକ୍ଷିତ ପିଲାଙ୍କୁ ଆମ ଅନୁଷ୍ଠାନରେ ନିଯୁକ୍ତି ସୁଯୋଗ ମଧ୍ୟ ପ୍ରଦାନ କରାଯାଉଛି। ଗୋସେବା, ରକ୍ତଦାନ ଶିବିର ଆଦିର ମଧ୍ୟ ଆୟୋଜନ କରାଯାଉଛି।

**ପ୍ର- ଖାଦ୍ୟଶିଳ୍ପରେ ପ୍ରବେଶ କରୁଥିବା ଯୁବ ଉଦ୍ୟୋଗୀଙ୍କ ପାଇଁ କ'ଣ ବାର୍ତ୍ତା ଦେବେ?**

ଉ- ଏହା ଏପରି ଏକ ବ୍ୟବସାୟ ଯେଉଁଥିରେ କାରବାରରେ ନିରନ୍ତରତା, ପ୍ରସ୍ତୁତି ପ୍ରଣାଳୀରେ ସ୍ୱଚ୍ଛତା, ଚାହିଦା ମୁତାବକ ଉପଲବ୍ଧତା ଆଦି ହିଁ ସଫଳତାର ମନ୍ତ୍ର। ସଫଳତା ପାଇଁ କୌଣସି ଶର୍ଟକଟ୍ କାମ କରେ ନାହିଁ। ତେଣୁ ନିଷ୍ଠାର ସହ ଏହି ବ୍ୟବସାୟରେ ପ୍ରବେଶ କରିବା ଦରକାର।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

# ବଜାରରେ ଓପୋ ଏଫ୍‌୨୯ ସିରିଜ

**ନୂଆଦିଲ୍ଲୀ, ୨୬ା୩**

ଓପୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ମଡେଲ ଓପୋ ଏଫ୨୯ ସିରିଜର ଅନାବରଣ ନିକଟରେ ହୋଇଯାଇଛି। ଏପରିକି କମ୍ପାନୀ ପ୍ରକୃତ ଡ୍ୟୁରାବୁଲ ଚାମ୍ପିଅନ ଓପୋ ଏଫ୨୯ ସିରିଜର ଶୁଭାରମ୍ଭ ସହ ବଜାର ପ୍ରବେଶ ହୋଇଯାଇଛି। ଏ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡି ସୁଜା କହିଛନ୍ତି, ଓପୋ ଏଫ୨୯ ସିରିଜ ଭାରତ ପାଇଁ ନିର୍ମିତ ହୋଇଛି। ଏପରିକି ଏହା ଏକ ପ୍ରକୃତ ଡ୍ୟୁରାବୁଲ ଚାମ୍ପିଅନ ମଡେଲ ହୋଇଥିଲାବେଳେ ଏହି ମଡେଲ ଶକ୍ତି, ସଂଯୋଗ ଓ ପ୍ରଦର୍ଶନକୁ ଏକତ୍ରିତ କରିଛି। ଏହାର ଶିଳ୍ପର ସର୍ବୋତମ ରେଟିଂ ଓ ମିଲିଟାରୀ-ଗ୍ରେଡ ଦୃଢ଼ତାଠାରୁ ଆରମ୍ଭ କରି ଆମର ବୈପ୍ଳବିକ ହଣ୍ଟର ଆଣ୍ଟେନା ଓ ବିଶାଳ ବ୍ୟାଟେରୀ ପର୍ଯ୍ୟନ୍ତ-ପ୍ରତ୍ୟେକ ଦିଗକୁ ଭାରତର ରୋଡ ୱାରିୟରଙ୍କୁ ସହଯୋଗ କରିବା ପାଇଁ ନିର୍ମାଣ କରାଯାଇଛି। ଏହି ସିରିଜ ପ୍ରଥମ ଥର ପାଇଁ ଏଫ ସିରିଜରେ ଏଫ୨୯ ବେସ୍ ମଡେଲରେ ଏକ ବିଶାଳ ୬୫୦୦ ମେଗା ଆମ୍ପିୟର ୪୫ୱାଟ ସୁପରଭିଓଓସି ଫାଷ୍ଟ-ଚାର୍ଜିଙ୍ଗ ବ୍ୟାଟେରୀ ଏବଂ ପ୍ରୋ ଭର୍ସନରେ ୬୦୦୦ମେଗାଆମ୍ପିୟର ୮୦ୱାଟ ସୁପରଭିଓଓସି ଫାର୍ଷ୍ଟ ଚାର୍ଜିଙ୍ଗ ବ୍ୟାଟେରୀର ଶୁଭାରମ୍ଭ କରି ଏକ ନୂଆ ବେଂଚମାର୍କ ସ୍ଥିର କରିଛି। ଉଭୟ ସ୍ମାର୍ଟଫୋନ ମଡେଲ ରିଭର୍ସ ଚାର୍ଜିଂକୁ ସପୋର୍ଟ କରୁଛି, ଯାହାକି ଏହି ମୂଲ୍ୟ ବର୍ଗରେ ପ୍ରଥମ ଏବଂ ଏହା ଏକ ୫ବର୍ଷର ବ୍ୟାଟେରୀ ଲାଇଫ୍ ସହ ଆସୁଛି। ଉଭୟ ମଡେଲ କଲର ଓଏସ୍ ୧୫ (ଆଣ୍ଡ୍ରଏଡ ୧୫ ଉପରେ ଆଧାରିତ) ଉପରେ ପରିଚାଳିତ । ଉପଭୋକ୍ତାଙ୍କ ପାଇଁ ଏହି ସିରିଜରେ ଏକ ଅଣ୍ଡରୱାଟର ଫଟୋଗ୍ରାଫି ମୋଡ୍‌ର ଶୁଭାରମ୍ଭ କରାଯାଇଛି।

# ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ ଉପରେ କଠୋର ଆଇନ ଆବଶ୍ୟକ: ନବୀନ

**ନୂଆଦିଲ୍ଲୀ, ୨୬ା୩ (ଅଭୟ ଦାଶ)**



ସଂସଦରେ ଏମ୍‌ପି ନବୀନ ଜିନ୍ଦଲ ଆଲୋଚନା କରୁଥିବା ବେଳେ ଅନ୍ୟମାନେ ନିକଟରେ ଉପସ୍ଥିତ ଅଛନ୍ତି।

ବର୍ତ୍ତମାନ ସମୟରେ ଅପମିଶ୍ରଣ ଏବଂ ଖାଦ୍ୟର ମାନ ଦିନକୁ ଦିନ ହ୍ରାସ ପାଉଛି। କାରଣ ଖାଦ୍ୟ କ୍ରୟ ଓ ବିକ୍ରୟ ଉପରେ କୌଣସି ପ୍ରକାର ଆଖିଦୃଶିଆ କାର୍ଯ୍ୟନୁଷ୍ଠାନ କିମ୍ବା କଠୋର ନିୟମ ନ ଥିବାରୁ ଉପଭୋକ୍ତାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଏମ୍‌ପି ନବୀନ ଜିନ୍ଦଲ ବୁଧବାର ସଂସଦରେ ଯୁକ୍ତି ବାଢ଼ିଛନ୍ତି। ଏପରିକି ସେ ସଂସଦରେ ରିଫାଇନ୍‌ଡ ତେଲ ଏବଂ ମାତ୍ରାଧିକ ପ୍ରକ୍ରିୟାକୃତ ଖାଦ୍ୟ (ଅଲ୍ଟ୍ରା ପ୍ରୋସେସ୍ଡ ଫୁଡ୍) ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଉଠାଇଛନ୍ତି। ଅପରପକ୍ଷରେ ଜନସାଧାରଣଙ୍କ ସୁସ୍ଥ ଜୀବନଯାପନ ପାଇଁ ସେ ଅଧିକ ସ୍ୱଚ୍ଛତା, କଠୋର ନିୟମ ଏବଂ ଗ୍ରାହକ ସଚେତନତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଏ ନେଇ ନବୀନ ଜିନ୍ଦଲ ବିଭିନ୍ନ ଦିଗ ପ୍ରତି ବିସ୍ତୃତ ଆଲୋଚନା କରିଛନ୍ତି। ସେହିଭଳି ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣକରି ଆବଶ୍ୟକ ନିୟମାବଳୀକୁ ଅଧିକ କଠୋର କରିବା ଆବଶ୍ୟକ ବୋଲି ନୀବନ ମତପ୍ରକାଶ କରିଛନ୍ତି। ଖାଦ୍ୟ ସାମଗ୍ରୀ ଉପରେ ବାଧ୍ୟତାମୂଳକ ଏବଂ ସ୍ୱଷ୍ଟ ଲେବଲିଂକୁ ମଧ୍ୟ ଗୁରୁତ୍ୱ ଦେବା ସହ ଜିନ୍ଦଲ ସରକାରଙ୍କୁ କଠୋର ଖାଦ୍ୟ ଲେବଲିଂ ଆଇନ ପ୍ରଣୟନ କରିବାକୁ ଅନୁରୋଧ କରିଥିଲେ। ଏପରିକି ସ୍ୱାସ୍ଥ୍ୟ ପ୍ରଭାବ ଉପରେ ଶ୍ୱେତପତ୍ର ଏକ ଶ୍ୱେତପତ୍ର ଜାରି କରିବାକୁ ସେ ସରକାରଙ୍କୁ ଅନୁରୋଧ କରିବା ସହ ଲୁକ୍କାୟିତ ସ୍ୱାସ୍ଥ୍ୟ ସଙ୍କଟରୁ ଉପଭୋକ୍ତାଙ୍କ ସୁରକ୍ଷା ଏବଂ ଏକ ପ୍ରଭାବଶାଳୀ ଆଇନ ପ୍ରଣୟନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।

# ଫୋନ୍‌ପେ'ରେ ନୂଆ ଗାଡ଼ି ବୀମା ରିହାତି

**ନୂଆଦିଲ୍ଲୀ, ୨୬ା୩**

ଦୁଇ ଏବଂ ଚାରି ଚକିଆ ଯାନ ପାଇଁ ଫୋନପେର 'ନୂଆ ଗାଡ଼ି ବୀମା ରିହାତି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଶୁଭାରମ୍ଭର ଲକ୍ଷ୍ୟ ହେଉଛି ପ୍ରଚଳିତ ଡିଲରସିପ ଇନସ୍ୟୁରାନ୍ସ ପ୍ଲାନଗୁଡ଼ିକ ତୁଳନାରେ ସମସ୍ତ ନୂତନ ଯାନବାହନ କ୍ରେତାଙ୍କ ପାଇଁ କମ ଖର୍ଚ୍ଚରେ ଗୋଟିଏ ଅନଲାଇନ ବିକଳ୍ପ ପ୍ରଦାନ କରିବା। ଏହି ଇନସ୍ୟୁରାନ୍ସର ଶୁଭାରମ୍ଭ ଫଳରେ ୟୁଜରମାନେ ବର୍ତ୍ତମାନ ଏକାଧିକ ଇନସ୍ୟୁରାନ୍ସ ପ୍ରଦାନକାରୀଙ୍କ ପଲିସିଗୁଡ଼ିକର ତୁଳନା କରିପାରିବେ ଏବଂ ଫୋନପେ ଆପ ମାଧ୍ୟମରେ ସେଗୁଡ଼ିକ ଅନଲାଇନରେ କିଣି ପାରିବେ। ପ୍ଲାନର ମୁଖ୍ୟ ଆକର୍ଷଣ ହେଉଛି ଡିଲରସିପ ମୂଲ୍ୟ ତୁଳନାରେ ଦୁଇ ଚକିଆ ଗାଡ଼ି ଇନସ୍ୟୁରାନ୍ସରେ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ଚାରି ଚକିଆ ଗାଡ଼ି ଇନସ୍ୟୁରାନ୍ସରେ ୪୦,୦୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। କେବଳ ଫୋନପେ ଆପରେ ମାତ୍ର ୧ ଟଙ୍କାରୁ ଆରମ୍ଭ ହେଉଥିବା ନିଜସ୍ୱ କ୍ଷତି କଭର ସହିତ ସର୍ବନିମ୍ନ ମୂଲ୍ୟର ଦୁଇଚକିଆ ଗାଡ଼ି ଇନସ୍ୟୁରାନ୍ସ, କୌଣସି କାଗଜପତ୍ର ବିନା ୧୦୦% ଡିଜିଟାଲ ଇନସ୍ୟୁରାନ୍ସ କିଣିବାର ଅନୁଭୂତି ପାଇପାରିବେ ଏ ସମ୍ପର୍କରେ ଫୋନପେ ଇନସ୍ୟୁରାନ୍ସ ବ୍ରୋକିଂ ସର୍ଭିସେସର ସିଇଓ ବିଶାଲ ଗୁପ୍ତା କହିଛନ୍ତି, ସମସ୍ତଙ୍କ ପାଇଁ ଇନସ୍ୟୁରାନ୍ସକୁ ସହଜ ଏବଂ ସୁଲଭ କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ଅଂଶ ଭାବରେ ଆମେ ସମସ୍ତ ସମ୍ଭାବ୍ୟ ଦୁଇ ଚକିଆ ଏବଂ ଚାରି ଚକିଆ ଯାନର ମାଲିକମାନଙ୍କ ପାଇଁ ଆମର ନବୀନତମ 'ନୂଆ ଗାଡ଼ି' ଇନସ୍ୟୁରାନ୍ସ ଅଫର ଆରମ୍ଭ କରି ଆନନ୍ଦିତ ଅଛୁ।

# ଏରିଏଲ୍ ମୋବିଲିଟି ମାର୍କେଟରେ ବନ୍‌ଭି ଏରୋ



ଚୁକ୍ତିନାମା ସ୍ୱାକ୍ଷର ଅବସରରେ ଉଭୟ ବନ୍‌ଭି ଏରୋ ଏବଂ ୟୁଏସ ପ୍ରତିରକ୍ଷା ଓ ଏରିଏଲ ମୋବିଲିଟି ମାର୍କେଟର ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୨୬ା୩**

ଭୁବନେଶ୍ୱରର ଏକ ଘରୋଇ ଡିପ୍-ଟେକ୍ ଷ୍ଟାର୍ଟଅପ୍ ବନ୍‌ଭି ଏରୋକୁ ପ୍ରତିଷ୍ଠିତ ୟୁଏସ୍ ପ୍ରତିରକ୍ଷା ଓ ଏରିଏଲ୍ ମୋବିଲିଟି ମାର୍କେଟରେ ପ୍ରବେଶ କରିବା ପାଇଁ ଚୟନ କରାଯାଇଛି, ଯାହାକି ଓଡ଼ିଶାର ଉଦ୍ଭାବନ ଇକୋସିଷ୍ଟମ ପାଇଁ ଏକ ଐତିହାସିକ ସଫଳତା। ଏପରିକି ଆଇ୨ଏ (ଇଣ୍ଡିଆ ଟୁ ଆମେରିକା) ଲଞ୍ଚପ୍ୟାଡ୍ ଅଧୀନରେ ଗ୍ରହଣ କରିଥିବା ସହାୟତାର ଅଂଶ ଭାବେ ବନ୍‌ଭି ଏରୋ ଅନ୍ତର୍ଜାତୀୟ ପ୍ରଭାବ ପାଇଁ ଏହାର ଦ୍ୱୈତ ଉପଯୋଗ (ପ୍ରତିରକ୍ଷା ଓ ନାଗରିକ)କୁ ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଇ ବର୍ତ୍ତମାନ ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଡିଫେନ୍ସ (ଡିଓଡି) ଏବଂ ଡିପାର୍ଟମେଣ୍ଟ ଅଫ୍ ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି (ଡିଏଚ୍‌ଏସ୍) ସହ ସମ୍ଭାବ୍ୟ ସହଭାଗିତାଗୁଡିକୁ ଅନ୍ୱେଷଣ କରିବା ପାଇଁ ସୁବ୍ୟବସ୍ଥିତ ରହିଛି।

ଅପରପକ୍ଷରେ ଫେଡ୍‌ଟେକ୍ ଓ ଇଣ୍ଡସ ବ୍ରିଜ୍ ଭେଞ୍ଚର୍ସ ଦ୍ୱାରା ପରିଚାଳିତ ଆଇ୨ଏ ଲଞ୍ଚପ୍ୟାଡ୍, ପ୍ରତିରକ୍ଷା କ୍ଷେତ୍ରର ଆଧୁନିକୀକରଣ ଓ ଜରୁରୀ ଭିତ୍ତିଭୂମି ସ୍ଥିରତା କ୍ଷେତ୍ରରେ ଉଭୟ ଦେଶର ରଣନୈତିକ ପ୍ରାଥମିକତା ସହ ଜଡିତ ଥିବା ଷ୍ଟାର୍ଟଅପ୍‌ଗୁଡିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ପୋଷ୍ଟ-ପ୍ରୋଗ୍ରାମ ଆକ୍‌ସିଲରେଶନ ପାଇଁ ବନ୍‌ଭି ଏରୋର ଚୟନ ଏକ ଅତ୍ୟଧିକ ପ୍ରତିଯୋଗୀପୂର୍ଣ୍ଣ କୋହର୍ଟରେ ଏହାର ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ୟୁଏସ୍ ବଜାରରେ ବିସ୍ତାର କରିବା ପାଇଁ ଏହାର ପ୍ରସ୍ତୁତିର ଏକ ବଡ ପ୍ରମାଣ । ଏହି ସଫଳତା କେବଳ କମ୍ପାନୀର ଆଧୁନିକ ଟେକ୍ନୋଲୋଜିକୁ ବୈଧ କରୁ ନାହିଁ ବରଂ ବିଶ୍ୱର ଏରୋସ୍ପେସ୍ ମାନଚିତ୍ରରେ ଓଡିଶାର ଆଗମନକୁ ଚିହ୍ନିତ କରୁଛି। ଏ ସମ୍ପର୍କରେ ବନ୍‌ଭି ଏରୋର ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି, 'ଆମେ ପ୍ରମୁଖ ଏମ୍‌ଓୟୁଗୁଡିକୁ ସ୍ୱାକ୍ଷର କରିବା ଏବଂ ଆମର ୟୁଏଭି ଟେକ୍ନୋଲୋଜିକୁ ବୈଧ କରିବା ପାଇଁ ଟେଷ୍ଟ ବେଡ୍‌ଗୁଡିକୁ ଚିହ୍ନଟ କରିବା ଲାଗି ଆସନ୍ତା ମେ'ମାସରେ ଆମେରିକା ଗସ୍ତ କରିବୁ। ଏହା କେବଳ ଏକ ବନ୍‌ଭି ମୁହୂର୍ତ୍ତ ନୁହେଁ- ଏହା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ ।

# ବ୍ରହ୍ମପୁରରେ ମାଲାବାରର ନୂତନ ଶୋ'ରୁମ୍

**ବ୍ରହ୍ମପୁର, ୨୬ା୩(ଅଶୋକ କୁମାର ସାହୁ)**



ସବ୍ୟସାଚୀ ମିଶ୍ର ନୂଆ ଶୋ'ରୁମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ବିଏମ୍‌ସି ମେୟର ଓ ଅନ୍ୟମାନେ ।

ଦାୟିତ୍ୱସମ୍ପନ୍ନ ଜୁଏଲର ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ବ୍ରହ୍ମପୁରରେ ବୁଧବାର ନୂଆ ଶୋ'ରୁମ୍ ଉଦଘାଟନ କରିଛି। ଏହାକୁ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ବ୍ରାଣ୍ଡ ଆମ୍ବାସାଡାର ଓଡ଼ିଶାର ଚର୍ଚ୍ଚିତ ସିନେ ଅଭିନେତା ସବ୍ୟସାଚୀ ମିଶ୍ର, ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ.ବିବେକ ରେଡ୍ଡି ପ୍ରମୁଖ ଉଦଘାଟନ କରିଥିଲେ। ଉଦଘାଟନୀ ଅବସରରେ ବ୍ରାଣ୍ଡ ଆମ୍ବସାଡାର କହିଲେ ଯେ, ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ୍‌ସର ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୧୩ ଦେଶରେ ୩୮୦ରୁ ଅଧିକ ଶୋ'ରୁମ ସହିତ ବୈଶ୍ୱିକ ଉପସ୍ଥିତି ରହିଛି। ଏହାର ବିପୁଳ କଲେକ୍ସନ, ଅତୁଳନୀୟ ଗୁଣବତ୍ତା ଏବଂ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟ ପାଇଁ ସୁଖ୍ୟାତି ରହିଛି। ସିଏସଆର କାର୍ଯ୍ୟ କରିବାରେ ବି କମ୍ପାନୀର ସୁଖ୍ୟାତି ରହିଛି। ତେଣୁ ଚଳିତ ମାସରେ ଭାରତର ବିଭିନ୍ନ ସ୍ଥାନରେ ୧୨ଟି ନୂଆ ଶୋ'ରୁମ୍ ଉଦଘାଟନ ସହିତ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରିଛି। ଏଠାରେ ବିଭିନ୍ନ ଡିଜାଇନର ସୁନା, ରୁପା ଓ ହୀରା ଗହଣା ବିକ୍ରି ଉପଲବ୍ଧ ହେଉଛି। ତେଣୁ ବ୍ରହ୍ମପୁର ଭଳି ଏକ ବ୍ୟବସାୟିକ ପେଣ୍ଠସ୍ଥଳରେ ନୂଆ ଶୋ' ରୁମ୍ ଖୋଲିବା ସହରବାସୀଙ୍କ ପାଇଁ ଭରସାଯୋଗ୍ୟ ହେବ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ। ବିଏମସି ମେୟର ବ୍ରହ୍ମପୁର ସୁନାରୂପା ବ୍ୟବସାୟ କ୍ଷେତ୍ରରେ ଓଡ଼ିଶାରେ କିଭଳି ନାଁ କରିଛି ତାହା ଉପରେ ବର୍ଣ୍ଣନା କରିଥିଲେ। ଏ ସମ୍ପର୍କରେ ମାଲାବାର ଗ୍ରୁପର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଥିଲେ, ସମଗ୍ର ଭାରତରେ ଜନସାଧାରଣଙ୍କୁ ବିଶ୍ୱଶ୍ରେଣୀର ଗହଣା ଯୋଗାଇଦେବାକୁ ଆମର ଯାତ୍ରା ଜାରି ରହିଛି। ବ୍ରହ୍ମପୁରରେ ନୂଆ ଶୋ' ରୁମ୍ ଉଦଘାଟନ କରି ଆମର କାରିଗରୀର ପରାକାଷ୍ଠା ଦେଖାଇବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ନୂଆ ନୂଆ ଡିଜାଇନର ଗହଣା ପ୍ରଦର୍ଶନ ନିଶ୍ଚିତ ଭାବେ ବ୍ରହ୍ମପୁର ଅଧିବାସୀଙ୍କ ପାଇଁ ଅବିସ୍ମରଣୀୟ ରହିବ। ପୁରୁଣା ସୁନା ଓ ହୀରା ନିମନ୍ତେ ୧୦୦ ପ୍ରତିଶତ ବିନିମୟ ମୂଲ୍ୟ ଅନ୍ତର୍ଭୁକ୍ତ ରହିଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ୍‌ସ ୧୯୯୩ରେ ସ୍ଥାପିତ ହୋଇଥିଲା ଏବଂ ଏହା ଏକ ଅଗ୍ରଣୀ ବିବିଧକୃତ ଭାରତୀୟ ବ୍ୟବସାୟ ଗୋଷ୍ଠୀ ମାଲାବାର ଗ୍ରୁପ୍‌ର ଛାମୁଆ କମ୍ପାନୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ ମାଉଣ୍ଟେନ୍ ବାଇକ୍ ଚାମ୍ପିୟନଶିପ୍‌ରେ ଭାଗନେବ ଓଡ଼ିଶା



କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ସାଇକ୍ଲିଂ ଦଳ।

**ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)**

ହରିୟାଣାର ମୋର୍ନି ହିଲ୍ସରେ ୨୧ତମ ଜାତୀୟ ମାଉଣ୍ଟେନ୍ ବାଇକ୍ (ଏମ୍‌ଟିବି) ଚାମ୍ପିୟନଶିପ୍ ଚଳିତ ମାସ ୨୮ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶାରୁ ଏକ ଦଳ ବୁଧବାର ହରିୟାଣା ଯାତ୍ରା କରିଛି। ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ପକ୍ଷରୁ ମାର୍ଚ୍ଚ ୨ରେ ଭୁବନେଶ୍ୱର ଚନ୍ଦକାଠାରେ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ୯୧ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିଥିଲେ। ସେଥିରୁ ୧୮ ଜଣ ଶ୍ରେଷ୍ଠ ସାଇକ୍ଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଓଡ଼ିଶା ଦଳରେ ୧୮ ସାଇକ୍ଲିଷ୍ଟ ଓ ୩ ଅଫିସିଆଲ ସାମିଲ ଅଛନ୍ତି। ଓଡ଼ିଶା ପୁରୁଷ ଦଳରେ ସ୍ଥାନ ପାଇଥିବା ସାଇକ୍ଲିଷ୍ଟମାନେ ହେଲେ ଟିକେଶ୍ୱର ମାଝି, ସଞ୍ଜୟ ଜେନା, ସୁବେଶ୍ କୁମାର ହାଁସ୍‌ଦା, ସଚିନ୍ ଜେନା, ରାଇଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ବିନୋଦ ଜାନି, ଆୟୁଷ୍ମାନ୍ତ ଜେନା, ସିଦାଂଶୁ ମୁଣ୍ଡା, ପବନ୍ ଗାଗେରେଙ୍ଗା ଓ ରୀତେଶ୍ କୁମାର ପ୍ରଧାନ। ସେହିପରି ମହିଳା ଦଳରେ ମଧୁସ୍ମିତା ବାଦେକ, ଧାନୀ ହାଁସ୍‌ଦା, ମିନାତି ମୁଣ୍ଡା, ଭାରତୀ ଜାନି, ଆରତି ଜାନି, ଅନସୂୟା ନନ୍ଦୀ, ବାବଲି ପଙ୍ଗା ଓ ଶ୍ରୀ ସୁନ୍ଧି ସାମିଲ ହୋଇଛନ୍ତି। ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଦଳକୁ ରେଳଷ୍ଟେଶନରେ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ଆସୋସିଏଶନ ସଭାପତି ମିନତି ମହାପାତ୍ର ଏବଂ ସମସ୍ତ ସଦସ୍ୟ ଓଡ଼ିଶା ଦଳକୁ ଶୁଭକାମନା ଜଣାଇଛନ୍ତି।

# ଦ୍ୱିତୀୟ ଥର ପୁରସ୍କାର ଅବିସ୍ମରଣୀୟ: ଅମିତ୍

## ଡିଫେଣ୍ଡର ଅଫ୍ ଦି ଇୟର ଭାବେ ୨୦୨୧ ପରେ ୨୦୨୪ରେ ପାଇଲେ ପର୍ଗତ ସିଂ ପୁରସ୍କାର

**ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)**

ହକି ଇଣ୍ଡିଆର ୭ମ ବାର୍ଷିକ ପୁରସ୍କାର ଉତ୍ସବ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଫେଣ୍ଡର ଅଫ୍ ଦି ଇୟର-୨୦୨୪ ଭାବେ ପର୍ଗତ ସିଂ ପୁରସ୍କାର ପାଇ ଓଡ଼ିଶାକୁ ଗର୍ବିତ କରିଥିଲେ ତାରକା ଖେଳାଳି ଅମିତ ରୋହିଦାସ। ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ତାଙ୍କଠାରେ ଅଧିକ ଏନର୍ଜି ଭରିଛି। ଦ୍ୱିତୀୟ ଥରପାଇଁ ଏହି ପୁରସ୍କାର ପାଇଥିବାରୁ ଅନୁଭବ ଅବିସ୍ମରଣୀୟ ଏବଂ ଏଥିପାଇଁ ସେ ଶୁଭେଚ୍ଛୁଙ୍କ ନିକଟରେ ଚିର କୃତଜ୍ଞ ବୋଲି ଅମିତ ପ୍ରକାଶ କରିଛନ୍ତି। ଅମିତ ପୁରସ୍କାର ଆକାରରେ ସ୍ମାରକୀ ସହ ୫ ଲକ୍ଷ ଟଙ୍କାର ଅର୍ଥରାଶି ପାଇଥିଲେ। ପୂର୍ବରୁ ସେ ୨୦୨୧ରେ ଏହି ପୁରସ୍କାର ପାଇଥିଲେ। ‘‘ମୋ ବ୍ୟତୀତ ସଞ୍ଜୟ, ହରମନପ୍ରୀତ ସିଂ ଓ ଉଦିତା ଏହି ପୁରସ୍କାର ଦୌଡ଼ରେ ଥିଲେ। ମୁଁ ବିଜୟୀ ହେବି ବୋଲି ଭାବି ନ ଥିଲି, କାରଣ ସମସ୍ତେ ଖୁବ୍ ଭଲ ଖେଳିଥିଲେ ଏବଂ ଦଳର ସଫଳତାରେ ସେମାନଙ୍କ ଅବଦାନ ରଖିଥିଲେ। କେବଳ ମୋ ନାଁ ସୁପାରିସ କରାଯାଇଥିବାରୁ ଖୁସିଥିଲି। ଯେତେବେଳେ ମୁଁ ବିଜେତା ବୋଲି ଜାଣିବାକୁ ପାଇଲି ବିସ୍ମିତ ହୋଇଗଲି ଏବଂ ଖୁସିରେ ଆତ୍ମହରାହେଲି। ଏହା ଏକ ଅବିଶ୍ୱସନୀୟ ଅନୁଭବ। ନିଜେ ପର୍ଗତ ସିଂ ମୋତେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହାଠାରୁ ଆଉ ବଡ଼ କିଛି ନାହିଁ’’ ବୋଲି ସମ୍ପ୍ରତି ବେଙ୍ଗାଲୁରୁରେ ଭାରତୀୟ ଦଳର ଫିଟ୍‌ନେସ କ୍ୟାମ୍ପରେ ଥିବା ଅମିତ ପ୍ରକାଶ କରିଛନ୍ତି।

ଅମିତ ଏବେ ବିଶ୍ୱର ଶ୍ରେଷ୍ଠ ପ୍ରଥମ-ରସରଙ୍କ ମଧ୍ୟରୁ ଅନ୍ୟତମ। ପୁରସ୍କାର ପାଇଁ ତାଙ୍କ ନୋମିନେଶନ ସମ୍ପର୍କରେ ସେ ସାଥୀ ଖେଳାଳିଙ୍କ ସହ ବିଶେଷ ଆଲୋଚନା କରୁ ନ ଥିଲେ। ମାତ୍ର ବନ୍ଧୁ ଏବଂ ଶୁଭେଚ୍ଛୁଙ୍କଠାରୁ ଖୁବ୍ ସମର୍ଥନ ପାଇଥିଲେ। ‘‘ମୋ ବନ୍ଧୁବର୍ଗ ବିଶେଷ କରି ଅଣ ହକି ଖେଳାଳିମାନେ ମୋତେ ଶୁଭେଚ୍ଛା ଜଣାଉଥିଲେ। ମାତ୍ର ସବୁକିଛି ଈଶ୍ୱରଙ୍କ ହାତରେ ବୋଲି ମୁଁ ଅନୁଭବ କରୁଥିଲି। ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ଥିବାରୁ ମୁଁ ବିଶେଷ କିଛି ଆଶା କରି ନ ଥିଲି। ସମସ୍ତେ ଭଲ ଖେଳିଥିବାରୁ ଯିଏବି ପାଇଥିଲେ ମୁଁ ଖୁସି ହୋଇଥାନ୍ତି। ତେବେ ପୁରସ୍କାର ଆକାରରେ ସ୍ୱୀକୃତି ମିଳିଥିବାରୁ ମୁଁ କୃତଜ୍ଞ। ଏହା ମୋତେ ଅଧିକ କଠିନ ପରିଶ୍ରମ କରିବାକୁ ପ୍ରେରିତ କରିଛି। ଟିମ୍‌ମେଟ୍ ଏବଂ କୋଚିଂ ଷ୍ଟାଫ୍ ସବୁବେଳେ ମୋତେ ସମର୍ଥନ କରି ଆସିଛନ୍ତି। ସେମାନଙ୍କ ବିନା ଏହା ପାଇବା ସମ୍ଭବ ନ ଥିଲା। ଏହା ଦଳଗତ ପ୍ରଦର୍ଶନର ଫଳ। ତେଣୁ ମୋ ପରିବାର ସହ ନିଶ୍ଚିତ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ମୋ ପରିବାର ଲୋକମାନେ ୟୁଟ୍ୟୁବ ମାଧ୍ୟମରେ ପୁରସ୍କାର ଉତ୍ସବକୁ ଦେଖୁଥିଲେ। ମୁଁ ଯେତେବେଳେ ବିଜେତା ଘୋଷଣା ହେଲା ସେମାନେ ଖୁସିରେ ଆତ୍ମହରା ହୋଇଯାଇଥିଲେ। ସେମାନେ ମୋତେ ଉତ୍ସାହିତ କରିଥିଲେ ଏବଂ ଦେଶପାଇଁ ଭଲ ଖେଳିବା ଜାରି ରଖିବାକୁ ପରାମର୍ଶ ଦେଇଥିଲେ’’ବୋଲି ଅମିତ କହିଛନ୍ତି।



ପର୍ଗତ ସିଂଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଅମିତ ରୋହିଦାସ।

ଅମିତ ଆସନ୍ତା ଜୁନ୍‌ରେ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଏବଂ ବର୍ଷ ଶେଷଭାଗରେ ହେବାକୁ ଯାଉଥିବା ଏସିଆ କପ୍ ଉପରେ ଫୋକସ କରୁଛନ୍ତି। ଏହି ଦୁଇ ଟୁର୍ନାମେଣ୍ଟରେ ଭଲ ଖେଳିଲେ ଭାରତ ସିଧାସଳଖ ୨୦୨୬ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିବାର ସୁଯୋଗ ରହିଛି। କ୍ରମାଗତ ଭାବେ ୨ଟି ଅଲିମ୍ପିକ୍ସରେ ପଦକ ଜିତିବାର ସୌଭାଗ୍ୟ ପାଇଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରୁ ଅମିତ ଅନ୍ୟତମ। ‘‘୨୦୨୪ ଅଲିମ୍ପିକ୍ସ ସ୍ୱତନ୍ତ୍ର ଥିଲା। କାରଣ ଦୀର୍ଘ ୫୨ ବର୍ଷ ବ୍ୟବଧାନରେ ଆମେ ଅଷ୍ଟ୍ରେଲିଆକୁ ହରାଇଥିଲୁ। ଏହା ଆମ ଦଳପାଇଁ ବହୁତ ବଡ଼ ସଫଳତା ଥିଲା। ଏହା ଆମ ମନରେ ଖୁବ୍ ଆତ୍ମବିଶ୍ୱାସ ଭରିଥିଲା ଏବଂ ବ୍ରୋଞ୍ଜ ପଦକ ବିଜୟ ଅବିସ୍ମରଣୀୟ ହୋଇଯାଇଥିଲା’’ ବୋଲି ୩୧ ବର୍ଷୀୟ ଏହି ଓଡ଼ିଶା ଡିଫେଣ୍ଡର ପ୍ରକାଶ କରିଛନ୍ତି।

# ବିଏଫ୍‌ଆଇ ନିର୍ବାଚନ ସ୍ଥଗିତ

**ନୂଆଦିଲ୍ଲୀ, ୨୬।୩(ପି.ଟି.)**

ଆସନ୍ତା ୨୮ ତାରିଖରେ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍‌ଆଇ)ର ହେବାକୁ ଥିବା ନିର୍ବାଚନକୁ ବୁଧବାର ମହାସଂଘ ସ୍ଥଗିତ ରଖିଛି। ଇଲେକ୍ଟୋରାଲ କଲେଜରୁ ବାଦ ଦିଆଯାଇଥିବା ନାମକୁ ପୁନଃ ସାମିଲ କରିବା ପାଇଁ ଦିଲ୍ଲୀ ଓ ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ବରୁ ଧାର୍ଯ୍ୟ ସମୟସୀମାରେ ସମସ୍ତ ପ୍ରକ୍ରିୟା ଶେଷ କରିବା ସମ୍ଭବ ନୁହେଁ ବୋଲି କୁହାଯାଇଛି।

ଆସନ୍ତା ୨୮ରେ ଭାରତୀୟ ବକ୍ସିଂ ମହାସଂଘର ହେବାକୁ ଥିବା ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)କୁ ସ୍ଥଗିତ ରଖାଯାଇଛି। ଗତ ୨୧ ତାରିଖରେ ରିଟର୍ନିଂ ଅଫିସର (ଅବସରପ୍ରାପ୍ତ ବିଚାରପତି) ଆରକେ ଗାଉବାଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଏହି ନିଷ୍ପତ୍ତି ଜରୁରୀ ଥିଲା। ଇଲେକ୍ଟୋରାଲ କଲେଜ ତାଲିକାରେ ପରିବର୍ତ୍ତନ ଲାଗି କୋର୍ଟଙ୍କ ନିର୍ଦ୍ଦେଶ ଥିବାରୁ ପୂର୍ବରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ଶେଷ କରିବା ସମ୍ଭବ ନୁହେଁ ବୋଲି ବିଏଫଆଇ ପକ୍ଷରୁ ଏହାର ସମସ୍ତ ସଦସ୍ୟ ରାଜ୍ୟକୁ ସୂଚନା ଦିଆଯାଇଛି। ନିର୍ବାଚନ ଲାଗି ମାର୍ଚ୍ଚ ୧୩ ତାରିଖରେ ଇଲେକ୍ଟୋରାଲ କଲେଜ ଚୂଡ଼ାନ୍ତ କରାଯାଇଥିବା ବେଳେ ନାମାଙ୍କନ ଲାଗି ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ମାର୍ଚ୍ଚ ୭ ତାରିଖରେ ରାଜ୍ୟ ଆସୋସିଏଶନର ନିର୍ବାଚିତ ସଦସ୍ୟ ନଥିବା କର୍ମକର୍ତ୍ତା ଇଲେକ୍ଟୋରାଲ କଲେଜର ସଦସ୍ୟ ହୋଇପାରିବେ ନାହିଁ ବିଏଫ୍‌ଆଇ ସଭାପତି ଅଜୟ ସିଂ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ଦିଲ୍ଲୀ ଓ ହିମାଚଳ ପ୍ରଦେଶ ହାଇକୋର୍ଟ ଏହା ଉପରେ ରୋକ୍ ଲାଇଥିଲେ। ଦିଲ୍ଲୀ ହାଇକୋର୍ଟ ବିଏଫ୍‌ଆଇ ନିର୍ବାଚନ ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ହିମାଚଳ ପ୍ରଦେଶ ହାଇକୋର୍ଟ ନାମାଙ୍କନ ଦାଖଲ କରିବାର ତାରିଖ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ଫଳରେ ପୂର୍ବରୁ ଅଯୋଗ୍ୟ ଘୋଷିତ ହୋଇସାରିଥିବା ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ନାମାଙ୍କନ ଦାଖଲ କରିପାରିବେ। ବିଏଫ୍‌ଆଇ ପକ୍ଷରୁ ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା। ହେଲେ ଏହି ଆବେଦନକୁ ମଙ୍ଗଳବାର ପ୍ରତ୍ୟାଖ୍ୟାନ କରି ଦିଆଯାଇଥିଲା।

# ଡବ୍ଲ୍ୟୁପିଏଲ୍‌ର ଦଳ ସଂଖ୍ୟା ବଢ଼ିବାର ଯୋଜନା ନାହିଁ

**ନୂଆଦିଲ୍ଲୀ, ୨୬।୩ (ପି.ଟି.):** ଓମେନ୍ସ ପ୍ରିମିୟର ଲିଗ (ଡବ୍ଲ୍ୟୁପିଏଲ୍) ଗତ ୩ ବର୍ଷରେ ଜବରଦସ୍ତ ବୃଦ୍ଧି ଆସିଛି। କିନ୍ତୁ ଲିଗର ଦଳ ସଂଖ୍ୟାରେ ବୃଦ୍ଧି କରିବାକୁ ଏବେ କୌଣସି ଯୋଜନା ନଥିବା ଆଇପିଏଲ୍ ଚେୟାରମ୍ୟାନ ଅରୁନ ଧୁମଲ କହିଛନ୍ତି। ବିସିସିଆଇ ସଭାପତି ରୋଜର ବିନିଙ୍କ ନେତୃତ୍ୱାଧୀନ କମିଟିରେ ଧୁମଲ ସଦସ୍ୟ ଅଛନ୍ତି। ପ୍ରାରମ୍ଭିକ ଭାବେ ପ୍ରଥମ ୩ ସିଜନ ପରେ ବିସିସିଆଇ ଦଳର ସଂଖ୍ୟା ବଢ଼ାଇବାକୁ ଯୋଜନା କରିଥିଲା। କିନ୍ତୁ ବର୍ତ୍ତମାନ ଲିଗର ସ୍ଥିତିକୁ ଆହୁରି ଦୃଢ଼ କରିବାକୁ ଚାହୁଁଛି। ଟୁର୍ନାମେଣ୍ଟକୁ ଆହୁରି ସଶକ୍ତ କରିବା ପାଇଁ ଅନ୍ୟ ଦଳକୁ ସାମିଲ କରିବା ପୂର୍ବରୁ ଆମେ ଏହାକୁ ଆହୁରି ସୁଦୃଢ଼ କରିବାକୁ ଚାହୁଁ। ଦଳ ସଂଖ୍ୟା ବଢ଼ାଇବାକୁ ନେଇ ବର୍ତ୍ତମାନ କୌଣସି ଯୋଜନା ନାହିଁ। ୩ଟି ସଂସ୍କରଣ ମଧ୍ୟରେ ଡବ୍ଲ୍ୟୁପିଏଲ୍ ଲୋକପ୍ରିୟ ହେବା ସହ ଷ୍ଟାଡୟମରେ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଦେଖଣାହାରୀଙ୍କ ସଂଖ୍ୟା ଖୁବ ଉତ୍ସାହଜନକ ରହିଛି। ଏହା ମହିଳା କ୍ରିକେଟ କ୍ଷେତ୍ରରେ ନୂଆ ପ୍ରେରଣା ଯୋଗାଇଛି। ଏଣୁ ଆମେ ଆଶା କରୁଛୁ, ଏହି ଅଭିବୃଦ୍ଧି ଜାରି ରହିବ ବୋଲି ଧୁମଲ କହିଛନ୍ତି। ଡବ୍ଲ୍ୟୁପିଏଲ୍ ଏପର୍ଯ୍ୟନ୍ତ ଆଇପିଏଲ୍ ଭଳି ହୋମ ଓ ଆୱେ ଫର୍ମାଟରେ ଖେଳାଯାଇ ନାହିଁ। ବିସିସିଆଇ ଏହି ଟୁର୍ନାମେଣ୍ଟର ଗତ ସଂସ୍କରଣକୁ ବରୋଦା ଓ ଲକ୍ଷ୍ନୌ ଭଳି ଛୋଟ କେନ୍ଦ୍ର ସହିତ ମୁମ୍ବାଇ ଓ ବେଙ୍ଗାଲୁରୁରେ ଆୟୋଜନ କରିଥିଲା। ବୋର୍ଡ ୫ଟି ଦଳ ଯଥା ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ୟୁପି ଓ ଗୁଜରାଟକୁ ପ୍ରତିନିଧିତ୍ୱ କରୁଥିବା ଦଳର ବିକ୍ରିରୁ ୪୬୭୦ କୋଟି ଟଙ୍କା ପାଇଥିଲା। ଲିଗର ପ୍ରସାରଣ ଅଧିକାରକୁ ୯୫୧ କୋଟି ଟଙ୍କାରେ ବିକ୍ରି କରିଥିଲା।

# ଭାରତ ଆସିବେ ମେସି

**ନୂଆଦିଲ୍ଲୀ, ୨୬।୩ (ପି.ଟି.):** ଆସନ୍ତା ଅକ୍ଟୋବରରେ କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳିବା ଲାଗି ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଓ ତାଙ୍କ ଆର୍ଜେଣ୍ଟିନା ଦଳ ଭାରତ ଗସ୍ତ କରିବ। ଏହା ମେସିଙ୍କର ଦ୍ୱିତୀୟ ଭାରତ ଗସ୍ତ। ଆର୍ଜେଣ୍ଟିନା ଦଳର ପାର୍ଟନର ଥିବା ଏଚ୍‌ଏସ୍‌ବିସି ଇଣ୍ଡିଆ ପକ୍ଷରୁ ବୁଧବାର କୁହାଯାଇଛି ଯେ, ଆର୍ଜେଣ୍ଟିନା ଦଳ ଭାରତରେ ଫୁଟବଲର ପ୍ରଚାର କରିବ ଏବଂ ଏହି ମ୍ୟାଚ ଅକ୍ଟୋବରରେ ଖେଳାଯିବ। ମେସି ୨୦୧୧ ସେପ୍ଟେମ୍ବରରେ ଭେନେଜୁଏଲା ବିପକ୍ଷରେ ଏକ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବା ପାଇଁ ଭାରତ ଗସ୍ତ କରିଥିଲେ।


# Classified Everyday
0674-2580101, 9692975378



AUTOMOBILE SALE

Tata Ultra 41 Seater Bus for sale. Contact details: 7077714312. D-3396



REAL ESTATE SALE

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250



Relax, Refresh your body, mind at Saikrupa Spa with best therapies. 7848011468. D-3288

Full body massage experience, good looking therapist @999 (Bhubaneswar). 9078484455. D-3280

## AFFIDAVIT

By virtue an affidavit before Executive Magistrate, Dhenkanal on 24.03.2025, No-2199, I Panchanan Sundar Pany, S/o- Ananda Chandra Pany, Village/ P.O.-Radhadeipur Nuagada, P.S.-Gondia, Dist.-Dhenkanal, Odisha-759014 declare that, my son's name has changed from Devi Prasad Pany to Debi Prasad Pany and Date of Birth from 01.07.2010 to 10.07.2010. Henceforth he shall be known Debi Prasad Pany and Date of Birth 10.07.2010 for all purposes. Panchanan Sundar Pany. D-75099

Smt. MIKAL GAMANGO, W/o-SIMANCHAL GAMANGO, declare by this affidavit No.- 410, dated 18.03.2025, sworn before the Executive Magistrate, GUNUPUR, that now onwards I want to correction my daughter's name from Niheya Gamango to NEHA GAMANGO, bearing Aadhaar Card No.-xxxx xxxx 1773 as well as my address as At/ P.O.- Kulusing, P.S.-Puttasing, Dist.-Rayagada, for all future purposes. D-3429

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Deogaon, I, Joshobanti Mahakur, W/o- Bhakta Mahakur, R/o- Village/ P.O./ P.S.- Deogaon, Dist.- Balangir declare that after marriage I have changed my name from Jashobanti Ghibhela to Joshobanti Mahakur. Henceforth, I shall be known as Joshobanti Mahakur for all purposes. D-3426

By virtue of an affidavit sworn before the Executive Magistrate, Muniguda, on dated 25.03.2025, (SI No.- 386/25) I PAULO KIMBAKA, Village- Tapirikupuda, P.O.- Hanumantpur, P.S.- Chandrapur, Dist.- Rayagada, declare that I have changed my name PAULA KIMBAAKA to PAULO KIMBAKA and date of birth is 04.01.1992. Henceforth, I shall be known as PAULO KIMBAKA for all purposes. D-3423

I, Santosh Panda, S/o- Late Jagannath Panda, At- Borapada Khamar, P.O.- Gahamkhunti, P.S.- Sadar, Dist.- Dhenkanal, PIN- 759027, Odisha, declare by this affidavit No.- 1814, dtd- 12.03.2025 that now onwards I shall be known as SANTOSH KUMAR PANDA for all purposes. D-75098

GOPAL SWAIN, aged about 56 years, S/o- Dijabar Swain, residence of Village- Gelapur, P.O.- Nahalpur, P.S.- GOVINDPUR, Dist.- Cuttack- 754003. Aadhaar Card No.- xxxx xxxx 0952, Pan card- KIMPS6817M that infact Gopal Swain & Jogendra Swain, S/o- Dijabar Swain and father of- Rajesh Swain is the same and one person. As the mentioned above for all purposes. D-3421

By virtue of an affidavit sworn before the Executive Magistrate, Rajnagar, dated 24.03.2025, I Rashmita Barik, Address: At- Dighi, P.O.- Iswarpur, P.S.- Rajnagar, Dist.- Kendrapara, PIN- 754248, Odisha, declare that I have changed my daughter's name from ROJOLIN BARIK to LISARANI BARIK. Henceforth, she shall be known as LISARANI BARIK for all purposes. A. No.- 1656/24.03.2025 RASHMITA BARIK D-3424

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

IN THE COURT OF THE CIVIL JUDGE (SENIOR DIVISION), BOUDH
Civil Suit No.- 25/2021
Hari Ganda @ Behera .....Plaintiff
Versus
Chandra Ganda @ Behera and Others .....Defendants

1. Sasmita Sethi, aged about 35 years, W/o- Srikanta Nayak, R/o- Kaijhar, P.O.- Badabhuin, P.S.-Khajuripada, Dist- Kandhamal.
2. Raju Sethi @Ganda, aged about 34 years, S/o- Late Rasa Ganda, R/o- Thetapaju, P.O.-Badabhuin, P.S.- Khajuripada, Dist.- Kandhamal.
3. Mina Ganda, aged about 32 years, W/o- Sudarshana Ganda, R/o- Khajuripada, P.O./P.S- Khajuripada, Dist.- Kandhamal.
4. Rina Behera, aged about 28 years, W/o- Prabhat Behera, R/o- BiriPakhal, P.O.-Jamjhari, P.S.- Khajuripada, Dist.- Kandhamal.

Whereas the plaintiff Hari Ganda@ Behera have instituted the aforesaid suit No.- 25/2021 against you. You are hereby summoned to appear in this Court in persons or by your pleader on dated 24th day of April, 2025 at 07:30AM to answer the claim.

Take notice that in default of your appearance on the day before mentioned, this suit will be heard and determined in your absence.

CIVIL JUDGE SENIOR DIVISION, BOUDH
D-3425

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଃସୀମାରାଣୀ ପଟ୍ଟନାୟକ**

ଆବିର୍ଭାବ: ୨୨।୦୯।୧୯୬୮
ତିରୋଧାନ: ୨୭।୦୩।୨୦୨୪

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା । ମାତ୍ର ଏମିତି ଦିନ ନାହିଁ, କ୍ଷଣ ନାହିଁ କି ଭାବନା ନାହିଁ ଯେଉଁଥିରେ ତୁମ କଥା ମନେ ପଡ଼ିନାହିଁ। ତୁମ ଅନୁପସ୍ଥିତିରଅନୁଭବ ମନକୁ ସବୁବେଳେ କଷ୍ଟ ଦେଉଛି। ତୁମ ପରୋପକାରିତା, ଧର୍ମପରାୟଣତା, ସହନଶୀଳତା ଚିର ସ୍ମରଣୀୟ ହୋଇ ରହିବ। ମା’ ନାରାୟଣୀ ତୁମ ପବିତ୍ର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଏତିକି ପ୍ରାର୍ଥନା ।

ଶୋକସନ୍ତପ୍ତ: ପତି: ବାନାମ୍ବର ପଟ୍ଟନାୟକ, ପୁଅ: ଶରତ, ବିଶ୍ୱଜିତ୍, ଝିଅ: ବର୍ଷା, ବନ୍ଧୁ ଓ ପରିବାରବର୍ଗ ।

ଧ-୩୪୩୦

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q199723846@ybl | T&C Apply

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ପ୍ରଶଂସା ଅନ୍ତରାଳେ...



ସାରା

ସାରା ଅଲ୍ଲୀ ଖାନ୍ ଏବେ ଚାରିଆଡ଼େ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସା କରିବୁଲୁଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି। ଏ ନେଇ ସାରା କହନ୍ତି, ''ଅକ୍ଷୟ କୁମାରଙ୍କ ସହିତ ମୁଁ 'ସ୍କାଏ ଫୋର୍ସ'ରେ ଅଭିନୟ କରିସାରିଛି। ସତ କଥା କହିବାକୁ ଗଲେ ତାଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା। ଏହି ନୂଆ ସିନେମାରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିବି। ସେପଟେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ପ୍ରାରମ୍ଭିକ କାମ ଚାଲିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ-ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍ଚୁଆଲିଟି ମୋତେ ସବୁଠାରୁ ବେଶି ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫକୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।'' ସାରା ଅଭିନୟ କରିଥିବା ଅନ୍ତିମ ସିନେମାଟି ଥିଲା 'ସ୍କାଏ ଫୋର୍ସ'। ଫିଲ୍ମଟି ଚଳିତ ବର୍ଷ ଜାନୁଆରୀରେ ରିଲିଜ ହୋଇ ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ବର୍ତ୍ତମାନ ସାରା ଅଭିନୟ କରିଥିବା 'ମେଟ୍ରୋ ଇନ୍ ଦିନୋ' ରିଲିଜ ଅପେକ୍ଷାରେ ରହିଛି।

## ଟେନ୍‌ସନ୍‌ରେ ବାଣୀ

ବାଣୀ କପୁରଙ୍କ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି ? ସେ କୁଆଡ଼େ ଜଣେ ବିଦେଶୀ ବିଜନେସମ୍ୟାନଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ହେଲେ ଯେତେବେଳେ ଏହି କଥା ବାଣୀଙ୍କ କାନରେ ବାଜିଲା ସେ ଆଉ ଚୁପ୍ ହୋଇ ବସି ରହିପାରିଲେ ନାହିଁ। ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଏଭଳି ଆଲୋଚନାକୁ ନେଇ ବାଣୀ କହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯେଉଁ ବିଦେଶୀ ବିଜନେସମ୍ୟାନଙ୍କ ସହ ମୋ ନାମକୁ ଯୋଡ଼ାଯାଉଛି ସେ ମୋର ବନ୍ଧୁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମା ପାଇଁ ସେ ଫାଇନାନ୍ସ କରୁଛନ୍ତି। ତାଙ୍କ ସହିତ କେବଳ ମୋର ବନ୍ଧୁତା ରହିଛି। ଏହାକୁ ଅନ୍ୟ ଅର୍ଥରେ ଦେଖିବା ଆଦୌ ଠିକ୍ ନୁହେଁ। ଏବେ ମୋର ପ୍ରେମ କରିବାକୁ ସମୟ ନାହିଁ। କାରଣ ବର୍ତ୍ତମାନ ମୁଁ ନିଜ ଆକ୍ଟିଂ କ୍ୟାରିୟର ଉପରେ ଫୋକସ୍ କରୁଛି।' ତେବେ ବାଣୀଙ୍କର ଏହି ପ୍ରେମ କାହାଣୀ ପଛରେ କି ସତ୍ୟତା ଅଛି ତାହା ତାଙ୍କୁ ହିଁ ଜଣା।



ବାଣୀ

## ଦୃଢ଼ ଆଶାରେ ଜ୍ୟାକ୍‌ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକ୍‌ଲିନ୍ ଫର୍ନାଡିସ୍ ଆକ୍ସନ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ଼ କଥା। କିନ୍ତୁ ଏମିତି କ'ଣ ହେଲା ଯେ ଜ୍ୟାକ୍‌ଲିନ୍ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ସେ କହନ୍ତି, 'ସତ କଥା ହେଲା, ଆକ୍ସନ ଫିଲ୍ମରେ ରୋମାଞ୍ଚ ଭରି ରହିଥାଏ। ଗତ ଛଅ ମାସ ମଧ୍ୟରେ ମୁଁ ଭଲ ଭଲ କେତୋଟି ଆକ୍ସନଭିତ୍ତିକ ହଲିଉଡ୍ ଫିଲ୍ମ ଦେଖିଛି। ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକ୍ସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ।' ତେବେ ଜ୍ୟାକଲିନ୍‌ଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।



ଜ୍ୟାକ୍‌ଲିନ୍

## ଅ|ତୀ|ତ|ରୁ

▸କେ.ଏର୍.ଡି. ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ପରିବାର'। ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଉପେନ୍ଦ୍ର କୁମାର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଚକ୍ରପାଣି, ଅନୀତା ଦାସ, ଅଭୟ, ନରେନ୍ଦ୍ର, ଭୋଳାନାଥ ପ୍ରମୁଖ କଳାକାର।

▸ସତ୍ୟସାଇ ମୁଭିଟୋନ୍, ବ୍ରହ୍ମପୁର ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚିତ୍ର 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ'ର ନିର୍ଦ୍ଦେଶନା ଦେଇଥିଲେ ଏନ୍. ଗୋପାଳ। ଏହି ଫିଲ୍ମର ନାୟିକା ସାଜିଥିଲେ ରୋଜାରମଣି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଚକ୍ରପାଣି।

▸ଡି.କେ. ପ୍ରଡକ୍ସନ, କଟକ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ଗୌରୀ'ର ଟାଇଟଲ ଭୂମିକାରେ ଅଭିନୟ କରିଥିଲେ ମହାଶ୍ୱେତା ରାୟ। ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ପ୍ରଶାନ୍ତ ନନ୍ଦ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର।

▸ଓଡ଼ିଆ ସିନେମା 'ସଉତୁଣୀ'ର ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ବାସୁଦେବ ରଥ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ। ତନ୍ଦ୍ରା ରାୟ, ଡ. ସଚ୍ଚି ମିଶ୍ର, ଅନୀତା ଦାସ ଏବଂ ବିଜୟ ମହାନ୍ତି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

▸ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ପ୍ରଯୋଜିତ ଏବଂ ବିଶ୍ୱଜିତ ଦାସଙ୍କ ନିର୍ଦ୍ଦେଶିତ 'ନିଝୁମ ରାତିର ସାଥୀ'ର ମୁଖ୍ୟ ଭୂମିକାରେ ଉତ୍ତମ ମହାନ୍ତି ଏବଂ ମହାଶ୍ୱେତା ରାୟଙ୍କୁ ଦେଖିବାକୁ ମିଳିଥିଲା।

### ରିଲିଜ ଅପେକ୍ଷାରେ
## ଆଜିର ରେବତୀ

ଓଡ଼ିଆ ପରମ୍ପରା ଓ ସମାଜଚେତନାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଜିର ରେବତୀ'। ଉକ୍ତ ଚିତ୍ରଟି ଆସନ୍ତା ମାସ ୧୧ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପୁରୀର ଗାଳ୍ପିକ ଓ ଗୀତିକାର ଡଃ ବଦ୍ରି ମିଶ୍ରଙ୍କର କ୍ଷୁଦ୍ର ଗଳ୍ପ ରେବତୀ ଉପରେ ଏହି ସିନେମା ପର୍ଯ୍ୟବସିତ। ଏହାର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ। ନିର୍ଦ୍ଦେଶନା ଦେଇଛନ୍ତି 'ପୁଷ୍କରା' ଫେମ୍ ଶୁଭ୍ରାଂଶୁ ଦାସ। ମହିଳା ସିନେମାଟୋଗ୍ରାଫର କୁହୁ ମଲ୍ଲ ଏହାର ଚିତ୍ରୋତ୍ତଳନ ଦାୟିତ୍ୱ ବହନ କରିଛନ୍ତି। ଏହି ଫିଲ୍ମରେ ଶୀତଲ ପାତ୍ର, ପୁଷ୍ପା ପଣ୍ଡା, ପୃଥୀରାଜ ନାୟକ, ବଙ୍ଗଳା କଳାକାର ବୋନି ସେନଗୁପ୍ତା, ଉଷଶୀ ମିଶ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ଦୀପ୍ତିରେଖା ପାଢ଼ୀ, ସ୍ୱୟଂ ପାଢ଼ୀ, ସତ୍ୟଜିତ ପ୍ରଧାନ ଏବଂ ସବିଶେଷ ମିଶ୍ର। ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ଏହାକୁ ନିର୍ମାଣ କରାଯାଇଛି। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।



'ଆଜିର ରେବତୀ' ଫିଲ୍ମରେ ଶୀତଲ

# ଓଡ଼ିଆ ସିନେମାରେ କାହାଣୀ ପ୍ରସଙ୍ଗ..

ଓଡ଼ିଆ ସିନେମା କମ୍ ବଜେଟରେ ହେଲେ କୌଣସି ବୈଷୟିକ ଅସୁବିଧା ନାହିଁ। କେବଳ କାହାଣୀର ଗୁରୁତ୍ୱକୁ ଯଦି ଆମେ ନେବା ତେବେ ସେଇ ଅନୁସାରେ ଚରିତ୍ରରେ ଅଭିନୟ କରୁଥିବା ଭଲ କଳାକାର ନେବା ବାଞ୍ଛନୀୟ। ସେମାନେ ପୁରୁଣା ହୁଅନ୍ତୁ କି ନୂତନ ପିଢ଼ିର, ପ୍ରତିଟି ଚରିତ୍ର ସମ୍ପର୍କରେ ନିର୍ଦ୍ଦେଶକ କର୍ମଶାଳା ମାଧ୍ୟମରେ ଅବଗତ କରିବା ନିହାତି ଜରୁରୀ। ସେପରି ଯଦି କର୍ମଶାଳା ହେବ, ତେବେ ଖୁବ୍ କମ୍ ଦିନରେ ଶୁଟିଂ ପାଇଁ ସମୟ ନିର୍ଦ୍ଧାରଣ ହୋଇପାରିବ। ନିକଟସ୍ଥ ଦର୍ଶନୀୟ ସ୍ଥାନ ହେଉ କି ଗାଁ ପରିବେଶ, ସବୁକିଛି ସମୟକୁ ଲକ୍ଷ୍ୟ କରି ନିର୍ମିତ ହେଲେ ନିର୍ଦ୍ଦିଷ୍ଟ ବଜେଟ ମଧ୍ୟରେ ସବୁକିଛି ଶୁଟିଂ ସରିପାରିବ। ଭଲ ବ୍ୟବସାୟିକ ସିନେମା ହେଉ କି କଳାତ୍ମକ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା କାହାଣୀ ମନୋନୟନ। ନିର୍ଦ୍ଦେଶକ ଜଣକ ବୈଷୟିକ ଦିଗରୁ ଅଭିଜ୍ଞତା ଥିବ। କାହାଣୀ ଅନୁସାରେ ଚରିତ୍ର ମାନଙ୍କର ମୁହଁରେ ସଂଳାପଗୁଡ଼ିକ ମଧ୍ୟ ବୋଧଗମ୍ୟ ହେବା ଆବଶ୍ୟକ। ସାବଲୀଳ ସଂଳାପ ରହିଲେ ପ୍ରତିଟି ଦର୍ଶକ ନିଜକୁ ଉକ୍ତ ଚରିତ୍ର ସହ ତାରତମ୍ୟ ରହିଛି ବୋଲି ଠଉରେଇ ନେବ। ସେଥିପାଇଁ ଦକ୍ଷ ନିର୍ଦ୍ଦେଶକ ସଂଳାପ ଲେଖକ ଓ ଚିତ୍ରନାଟ୍ୟର ଗୁରୁତ୍ୱ ବହନ କରେ।

୬୦ ଦଶକରୁ ୭୦ ଦଶକ ମଧ୍ୟରେ ହୋଇଥିବା ଓଡ଼ିଆ ସିନେମା କଥା ଚିନ୍ତା କଲେ ଜଣାପଡ଼େ ଯେ, ସେତେବେଳେ ମା', ଅମଡ଼ାବାଟ, ମଲାଜହ୍ନ, କା, ମାଟିର ମଣିଷ ପ୍ରଭୃତି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବସନ୍ତ କୁମାରୀ ପଟ୍ଟନାୟକଙ୍କ 'ଅମଡ଼ାବାଟ' ଉପନ୍ୟାସକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଥିଲେ ଅମର ଗାଙ୍ଗୁଲି ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବାଳକୃଷ୍ଣ ଦାଶ। ଏଇ ଦଶନ୍ଧିରେ ଓଡ଼ିଆ ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ସଙ୍ଗୀତ ନିର୍ଦ୍ଦେଶକମାନେ ପ୍ରଭାବ ବିସ୍ତାରୀ ଥିଲା। ନିର୍ଦ୍ଦେଶକ ନିତାଇ ପାଲିତ, ଗୋପାଳ ଘୋଷ, ଗୌର ଘୋଷ, ବ୍ୟୋମକେଶ ତ୍ରିପାଠୀ, ଅଭିନେତ୍ରୀ ପାର୍ବତୀ ଘୋଷଙ୍କ ନିର୍ଦ୍ଦେଶିତ ସିନେମା ବେଶ୍ ଦର୍ଶକାଦୃତ ହେଉଥିଲା। ଗ୍ଲୋରିଆ ମହାନ୍ତି, ଅନିମା ପେଦିନୀ ଏବଂ ସୁଜାତା ଆନନ୍ଦଙ୍କ ପରି ଅଭିନେତ୍ରୀଙ୍କ ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। 'ମାଟିର ମଣିଷ' ସିନେମାରେ ପ୍ରଶାନ୍ତ ନନ୍ଦଙ୍କ ଅଭିନୟ କେତେ ପ୍ରଭାବଶାଳୀ ଥିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ସେ ସମୟର ସିନେମାରେ ବିଷାଦପୂର୍ଣ୍ଣ ନାଟକୀୟତା ଏବଂ ପ୍ରଚ୍ଛଦପଟ୍ଟ ସଙ୍ଗୀତ ଅଧିକ ବାସ୍ତବ ଓ ଶ୍ରୁତି ମଧୁର ଥିଲା।

୭୦ ଦଶକ ଓ ୮୦ ଦଶକ ମଧ୍ୟରେ ଓଡ଼ିଶା ସିନେମା ଜଗତରେ ନବ ଚେତନାର ଆବିର୍ଭାବ ହେଲା। ଘନଶ୍ୟାମ ମହାପାତ୍ରଙ୍କ 'କନକଲତା' ନିତାଇ ପାଲିତଙ୍କ 'ବନ୍ଧନ', 'ଧରିତ୍ରୀ', 'ମନ ଆକାଶ', 'କୃଷ୍ଣ ସୁଦାମା' ଓ 'ବନ୍ଧୁ ମହାନ୍ତି' ସେଗୁଡ଼ିକ ମଧ୍ୟରେ ଅନ୍ୟତମ। ନାରୀକୈନ୍ଦ୍ରିକ ବିଷୟବସ୍ତୁ ମଧ୍ୟରେ 'ସ୍ତ୍ରୀ', 'ସଂସାର', 'ମମତା', 'ଅଦିନ ମେଘ', 'ଯାଯାବର', 'ଗପ ହେଲେ ବି ସତ', 'ଶେଷ ଶ୍ରାବଣ', 'ଅଭିମାନ', 'ନାଗଫାଶ', 'ଚିଲିକାତୀରେ' ପ୍ରଭୃତି ସିନେମା କାହାଣୀର ବଳିଷ୍ଠତା ସାଙ୍ଗକୁ ଅଭିନେତା ଅଭିନେତ୍ରୀମାନଙ୍କର ନିଖୁଣ ଅଭିନୟ ଆଦି ଦୀର୍ଘ ୩୦ ବର୍ଷର ରୂପରେଖ ବଦଳାଇ ଦେଇଥିଲା। ସିନେମା ଇତିହାସରେ ଏହାକୁ ସୁବର୍ଣ୍ଣଯୁଗ ବୋଲି କୁହାଯାଇଥିଲା।

ଅତୀତରେ ମନଛୁଆଁ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା ପରଝିଅ ଘର ଭାଙ୍ଗେନା, ସ୍ତ୍ରୀ, ଶେଷ ଶ୍ରାବଣ, ଡୋରା, ଫୁଲ ଚନ୍ଦନ, ଦଣ୍ଡା ବାଳୁଙ୍ଗା, ଗପ ହେଲେ ବି ସତ, କାବେରୀ ଆଦି ଆହୁରି ଅନେକ ସିନେମା ହିଟ୍ ହୋଇଛି। ଓଡ଼ିଆ ନିର୍ଦ୍ଦେଶକ ନିତାଇ ପାଲିତ, ଗୌର ଘୋଷ ପ୍ରଶାନ୍ତ ନନ୍ଦ, ମହମ୍ମଦ ମହସିନ, ରାଜୁ ମିଶ୍ର, ଶିଶିର ମିଶ୍ର ପ୍ରମୁଖ ବହୁ ହିଟ୍ ସିନେମା ଆଜି ବି ସ୍ମରଣୀୟ ହୋଇ ରହିଛି। ଭଲ କାହାଣୀକୁ ସେ ସମୟରେ ଗୁରୁତ୍ୱ ଦିଆଯାଉଥିଲା। ଗୌର ଘୋଷ ପ୍ରଡକ୍ସନ, ଧୀର ବିଶ୍ୱାଳ ପ୍ରଡକ୍ସନ, ଦେବବ୍ରତ କର, ବସନ୍ତ ନାୟକ, ବାବୁଲାଲ ଯୋଶୀ, ଅମିୟ ପଟ୍ଟନାୟକ ପ୍ରମୁଖଙ୍କ ସିନେମା ମୁକ୍ତିଲାଭ କଲେ ସାଧାରଣ ଦର୍ଶକ ପ୍ରେକ୍ଷାଳୟରେ ପ୍ରତୀକ୍ଷା କରୁଥିଲେ। ଚତୁର୍ଥ ଦଶନ୍ଧିରେ ୧୧୫ଟି ସିନେମା ମୁକ୍ତିଲାଭ କଲା। ତନ୍ମଧ୍ୟରେ ବିଭୂତି ପଟ୍ଟନାୟକଙ୍କ କାହାଣୀ 'ମାୟା ମିରିଗ' ଗୋଟିଏ ସାଧାରଣ ଯୌଥ ପରିବାରର ନିଚ୍ଛକ କଥାର ବିଶେଷ ପ୍ରଭାବ ଏହି ସିନେମାରେ ଅନୁଭୂତ ହେଲା। ଏହାର ନିର୍ଦ୍ଦେଶକ ନୀରଦ ମହାପାତ୍ର ଗୋଟିଏ ବାସ୍ତବତାର କଥା ସିନେମା ଜାତୀୟସ୍ତରରେ ଶ୍ରେଷ୍ଠତ୍ୱ ହାସଲ କରି ସ୍ୱର୍ଣ୍ଣକମଳ ବିଜେତା ହେଲା। ଜାତୀୟସ୍ତରରେ ମନମୋହନ ମହାପାତ୍ରଙ୍କ 'ଶୀତରାତି' ପୁରସ୍କୃତ ହୋଇଥିଲା।



ଫ୍ରେମ-ଟୁ-ଫ୍ରେମ କପି ସିନେମା ଧାରା ବନ୍ଦ ହେବା ଦରକାର। ବିଗ୍ ବଜେଟ ସିନେମାଟି କରି ତାହା ଫ୍ଲପ ହେବା ଅପେକ୍ଷା କମ୍ ଖର୍ଚ୍ଚରେ ସଫଳ ସିନେମା ନିର୍ମାଣ କଲେ କ୍ଷତି କ'ଣ ? ନୂତନ ପିଢ଼ିର କଳାକାର, ନିର୍ଦ୍ଦେଶକମାନେ ଭଲ କାହାଣୀଭିତ୍ତିକ ସିନେମା ଦିଗରେ ଆଗ୍ରହୀ ହେବା ଆବଶ୍ୟକ। ୮୭ ବର୍ଷ ବୟସରେ ଓଡ଼ିଆ ସିନେମା ପୁଣି ଏବେ ନିଜ ଗୋଡ଼ରେ ଠିଆ ହୋଇ ଉଚ୍ଚତା ମାପିବାର ସମୟ ଆସିଛି। ଓଡ଼ିଆ ସିନେମା ବଜାରର ଭିତ୍ତିଭୂମିକୁ ନ ଦେଖି ଆମେ ବିଗ୍ ବଜେଟ କଲେ ଲାଭ ନାହିଁ। ଓଡ଼ିଆ ସିନେମା କରିବାକୁ ହେଲେ ଓଡ଼ିଆ ଦର୍ଶକମାନଙ୍କ ରୁଚିବୋଧ ପ୍ରତି ଧ୍ୟାନ ଦେବା ଜରୁରୀ। ପୁଳାଏ ସିନେମା ନିର୍ମାଣ ହୋଇ ସେଗୁଡ଼ିକ ଫ୍ଲପ ହେବା ଅପେକ୍ଷା ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ନିର୍ମାଣ କରିବାକୁ ପ୍ରଯୋଜକମାନେ ଆଗେଇ ଆସିବା ଦରକାର।

-ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

# ଅଜବ ଏ ପ୍ରେମ କାହାଣୀ

ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅଜବ ଏ ପ୍ରେମ କାହାଣୀ'। ଚିତ୍ରଟି ଚଳିତ ମାସ ୩୦ ତାରିଖ ସନ୍ଧ୍ୟା ୬:୩୦ରେ ପ୍ରସାରିତ ହେବ। ଏସ୍.ପି.ପି. ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ। ନିର୍ଦ୍ଦେଶନା ଦେଇଛନ୍ତି ରାଶେଷ ମହାନ୍ତି। ଚିତ୍ରଟିର ନାୟକ ଭୂମିକାରେ ଶ୍ରୀଜିତ ମହାପାତ୍ର ଓ ନାୟିକା ଭାବରେ ଭକ୍ତି ପଟ୍ଟନାୟକ ଅଭିନୟ କରିଛନ୍ତି। ସୂର୍ଯ୍ୟ ମହାପାତ୍ରଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି, ଲୋପାମୁଦ୍ରା ଦାସ ଓ ରୂପେଶ ପାତ୍ର କଣ୍ଠଦାନ କରିଛନ୍ତି। ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା। ଚଳଚ୍ଚିତ୍ରର କାହାଣୀ ଅନୁସାରେ ଗୌରବ ନିଜ ଜୀବନର ନୂଆ ଯାତ୍ରା ଆରମ୍ଭ କରିବା ପାଇ ଭୁବନେଶ୍ୱର ଚାଲି ଆସେ। ଏମିତି ଏକ ଘରକୁ ଭଡ଼ା ଆକାରରେ ନିଏ ଯାହାକୁ ୪ ବର୍ଷ ଧରି କେହି ବ୍ୟବହାର କରୁ ନ ଥିଲେ। ସେହି ଘରେ ରହିବା ଭିତରେ ଗୌରବର ଦେଖା ହୋଇଥାଏ ଏକ ଭିନ୍ନ ରାଇଜର ରହସ୍ୟମୟୀ ତରୁଣୀ ସ୍ମିତା ସହ। ଆଉ ତା'ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସୃଷ୍ଟି ହୁଏ। ଗୌରବର ଜୀବନରେ ଘଟିଥାଏ କିଛି ଅଲୌକିକ ଘଟଣା। ସେହି ତରୁଣୀ ଜଣକ କିଏ ? ତେବେ ସେହି ଘଟଣାଗୁଡ଼ିକ କ'ଣ ଏବଂ ତାହା କାହାଣୀକୁ କି ମୋଡ଼ ନେଉଛି ଏବଂ କିପରି ଶେଷ ହେଉଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ।



ଶ୍ରୀଜିତ-ଭକ୍ତି

# କୋଲକାତାର ପ୍ରଥମ ବିଜୟ

**ଗୁଆହାଟୀ, ୨୬।୩**

ଆଇପିଏଲ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୮ ଉଇକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ କ୍ୱିଣ୍ଟନ ଡିକକ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ବଳରେ କୋଲକାତା ବିଜୟ ହାସଲ କରିଛି। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୫୧ ରନ କରିଥିଲା। ୧୫୨ ରନ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ୧୭.୩ ଓଭରରେ ୨ ଉଇକେଟ ହରାଇ ୧୫୩ ରନ ସଂଗ୍ରହ କରି ନେଇଥିଲା। ଚଳିତ ଲିଗ୍‌ରେ ୨ ମ୍ୟାଚରୁ କୋଲକାତାର ଏହା ହେଉଛି ପ୍ରଥମ ବିଜୟ। ନିଜର ପ୍ରଥମ ମ୍ୟାଚରେ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିକଟରୁ ୭ ଉଇକେଟରେ ପରାସ୍ତ ହୋଇଥିଲା। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ପୂର୍ବ ମ୍ୟାଚରେ ଦଳ ୪୪ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ପରାସ୍ତ ହୋଇଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ କୋଲକାତା ଅଧିନାୟକ ଅଜିଙ୍କ୍ୟ ରାହାନେ। ରାଜସ୍ଥାନ ରୟାଲ୍ସ ଭଲ ଆରମ୍ଭ କରିଥିଲେ ମଧ୍ୟ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ବଡ଼ ସ୍କୋର କରିପାରି ନ ଥିଲା। ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୩୩ ରନ ଯୋଗ ହେବାପରେ ସଞ୍ଜୁ ସାମସନ ପ୍ରତିପକ୍ଷ ଦ୍ରୁତ ବୋଲର ବୈଭବ ଆରୋରାଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ଅଧିନାୟକ ରିୟାନ ପରାଗ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳର ରନ ହାର ବୃଦ୍ଧିପାଇଁ ଉଦ୍ୟମ କରିଥିଲେ ହେଁ ଅଧିକ ସମୟ କ୍ରିଜରେ ତିଷ୍ଠିପାରି ନ ଥିଲେ। ସେହିପରି ପୂର୍ବ ସିଜନ ଗୁଡ଼ିକପରି ଯଶସ୍ୱୀ ଜୟସ୍ୱାଲ ଏଥର ଚମକ ଦେଖାଇପାରି ନାହାନ୍ତି। ସେ ଏଠାରେ ମଧ୍ୟ ବଡ଼ ସ୍କୋର କରିବାରେ ଅସମର୍ଥ ରହିଛନ୍ତି। ପରାଗ ୧୫ ବଲ୍‌ରୁ ୨୫ (୩ ଛକା) ଓ ଜୟସ୍ୱାଲ ୨୪ ବଲ୍‌ରୁ ୨୯ (୨ ଚୌକା, ୨ ଛକା)ରନରେ ଆଉଟ ହେବାରୁ ରାଜସ୍ଥାନ ଚାପକୁ ଆସି ଯାଇଥିଲା। ମିଡିଲ ଅର୍ଡରରେ ନୀତୀଶ ରାଣା ୮ ଓ ୱାନିନ୍ଦୁ ହସରଙ୍ଗା ୪ ରନରେ ଆଉଟ ହେବାରୁ ଦଳ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଘରୋଇ କ୍ରିକେଟରେ ପ୍ରଭାବୀ ରହିଥିଲେ ହେଁ ଆଇପିଏଲ୍‌ରେ ତାହାର ପୁନରାବୃତ୍ତି କରି ନ ପାରି ମାତ୍ର ୯ ରନରେ ପ୍ୟାଭିଲିୟନ ଫେରିଥିଲେ ଶୁଭମ୍ ଦୁବେ। ଧ୍ରୁବ ଜୁରେଲ ଓ ଶିମରନ ହେଟମେର ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାକୁ ଉଦ୍ୟମ କରିଥିଲେ। ମାତ୍ର ସଫଳ ହୋଇ ନ ଥିଲେ। ଜୁରେଲ ୨୮ ବଲ୍‌ରୁ ୩୩ (୫ ଚୌକା) ଓ ହେଟମେର ୭ ରନ କରି ପାରିଥିଲେ। କୋଲକାତା ଦଳ ପକ୍ଷରୁ ବୈଭବ ଆରୋରା, ହର୍ଷିତ ରାଣା, ମୋଇନ ଅଲୀ ଓ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏ ଏବଂ ସ୍ପେନସର ଜନସନ ଗୋଟିଏ ଉଇକେଟ ନେଇଥିଲେ। ପିଚ୍ ସ୍ଲୋ ଥିଲେ ହେଁ କ୍ୱିଣ୍ଟନ ଡିକକ୍ ଏକ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି କୋଲକାତାକୁ ଫାଇଦାରେ ରଖିଥିଲେ। ମୋଇନ ଅଲୀ ମାତ୍ର ୫ ରନରେ ରନଆଉଟ ହୋଇଥିଲେ ହେଁ ତାଙ୍କ ସହ ଓପନିଂ ଯୋଡ଼ିରୁ ଡିକକ୍ ୪୧ ରନ ସଂଗ୍ରହ କରିଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାନେ ମଧ୍ୟ ଅଧିକ ସମୟ କ୍ରିଜରେ ତିଷ୍ଠି ନ ପାରି ମାତ୍ର ୧୮ ରନରେ ପ୍ୟାଭିଲିୟନ ଫେରିଥିଲେ। ଏପରି ସ୍ଥିତିରେ କୋଲକାତାର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ଡିକକ୍। ଡିକକ୍ ଓ ଇମ୍ପାକ୍ଟ ପ୍ଲେୟର ଅଙ୍ଗକ୍ରିଶ ରଘୁବଂଶୀ ଅସମାପ୍ତ ତୃତୀୟ ଉଇକେଟରେ ୪୪ ବଲ୍‌ରୁ ୮୩ ରନର ଭାଗୀଦାରି ଗଢ଼ି ଆହୁରି ୧୫ଟି ବଲ୍ ବାକିଥାଇ କୋଲକାତାକୁ ବିଜୟ ସ୍ୱାଦ ଚଖାଇଥିଲେ। ୬୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡିକକ୍ ୮ ଚୌକା ଓ ୬ ଛକା ସହାୟତାରେ ୯୭ ରନରେ ଅପରାଜିତ ରହିଥିଲେ। ରଘୁବଂଶୀ ୧୭ ବଲ୍‌ରୁ ୨୨ ରନ କରିଥିଲେ। ଗୁଆହାଟୀ ବର୍ଷାପରା ଷ୍ଟାଡିୟମର ସ୍ଲୋ ପିଚ୍‌ରୁ ରାଜସ୍ଥାନ ବୋଲରମାନେ ଫାଇଦା ଉଠାଇ ପାରି ନ ଥିଲେ। କେବଳ ୱାନିନ୍ଦୁ ହସରଙ୍ଗା ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୧/୯ (ଧ୍ରୁବ ଜୁରେଲ–୩୩, ଯଶସ୍ୱୀ ଜୟସ୍ୱାଲ–୨୯, ରିୟାନ ପରାଗ–୨୫, ବୈଭବ ଆରୋରା–୨/୩୩, ମୋଇନ ଅଲୀ–୨/୨୩, ବରୁଣ ଚକ୍ରବର୍ତ୍ତୀ–୨/୧୭, ହର୍ଷିତ ରାଣା–୨/୩୬, ସ୍ପେନସର ଜନସନ–୧/୪୨)। କୋଲକାତା ନାଇଟ ରାଇଡର୍ସ ୧୭.୩ ଓଭରରେ ୧୫୩/୨ (କ୍ୱିଣ୍ଟନ ଡିକକ୍–୯୭*, ଅଙ୍ଗକ୍ରିଶ୍ ରଘୁବଂଶୀ–୨୨*, ୱାନିନ୍ଦୁ ହସରଙ୍ଗା–୧/୩୪)।


ଉଇକେଟ ନେବାପରେ ମୋଇନ ଅଲ୍ଲୀଙ୍କୁ ବଧେଇ ଜଣାଉଛନ୍ତି ଅଧିନାୟକ ଅଜିଙ୍କ୍ୟ ରାହାନେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
**ହାଇଦ୍ରାବାଦ ବନାମ ଲକ୍ଷ୍ନୌ**
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆଜିଠୁ କଟକରେ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ


ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପାଇଁ ମନୋନୀତ ଓଡ଼ିଶା ଦଳ।

## ଓଡିଶା ଦଳ ଘୋଷିତ, ୨୪ ଖେଳାଳି ସାମିଲ

**ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାରଠାରୁ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତା ପାଇଁ ବୁଧବାର ଓଡିଶା ଦଳ ଘୋଷଣା କରାଯାଇଛି। ଓଡିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀରେ ଗତ ୫ ରୁ ୨୫ ପର୍ଯନ୍ତ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଫେନ୍‌ସିଂ ଏକାଡେମୀ କୋଚ ସୁକାନ୍ତ ସେଠ, ନିତିନ ସ୍ୱାଇଁ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ କୋଚ ଅନ୍ୱେଷା ରାଉତ, ରୋଶନ ସାହୁ, ଫେନ୍‌ସିଂ ଏନଆଇଏସ କୋଚ କରିସ୍ମା ରାଉତ, ମଣିପୁର ଏସଏସବି କୋଚ ଲେନିନ ମିତାଇ, କୋଚ ଜ୍ୟୋତି ରଞ୍ଜନ ଠାକୁର ପ୍ରମୁଖ କ୍ୟାମ୍ପ ପରିଚାଳନା କରିଥିଲେ। କ୍ୟାମ୍ପରେ ମୋଟ ୩୪ ଖେଳାଳି ଯୋଗ ଦେଇଥିଲେ। ସେଥିମଧ୍ୟରୁ ୨୪ ଖେଳାଳିଙ୍କୁ ନେଇ ଓଡିଶା ଦଳ ଗଠନ କରାଯାଇଛି ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠାନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ରାଜ୍ୟ ସଭାପତି ଅନଙ୍ଗ ଉଦୟ ସିଂ ଦେଓ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଉପ ସଭାପତି ରମେଶ ମଲିକ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଓଡିଶା ବାଳକ ଦଳ: ଲିଖିତ ବିଶ୍ୱାଳ, ନିଶାଙ୍କ ପଟେଲ, ବିଭୁତି ପଟେଲ, ଓମ୍ ଖୋରା, ସ୍ୱାଗତ ପଟେଲ, ପଦ୍ମଲୋଚନ ନାଏକ, ଓମଶଙ୍କର ପଟେଲ, ଶୁଭମ ଯେସିଂ, ପ୍ରେମଜୀତ ବେଶରା, ସୋମ୍ୟ ପ୍ରଧାନ, ମଣିକେଶ ନାଏକ, କାହ୍ନା ଗଡତୀୟା।

ଓଡିଶା ବାଳିକା ଦଳ: ସ୍ମୃତି ପ୍ରଭା ଅରୁଣ, ସଞ୍ଜନା ଜାଲ, ଡଲିରାଣୀ ମଝି, ଆସ୍ଥା ଗଜେନ୍ଦ୍ର, ସ୍ମୃତି ପ୍ରଭା ଅରୁଣ, ସାରିକା ପଟେଲ, ଶ୍ରୀୟା ଶ୍ରୁତି ପଟେଲ, ପ୍ରଜ୍ଞାଶ ମହାନ୍ତି, ଇସ୍ରିତା ମିଶ୍ର, ନମ୍ରତା ପଟେଲ, ଅମ୍ରିତା ଆଦିୟୁଆଡ, ମୁକ୍ତି ବିଶ୍ୱାଳ।

# କଳାହାଣ୍ଡି କପ୍: ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ

**ଭୁବନେଶ୍ୱର, ୨୬।୩ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟର ସମ୍ମାନଜନକ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାରଠାରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ଖୋର୍ଦ୍ଧା ଗ୍ରାଉଣ୍ଡ, ଜଟଣୀ ରେଲୱେ ଗ୍ରାଉଣ୍ଡ, ସନ୍‌ସାଇନ୍, ଏମ୍‌ଜିଏମ୍ ଗ୍ରାଉଣ୍ଡ, ଅଡଶପୁର, ରେଲୱେ ଷ୍ଟାଡିୟମ, ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡ ଏବଂ ରେଭେନ୍‌ଶା ଗ୍ରାଉଣ୍ଡ–୧ ଓ ୨ରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ଗ୍ରୁପ୍ ଡି, ଇ ଓ ଏଫ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ଖେଳିବେ। ଗ୍ରୁପ୍–ଡି’ରେ ଭୁବନେଶ୍ୱର ‘ଏ’, ଅନୁଗୋଳ, ପୁରୀ, ବଲାଙ୍ଗୀର, ଦେବଗଡ଼ ଓ ରାଉରକେଲା, ଗ୍ରୁପ୍ ‘ଇ’ରେ ବାଲେଶ୍ୱର, ବରଗଡ଼, କେନ୍ଦ୍ରାପଡ଼ା, ସୋନପୁର ଓ ମାଲକାନଗିରି ଏବଂ ଗ୍ରୁପ୍ ‘ଏଫ୍’ରେ ଭଦ୍ରକ, କିଟ୍, ସମ୍ବଲପୁର–ବି, ଗଞ୍ଜାମ, ରାୟଗଡ଼ା, କଟକ–ବି, ଢେଙ୍କାନାଳ ସ୍ଥାନ ପାଇଛି। ଗ୍ରୁପ୍ ‘ଏ’, ‘ବି’ ଓ ‘ସି’ ମ୍ୟାଚଗୁଡ଼ିକ ଗତ ୨୪ ତାରିଖରେ ଶେଷ ହୋଇଛି।





ଆଧାର କାର୍ଡ଼ ଉପରେ ଲୋନ୍ ଏବଂ କ୍ୟାଶ EMI | ₹60^ ପ୍ରତିଦିନ EMI | 5% ଇନଷ୍ଟାଣ୍ଟ ଡିସ୍କାଉଣ୍ଟ^ ପସନ୍ଦ କରାଯାଇଥିବା କାର୍ଡ ଉପରେ | HDFC BANK | pine labs PAY LATER

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. #As per combined sales volume of 100-110cc motorcycles for FY 24 by a single company. Data Source: SIAM's domestic sales data FY 2024. ^Finance offer is at the sole discretion of the Financier, subject to its respective T&Cs. Available at select dealerships. For more details, please visit your nearest authorised Hero outlet. The offer is applicable on purchase of HF Series & Splendor+ Series from authorised dealers of HeroMotocorp using any HDFC Credit Card on all Pine Labs POS terminals. The 5% cashback upto ₹5000/- is applicable on minimum transaction of ₹40,000. T&C apply. *Ex-showroom price of HF Deluxe Drum Self, Splendor+ Xtec 2.0 variant in Bhubaneswar.

INDIA'S FIRST 5 YEAR WARRANTY* *Conditions apply | ଟୋଲ ଫ୍ରି 1800 266 0018

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 9289922180, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, , **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289922184, **Lakshmi Automotives, Gajapati Nagar,** Ph: 9289923187, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736, **Jagatsinghpur: SUNNY AUTOBIKES** , Ph: 9289233592 **Authorized HeroSure Dealers: Bhubaneshwar:** Arundhati Motobikes ,Ph- 7682841658, **Rourkela:** Dua Motors, Ph- 6372753989, **Jeypore:** Supreme Sales, Ph- 8144822656 **Associate Dealers:Rahama:**Sarala Automobiles-9937018532, **Nimapara:**Basudev Automobiles-9861020724, **Pipili:**Shri Ram Motors-9437110789 , **Khamakhyanagar:**Reliance Automobiles-9938435743, **Chendipada:**Tara Motors-8018339414 **Balugaon:** Mahamayee Motors-9437004624 **Khurdha:**Dinesh Trading Co.-9778097876 **Sakhigopal:**Sai Motors-9439765820 **Begunia:**Rashmi Automobiles-9178316145 **Laxmipur:**Tarini Motors-7205862853 **Rajgangpur:**Kedia & Kedia-9437152881 **Brajrajnagar:**Bina Motors-9861078290 **Belpahar:**Varsha Motors-9437058417 **Deogarh:**Jindal Motors-9437056659 **Bamra:**Choudhury Motors-9938274720 **Baliapal:**Baba Motors-8093603116 **Soro:**Twinkle Motors-9861594852 **Kendrapara:**Baishnabi Motors-9437089454/9853471301 **Barbil:**Wheels Motors-9776931870 **Pattamundai:**Mishra Auto-9853843713 **Basta:**Shivam Motors-7735958754 **Rairangpur:**Maa Sakambari Motors-7008581719 **Khuakia:**Binayak Automobiles-9090444379 **Jajpur Town:**Ayush Automobiles-9556189870 **Mayurbhanj:**Jk Motors-9040909925 **Semiliguda:**K P Enterprises-9437233464 **Parlakhemundi:**Preetam Enterprises-9438685535 **Nabarangpur:**Arun Sales & Service-9437174795 **Bhanjanagar:**Rebati Motors-9438279794/9937015509 **Narsinghpur:**Ambika Motocorp-9861811411 **Gunpur:**M/s Sai Sharan Automobiles-9437234012 **Malkangiri:**Kanishka Automobiles-9437181980 **Kotpad:**Shai Automobiles-7205593156 **Umerkote:**Bharat Sales-9937455659/9777765563 **Junagarh:**Shree Bimala Motors-9668287479 **Rajakhariar:**Jagdamba Auto Combines-9937002262 **Boudh:**Bansal Auto-9437062948 **Nuapada:**Maruti Auto-9178014999 **Padampur:**Debesh Motors-9437253970 **Barpalli:**Durga Motors-9861265979 **Titlagarh:**Sneha Motors-9853925879 **Mayurbhanj:**Mahaveer Motors-7326872255/9853290346 **Baliguda:**Sai Automobiles-9827843657 **Patrapur:**Ronak Motors-9030985084 **Balipatna:**M/S Jagannath Motors-7064309702 **Kalimela:**Laxminiyati Motors-9861002055 **Chandpur:**Apsara-9861418161 **Subdega:**Jdj Automobiles-8018714096 **Bissam cuttack:**Patnaik Motors-7008615208 **BasudevPur:**Bidyalalita Automobile-9827487072 **Telkoi:**Panchamukhi Motors-9717004926 **Tikabali:**M/S Maa Rudrakali Automobiles-7846961367 **Kamrda:**Siddhivinayak Motors-7208675074 **JAGDALPUR:**KIRAN SALES-9827654949 **Kesinga:**Annapurna Automobile-7978787287, **M.Rampur:**Aruna Automobiles-8114331356

VML.5798.2025ODI


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ